# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜାନୁୟାରୀ ୨୮/୨୦୨୩ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, January 28/2023 Page 16 ₹ 7.00 | SAMBALPUR

୪୯ଶ ଭାଗ ୬୫ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 65 ମୂଲ୍ୟ₹୭/-




**ପାର୍ଣ୍ଣଭି ପ୍ଲେୟର ଅଫ୍ ଦି ମ୍ୟାଚ**
ନ୍ୟୁଜିଲାଣ୍ଡ ବିପକ୍ଷ ୧୯ ବର୍ଷରୁ କମ୍ ମହିଳା ଟି୨୦ ବିଶ୍ୱକପ୍‌ରେ ଭାରତର ପାର୍ଣ୍ଣଭି ଚୋପ୍ରା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

୧୬

୧୦

**ଜ୍ୟାକଲିନଙ୍କୁ ବିଦେଶ ଯିବାକୁ ଅନୁମତି**
୨୦୦ କୋଟି ଟଙ୍କା ଲଣ୍ଡରିଂ ମାମଲାରେ ଅଭିଯୁକ୍ତ ଅଭିନେତ୍ରୀ ଜ୍ୟାକଲିନ ଫର୍ନାଣ୍ଡିସଙ୍କୁ ଦୁବାଇ ଯିବାକୁ ଦିଲ୍ଲୀର ପଟିଆଲା ହାଉସ କୋର୍ଟ ଅନୁମତି ଦେଇଛନ୍ତି।









ବନ୍ଦ ପ୍ରକୋଷ୍ଠରୁ ୨ ଶିଶୁ ଉଦ୍ଧାର

ମହାନଦୀକୁ ଡେଇଁ ଅଚିହ୍ନା ଯୁବତୀ ମୃତ

୩


**ଆଜିର ସମ୍ପାଦକୀୟ**

**ନିଯୁକ୍ତି ଆଲୋଡ଼ନ**

**ଆଜିର ମନ୍ତବ୍ୟ**

"ଦେଶରେ ଅଘୋଷିତ ଜରୁରିକାଳୀନ ପରିସ୍ଥିତି ଜାରି ହୋଇଛି। ନ୍ୟାୟପାଳିକାକୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ର ଏକ ଅଂଶରେ ପରିଣତ କରିବା ପାଇଁ ଉଦ୍ୟମ ଚାଲିଛି।

–ଜୟରାମ ରମେଶ, କଂଗ୍ରେସ ସାଧାରଣ ସମ୍ପାଦକ

# ହିଣ୍ଡେନ୍‌ବର୍ଗ ଖୋଲିଲା ଆଦାନୀ ପେଡ଼ି

## ବିଶ୍ୱର ତୃତୀୟ ଧନୀରୁ ୭ ନମ୍ବରକୁ ଖସିଲେ ଗୌତମ ଆଦାନୀ

**ୱାଶିଂଟନ/ନୂଆଦିଲ୍ଲୀ, ୨୭।୧**

ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନୀଙ୍କ ଆଦାନୀ ଗ୍ରୁପ୍ ବିରୋଧରେ ଆସିଛି ସାଂଘାତିକ ଅଭିଯୋଗ। ଦେଶର ଏହି ଅଗ୍ରଣୀ କମ୍ପାନୀ ନିଜ ଷ୍ଟକ୍ସ ଓ ଆକାଉଣ୍ଟରେ ଦଶନ୍ଧି ଧରି ବ୍ୟାପକ ହେରଫେର କରିଥିବା ନେଇ ଆମେରିକାର ଆକ୍ଟିଭିଷ୍ଟ ଇନ୍‌ଭେଷ୍ଟର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ପକ୍ଷରୁ ଅଭିଯୋଗ ଅଣାଯାଇଛି। ଗତ ମଙ୍ଗଳବାର ହିଣ୍ଡେନ୍‌ବର୍ଗ ନିଜ ୱେବ୍‌ସାଇଟ୍‌ରେ ଏସମ୍ପର୍କିତ ବିସ୍ତୃତ ତଥ୍ୟ ପ୍ରଘଟ କରିବା ପରେ ଭାରତୀୟ ପୁଞ୍ଜିବଜାର ଦୋହଲିଯାଇଛି। ଏହାର ପ୍ରଭାବରେ ଲଗାତର ଭାବେ ଆଦାନୀଙ୍କ ସମ୍ପତ୍ତି ମୂଲ୍ୟ ହ୍ରାସ ପାଇବାରେ ଲାଗିଛି। ଫଳରେ ବିଶ୍ୱର ତୃତୀୟ ଧନୀ ବ୍ୟକ୍ତି ମାନ୍ୟତା ପାଇଥିବା ଆଦାନୀ ଏବେ ସପ୍ତମ ସ୍ଥାନକୁ ଖସିଯାଇଛନ୍ତି। ଅନ୍ୟପକ୍ଷେ ଆଦାନୀ ସମୂହ ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ହିଣ୍ଡେନ୍‌ବର୍ଗ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ଏହାର ଜବାବରେ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ କହିଛି, ଆମ ଗବେଷଣାମୂଳକ ରିପୋର୍ଟ ସମ୍ପୂର୍ଣ୍ଣ ଭାବେ ତଥ୍ୟ ଆଧାରିତ। ତେଣୁ ପଛଘୁଞ୍ଚା ଦେବାର ପ୍ରଶ୍ନ ଉଠୁନାହିଁ। ଅନ୍ୟପକ୍ଷେ ଆଦାନୀ ଗ୍ରୁପ୍ ଅଧୀନରେ ଥିବା ବ୍ୟବସାୟିକ ସଂସ୍ଥାଗୁଡ଼ିକର ଶେୟାର ମୂଲ୍ୟ ବୁଧବାର ଓ ଶୁକ୍ରବାର ରେକର୍ଡ ପରିମାଣରେ ହ୍ରାସ ପାଇଥିବାରୁ ନିବେଶକମାନେ ବହୁ କୋଟି ଟଙ୍କା ହରାଇ ଚିନ୍ତାରେ ପଡ଼ିଛନ୍ତି। ଇତିମଧ୍ୟରେ ଆଦାନୀଙ୍କ କମ୍ପାନୀ ବିରୋଧରେ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି) ତନାଘନା ଆରମ୍ଭ କରିଛି।

ଜାନୁୟାରୀ ୨୪ରେ ଆମେରିକୀୟ ଶର୍ଟ ସେଲର୍ ହିଣ୍ଡେନ୍‌ବର୍ଗ ନିଜ ୱେବ୍‌ସାଇଟ୍‌ରେ ଏକ ଅନୁସନ୍ଧାନମୂଳକ ରିପୋର୍ଟ ପ୍ରକାଶ କରିଥିଲା। ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଆଦାନୀ ଗ୍ରୁପ୍ ୧୭.୮ ଟ୍ରିଲିୟନ୍ ବା ଲକ୍ଷ କୋଟି ଟଙ୍କା (୨୧୮ ବିଲିୟନ୍ ଆମେରିକୀୟ ଡଲାର) ହେରଫେର କରିଛି। ଏହି କମ୍ପାନୀ ନିଜ ଷ୍ଟକ୍ସ ଏବଂ ଆକାଉଣ୍ଟରେ ଅନେକ ଦଶନ୍ଧି ଧରି ଏହି କାରସାଦି କରିଥିବା ନେଇ ୨ ବର୍ଷର ଯାଞ୍ଚ ଓ ଖୋଳତାଡ଼ ପରେ ପ୍ରମାଣ ମିଳିଛି। ଆଦାନୀ ଗ୍ରୁପ୍ ପ୍ରତିଷ୍ଠାତା ଗୌତମ ଆଦାନୀ ଅସାଧୁ ଉପାୟରେ ଷ୍ଟକ୍ ମୂଲ୍ୟରେ ବୃଦ୍ଧି ଘଟାଇ ଗତ ୩ ବର୍ଷ ମଧ୍ୟରେ ପ୍ରାୟ ୧୨୦ ବିଲିୟନ ଡଲାର ଠୁଳ କରିଛନ୍ତି। ପୁଞ୍ଜି ବଜାରରେ ତାଲିକାଭୁକ୍ତ ହୋଇଥିବା ଉକ୍ତ ସମୂହର ୭ ମୁଖ୍ୟ କମ୍ପାନୀ ଏହି ଅବଧି ମଧ୍ୟରେ ହାରାହାରି ୮୧୯% ଉପରକୁ ଉଠିଛି। ଗବେଷଣା ବେଳେ ଆଦାନୀ ଗ୍ରୁପର ସିନିୟର ଏକ୍‌ଜିକ୍ୟୁଟିଭମାନଙ୍କ ମତାମତ ନେଇ ଅନେକ ହଜାର ଦସ୍ତାବିଜର ସମୀକ୍ଷା ସହ ପ୍ରାୟ ଅଧ ଡଜନ ଦେଶରେ ଅନୁଧ୍ୟାନ କରାଯାଇଥିବା ଏଥିରେ ଉଲ୍ଲେଖ କରାଯାଇଛି। ଏହି ଗବେଷଣାକୁ ଅଣଦେଖା କରି ଆଦାନୀ ଗ୍ରୁପ୍ ଅଧୀନ ୭ କମ୍ପାନୀର ଶେୟାର କିଣିଥିବା ନିବେଶକମାନଙ୍କ ଉଦ୍ଦେଶ୍ୟରେ ଆହୁରି କୁହାଯାଇଛି ଯେ, ଏହାର ଫେସ୍ ଭାଲ୍ୟୁ ୮୫% ପର୍ଯ୍ୟନ୍ତ ତଳକୁ ଖସିବ। ତେଣୁ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଆଦାନୀଙ୍କ କମ୍ପାନୀଗୁଡ଼ିକର ଶେୟାରଗୁଡ଼ିକୁ ଶର୍ଟ ସେଲ୍ କରିଥିବା ଉକ୍ତ ରିପୋର୍ଟରେ ସ୍ପଷ୍ଟ କରାଯାଇଛି।



ଗୌତମ ଆଦାନୀ

- **ଆଦାନୀ ସମୂହ ବିରୋଧରେ ସାଂଘାତିକ ଅଭିଯୋଗ**
- **ଷ୍ଟକ୍ସ, ଆକାଉଣ୍ଟରେ ବ୍ୟାପକ ହେରଫେର**
- **ରିପୋର୍ଟ ପ୍ରଘଟ ପରେ ପୁଞ୍ଜି ବଜାର ଧରାଶାୟୀ**

କେବଳ ଏତିକି ନୁହେଁ, ଆଦାନୀଙ୍କ ପରିବାର ସଦସ୍ୟମାନେ ଟିକସ ଫାଙ୍କିବା ପାଇଁ ବିଦେଶରେ ଜାଲ୍ କମ୍ପାନୀ ଖୋଲିଛନ୍ତି। ସେମାନେ ଜାଲ୍ ଦସ୍ତାବିଜ ପ୍ରସ୍ତୁତ କରି ମରିସସ୍, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଏବଂ କାରିବିଆନ୍ ଆଇଲାଣ୍ଡ ଭଳି ଦେଶ ସହ ଆମଦାନୀ/ରପ୍ତାନି କରିଥିବା ଏଥିରେ ଅଭିଯୋଗ ଅଣାଯାଇଛି। ୨୦୦୪-୨୦୦୫ରେ ହୋଇଥିବା ହୀରା କାରବାରରେ ଗୌତମ ଆଦାନୀଙ୍କ ସାନଭାଇ ରାଜେଶ ଆଦାନୀ ମୁଖ୍ୟ ଭୂମିକା ନେଇଥିବା ଡାଇରେକ୍ଟୋରେଟ୍ ଅଫ୍ ରେଭିନ୍ୟୁ ଇଣ୍ଟେଲିଜେନ୍ସ (ଡିଆର୍‌ଆଇ) ପକ୍ଷରୁ ଅଭିଯୋଗ ଅଣାଯାଇଥିଲା। ଏହି ଯୋଜନାରେ ତାଙ୍କ ଜାଲ୍ କମ୍ପାନୀଗୁଡ଼ିକର ସମ୍ପୃକ୍ତି ରହିଥିଲା। ଜାଲିଆତି ଓ ଟିକସ ଠକେଇ ମାମଲାରେ ରାଜେଶ ୨ ଥର ଗିରଫ ହୋଇଥିଲେ। ପରବର୍ତ୍ତୀ ସମୟରେ ରାଜେଶ ଆଦାନୀ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଭାବେ ପଦୋନ୍ନତି ପାଇଥିଲେ। ଗୌତମ ଆଦାନୀଙ୍କ ଶାଳକ ସମୀର ଭୋରା ମଧ୍ୟ ଏହି ମାମଲାର ଅଭିଯୁକ୍ତ। କିନ୍ତୁ ସେ ରେଗୁଲେଟର୍ସଙ୍କୁ ବାରମ୍ବାର ମିଥ୍ୟା ବୟାନ ଦେଇ ଚାଲିଥିଲେ। ଗୌତମ ଆଦାନୀ ତାଙ୍କୁ ଆଦାନୀ ଅଷ୍ଟ୍ରେଲିଆ ଡିଭିଜନ୍‌ର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଭାବେ ପଦୋନ୍ନତି ଦେଇଥିଲେ ବୋଲି ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଏଥିରେ ଉଲ୍ଲେଖ କରିଛି।

ଅଧିକ ରିପୋର୍ଟ ପୃଷ୍ଠା: ୨

# ନବୀନ ସର୍ବାଧିକ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ

**ଇଣ୍ଡିଆ ଟୁଡେ-ସିଭୋଟର ଜନମତ ସର୍ଭେ**



ନବୀନ ପଟ୍ଟନାୟକ

**ଭୁବନେଶ୍ୱର, ୨୭।୧ (ବ୍ୟୁରୋ)**

ଅନ୍ୟ ମୁଖ୍ୟମନ୍ତ୍ରୀମାନଙ୍କୁ ପଛରେ ପକାଇ ନବୀନ ପଟ୍ଟନାୟକ ଦେଶରେ ସବୁଠୁ ଅଧିକ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଇଣ୍ଡିଆ ଟୁଡେ-ସିଭୋଟର ମୁଡ୍ ଅଫ୍ ନେଶନ(ଏମ୍‌ଓଟିଏନ୍) ଜନମତରେ ନବୀନ ଓଡ଼ିଶାରେ ସର୍ବାଧିକ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ନିଜ ରାଜ୍ୟରେ ୭୩.୨ ପ୍ରତିଶତ ଲୋକ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକଳାପ ଉପରେ ସନ୍ତୁଷ୍ଟ ଅଛନ୍ତି। ନବୀନଙ୍କ ପରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ଦିଲ୍ଲୀ ☞ପୃଷ୍ଠା-୪



ନେଦରଲାଣ୍ଡ୍ସ ବିପକ୍ଷ ସେମିଫାଇନାଲ ଜିତିବା ପରେ ଉଲ୍ଲସିତ ବେଲଜିୟମ ଖେଳାଳି।

# ଜର୍ମାନୀ-ବେଲଜିୟମ ଫାଇନାଲ

**ଭୁବନେଶ୍ୱର, ୨୭।୧ (କ୍ରୀଡ଼ା ପ୍ରତିନିଧି)**

ଗତଥରର ଚାମ୍ପିୟନ ବେଲଜିୟମ କ୍ରମାଗତ ଦ୍ୱିତୀୟ ଥରପାଇଁ ହକି ବିଶ୍ୱକପର ଫାଇନାଲରେ ପ୍ରବେଶ କରିଛି। ଫାଇନାଲରେ ଏହି ଦଳ ଆସନ୍ତା ରବିବାର ଜର୍ମାନୀକୁ ଭେଟିବ। ବେଲଜିୟମ ଓ ଗତ ସଂସ୍କରଣର ରନରଅପ୍ ନେଦରଲାଣ୍ଡ୍ସ ମଧ୍ୟରେ ଶୁକ୍ରବାର ଅନୁଷ୍ଠିତ ହାଇ ଭୋଲ୍ଟେଜ ଦ୍ୱିତୀୟ ସେମିଫାଇନାଲ ଖେଳ ନିର୍ଦ୍ଧାରିତ ସମୟରେ ୨-୨ ଗୋଲରେ ବରାବର ରହିଥିଲା। ଫଳରେ ଫଳାଫଳ ନିର୍ଣ୍ଣୟ ପାଇଁ ପେନାଲ୍ଟି ଶୁଟ୍‌ଆଉଟର ସହାୟତା ନିଆ ଯାଇଥିଲା। ଏହି ପର୍ଯ୍ୟାୟରେ ବେଲଜିୟମ ୩ଟି ଗୋଲ ଦେଇଥିବାବେଳେ ନେଦରଲାଣ୍ଡ୍ସ ୨ଟି ଗୋଲ ସ୍କୋର କରିବାକୁ ସକ୍ଷମ ହୋଇଥିଲା। ବେଲଜିୟମ-ନେଦରଲାଣ୍ଡ୍ସ ଦ୍ୱିତୀୟ ସେମିଫାଇନାଲ ୨୦୧୮ ଫାଇନାଲର ରିମ୍ୟାଚ ସଦୃଶ ଥିଲା।

**ହକି ବିଶ୍ୱକପ**

**ବ୍ରୋଞ୍ଜ ପାଇଁ ଲଢ଼ିବେ ଅଷ୍ଟ୍ରେଲିଆ ଓ ନେଦରଲାଣ୍ଡ୍ସ**

ମାତ୍ର ୨ ଥରଯାକ ବେଲଜିୟମ ବିଜୟ ସ୍ୱାଦ ଚାଖିଥିଲା। ଗତ ସଂସ୍କରଣର ଫାଇନାଲରେ ନେଦରଲାଣ୍ଡ୍ସକୁ ପେନାଲ୍ଟି ଶୁଟ୍‌ଆଉଟ ୩-୨ ଗୋଲରେ ବେଲଜିୟମ ପରାସ୍ତ କରିଥିଲା। ଚଳିତ ସଂସ୍କରଣର ପ୍ରଥମ ସେମିଫାଇନାଲରେ ଗତଥରର ବ୍ରୋଞ୍ଜ ମେଡାଲିଷ୍ଟ ଅଷ୍ଟ୍ରେଲିଆକୁ ୪-୩ ଗୋଲରେ ହରାଇ ଜର୍ମାନୀ ଫାଇନାଲରେ ପ୍ରବେଶ କରିଥିଲା। ସେମିଫାଇନାଲରେ ପରାଜିତ ଦୁଇ ଦଳ ଅଷ୍ଟ୍ରେଲିଆ ଓ ନେଦରଲାଣ୍ଡ୍ସ ବ୍ରୋଞ୍ଜ ପଦକ ପାଇଁ ଲଢ଼ିବେ।

ବିଶ୍ୱର ୨ ନମ୍ବର ବେଲଜିୟମ ଓ ୩ ନମ୍ବର ନେଦରଲାଣ୍ଡ୍ସ ମଧ୍ୟରେ ମ୍ୟାଚ ଆରମ୍ଭରୁ ସ୍ୱାଭାବିକଭାବେ ☞ପୃଷ୍ଠା-୪

# 'ଏଚ୍‌ଏସଟିଡିଭି' ସଫଳ ପରୀକ୍ଷଣ

**ବାଲେଶ୍ୱର ଅଫିସ, ୨୭।୧**

ଡିଆରଡିଓ ପକ୍ଷରୁ ଧାମରାସ୍ଥିତ ଅବଦୁଲ କଲାମ ଦ୍ୱୀପରୁ ଶୁକ୍ରବାର ଏଚ୍‌ଏସଟିଡିଭି (ହାଇପର୍‌ସୋନିକ ଟେକ୍ନୋଲୋଜି ଡେମନଷ୍ଟ୍ରେଟର ଭେଇକିଲ) କ୍ଷେପଣାସ୍ତ୍ରର ପରୀକ୍ଷଣ ହୋଇଛି। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି କ୍ଷେପଣାସ୍ତ୍ର



ଶବ୍ଦର ଗତିଠାରୁ ୬ଗୁଣ ଅଧିକ ବେଗରେ ଗତି କରିପାରିବ। ଏଥିରେ ସ୍କ୍ରାମ ଜେଟ ଇଞ୍ଜିନ ବ୍ୟବହାର କରାଯାଇଛି। ଏହା ହାଇପରସୋନିକ ଓ ଦୂରଗାମୀ କ୍ରୁଜ ମିଶାଇଲକୁ ବହନ କରିପାରିବ। ସୂଚନାଯୋଗ୍ୟ, ଏହାର ବେଗର ତୀବ୍ରତା ଯୋଗୁ ଏହି କ୍ଷେପଣାସ୍ତ୍ରକୁ ଅନ୍ୟ ରାଡାର ଠାବ କରିବା ସହଜ ହୋଇ ନ ଥାଏ।

# ଗ୍ରାମସଭା ବର୍ଜନ କଲେ ଜିଲ୍ଲାର ୩୧୭ ସରପଞ୍ଚ

## ଆବାସ ଯୋଜନା ଅନୁମୋଦନ ନୋହିଲା

**ବଲାଙ୍ଗୀର ଅଫିସ, ୨୭।୧**

ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ କରାଯିବାକୁ ବଲାଙ୍ଗୀର ଜିଲ୍ଲାର ୩୧୭ ଗ୍ରାମ ପଞ୍ଚାୟତରେ ସର୍ଭେ କରାଯାଇଥିଲା। ଏହାର ନୂଆ ତାଲିକା ପ୍ରସ୍ତୁତ ହୋଇଛି। ଏହାକୁ ଗ୍ରାମସଭାରେ ଅନୁମୋଦନ କରାଯିବା କଥା। ତେବେ ପ୍ରସ୍ତୁତ ହୋଇଥିବା ତାଲିକାରେ ଅନେକ ବିସଙ୍ଗତି ରହିଥିବା ଏବଂ ତାଲିକା ପ୍ରସ୍ତୁତିରେ ସରପଞ୍ଚମାନଙ୍କ କୌଣସି ମତ ନିଆଯାଇ ନ ଥିବାରୁ ଏହା ଗ୍ରହଣଯୋଗ୍ୟ ନୁହେଁ ବୋଲି ଜିଲ୍ଲାର ସରପଞ୍ଚମାନେ କହିଛନ୍ତି। ଅନ୍ୟପକ୍ଷେ ତାଲିକା ଗ୍ରାମସଭାରେ ଅନୁମୋଦନ ହୋଇ ନ ଥିବାରୁ ହିତାଧିକାରୀମାନେ ଆବାସ ଯୋଜନାରେ ଘର ପାଇବା ବିଳମ୍ବ ହେଉଛି।

ଜାନୁୟାରୀ ୨୬ ତାରିଖ ସାଧାରଣତନ୍ତ୍ର ଦିବସରେ ଜିଲ୍ଲାରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହେବା କଥା। ଏହି ଗ୍ରାମସଭାରେ ଆବାସ ଯୋଜନା ତାଲିକା ଅନୁମୋଦନ କରିବାକୁ ପ୍ରଶାସନ ତରଫରୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ ସରପଞ୍ଚମାନେ ଅସ୍ୱୀକାର କରି ଗ୍ରାମସଭା ବର୍ଜନ କରିଛନ୍ତି। ଫଳରେ ଜିଲ୍ଲାର ୩୧୭ ଗ୍ରାମ ପଞ୍ଚାୟତରେ ଗ୍ରାମସଭା ହୋଇପାରି ନ ଥିବା ଜଣାପଡିଛି। ଜିଲ୍ଲା ସରପଞ୍ଚ ସଂଘ ସଭାପତି ବୀରଭଦ୍ର ସାହୁ, ☞ପୃଷ୍ଠା-୪

## ସରପଞ୍ଚ, ନିର୍ବାହୀ ଅଧିକାରୀଙ୍କୁ ତାଲା

**ଛେଣ୍ଡିପଦା, ୨୭।୧ (ସ୍ୱ.ପ୍ର.)**

ଆବାସ ଯୋଜନାରୁ ନାମ କଟିଯିବା ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ଅନୁଗୋଳ ଜିଲ୍ଲା ବଁଅରପାଳ ବ୍ଲକ ସାନ୍ତରାପୁର(କ) ପଞ୍ଚାୟତର କେତେଜଣ ବାସିନ୍ଦା। ଅସନ୍ତୁଷ୍ଟ ହିତାଧିକାରୀମାନେ ଗୁରୁବାର ସରପଞ୍ଚ ନବୀନ ବେହେରା ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭୋଳେଶ୍ୱର ସାହୁଙ୍କୁ ୩ ଘଣ୍ଟା ଧରି ପଞ୍ଚାୟତ ଅଫିସରେ ତାଲା ପକାଇ ଦେଇଥିଲେ। ଖବରପାଇ ଜରପଡ଼ା ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ଉତ୍ତ୍ୟକ୍ତ ହିତାଧିକାରୀମାନେ ତାଲା ଖୋଲିଥିଲେ। ସୂଚନା ଅନୁଯାୟୀ, ସାନ୍ତରାପୁର(କ) ପଞ୍ଚାୟତର ବହୁ ହିତାଧିକାରୀ ଆବାସ ଯୋଜନାରେ

**ଆବାସରୁ ନାମ କଟିବାର ପ୍ରତିବାଦ**

ଘରଟିଏ ପାଇଁ ଦୀର୍ଘବର୍ଷ ହେଲା ଅପେକ୍ଷାରେ ରହିଛନ୍ତି। ହେଲେ ପଞ୍ଚାୟତର ଜଣେ ମାତ୍ର ହିତାଧିକାରୀଙ୍କ ନାମରେ ଘର ଆସିଥିବା ଜଣାପଡ଼ିବା ପରେ ଅନ୍ୟମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଜାଣିଶୁଣି ସେମାନଙ୍କ ନାମ କାଟି ଦିଆଯାଇଥିବା ଅଭିଯୋଗ କରି କେତେଜଣ ମହିଳା ହିତାଧିକାରୀ ପଞ୍ଚାୟତ ଅଫିସରେ ପହଞ୍ଚି ସେଠାରେ ଉପସ୍ଥିତ ସରପଞ୍ଚ ଓ ନିର୍ବାହୀ ଅଧିକାରୀଙ୍କୁ ତାଲା ପକାଇ ଦେଇଥିଲେ। ଫଳରେ ଘଟଣାସ୍ଥଳରେ ଏକପ୍ରକାର ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ☞ପୃଷ୍ଠା-୪

# ଗ୍ରାଣ୍ଡସ୍ଲାମରୁ ସାନିଆଙ୍କ ବିଦାୟ

**ମେଲବୋର୍ନ, ୨୭।୧ (ପି.ଟି.)**

ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ୍ ଟୁର୍ନାମେଣ୍ଟର ମିକ୍ସଡ ଡବଲ୍ସ ବର୍ଗରେ ରନର୍ସ ଅପ୍ ହେବା ସହିତ ଗ୍ରାଣ୍ଡସ୍ଲାମ କ୍ୟାରିୟରକୁ ବିଦାୟ ଜଣାଇଛନ୍ତି ଭାରତୀୟ ଟେନିସ ତାରକା ସାନିଆ ମିର୍ଜା। ଅନ୍ୟତମ ଭାରତୀୟ ଖେଳାଳି ରୋହନ ବୋପାନ୍ନାଙ୍କ ସହିତ ଯୋଡି ହୋଇ ଖେଳୁଥିବା ସାନିଆ ଫାଇନାଲରେ ବ୍ରାଜିଲର ଲୁସିଆ ଷ୍ଟିଫାନି ଓ ରାଫେଲ ମାଟାଓସଙ୍କ ନିକଟରୁ ୬-୭(୨) ଓ ୨-୬ ସେଟରେ ପରାଜିତ ହୋଇଛନ୍ତି। ଶୁକ୍ରବାର ରଡ ଲାଭେର ଆରେନାରେ ଖେଳାଯାଇଥିବା ଫାଇନାଲରେ ଅଣସିଡେଡ୍ ସାନିଆ-ବୋପାନ୍ନା ଯୋଡି ପ୍ରଥମ ସେଟରେ କଡା ଟକ୍କର ଦେଇଥିଲେ। ଟାଇବ୍ରେକରରେ ସାନିଆ-ବୋପାନ୍ନା ପ୍ରଥମ ସେଟ୍‌ରେ ହାରିଥିବା ବେଳେ ଦ୍ୱିତୀୟ ସେଟକୁ ୨-୬ରେ ହାରି ଯାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଫେବୃୟାରୀରେ ଦୁବାଇ ମାଷ୍ଟର୍ସ ଟେନିସ୍ ଟୁର୍ନାମେଣ୍ଟ ପରେ ଅବସର ନେବା ସମ୍ପର୍କରେ ସାନିଆ ଘୋଷଣା କରିଥିଲେ। ଏହା ସାନିଆଙ୍କ



କ୍ୟାରିୟରର ଅନ୍ତିମ ଗ୍ରାଣ୍ଡସ୍ଲାମ ହୋଇଥିବା ବେଳେ ମିକ୍ସଡ ଡବଲ୍ସରେ ରନର୍ସ ଅପ୍ ହୋଇଛନ୍ତି। ମ୍ୟାଚ ପରବର୍ତ୍ତୀ ଭାଷଣ ସମୟରେ ସାନିଆ ବେଶ୍ ଭାବବିହ୍ୱଳ ହୋଇ ପଡିଥିଲେ। ମେଲବୋର୍ନରୁ ମୁଁ କ୍ୟାରିୟର ଆରମ୍ଭ କରିଥିବା ବେଳେ ମୋର ଗ୍ରାଣ୍ଡସ୍ଲାମ କ୍ୟାରିୟର ଏଠାରେ ଶେଷ କରିବା ଅତ୍ୟନ୍ତ ଗର୍ବର ବିଷୟ ବୋଲି ସାନିଆ କହିଥିଲେ। ଏହି ଟୁର୍ନାମେଣ୍ଟଟି ଏକାଧିକ କାରଣରୁ ମୋ ପାଇଁ ସ୍ୱତନ୍ତ୍ର। ପ୍ରଥମତଃ ଅଷ୍ଟ୍ରେଲିଆନ ଓପନରୁ ମୋର ଗ୍ରାଣ୍ଡସ୍ଲାମ କ୍ୟାରିୟର ଆରମ୍ଭ ହୋଇଥିଲା ଏବଂ ବୋପାନ୍ନା ମୋର ପ୍ରଥମ ମିକ୍ସଡ ଡବଲ୍ସ ପାର୍ଟନର। ତେଣୁ ଏଠାରେ ନିଜର ଗ୍ରାଣ୍ଡସ୍ଲାମ କ୍ୟାରିୟର ଶେଷ କରିବା ଅତ୍ୟନ୍ତ ଗର୍ବର ବିଷୟ। ୩୬ ବର୍ଷୀୟ ସାନିଆ ନିଜ ଟେନିସ୍ କ୍ୟାରିୟରରେ ୬ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ୨୦୦୯ ଅଷ୍ଟ୍ରେଲିଆନ ଓପନ ଏବଂ ୨୦୧୨ ଫ୍ରେଞ୍ଚ ଓପନ ମହେଶ ଭୂପତିଙ୍କ ସହିତ ଜିତିଥିବା ବେଳେ ବ୍ରାଜିଲର ବ୍ରୁନୋ ☞ପୃଷ୍ଠା-୪



ଆଇନାନୁସାରେ ଶାସନ ବ୍ୟବସ୍ଥା ଏବଂ କୋର୍ଟଗୁଡ଼ିକରେ ହିନ୍ଦୀ ଓ ଇଂଲିଶ୍ ଭାଷା ବ୍ୟବହାର କରାଯାଉଛି। ଦେଶରେ ସଂସ୍କୃତକୁ ସରକାରୀ ଭାଷା କାହିଁକି କରାଯାଇପାରିବ ନାହିଁ?

-ଜଷ୍ଟିସ୍ ଏସ୍.ଏ. ବୋବ୍ଡେ,
ଭାରତର ପୂର୍ବତନ ପ୍ରଧାନ ବିଚାରପତି



## ସଂକ୍ଷେପରେ

### ଓରେଭା ଗ୍ରୁପ୍ ଏମ୍‌ଡି ଅଭିଯୁକ୍ତ

### ମୋର୍ବି ପୋଲ ଭୁଶୁଡ଼ିବା ଘଟଣାରେ ଚାର୍ଜଶିଟ୍

**ଅହମଦାବାଦ,୨୭।୧:** ଗତବର୍ଷ ଅକ୍ଟୋବରରେ ଗୁଜରାଟର ମୋର୍ବି ଝୁଲା ପୋଲ ଭୁଶୁଡ଼ି ୧୩୫ ଜଣଙ୍କ ଜୀବନ ଯିବା ସହ ଅନେକେ ଆହତ ହୋଇଥିଲେ। ଏହି ମାମଲାରେ ପୋଲିସ ଶୁକ୍ରବାର ୧,୨୬୨ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରିଛି। ଏଥିରେ ପୋଲ ପରିଚାଳନା ଦାୟିତ୍ୱରେ ଥିବା ଓରେଭା ଗ୍ରୁପ୍‌ର ଏମ୍‌ଡି ଜୟସୁଖ ପଟେଲଙ୍କ ସମେତ ୧୦ ଜଣଙ୍କୁ ଅଭିଯୁକ୍ତ କରାଯାଇଛି। ସେମାନଙ୍କ ବିରୋଧରେ ଆଇପିସିର ଧାରା ୩୦୮, ୩୦୪, ୩୩୬, ୩୩୮ ଏବଂ ୧୧୪ ଲଗାଯାଇଛି। ମୃତକମାନଙ୍କ ପରିବାରକୁ କ୍ଷତିପୂରଣ ଦେବା ଲାଗି ୨ ଦିନ ପୂର୍ବରୁ ଓରେଭା ଗ୍ରୁପ୍ ଦେଇଥିବା ପ୍ରସ୍ତାବରେ ଗୁଜରାଟ ହାଇକୋର୍ଟ ରାଜି ହୋଇଥିଲେ ହେଁ ଏଥିପାଇଁ ସଂସ୍ଥାକୁ ଦୋଷମୁକ୍ତ କରାଯାଇପାରିବ ନାହିଁ ବୋଲି କହିଥିଲେ। ଗତବର୍ଷ ଅକ୍ଟୋବର ୩୦ରେ ଭୁଶୁଡ଼ି ପଡ଼ିଥିବା ବ୍ରିଟିଶ ଅମଳର ମୋର୍ବି ଝୁଲା ପୋଲ ପରିଚାଳନା ଦାୟିତ୍ୱରେ ଓରେଭା ଗ୍ରୁପ୍ (ଅଜନ୍ତା ମ୍ୟାନୁଫାକ୍ଚରିଂ ଲିମିଟେଡ୍) ରହିଥିଲା। ୨୦୨୧ ଡିସେମ୍ବର ୨୯ରୁ ୨୦୨୨ ମାର୍ଚ୍ଚ ୭ରେ ବ୍ରିଜ୍ ବନ୍ଦ ହେବା ପର୍ଯ୍ୟନ୍ତ ଏହାକୁ ବ୍ୟବହାର କରିବା ଲାଗି ଓରେଭା ଗ୍ରୁପ୍‌କୁ କିପରି ଅନୁମତି ଦିଆଯାଇଥିଲା ବୋଲି ମୋର୍ବି ପୌରସଂସ୍ଥା ଏହାର ସତ୍ୟପାଠରେ ପ୍ରକାଶ କରି ନ ଥିବା ହାଇକୋର୍ଟ କହିଥିଲେ।

### ପାର୍ଲାମେଣ୍ଟ ବଜେଟ ଅଧିବେଶନରେ ଚାଇନା ଉପରେ ଆଲୋଚନା ହେଉ: କଂଗ୍ରେସ

**ନୂଆଦିଲ୍ଲୀ,୨୭।୧(ପି.ଟି.):** ଡିଜିପି-ଆଇଜିପି ବାର୍ଷିକ ସମ୍ମିଳନୀରେ ଉପସ୍ଥାପନ କରାଯାଇଥିବା ରିସର୍ଚ୍ଚ ପେପରକୁ ନେଇ କଂଗ୍ରେସ ଶୁକ୍ରବାର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଚାଇନା ପ୍ରତି ସରକାରଙ୍କ ଦୁର୍ବଳ ମନୋଭାବକୁ ରିସର୍ଚ୍ଚ ପେପର ପଦାରେ ପକାଇଥିବା କଂଗ୍ରେସ ଅଭିଯୋଗ କରିବା ସହ ଆଗାମୀ ବଜେଟ ଅଧିବେଶନରେ ଏହି ପ୍ରସଙ୍ଗରେ ଆଲୋଚନା ଦାବି କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବେ ବି ଚାଇନାକୁ ଭୟ କରନ୍ତି କି ନାହିଁ ସ୍ପଷ୍ଟ କରନ୍ତୁ ବୋଲି କଂଗ୍ରେସ ମୁଖପାତ୍ର ପଓ୍ୱନ ଖେରା ଆହ୍ୱାନ ଦେଇଛନ୍ତି। ଚାଇନାର ବେଆଇନ ଦଖଲ ଏବଂ ଭିତ୍ତିଭୂମି ନିର୍ମାଣ ଅଭିଯୋଗକୁ ମୋଦି ସରକାର କ୍ରମାଗତ ଭାବେ ଖଣ୍ଡନ କରିଆସୁଛନ୍ତି। ଏହା ଚାଇନାକୁ ଉତ୍ସାହିତ କରିବା ସହ ଭାରତର ଜାତୀୟ ସୁରକ୍ଷା ପ୍ରତି ସାଲିସ୍ କରାଯାଉଥିବା ଖେରା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

### ଭାରତ-ଇଜିପ୍ଟ ସାଂସ୍କୃତିକ ସହଯୋଗ ଏମ୍‌ଓୟୁ

**ନୂଆଦିଲ୍ଲୀ,୨୭।୧(ପି.ଟି.):** ଭାରତ ଓ ଇଜିପ୍ଟ ମଧ୍ୟରେ ସାଂସ୍କୃତିକ ସହଯୋଗ ଲାଗି ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ଏହି ଏମ୍‌ଓୟୁ ଅନୁଯାୟୀ ସଙ୍ଗୀତ, ନୃତ୍ୟ, ଥିଏଟର, ଲାଇବ୍ରେରି, ଗବେଷଣା ଓ ଡକ୍ୟୁମେଣ୍ଟେଶନ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଉଭୟ ଦେଶରେ ଆୟୋଜନ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଇଜିପ୍ଟ ରାଷ୍ଟ୍ରପତି ଅବଡେଲ ଫତାହ ଏଲ୍-ସିସିଙ୍କ ଉପସ୍ଥିତିରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଜି. କିଷନ ରେଡ୍ଡୀ ଏବଂ ଆରବ ରିପବ୍ଲିକ୍ ଅଫ୍ ଇଜିପ୍ଟର ବହିର୍ବ୍ୟାପାର ମନ୍ତ୍ରୀ ସମେହ ହାସନ ଶୌକ୍ରିଙ୍କ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର ହୋଇଥିଲା। ସାଂସ୍କୃତିକ ସହଯୋଗ ଜାରି ରଖିବା ନିମନ୍ତେ ୫ ବର୍ଷ ପାଇଁ ଏମ୍‌ଓୟୁ ହୋଇଥିବା ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର କୁହାଯାଇଛି।

## ଫେବୃୟାରୀରେ ଆସିବେ ୧୨ ଚିତା



### ଭାରତ-ଦକ୍ଷିଣ ଆଫ୍ରିକା ଚୁକ୍ତି

ଦକ୍ଷିଣ ଆଫ୍ରିକାରୁ ଆସନ୍ତା ମାସରେ ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନକୁ ୧୨ଟି ଚିତାବାଘ ଆସିବେ। ଏଥିପାଇଁ ଗତ ସପ୍ତାହରେ ଦକ୍ଷିଣ ଆଫ୍ରିକା ସହ ଚୁକ୍ତି ସ୍ୱାକ୍ଷର ହୋଇଥିବା କେନ୍ଦ୍ର ପରିବେଶ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ଶୁକ୍ରବାର ସୂଚନା ଦେଇଛନ୍ତି। ଫେବୃୟାରୀ ୧୫ରେ ଉକ୍ତ ଚିତାଗୁଡ଼ିକ କୁନୋରେ ପହଞ୍ଚିବା ଆଶା କରାଯାଉଛି। ୭ଟି ଅଣ୍ଡିରା ଓ ୫ଟି ମାଈ ଚିତା ଆଣିବା ଲାଗି ଚୁକ୍ତି ହୋଇଛି। ସେମାନଙ୍କୁ ଗତବର୍ଷ ଜୁଲାଇରୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ଦକ୍ଷିଣ ଆଫ୍ରିକା ଭାରତକୁ ପ୍ରତିବର୍ଷ ୧୨ଟି ଲେଖାଏ ଚିତା ୧୦ ବର୍ଷ ପଠାଇବାକୁ ଯୋଜନା କରିଥିବା ଏହାର ପରିବେଶ ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଏନେଇ ଭାରତ ସରକାରଙ୍କ ପକ୍ଷରୁ କିଛି କୁହାଯାଇ ନାହିଁ।

## ତୁର୍କୀ ଆକାଶରେ ବିଚିତ୍ର ବାଦଲ



ତୁର୍କୀ ଏବଂ ବୁର୍ସା ଆକାଶରେ ଏକ ବିରଳ ବାଦଲ ସୃଷ୍ଟି ହୋଇଛି, ଯାହା ଅଜଣା ଉଡ଼ନ୍ତା ବସ୍ତୁ (ୟୁଏଫ୍‌ଓ) ସଦୃଶ ଦେଖାଯାଉଛି। ଗୁରୁବାର ସକାଳେ ଆଖି ସଦୃଶ ଏହି ବିଚିତ୍ର ବାଦଲକୁ ଦେଖିବା ପରେ ଇଣ୍ଟରନେଟରେ ଏହାକୁ ନେଇ ଜୋର୍‌ଦାର ଚର୍ଚ୍ଚା ହୋଇଥିଲା। ଏହି ବାଦଲ ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ଆକାଶରେ ଦୃଶ୍ୟ ହୋଇଥିଲା। ଅନେକ ଇଣ୍ଟରନେଟ୍ ୟୁଜର ଉକ୍ତ ବିରଳ ଦୃଶ୍ୟକୁ ସେମାନଙ୍କ ଫୋନ୍‌ରୁ ଉଠାଇ ଶେୟାର କରିଛନ୍ତି। ସୂର୍ଯ୍ୟୋଦୟ ସମୟରେ ଉକ୍ତ ବାଦଲ ସୃଷ୍ଟି ହୋଇଥିଲା, ଯାହାର ମଧ୍ୟଭାଗରେ ଏକ ଗର୍ତ୍ତ ରହିଥିଲା। ତୁର୍କୀରେ ସକାଳ ସମୟ ଅସାଧାରଣ ଥିଲା। ବିରଳ ପ୍ରାକୃତିକ ଅଦ୍ଭୁତ ଘଟଣାର ଫଟୋକୁ ୟୁଏଫ୍‌ଓ ଲେଣ୍ଟିକୁଲାର କୁହାଯାଉଥିବା ଜଣେ ୟୁଜର ଲେଖିଛନ୍ତି। ଏହି ବିଚିତ୍ର ବାଦଲର ଫଟୋ ସାରା ବିଶ୍ୱରେ ଭାଇରାଲ ହୋଇଛି। ତେବେ ଏହା ସାଧାରଣ ଭାବେ ଲେଣ୍ଟିଲ ଭଳି ଦେଖାଯାଉଥିବା ବାଦଲ ବୋଲି ତୁର୍କୀର ପାଣିପାଗ ସେବା ବିଭାଗ ରିପୋର୍ଟରେ କୁହାଯାଇଛି। ଏଭଳି ବାଦଲ ବର୍ତ୍ତୁଳାକାର ଏବଂ ଏକ ପ୍ଲେଟ୍ ଭାସିଲା ଭଳି ଦେଖାଯାଇଥାଏ। ଏଗୁଡ଼ିକ ସାଧାରଣତଃ ୨,୦୦୦ରୁ ୫,୦୦୦ ମିଟର ଉଚ୍ଚତାରେ ଦୃଶ୍ୟ ହୋଇଥାଏ। ବାୟୁ ସ୍ଥିର ଓ ଆର୍ଦ୍ର ଥିବାବେଳେ ପାହାଡ଼ ପର୍ବତ ଉପରେ ବାୟୁ ବେଗରେ ଅସ୍ଥିରତା ଯୋଗୁ ଏଭଳି ବାଦଲ ସୃଷ୍ଟି ହୋଇଥାଏ ବୋଲି ଏକ ଗଣମାଧ୍ୟମରେ ପ୍ରକାଶ ପାଇଛି।

# ନିବେଶକ ହରାଇଲେ ୧୦.୭୩ ଲକ୍ଷ କୋଟି



ମୁମ୍ବାଇ,୨୭।୧

## ହିଣ୍ଡେନ୍‌ବର୍ଗ ଝଡ଼




ଆଦାନୀ ଗ୍ରୁପ୍ ଅଧୀନ କମ୍ପାନୀଗୁଡ଼ିକର ଶେୟାର ମୂଲ୍ୟରେ ହ୍ରାସ ଯୋଗୁ ଅନ୍ୟ କମ୍ପାନୀଗୁଡ଼ିକ ମଧ୍ୟ ପ୍ରଭାବିତ ହୋଇଛନ୍ତି। ଏଥିଯୋଗୁ ପୁଞ୍ଜିବଜାର ଲଗାତର ଦ୍ୱିତୀୟ ଦିନ ଧରି ନିମ୍ନଗାମୀ ହୋଇଛି। ଶୁକ୍ରବାର ସେନ୍‌ସେକ୍ସ ୮୭୪ ପଏଣ୍ଟ ହ୍ରାସ ପାଇ ୫୯,୩୩୧ରେ ରହିଛି। ସେହିପରି ନିଫ୍ଟି ୨୮୮ ପଏଣ୍ଟ ତଳକୁ ଖସି ୧୭,୬୦୪ରେ ସୀମିତ ରହିଛି। ବ୍ୟାଙ୍କ ନିଫ୍ଟିରେ ମଧ୍ୟ ୧୩୦୨ ପଏଣ୍ଟ ହ୍ରାସ ଦେଖିବାକୁ ମିଳିଛି। ବ୍ୟାଙ୍କ ନିଫ୍ଟି ସର୍ବାଧିକ ଚାପଗ୍ରସ୍ତ ହୋଇ ୪୦,୩୪୫ରେ କାରବାର ବନ୍ଦ ହୋଇଛି। ଆଦାନୀ ଏଣ୍ଟରପ୍ରାଇଜେସ୍‌ରେ ୧୮.୫୨% ଅର୍ଥାତ୍ ୬୨୭.୫୦ ପଏଣ୍ଟ ହ୍ରାସ ଦେଖିବାକୁ ମିଳିଛି। ଏହି କମ୍ପାନୀର ଶେୟାର ମୂଲ୍ୟ ବର୍ତ୍ତମାନ ୨୭୬୧ ଟଙ୍କା ରହିଛି। ଆଗକୁ ଏହି ଧାରା ବଜାୟ ରହିପାରେ ବୋଲି ବିଶ୍ଳେଷକମାନେ ମତ ଦେଇଛନ୍ତି। ଦଲାଲ ଷ୍ଟ୍ରିଟ୍ ଇନ୍‌ଭେଷ୍ଟରମାନେ ଶୁକ୍ରବାର ପ୍ରାୟ ୭ ଲକ୍ଷ କୋଟି ଟଙ୍କା ହରାଇ ଚିନ୍ତାରେ ପଡ଼ିଯାଇଛନ୍ତି। ବୁଧବାର ଟ୍ରେଡିଂ ସେସନ୍‌କୁ ମିଶାଇଲେ ଏହି କ୍ଷତିର ପରିମାଣ ୧୦.୭୩ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ପ୍ରାଥମିକ ଭାବେ ଆକଳନ କରାଯାଇଛି। ଆଦାନୀ ଏଣ୍ଟରପ୍ରାଇଜେସ୍‌ର ବହୁପ୍ରତୀକ୍ଷିତ (୨୦,୦୦୦ କୋଟି ଟଙ୍କାର) ଫଲୋ-ଅନ୍ ପବ୍ଲିକ ଅଫର୍ (ଏଫ୍‌ପିଓ)କୁ ମାତ୍ର ୧% ସବ୍‌ସ୍କ୍ରାଇବ୍ କରାଯାଇଛି।

### ଲଗାମ କଷିଲା ସେବି

ଭାରତର ମାର୍କେଟ ରେଗୁଲେଟର ସେବି ଆଦାନୀ ଗ୍ରୁପ୍‌ର ଡିଲ୍ସ ଉପରେ ଲଗାମ କଷିବା ଆରମ୍ଭ କରିଛି। ସେବି ଅଦାନୀ ଗ୍ରୁପ୍‌ର ଫରେନ୍ ପୋର୍ଟଫୋଲିଓ ଇନ୍‌ଭେଷ୍ଟର୍ସଙ୍କୁ ନେଇ ଗତ ଜୁଲାଇରୁ ଚଳାଇଥିବା ତଦନ୍ତରେ ଆମେରିକୀୟ ଶର୍ଟ-ସେଲର୍ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ପକ୍ଷରୁ ପ୍ରକାଶିତ ରିପୋର୍ଟକୁ ସାମିଲ କରିବାକୁ ନିଷ୍ପତ୍ତି ନେଇଛି। ଅଦାନୀ ସମୂହ କେଉଁ ସମୟରେ କାହା ସହ କିପରି ଡିଲ୍ କରିଛି ସେସବୁର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ସେବି ଅଣ୍ଟା ଭିଡ଼ିଥିବା ସୂତ୍ରରୁ ଜଣାପଡ଼ିଛି। ଏହା ପୂର୍ବରୁ ଆଦାନୀ ଗ୍ରୁପ୍ ଉକ୍ତ ରିପୋର୍ଟକୁ ଭିତ୍ତିହୀନ ଦର୍ଶାଇ ନ୍ୟୁୟର୍କଭିତ୍ତିକ ହିଣ୍ଡେନ୍‌ବର୍ଗ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଚେତାବନୀ ଦେଇଥିଲା।

### ଆଦାନୀଙ୍କ କ୍ଷତି ୨.୮୩ ଲକ୍ଷ କୋଟି

ୱାଶିଂଟନ/ନୂଆଦିଲ୍ଲୀ,୨୭।୧

ଆଦାନୀ ଗ୍ରୁପ୍ ବିରୋଧରେ ଆମେରିକାର ଆକ୍ଟିଭିଷ୍ଟ ଇନ୍‌ଭେଷ୍ଟର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ପକ୍ଷରୁ ରିପୋର୍ଟ ପ୍ରଘଟ ପରେ କମ୍ପାନୀ ମୁଖ୍ୟ ଗୌତମ ଆଦାନୀ ବିଶ୍ୱର ଧନୀ ତାଲିକାରେ ତୃତୀୟରୁ ସପ୍ତମ ସ୍ଥାନକୁ ଖସିଯାଇଛନ୍ତି। ଆଦାନୀ ଗ୍ରୁପ୍ ଅଧୀନ କମ୍ପାନୀଗୁଡ଼ିକର ମାର୍କେଟ କ୍ୟାପିଟାଲାଇଜେଶନ୍ ବୁଧବାର ୯୭,୦୦୦ କୋଟି ଟଙ୍କା ହ୍ରାସ ପାଇଥିବାବେଳେ ଶୁକ୍ରବାର ଏହି କ୍ଷତିର ପରିମାଣ ୨.୮୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଏଥିସହ ଆଦାନୀଙ୍କ ମୋଟ ସମ୍ପତ୍ତିର ମୂଲ୍ୟ ୨୨ ବିଲିୟନ୍ ଡଲାର ଖସିଯାଇଛି। ଭାରତ ଓ ଏସିଆର ସବୁଠୁ ଧନୀ ଆଦାନୀଙ୍କ ପାଇଁ ଏହି ଚାଞ୍ଚଲ୍ୟକର ରିପୋର୍ଟ ଏକପ୍ରକାର ଅଭିଶାପ ପାଲଟିଯାଇଛି। ଗତବର୍ଷ ଟେସ୍‌ଲା, ସ୍ପେସେକ୍ସ ଏବଂ ଟୁଇଟର ମାଲିକ ଏଲନ୍ ମସ୍କ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଥିଲେ। ପରେ ବିଭିନ୍ନ କାରଣରୁ ତାଙ୍କ ମୋଟ ସମ୍ପତ୍ତି ମୂଲ୍ୟ ୧୭୦ ବିଲିୟନ୍ ଡଲାରକୁ ଖସିଯିବାରୁ ଲୁଇସ୍ ଭିଟ୍ଟୋନ୍ ମାଲିକ ବର୍ନାର୍ଡ ଆର୍ନଲ୍ଟ (୨୧୬ ବିଲିୟନ୍ ଡଲାର) ସବୁଠୁ ବଡ଼ ଧନୀ ମାନ୍ୟତା ଲାଭ କରିଛନ୍ତି। ଆମାଜନ୍ ପ୍ରତିଷ୍ଠାତା ଜେଫ୍ ବେଜୋସ୍ (୧୨୨ ବିଲିୟନ୍ ଡଲାର) ତୃତୀୟରେ ରହିଛନ୍ତି। ଗତବର୍ଷ ଆଦାନୀ ଗ୍ରୁପ୍‌ର ଷ୍ଟକ୍ ପ୍ରାଇସ୍‌ରେ ବଡ଼ ରାଲି ଦେଖିବାକୁ ମିଳିଥିଲା। ଫଳରେ ଆଦାନୀ ମଝିରେ କିଛି ସମୟ ପାଇଁ ଦ୍ୱିତୀୟ ଧନୀ ପାଲଟିଯାଇଥିଲେ। ଫୋର୍ବସ ରିଅଲ ଟାଇମ୍ସ ବିଲିଅନେୟାର ଇଣ୍ଡେକ୍ସରେ ଆଦାନୀଙ୍କ ସମ୍ପତ୍ତିମୂଲ୍ୟ ଶୁକ୍ରବାର ୨୦% ହ୍ରାସ ପାଇ ୯୬.୮ ବିଲିୟନ୍ ଡଲାରରେ ପହଞ୍ଚିଛି। ସେ ଏବେ ମାଇକ୍ରୋସଫ୍ଟ ପ୍ରତିଷ୍ଠାତା ବିଲ୍ ଗେଟ୍ସ (୧୦୪ ବିଲିୟନ୍ ଡଲାର)ଙ୍କ ତଳେ ଅଛନ୍ତି। ଆଦାନୀଙ୍କ ବ୍ୟବସାୟିକ ପ୍ରତିଦ୍ୱନ୍ଦ୍ୱୀ ତଥା ଏକାଦଶ ସ୍ଥାନରେ ଥିବା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିଃ ଚେୟାରମ୍ୟାନ୍‌ଙ୍କ ମୁକେଶ ଅମ୍ବାନୀ ମୋଟ ସମ୍ପତ୍ତିର ପରିମାଣ ହେଉଛି ୮୩.୬ ବିଲିୟନ୍ ଡଲାର।




### ନାଟେ ଆଣ୍ଡର୍ସନ

ଆମେରିକୀୟ ନାଟେ ଆଣ୍ଡର୍ସନଙ୍କ ଦ୍ୱାରା ପ୍ରତିଷ୍ଠିତ ହିଣ୍ଡେନ୍‌ବର୍ଗ ହେଉଛି ଏକ ଆକ୍ଟିଭିଷ୍ଟ ଫଣ୍ଡ୍। ୧୯୩୭ରେ ଏକ ହାଇଡ୍ରୋଜେନ୍ ଚାଳିତ ଜର୍ମାନ ବିମାନ ନ୍ୟୁଜର୍ସି ଅଭିମୁଖେ ଯାତ୍ରା କରୁଥିବାବେଳେ ସେଥିରେ ନିଆଁ ଲାଗିଯାଇଥିଲା। ଫଳରେ ଉକ୍ତ ଏୟାରଶିପ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେଥିରେ ଥିବା ୩୫ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ସେହି ବିମାନର ନାମ ଥିଲା ହିଣ୍ଡେନ୍‌ବର୍ଗ। ଏହାର ନାମାନୁସାରେ ଆଣ୍ଡର୍ସନ ନିଜ ସଂସ୍ଥାର ନାମକରଣ କରିଥିଲେ।



### କ'ଣ କହୁଛି ହିଣ୍ଡେନ୍‌ବର୍ଗ

ଇନ୍‌ଭେଷ୍ଟର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ପକ୍ଷରୁ ଶୁକ୍ରବାର ଏକ ବିବୃତି ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ, ଆଦାନୀ ଗ୍ରୁପ୍ ବିରୋଧରେ ଆସିଥିବା ଷ୍ଟକ୍ସ ମାନିପୁଲେଶନ୍ ଏବଂ ଆକାଉଣ୍ଟିଂ ଫ୍ରଡ୍ ସ୍କିମ୍ ସମ୍ପର୍କିତ ଅଭିଯୋଗଗୁଡ଼ିକ ମଧ୍ୟରୁ କୌଣସି ଗୋଟିଏର ମଧ୍ୟ ଏହି କମ୍ପାନୀ ଉତ୍ତର ଦେଇନାହିଁ। ଓଲଟା ଆଦାନୀ ଗ୍ରୁପ୍‌ର ଲିଗାଲ ହେଡ୍ ଜତିନ୍ ଜାଲୁନ୍ଧୱାଲା ଆଇନଗତ କାର୍ଯ୍ୟାନୁଷ୍ଠାନର ଧମକ ଦେଇଛନ୍ତି। ଆଇନଗତ ଲଢ଼େଇ ପାଇଁ ଆମ ପାଖରେ ଦସ୍ତାବିଜ ଆକାରରେ ପର୍ଯ୍ୟାପ୍ତ ପ୍ରମାଣ ରହିଛି ବୋଲି ହିଣ୍ଡେନ୍‌ବର୍ଗ ଟୁଇଟ୍ କରିଛି।

## ଗୋଫାଷ୍ଟ ଉପରେ ୧୦ ଲକ୍ଷ ଟଙ୍କା ଜରିମାନା

ନୂଆଦିଲ୍ଲୀ,୨୭।୧

### ୫୫ ଯାତ୍ରୀଙ୍କୁ ବିମାନ ଛାଡ଼ି ପଳାଇବା ଘଟଣା

ଗୋଫାଷ୍ଟର ବେଙ୍ଗାଲୁରୁ-ଦିଲ୍ଲୀ ବିମାନ ଗତ ୯ ତାରିଖରେ ୫୫ ଯାତ୍ରୀଙ୍କୁ ବିମାନବନ୍ଦରରେ ଛାଡ଼ି ପଳାଇଯିବା ଘଟଣାରେ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଉକ୍ତ ଏୟାରଲାଇନ୍ସ ଉପରେ ୧୦ ଲକ୍ଷ ଟଙ୍କା ଜରିମାନା ଲଗାଇଛି। ପୂର୍ବରୁ ଡିଜିସିଏ ଉକ୍ତ ଏୟାରଲାଇନ୍ସକୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲା। ଗୋଫାଷ୍ଟ ଦାଖଲ କରିଥିବା ସ୍ପଷ୍ଟୀକରଣକୁ ଅନୁଧ୍ୟାନ କରିବା ପରେ ଶୁକ୍ରବାର ଡିଜିସିଏ ଦଣ୍ଡବିଧାନ କରିଛି।

ଗୋଫାଷ୍ଟ ଦାଖଲ କରିଥିବା ସ୍ପଷ୍ଟୀକରଣ ଅନୁଯାୟୀ ବିମାନରେ ଯାତ୍ରୀମାନଙ୍କୁ ନେବାରେ ଟର୍ମିନାଲ କୋର୍ଡିନେଟର, ବ୍ୟବସାୟିକ କର୍ମଚାରୀ ଏବଂ କ୍ରିଉ ସଦସ୍ୟଙ୍କ ମଧ୍ୟରେ ଉପଯୁକ୍ତ ଯୋଗାଯୋଗ ଓ ସମନ୍ୱୟ ନ ଥିଲା। ବିମାନବନ୍ଦରରେ ଯାତ୍ରୀ ପରିଚାଳନା ଲାଗି ଉପଯୁକ୍ତ ବ୍ୟବସ୍ଥା କରିବାରେ ଏୟାରଲାଇନ୍ସ ବିଫଳ ହୋଇଥିଲା ବୋଲି ଡିଜିସିଏ କହିଛି। ପୂର୍ବରୁ ଏୟାର ଇଣ୍ଡିଆର ଦୁଇଟି ଅନ୍ତର୍ଜାତୀୟ ବିମାନରେ ଯାତ୍ରୀଙ୍କ ବିଶୃଙ୍ଖଳିତ ଆଚରଣ ଲାଗି ଉକ୍ତ ଏୟାରଲାଇନ୍ସ ଉପରେ ୪୦ ଲକ୍ଷ ଟଙ୍କା ଜରିମାନା ଲଗାଇଥିଲା ଡିଜିସିଏ।

## ୟୁକ୍ରେନ୍ ଉପରେ ରୁଷିଆର କ୍ଷେପଣାସ୍ତ୍ର ମାଡ଼: ୧୧ ମୃତ

କିଭ୍,୨୭।୧

ୟୁକ୍ରେନ୍ ଉପରେ ଗୁରୁବାର ରୁଷିଆର କ୍ଷେପଣାସ୍ତ୍ର ମାଡ଼ରେ ୧୧ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଆକ୍ରମଣରେ ଅନ୍ୟ ୧୧ ଜଣ ଆହତ ହୋଇଥିବା ୟୁକ୍ରେନ୍ ଜରୁରୀ ସେବା ବିଭାଗ ପକ୍ଷରୁ କୁହାଯାଇଛି। ମୁଖ୍ୟତଃ ୟୁକ୍ରେନ୍‌ର ବିଦ୍ୟୁତ୍ ଭିତ୍ତିଭୂମିକୁ ଟାର୍ଗେଟ କରି ରୁଷିଆ କ୍ଷେପଣାସ୍ତ୍ର ମାଡ଼ କରିଥିଲା। ଫଳରେ ଅନେକ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ବନ୍ଦ ହୋଇଯାଇଛି। ଓଡେଶା କୃଷ୍ଣ ସାଗର ଅଞ୍ଚଳରେ ଥିବା ବିଦ୍ୟୁତ୍ ଭିତ୍ତିଭୂମି ଧ୍ୱଂସ ହୋଇଯାଇଛି। ରାଜଧାନୀ କିଭ୍‌ରେ ଜଣେ ପ୍ରାଣ ହରାଇଥିବାବେଳେ ଅନେକେ ମେଟ୍ରୋ ଷ୍ଟେଶନରେ ଆଶ୍ରୟ ନେବାକୁ ବାଧ୍ୟ ହୋଇଥିଲେ। ଆମେରିକା, କାନାଡ଼ା ଏବଂ ଜର୍ମାନୀ କିଭ୍‌କୁ ଟ୍ୟାଙ୍କ୍ ଯୋଗାଇବା ଲାଗି ରାଜି ହେବା ପରେ ମସ୍କୋ ପକ୍ଷରୁ ଏଭଳି ଆକ୍ରମଣ କରାଯାଇଛି। ରୁଷିଆର ୫୫ଟି କ୍ଷେପଣାସ୍ତ୍ରରୁ ୪୭ଟିକୁ ୟୁକ୍ରେନ୍ ଏୟାର ଡିଫେନ୍ସ ଖସାଇଥିବା ଦାବି କରିଛି।



ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରେ ଗୁରୁବାର ୭୪ତମ ସାଧାରଣତନ୍ତ୍ର ଦିବସ ପରେଡ୍ ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ମୁଖ୍ୟ ଅତିଥି ଇଜିପ୍ଟ ରାଷ୍ଟ୍ରପତି ଅବଦେଲ ଫତାହ ଏଲ୍-ସିସି, ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଞ୍ଚରୁ ଓହ୍ଲାଉଛନ୍ତି।

## ଗାଜା ଉପରେ ଇସ୍ରାଏଲ୍‌ର ବିମାନ ଆକ୍ରମଣ

### ୯ ମୃତ

**ଜେରୁଜେଲମ,୨୭।୧:** ଇସ୍ରାଏଲ୍ ସେନା ଆକ୍ରମଣରେ ୪ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ଜଣେ ୬୧ ବର୍ଷୀୟା ବୃଦ୍ଧା ଓ ୭ ଜଣ ଉଗ୍ରପନ୍ଥୀ ଅଛନ୍ତି। ପ୍ରଥମେ ଗାଜା ଦୁଇଟି ରକେଟ ମାଡ଼ କରିବା ପରେ ଇସ୍ରାଏଲ୍ ସେନା ଏହାର ଜବାବରେ ୱେଷ୍ଟ ବ୍ୟାଙ୍କ ଉପରେ ଆକାଶମାର୍ଗରୁ ଆକ୍ରମଣ କରିଥିଲା। ଗାଜା ଷ୍ଟ୍ରିପ୍‌ର ଅଲ୍ ମଘାଜି ଶରଣାର୍ଥୀ ଶିବିର ଉପରେ ଇସ୍ରାଏଲ୍ ଯୁଦ୍ଧବିମାନରୁ ପ୍ରାୟ ୧୫ଟି କ୍ଷେପଣାସ୍ତ୍ର ମାଡ଼ ହୋଇଥିଲା। ଫଳରେ ଉକ୍ତ ଅଞ୍ଚଳ ସମ୍ପୂର୍ଣ୍ଣ ଧ୍ୱଂସ ହେବା ସହ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହେବା ଯୋଗୁ ସମ୍ପୂର୍ଣ୍ଣ ଅନ୍ଧାରରେ ରହିଛି। ଗାଜା ସିଟିର ଦକ୍ଷିଣପୂର୍ବରେ ଥିବା ଅନ୍ୟ ଦୁଇଟି ସ୍ଥାନକୁ ଇସ୍ରାଏଲ୍ ଯୁଦ୍ଧବିମାନ ଟାର୍ଗେଟ କରିଥିଲା। ଉକ୍ତ ଅଞ୍ଚଳ ଧ୍ୱଂସ ହୋଇଥିବାବେଳେ କେତେଜଣ ମୃତାହତ ହୋଇଛନ୍ତି ଜଣାପଡ଼ିନାହିଁ।



### ବିବିସି ଡକ୍ୟୁମେଣ୍ଟାରି ବିବାଦ

## ଡିୟୁରେ ୧୪୪ ଧାରା: ୨୪ ଅଟକ

ନୂଆଦିଲ୍ଲୀ,୨୭।୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ବିବିସିର ବିବାଦୀୟ ଡକ୍ୟୁମେଣ୍ଟାରି ଦିଲ୍ଲୀ ୟୁନିଭର୍ସିଟି (ଡିୟୁ)ରେ ପ୍ରଦର୍ଶନ ଲାଗି ଯୋଜନା ହୋଇଥିବାବେଳେ ଏହା ପୂର୍ବରୁ ଶୁକ୍ରବାର କଳା ବିଭାଗରେ ୧୪୪ ଧାରା ଲାଗୁକରାଯାଇଛି। ଅଧିକ ସଂଖ୍ୟାରେ ପିଲା ଏକାଠି ହେବା ଉପରେ ନିଷେଧାଦେଶ ଲଗାଯାଇଛି। ଏନ୍‌ଏସ୍‌ୟୁଆଇ-କେଏସ୍‌ୟୁ ପକ୍ଷରୁ ଡକ୍ୟୁମେଣ୍ଟାରି ପ୍ରଦର୍ଶନର ବ୍ୟବସ୍ଥା ହୋଇଥିଲା। ଉକ୍ତ ଡକ୍ୟୁମେଣ୍ଟାରିକୁ ସରକାର ବେଆଇନ ଘୋଷଣା କରିଥିବାରୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରଦର୍ଶନ ପାଇଁ ଅନୁମତି ଦେବେ ନାହିଁ ଏବଂ ଏନେଇ ପୋଲିସକୁ ଜଣାଇ ଦିଆଯାଇଛି ବୋଲି ଡିୟୁ ପ୍ରୋକ୍ଟର ରଜନୀ ଆବ୍ବି କହିଥିଲେ। ସେ କହିଛନ୍ତି, ଡକ୍ୟୁମେଣ୍ଟାରି ପ୍ରଦର୍ଶନ ଲାଗି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅନୁମତି ଲୋଡ଼ାଯାଇ ନାହିଁ। ତେବେ ଏନ୍‌ଏସ୍‌ୟୁଆଇ ଆର୍ଟ ଫାକଲ୍ଟିରେ ପ୍ରଦର୍ଶନ ଲାଗି ଯୋଜନା କରିଥିବାରୁ ସୂଚନା ମିଳିଥିବା ସେ କହିଛନ୍ତି।

ବିବିସି ଡକ୍ୟୁମେଣ୍ଟାରି ପ୍ରଦର୍ଶନ ଲାଗି ଶୁକ୍ରବାର ଅପରାହ୍ନ ୪ଟାରେ ଆର୍ଟ ଫାକଲ୍ଟି ଗେଟ୍ ବାହାରେ କେତେଜଣ ପହଞ୍ଚିଥିଲେ। ଏହି ଘଟଣା ଉକ୍ତ ଅଞ୍ଚଳରେ ଶାନ୍ତି ବ୍ୟାହତ କରିବା ଆଶଙ୍କା ଥିବାରୁ ସେମାନଙ୍କୁ ସେଠାରୁ ପଳାଇଯିବାକୁ କୁହାଯାଇଥିଲା। ସେମାନେ ନ ଯିବାରୁ ଶାନ୍ତିପୂର୍ଣ୍ଣ ଭାବେ ଅଟକ ରଖାଯାଇଥିବା ଉତ୍ତର ଦିଲ୍ଲୀ ଡିସିପି କହିଛନ୍ତି। କ୍ୟାମ୍ପସ୍‌ରୁ ମୋଟ ୨୪ ଜଣଙ୍କୁ ଅଟକ ରଖାଯାଇଛି। ବିବିସି ଡକ୍ୟୁମେଣ୍ଟାରି ପ୍ରଦର୍ଶନକୁ ନେଇ ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ସମେତ ବିଭିନ୍ନ ୟୁନିଭର୍ସିଟିରେ ଅଶାନ୍ତି ଦେଖାଦେଇଛି। ଡକ୍ୟୁମେଣ୍ଟାରି ପ୍ରଦର୍ଶନ ବନ୍ଦ କରିବା ଲାଗି କର୍ତ୍ତୃପକ୍ଷ ମଙ୍ଗଳବାର କ୍ୟାମ୍ପସ୍‌କୁ ବିଜୁଳି ଯୋଗାଣ ବନ୍ଦ କରିଦେବାରୁ ଉତ୍ତେଜନା ପ୍ରକାଶ ପାଇବା ସହ ଟେକାମାଡ଼ ହୋଇଥିଲା। ଗୁରୁବାର କୋଲକାତାର ଯାଦବପୁର ବିଶ୍ୱବିଦ୍ୟାଳୟରେ ବିବାଦୀୟ ଡକ୍ୟୁମେଣ୍ଟାରି ପ୍ରଦର୍ଶନ କରାଯାଇଥିଲା।




## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଏଫ୍‌ଆଇଏଚ୍ ସଭାପତି

ଭୁବନେଶ୍ୱର, ୨୭।୧(ବ୍ୟୁରୋ)

ଇଣ୍ଟରନ୍ୟାଶନାଲ ହକି ଫେଡେରେଶନ (ଏଫ୍‌ଆଇଏଚ୍) ସଭାପତି ତୟାବ ଇକ୍ରାମ ଶୁକ୍ରବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି। ଓଡ଼ିଶାରେ ହକି ବିଶ୍ୱକପ୍ ଚାଲିଥିବା ବେଳେ ଏଫ୍‌ଆଇଏଚ୍ ସଭାପତି ତୟାବ ଇକ୍ରାମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏବଂ ଏଫ୍‌ଆଇଏଚ୍ ସଭାପତିଙ୍କ ମଧ୍ୟରେ ହକିକୁ ନେଇ କିଛି ସମୟ ଆଲୋଚନା ହୋଇଥିଲା। ଆଲୋଚନା ବେଳେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଉପସ୍ଥିତ ଥିଲେ।

## ମହାନଦୀକୁ ଡେଇଁ ଅଚିହ୍ନା ଯୁବତୀ ମୃତ

**କଟକ ଅଫିସ, ୨୭।୧:** କଟକ ତୁଳସୀପୁର ହରିଣ ପାର୍କ ନିକଟ ମହାନଦୀକୁ ଡେଇଁ ଜଣେ ଅଚିହ୍ନା ଯୁବତୀଙ୍କର ମୃତ୍ୟୁ ଘଟିଛି। ଶୁକ୍ରବାର ସନ୍ଧ୍ୟା ପ୍ରାୟ ୬ଟା ୪୫ରେ ଯୁବତୀଜଣଙ୍କ ମହାନଦୀକୁ ଡେଇଁପଡିବା ଦେଖି ସ୍ଥାନୀୟ ଲୋକମାନେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ମହାନଦୀରେ ଖୋଜାଖୋଜି କରିଥିଲେ। କିଛି ସମୟ ପରେ ଯୁବତୀଙ୍କୁ ଉଦ୍ଧାର କରି ଏସ୍‌ସିବି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।




# ବନ୍ଦ ପ୍ରକୋଷ୍ଠରୁ ୨ ଶିଶୁ ଉଦ୍ଧାର

- ପାଳିତ ମା'ବାପା ନିର୍ଯାତନା ଦେଉଥିବା ଅଭିଯୋଗ
- ସିଡବ୍ଲ୍ୟୁସିରେ ହାଜର କରାଗଲା, ତଦନ୍ତ ନିର୍ଦ୍ଦେଶ

ପରଜଙ୍ଗ, ୨୭।୧(ଡି.ଏନ.ଏ.)

ପାଳିତ ମା'ବାପାଙ୍କ ଦ୍ୱାରା ଅକଥନୀୟ ନିର୍ଯାତନାର ଶିକାର ହୋଇଥିବା ୨ କୋମଳମତି ଶିଶୁଙ୍କୁ ବନ୍ଦ ପ୍ରକୋଷ୍ଠରୁ ଉଦ୍ଧାର କରିଛି ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସରାଙ୍ଗ ଫାଣ୍ଡି ପୋଲିସ। ଡମୋଳ ଗ୍ରାମରୁ ଆସିଥିବା ଏଭଳି ହୃଦୟ ବିଦାରକ ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ଡମୋଳ ସରପଞ୍ଚ ସୁନୀଲ ଧଳ ଏବଂ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ସରାଙ୍ଗ ଗ୍ରାମର କାଳିଆ ନାୟକ ହେଉଛନ୍ତି ସମ୍ପୃକ୍ତ ଦୁଇ ଶିଶୁଙ୍କ ପ୍ରକୃତ ବାପା। ସେମାନଙ୍କ ମଧ୍ୟରୁ ବଡ଼ ଝିଅଟିର ବୟସ ୭ବର୍ଷ ଏବଂ ସାନପୁଅର ବୟସ ୪ ବର୍ଷ। ତେବେ ସ୍ତ୍ରୀଙ୍କ ଆକସ୍ମିକ ମୃତ୍ୟୁ ପରେ ଉଭୟ ସନ୍ତାନଙ୍କୁ ଲାଳନପାଳନ କରିବାରେ ଅସମର୍ଥ ହୋଇପଡ଼ିଥିଲେ କାଳିଆ। ଏଭଳି ସ୍ଥିତିରେ ଡମୋଳ ଗ୍ରାମର ଦମ୍ପତି ଅଜୟ ସାହୁ ଓ ସୁକାନ୍ତି ସାହୁଙ୍କ ଉପରେ ଭରସା କରି ପ୍ରାୟ ୮ ମାସ ତଳେ ଉଭୟଙ୍କୁ ସେମାନଙ୍କ ହାତରେ ଟେକିଦେଇଥିଲେ। ହେଲେ ଏହାପରେ ଶିଶୁ ଦୁହିଙ୍କ ଉପରେ ପାଳିତ ମା'ବାପାଙ୍କ ଆରମ୍ଭ ହୋଇଯାଇଥିଲା ନିର୍ଯାତନା। ସେମାନଙ୍କୁ ଘର କାମ କରିବାକୁ ବାଧ୍ୟ କରୁଥିଲେ। ଠିକ୍ ଭାବେ ଖାଇବାକୁ ଦେଉ ନ ଥିଲେ। ସାମାନ୍ୟ ଭୁଲ୍ ହେଲେ ନିସ୍ଥୁକ ମାଡ଼ମାରି ଘରେ ତାଲା ପକାଇ ବନ୍ଦ କରିଦେଉଥିଲେ। ଏଭଳି ଏକ ସମ୍ବେଦନଶୀଳ ଘଟଣା ସମ୍ପର୍କରେ ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ କୌଣସି ସୂତ୍ରରୁ ସୂଚନା ପାଇ ପରଜଙ୍ଗ ପୋଲିସକୁ ଶିଶୁଙ୍କୁ ଉଦ୍ଧାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ଅନୁଯାୟୀ ଶୁକ୍ରବାର ସରାଙ୍ଗ ଫାଣ୍ଡି ଅଧିକାରୀ ପ୍ରଶାନ୍ତ ସାହୁ ପହଞ୍ଚି ଜଣେ ଶିଶୁଙ୍କୁ ବନ୍ଦ ପାଇଖାନା ଘରୁ ଏବଂ ଅନ୍ୟଜଣଙ୍କୁ ବନ୍ଦ କୋଠରିରୁ ଉଦ୍ଧାର କରିଥିଲେ। ଶିଶୁ ନିର୍ଯାତନା ଭଳି ଘଟଣାରେ ସମ୍ପୃକ୍ତ ଦମ୍ପତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରପଞ୍ଚ ଏବଂ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟପଟେ


ଦୁଇ ଶିଶୁଙ୍କୁ ଉଦ୍ଧାର କରି କାଉନ୍‌ସେଲିଂ ପାଇଁ ନିଆଯାଉଛି।

ଶିଶୁଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି ପାଳିତ ମା'ବାପା ସୁକାନ୍ତି ଏବଂ ଅଜୟ। ସେମାନେ କହିଛନ୍ତି, ଶିଶୁମାନେ ଅବାଧ ହେଉଛନ୍ତି। ସ୍କୁଲ ଛୁଟି ପରେ ବହୁ ବିଳମ୍ବରେ ଘରକୁ ଫେରୁଛନ୍ତି। ସେମାନଙ୍କୁ ଘରେ ଛାଡ଼ି ଜରୁରୀ କାମରେ ଗଲେ କଳିଝଗଡ଼ା କରୁଛନ୍ତି। ତେଣୁ ଶୁକ୍ରବାର ଏକ କାମରେ ସରାଙ୍ଗ ଯାଇଥିବାରୁ ଖାଇବାକୁ ଦେଇ ସେମାନଙ୍କୁ ଅଲଗା ଅଲଗା ଘରେ କବାଟ ବନ୍ଦ କରି ରଖି ଯାଇଥିବା କହିଛନ୍ତି। ଏ ସଂକ୍ରାନ୍ତରେ ସରାଙ୍ଗ ଫାଣ୍ଡି ଅଧିକାରୀ କୁହନ୍ତି, ଉଦ୍ଧାର ପରେ ଦୁଇ ଶିଶୁ ଏବଂ ସେମାନଙ୍କ ପାଳିତ ମା'ବାପାଙ୍କୁ ସିଡବ୍ଲ୍ୟୁସି ନିକଟରେ ହାଜର କରାଯାଇଛି। ସିଡବ୍ଲ୍ୟୁସିଙ୍କ ନିଷ୍ପତ୍ତି ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଘଟଣା ଅତି ସମ୍ବେଦନଶୀଳ ଥିବାରୁ ଏହାର ତଦନ୍ତ କରାଯିବ ବୋଲି ଉପଜିଲାପାଳ କହିଛନ୍ତି।






## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏକୁଟିଆ ବାଆଁରା,**
**ମୁଣ୍ଡି ମୁଣ୍ଡି ସାହାଡ଼ା।**

କାହା ସାଙ୍ଗରେ ମିଳାମିଶା ନାହିଁ କି କାହାକୁ ସାହାଯ୍ୟ କରିବାକୁ ମନୋବୃତ୍ତି ନାହିଁ। ତେବେ ସହଯୋଗ ଓ ସଂହତି ବିନା ମାନବ ଜୀବନର ପରିପୂର୍ଣ୍ଣତା ଅସମ୍ଭବ। ସବୁବେଳେ ଏକୁଟିଆ ହୋଇ ବସି ରହୁଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଏ ଘରେ ମୁଁ ମରିବି ନାହିଁ**
**ତାଟିକିଲା ମାଡ଼ ସହିବି ନାହିଁ।**

ଯେଉଁ ଘରେ ବ୍ୟକ୍ତିଙ୍କୁ ସ୍ନେହ ଆଦର ମିଳି ନ ଥାଏ, ସେ ଘର ପ୍ରତି ବ୍ୟକ୍ତିର ମୋହ ମାୟା ତୁଟିଯାଇଥାଏ। ପରିବାର ସଦସ୍ୟଙ୍କ ମଧ୍ୟରେ ରହିଥିବା ସମ୍ପର୍କ ମଧ୍ୟ କ୍ରମଶଃ ଫିକା ପଡ଼ିଯାଇଥାଏ। ଏପରି ସ୍ଥିତିରେ ଶାଶୁଘର ସଦସ୍ୟଙ୍କଠାରୁ କଥାକଥାକେ ମାଡ଼ଗାଳି ଶୁଣୁଥିବା ବୋହୂ ସେଠାରେ ରହିବାକୁ ଇଚ୍ଛା ପ୍ରକାଶ ନ କରିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ସ୍ତ୍ରୀକୁ ହତ୍ୟାକରି ସ୍ୱାମୀ ଗିରଫ

**ଦଶମନ୍ତପୁର, ୨୭।୧ (ଡି.ଏନ୍.ଏ.)**

ବର୍ଷେ ତଳେ ପ୍ରେମ ବିବାହ କରିଥିବା ଜଣେ ବ୍ୟକ୍ତି ଶୁକ୍ରବାର ତାଙ୍କ ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ସେ ହେଲେ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଗିର୍ଲିଗୁମ୍ମା ପଞ୍ଚାୟତ ଡକ୍ରିବେଡ଼ା ଗ୍ରାମର ମମିତା ମୁଦୁଲି (୨୦)। ଏହି ଅଭାବନୀୟ ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ଖେଳାଇ ଦେଇଛି। ଅଭିଯୁକ୍ତ ସ୍ୱାମୀ ଅଜୟ ମୁଦୁଲିଙ୍କୁ ପୋଲିସ ଗିରଫକରି କୋର୍ଟଚାଲାଣ କରିଛି।

ଖବରରୁ ଜଣାପଡିଛି, ବୁଧବାର ମମିତା ଧାନ ବିଲକୁ ଯାଇଥିଲେ। ସନ୍ଧ୍ୟାରେ ଘରକୁ ଫେରିବା ପରେ କୌଣସି କଥାକୁ ନେଇ ଅଜୟ ଓ ତାଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଅଜୟ ଏକ ଧାରୁଆ ଟାଙ୍ଗିଆରେ ମମିତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ନାଏବ ସରପଞ୍ଚ ଗୌରାଙ୍ଗ ବାଘ ଏ ସମ୍ପର୍କରେ ଜାଣିବା ପରେ ଗ୍ରାମରକ୍ଷୀ ସୁବାସ ଚନ୍ଦ୍ର ହିଆଲଙ୍କୁ ଜଣାଇଥିଲେ। ଗ୍ରାମରକ୍ଷୀ ଏନେଇ ମୁରାନ ଫାଣ୍ଡିକୁ ଅବଗତ କରାଇଥିଲେ। ଗ୍ରାମବାସୀ ଏ ବିଷୟରେ ଜାଣିବା ପରେ ଅଜୟଙ୍କୁ ଏକ ଘରେ କାବୁ କରି ରଖି ଦଶମନ୍ତପୁର ପୋଲିସ ଜିମା ଦେଇଥିଲେ। ଥାନା ଅଧିକାରୀ ଚନ୍ଦ୍ରଭାନୁ ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ଗୁରୁବାର ପହଞ୍ଚି ଘଟଣାର ତଦନ୍ତ କରି ଅଜୟଙ୍କୁ ଗିରଫ କରିଥିଲେ। ତାଙ୍କଠାରୁ ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ଜବତ ହୋଇଛି। କୋରାପୁଟରୁ ସାଇଣ୍ଟିଫିକ ଟିମ୍ ଆସି ମଧ୍ୟ ଘଟଣାସ୍ଥଳରେ ତନାଘନା ଚଳାଇଛନ୍ତି। ହତ୍ୟା ମାମଲା ରୁଜୁ କରାଯାଇ ଅଜୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ମହାନ୍ତି କହିଛନ୍ତି।

# ଘରୁ ଟେକିନେଇ ଯୁବକଙ୍କୁ ଦଳିଦେଲା ଦନ୍ତା

**ରାସୋଳ, ୨୭।୧(ଡି.ଏନ୍.ଏ.)**

- ଆକ୍ରମଣରେ ସାଇକେଲ ଆରୋହୀ ଗୁରୁତର
- ୨୦ ଦିନ ମଧ୍ୟରେ ୨ ଜଣଙ୍କ ଜୀବନ ନେଲାଣି
- ୯ ଗ୍ରାମରେ ଭୟ ଆତଙ୍କର ବାତାବରଣ

ଢେଙ୍କାନାଳ ଜିଲାରେ ଗୋଠଛଡ଼ା ଦନ୍ତା ଆତଙ୍କ ଥମିବାର ନାଁ ଧରୁନାହିଁ। ଖାଦ୍ୟ ଅନ୍ୱେଷଣରେ ପଲରୁ ଅଲଗା ହୋଇ ଜନବସତିମୁହାଁ ହେଉଥିବା ହିଂସ୍ର ହାତୀ ଉପଦ୍ରବରେ ମୂଲ୍ୟବାନ ଧନଜୀବନ ହାନି ହେବାରେ ଲାଗିଛି। ଗତ ୨୧ ତାରିଖରେ ପରଜଙ୍ଗ ଅଞ୍ଚଳରେ ନରହନ୍ତା ଦନ୍ତା ଆକ୍ରମଣରେ ଦୁଇଜଣଙ୍କ ମୃତ୍ୟୁ ଘଟିଥିଲା। ସୋମବାର ରାତିରେ ହିନ୍ଦୋଳ ରେଞ୍ଜ ରାସୋଳ ସେକ୍ସନ ଅଧୀନ ପଧାନୀ ଗ୍ରାମର ସୁବ୍ରତ ନାଏକଙ୍କୁ ଏକ ଦନ୍ତା ଘରୁ ଟେକି ନେଇ ଦଳିଦେଇଛି। ଉକ୍ତ ହାତୀ ଗତ ୨୦ ଦିନରେ ୨ ଜୀବନ ନେଲାଣି। ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

ଗ୍ରାମବାସୀଙ୍କ କହିବା କଥା, ସୁବ୍ରତ ମେଳା ଦେଖି ବିଳମ୍ବିତ ରାତିରେ ଘରକୁ ଫେରିଥିଲେ। ଘରେ ଧାନ, ଚାଉଳ ସାଙ୍ଗକୁ ମେଳାରେ ହୋଇଥିବ ଭୋଜିର ବଳକା ଖାଦ୍ୟ ସାମଗ୍ରୀ ରଖାଯାଇଥିଲା। ଖାଦ୍ୟ ବାସ୍ନାରେ ହାତୀ ଆକୃଷ୍ଟ ହୋଇ ଘର ଭାଙ୍ଗି ପଶିଥିଲା। ହାତୀକୁ ଦେଖି ସୁବ୍ରତ ଉଠିପଡ଼ି ପ୍ରାଣ ବିକଳରେ ପଳାଇଯିବାକୁ ଉଦ୍ୟମ କରୁଥିବାବେଳେ ଦନ୍ତା ତାଙ୍କୁ ଶୁଣ୍ଢରେ ଟେକିନେଇ କଚାଡ଼ି ଦେଇଥିଲା। ଚିତ୍କାର ଶୁଣି ଗ୍ରାମବାସୀ ପହଞ୍ଚି ହାତୀକୁ ଘଉଡ଼ାଇଥିଲେ। ଗୁରୁତର ସୁବ୍ରତଙ୍କୁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସେହିପରି ଗୁରୁବାର ଅପରାହ୍ଣରେ ଉକ୍ତ ଦନ୍ତା ଆକ୍ରମଣରେ କାଳିଆପଥର ଗ୍ରାମର ବୁଦ୍ଧିଆ ନାଏକ (୧୬) ଗୁରୁତର ହୋଇଛନ୍ତି। ସେ ବନ୍ଧୁମାନଙ୍କ ସହ ସାଇକେଲରେ ଫେରିବା ବେଳେ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ତାଙ୍କୁ ପ୍ରଥମେ ରାସୋଳ ପରେ ଢେଙ୍କାନାଳ ଏବଂ ଅବସ୍ଥା ଉଦ୍‌ବେଗଜନକ ଥିବାରୁ ପରେ କଟକ ରେଫର କରାଯାଇଛି। ଉକ୍ତ ଦନ୍ତା ଦିନକୁ ଦିନ ହିଂସ୍ର ହେଉଛି।

କୁନୁଆ ଗାଁ ନିକଟ ଜଙ୍ଗଲରେ ଦିନସାରା ଡେରା ପକାଉଥିବା ଉକ୍ତ ଦନ୍ତା ସନ୍ଧ୍ୟା ହେଲେ ଜନବସତିମୁହାଁ ହେଉଛି। ଏବେ ଧାନ ଅମଳ ସରିଯାଇଥିବାରୁ ବାଡ଼ିବଗିଚାରେ ପଶି ଫସଲ ନଷ୍ଟ କରୁଛି। ୨୦ ଦିନରେ ଉକ୍ତ ହାତୀ ୩ ଜଣଙ୍କୁ ଆକ୍ରମଣ କରିଥିବାବେଳେ ୨ଜଣଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ଗଣ୍ଡାନାଳୀ, କୁନୁଆ, କରଚୁଲି, କଦଳୀପାଳ, ନାଉକିଆରୀ, ପଧାନୀ, ବାଙ୍କଟିଆ, ଅଁଳାବେଡ଼ା, ବୁହାଳିପାଳ ଆଦି ଅଞ୍ଚଳରେ ଭୟ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ଢେଙ୍କାନାଳ ଜିଲା ଦାୟିତ୍ୱରେ ଥିବା କଞ୍ଜରଭେଟର ଅଫ୍ ଫରେଷ୍ଟ ଡ. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ଉକ୍ତ ହାତୀ ପାଇଁ ବନ ବିଭାଗର ଚିନ୍ତା ବଢ଼ିଛି। ଏହା ଉପରେ ନଜର ରଖାଯାଇଛି।

**ପ୍ରଥମ ପୃଷ୍ଠାରୁ...**

## ନବୀନ ସର୍ବାଧିକ ...

ମୁଖ୍ୟମନ୍ତ୍ରୀ ଅରବିନ୍ଦ୍ କେଜରିୱାଲ ଓ ତୃତୀୟ ସ୍ଥାନରେ ରହିଛନ୍ତି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା। କେଜରିୱାଲଙ୍କୁ ୬୯.୨ ପ୍ରତିଶତ ଏବଂ ବିଶ୍ୱଶର୍ମାଙ୍କୁ ୬୮.୩ ପ୍ରତିଶତ ଲୋକ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକଳାପରେ ସନ୍ତୁଷ୍ଟ ଅଛନ୍ତି। ଏହା ପଛକୁ ରହିଛନ୍ତି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ, ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ରଜନୀକାନ୍ତ ପଟେଲ ଏବଂ ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀ । ପ୍ରତିଷ୍ଠିତ ମାଗାଜିନ ଓ ସଂସ୍ଥାର ଜନମତ ସର୍ଭେରେ ନବୀନ ସବୁବେଳେ ଶୀର୍ଷରେ ରହି ଆସିଛନ୍ତି । ଓଡ଼ିଶାର ବିକାଶକୁ ମୁଖ୍ୟ ଏଜେଣ୍ଡା ଭାବେ ନେଇ ନବୀନ ଶାସନ ଓ ପ୍ରଶାସନକୁ ଲୋକାଭିମୁଖୀ କରି ସମଗ୍ର ଦେଶ ପାଇଁ ରୋଲ ମଡେଲ ପାଲଟିଛନ୍ତି । ଦୀର୍ଘବର୍ଷ କାଳ ଶାସନ କ୍ଷମତାରେ ରହି ମଧ୍ୟ ନବୀନଙ୍କ ଛବି ରାଜ୍ୟବାସୀଙ୍କ ନିକଟରେ ଅମଳିନ ରହିଛି। ତାଙ୍କ ଶାସନରେ ଲୋକମାନେ ସନ୍ତୁଷ୍ଟ ଥିବା ଜନମତ ସର୍ଭେରେ କୁହାଯାଇଛି।

# ଘୋଷଯାତ୍ରା ପାଇଁ ରଥକାଠ ଅନୁକୂଳ



ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ରଥକାଠ ପୂଜାର୍ଚ୍ଚନା କରାଯାଉଛି।

**ପୁରୀ ଅଫିସ, ୨୭।୧**

ଆସନ୍ତା ଜୁନ୍ ୨୦ରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏଥିଲାଗି ପବିତ୍ର ଅକ୍ଷୟ ତୃତୀୟାରୁ ରାଜନଅର ସମ୍ମୁଖସ୍ଥ ରଥଖଳାରେ ତିନିରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ତେଣୁ ପରମ୍ପରା ଅନୁଯାୟୀ, ଗୁରୁବାର ବସନ୍ତ ପଞ୍ଚମୀ ତଥା ସରସ୍ୱତୀ ପୂଜାଠାରୁ ଘୋଷଯାତ୍ରାର ଆଦ୍ୟପର୍ବ ଆରମ୍ଭ ହୋଇଛି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ପୂଜାର୍ଚ୍ଚନା ସହ ରଥକାଠ ଅନୁକୂଳ କରାଯାଇଛି। ଏହି ସମୟରେ 'ଜୟ ଜଗନ୍ନାଥ' ଧ୍ୱନିରେ ସମ୍ପୃକ୍ତ ସ୍ଥାନ ପ୍ରକମ୍ପିତ ହୋଇ ଉଠିଥିଲା।

ସନ୍ଧ୍ୟାରେ ପ୍ରଥମେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପରିସରରେ ମା' ସରସ୍ୱତୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ରଥକାଠ ଅନୁକୂଳ ପୂଜା ହୋଇଥିଲା। ରାଜଗୁରୁ ଏବଂ ଅନ୍ୟ ଶ୍ରୋତ୍ରୀୟ ବ୍ରାହ୍ମଣମାନେ ୩ଖଣ୍ଡ ୧୨ଫୁଟିଆ ଧଉରା କାଠ ପୂଜାର୍ଚ୍ଚନା କରିଥିଲେ। ବୈଦିକ ଶାସ୍ତ୍ରୀୟ ବିଧି ଅନୁଯାୟୀ, ୩ଟି କାଠକୁ ଜଳ, ପଞ୍ଚାମୃତ, ଶୁଦ୍ଧଜଳ, ଚନ୍ଦନ, ସିନ୍ଦୂର, ଫୁଲ, ଶ୍ରୀଫଳ, ଧୂପ, ଦୀପ ଦିଆଯାଇ ସଂସ୍କାର କରାଯାଇଥିଲା। ଶେଷରେ ମହାପ୍ରସାଦ ସମର୍ପଣ କରାଯାଇଥିଲା। ପୂଜା ହୋଇଥିବା ଉକ୍ତ ୩ଟି କାଠରେ ତିନିରଥର ଗୁଜ ତିଆରି କରାଯିବ। ଆସନ୍ତା ରାମନବମୀରେ କଟକ ଖପୁରିଆସ୍ଥିତ ଶ'ମିଲ୍‌ରେ ରଥକାଠ ଚିରଟ କରାଯିବ। ଅକ୍ଷୟ ତୃତୀୟାରେ ରଥଖଳାରେ ତିନିରଥ ନିର୍ମାଣ କାର୍ଯ୍ୟ ଅନୁକୂଳ ହେବ। ରଥ ପାଇଁ ୮୬୫ ଖଣ୍ଡ ଅସନ, ଧଉରା, ଫାସି ସହ ବିଭିନ୍ନ ପ୍ରକାର କାଠ ଆବଶ୍ୟକ ହୋଇଥାଏ। ତେବେ ଗତବର୍ଷର ୧୧୮ଖଣ୍ଡ ଖଣ୍ଡ କାଠ ବଳକା ରହିଛି। ଅବଶିଷ୍ଟ ୭୪୭ ଖଣ୍ଡ କାଠ ନୟାଗଡ଼ ଓ ବୌଦ୍ଧ ବନଖଣ୍ଡରୁ ଅଣାଯିବ। ପୂର୍ବରୁ ୩ଟି ଟ୍ରକରେ ପ୍ରଥମ ପର୍ଯ୍ୟାୟରେ ୧୦୪ ଖଣ୍ଡ ଅସନ ଓ ଧଉରା କାଠ ପୁରୀରେ ପହଞ୍ଚିଥିଲା। ଉକ୍ତ କାଠ ମଧ୍ୟରୁ ୩ଟି ଧଉରା କାଠକୁ ପୂଜାର୍ଚ୍ଚନା କରାଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ଯେପରି ଶାନ୍ତିଶୃଙ୍ଖଳାରେ ରଥଯାତ୍ରା ସମ୍ପନ୍ନ ହେବ ସେଥିପାଇଁ ପ୍ରଶାସନିକ ଅଧିକାରୀ ଓ ସେବାୟତମାନେ ପ୍ରାର୍ଥନା କରିଛନ୍ତି। ଏହି ଅବସରରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା, ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ଉନ୍ନୟନ ପ୍ରଶାସକ ଅଜୟ ଜେନା, ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଭବତାରଣ ସାହୁ, ଅତିରିକ୍ତ ଏସ୍‌ପି ମିହିର ପଣ୍ଡାଙ୍କ ସମେତ ବରିଷ୍ଠ ସେବାୟତ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

# ରାଷ୍ଟ୍ରପତିଙ୍କ ଘର ଆଗରେ ରାସ୍ତାରୋକୋ



ଗରା,ବାଲ୍‌ଟି ରଖି ରାସ୍ତା ଅବରୋଧ କରିଥିବା ବସ୍ତିବାସିନ୍ଦା।

## ପାଣି ପାଇଁ ତାତିଲେ ବସ୍ତି ବାସିନ୍ଦା

**ରାଇରଙ୍ଗପୁର,୨୭।୧(ଡି.ଏନ.ଏ.)**

ପାନୀୟ ଜଳ ସମସ୍ୟା ନେଇ ଉତ୍ତ୍ୟକ୍ତ ବସ୍ତି ବାସିନ୍ଦା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମୟୂରଭଞ୍ଜ ଜିଲା ରାଇରଙ୍ଗପୁରସ୍ଥିତ ବାସଗୃହ ସମ୍ମୁଖ ରାସ୍ତା ଅବରୋଧ କରିବା ଚର୍ଚ୍ଚାର ବିଷୟ ହୋଇଛି। ଖବରପାଇ ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ୍ ଓ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ସୂଚନା ଅନୁଯାୟୀ, ରାଇରଙ୍ଗପୁର ପୌର ପରିଷଦ ଅଧୀନ ୨ନଂ. ୱାର୍ଡ ବାଇଦାପୋଷି ବସ୍ତି ଅଞ୍ଚଳର ଲୋକେ ଦୀର୍ଘ ଦିନ ହେବ ଜଳକଷ୍ଟ ସମସ୍ୟା ଭୋଗି ଆସୁଛନ୍ତି। ଏନେଇ ସେମାନେ ବିଭାଗୀୟ ଅଧିକାରୀଙ୍କଠାରେ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ ସମସ୍ୟାର ସମାଧାନ ପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ଏହାର ପ୍ରତିବାଦରେ ଶୁକ୍ରବାର ବାଇଦାପୋଷି ୨ନଂ. ୱାର୍ଡର ଡୁଙ୍ଗୁରିସାହି ଓ କଲୋନିସାହିର ଶତାଧିକ ମହିଳା ଓ ପୁରୁଷ ବାଇଦାପୋଷିସ୍ଥିତ ରାଷ୍ଟ୍ରପତିଙ୍କ ବାସଗୃହ ସମ୍ମୁଖ ୨୨୦ନଂ. ଜାତୀୟ ରାଜପଥକୁ ସକାଳ ୭ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଅବରୋଧ କରିଥିଲେ। ଗରା, ବାଲ୍‌ଟି ରଖି ମହିଳାମାନେ ରାସ୍ତାରେ ବସିଥିବାରୁ ୩ଘଣ୍ଟା କାଳ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ଶତାଧିକ ଗାଡ଼ି ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଥିଲା। ୨ନଂ. ୱାର୍ଡ କାଉନସିଲର ଶୁକଦେବ ବେହେରା ଓ ପଞ୍ଚୁ ଲୋହାରଙ୍କ ନେତୃତ୍ୱରେ ଏହି ରାସ୍ତା ଅବରୋଧ କରାଯାଇଥିଲା।

**ପ୍ରଥମ ପୃଷ୍ଠାରୁ...**

## ଗ୍ରାମସଭା ବର୍ଜନ କଲେ ....

କାର୍ଯ୍ୟକାରୀ ସଭାପତି ବଳଦେବ ସାହୁ ଏବଂ ଉପସଭାପତି ସଞ୍ଜୟ ଗଡତିଆ ଜିଲାରେ ସ୍ୱତନ୍ତ୍ର ଗ୍ରାମସଭା ବର୍ଜନ କରାଯାଇଥିବା ସୂଚନା ଦେଇଛନ୍ତି। କାର୍ଯ୍ୟକାରୀ ସଭାପତି ସାହୁ କହିଛନ୍ତି ଯେ, ଆବାସ ଯୋଜନା ପାଇଁ ଯେଉଁ ତାଲିକା ପ୍ରସ୍ତୁତ କରାଯାଇଛି ସେଥିରେ ଅନେକ ବିସଙ୍ଗତି ରହିଛି। ସେ ତାଲିକା କିଏ ପ୍ରସ୍ତୁତ କରିଛି ଜଣାପଡୁନାହିଁ। ଏଭଳିକି ପୂର୍ବତନ ସରପଞ୍ଚମାନେ ମଧ୍ୟ ଆବାସ ଯୋଜନା ସର୍ଭେ ସମ୍ପର୍କରେ ଜାଣି ନ ଥିବା କହିଛନ୍ତି। ଏଭଳି ସ୍ଥିତିରେ ଏହି ତାଲିକା କାର୍ଯ୍ୟକାରୀ କଲେ ଅଡୁଆ ପରିସ୍ଥିତି ସୃଷ୍ଟି ହେବ। ବହୁ ପ୍ରକୃତ ହିତାଧିକାରୀ ଏବେବି ଘର ପାଇବା ତାଲିକାରେ ନାହାନ୍ତି ବୋଲି ସେ କହିଛନ୍ତି। ଉପସଭାପତି ଗଡତ୍ୟା କହିଛନ୍ତି ଯେ, ଯେଉଁ ତାଲିକାରେ ହିତାଧିକାରୀମାନଙ୍କ ନାମ ଅନୁମୋଦନ କରିବାକୁ କୁହାଯାଉଛି ସେଥିରେ ଅନେକ ତ୍ରୁଟି ରହିଛି। ସରପଞ୍ଚମାନଙ୍କୁ କୌଣସି କଥା ପଚରା ଯାଉନାହିଁ। କେବଳ ଅନୁମୋଦନ କରିବାକୁ ଗ୍ରାମସଭାରେ ଚାପ ସୃଷ୍ଟି କରାଯାଉଛି। ଏଣୁ ଗ୍ରାମସଭା ବର୍ଜନ କରାଯାଇଛି ବୋଲି ସେ କହିଛନ୍ତି। ଏନେଇ ଜିଲା ଗ୍ରାମପଞ୍ଚାୟତ ଅଧିକାରୀ ପ୍ରଶାନ୍ତ ଶତପଥୀଙ୍କୁ ପଚାରିବାରୁ ଜିଲାର କେଉଁ ଗ୍ରାମପଞ୍ଚାୟତରେ ଗ୍ରାମସଭା ହୋଇଛି ଓ କେଉଁଠି ହୋଇନାହିଁ ତାଙ୍କ ପାଖକୁ ସୂଚନା ଆସିନାହିଁ ବୋଲି କହିଛନ୍ତି। ଆସନ୍ତା ୩୦ ତାରିଖରେ ଡିପିଆରସି କକ୍ଷରେ ଗ୍ରାମସଭା ନେଇ ସରପଞ୍ଚଙ୍କ ବୈଠକ ହେବ। ଏଠାରେ ମଧ୍ୟ ଗ୍ରାମସଭା ବର୍ଜନ କରାଯିବ ବୋଲି ସରପଞ୍ଚ ସଂଘ ନିଷ୍ପତ୍ତି ନେଇଥିବା କାର୍ଯ୍ୟକାରୀ ସଭାପତି ସାହୁ ସୂଚନା ଦେଇଛନ୍ତି।

## ସରପଞ୍ଚ, ନିର୍ବାହୀ ...

ଖବରପାଇ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ହିତାଧିକାରୀଙ୍କୁ ବୁଝାଶୁଝା କରିବା ସହ ପ୍ରାୟ ୩ ଘଣ୍ଟା ପରେ ଅଟକ ସରପଞ୍ଚ ଓ ହିତାଧିକାରୀଙ୍କୁ ମୁକୁଳାଇଥିଲା। ଏ ସମ୍ପର୍କରେ ସରପଞ୍ଚ ନବୀନ ବେହେରା କହିଛନ୍ତି, ପୋଲିସ ସହ ମିଶି ଲୋକଙ୍କୁ ବୁଝାଶୁଝା କରିଥିଲି। ଆବାସ ତାଲିକା ସମ୍ପର୍କରେ ବିଡିଓଙ୍କ ସହିତ କଥା ହେବି ବୋଲି କହିବା ପରେ ହିତାଧିକାରୀମାନେ ତାଲା ଖୋଲିଥିଲେ।

## ଗ୍ରାଣ୍ଡସ୍ଲାମରୁ ସାନିଆଙ୍କ ...

ସୋରେସଙ୍କ ସହିତ ୨୦୧୪ରେ ୟୁଏସ ଓପନ୍ ମିକ୍ସଡ ଡବଲ୍ସ ଟାଇଟଲ ବିଜୟୀ ହୋଇଥିଲେ। ସେହିପରି ମହିଳା ଡବଲ୍ସରେ ୨୦୧୫ ମସିହାରେ ୟୁଏସ୍ ଓପନ ଓ ୱିମ୍ବେଲଡନ୍ ଚାମ୍ପିୟନ ହୋଇଥିବା ବେଳେ ୨୦୧୬ରେ ଅଷ୍ଟ୍ରେଲିଆନ୍ ଓପନରେ ଚାମ୍ପିୟନ ହୋଇଥିଲେ। ନିଜ ଭାଷଣ ସମୟରେ ସାନିଆ କାନ୍ଦି ପକାଇଥିଲେ। ୧୮ ବର୍ଷ ତଳେ ସେରେନା ୱିଲିୟମ୍ସଙ୍କ ବିପକ୍ଷରେ ଏଠାରୁ ନିଜର ଗ୍ରାଣ୍ଡସ୍ଲାମ ଯାତ୍ରା ଆରମ୍ଭ କରିଥିଲି। ବର୍ଷ ପରେ ବର୍ଷ ବିତି ଯାଇଥିଲେ ମଧ୍ୟ ଏହି ଟୁର୍ନାମେଣ୍ଟ ମୋ ପାଇଁ ବେଶ୍ ଲକି ସାବ୍ୟସ୍ତ ହୋଇଛି ବୋଲି ସାନିଆ କହିଛନ୍ତି। ଏହି ଫାଇନାଲ ମ୍ୟାଚ ଦେଖିବା ପାଇଁ ସାନିଆଙ୍କ ୪ ବର୍ଷର ପୁଅ ଇଝାନ ଓ ପରିବାର ସଦସ୍ୟ ମଧ୍ୟ ଉପସ୍ଥିତ ଥିଲେ। ସେହିପରି ପୂର୍ବତନ ଡବଲ୍ସ ପାର୍ଟନର କାରା ବ୍ଲାକଙ୍କୁ ମଧ୍ୟ ସେ ଧନ୍ୟବାଦ ଜଣାଇଛନ୍ତି।

## ଜର୍ମାନୀ-ବେଲଜିୟମ ...

ସଂଘର୍ଷପୂର୍ଣ୍ଣ ହୋଇଥିଲା। ଆକ୍ରମଣ ଆରମ୍ଭ କରିଥିଲା ନେଦରଲାଣ୍ଡ୍ସ। ମ୍ୟାଚର ୮ମ ମିନିଟରେ ଦଳ ପ୍ରଥମ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ୧୧ତମ ମିନିଟରେ ଦଳକୁ ଦ୍ୱିତୀୟ ପେନାଲ୍ଟି କର୍ନର ମିଳିଥିଲା। ଏହାକୁ ଗୋଲରେ ପରିଣତ କରି ୧୨ତମ ମିନିଟରେ ଦଳକୁ ଅଗ୍ରଣୀ କରାଇଥିଲେ ଜିପ୍ ଜାନସେନ। ପ୍ରଥମ କ୍ୱାର୍ଟର ଶେଷସୁଦ୍ଧା ନେଦରଲାଣ୍ଡ୍ସ ୧-୦ ଗୋଲରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟ କ୍ୱାର୍ଟରରେ ମୁକାବିଲା ଜୋରଦାର ହୋଇଥିଲା। ଗୋଲ ପରିଶୋଧ ପାଇଁ ଜର୍ମାନୀ ଉଦ୍ୟମ କରିଥିବାବେଳେ ନେଦରଲାଣ୍ଡ୍ସ ଏହାକୁ ପ୍ରତିହତ କରିଥିଲା। ୨୩ତମ ମିନିଟରେ ଜର୍ମାନୀ ଖେଳାଳି ନେଦରଲାଣ୍ଡ୍ସ ଗୋଲକିପରଙ୍କୁ ଚକ୍‌ମା ଦେବାରେ ସକ୍ଷମ ହୋଇଥିଲେ। ମାତ୍ର ଫାଉଲ୍‌ଯୋଗୁ ସେତେବେଳକୁ ବଲ୍ ଡେଡ୍ ହୋଇ ଯାଇଥିଲା। ୨୮ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ସିଧାସଳଖ ଗୋଲରେ ପରିଣତ କରି ମ୍ୟାଚକୁ ୧-୧ ସ୍ଥିତିକୁ ନେଇ ଆସିଥିଲେ। ତୃତୀୟ କ୍ୱାର୍ଟର ରୋମାଞ୍ଚକ ହୋଇଥିଲା। ୩୫ତମ ମିନିଟରେ ନେଦରଲାଣ୍ଡ୍ସକୁ କ୍ରମାଗତ ୨ଟି ପେନାଲ୍ଟି କର୍ନର ମିଳିଥିଲା। ୩୬ତମ ମିନିଟରେ ଗୋଲଦେଇ ନେଦରଲାଣ୍ଡ୍ସକୁ ଅଗ୍ରଣୀ କରିଥିଲେ ଜାନସେନ। ମ୍ୟାଚରେ ଏହା ତାଙ୍କର ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଥିଲା। ମାତ୍ର ବେଲଜିୟମ ସହଜରେ ଛାଡ଼ି ନ ଥିଲା। ବିପକ୍ଷ ଦଳ ଉପରେ ଚାପ ଜାରିରଖି ସୁଯୋଗ ସନ୍ଧାନରେ ରହିଥିଲା। ୪୪ତମ ମିନିଟରେ ପେନାଲ୍ଟି କର୍ନର ମିସ୍ ହୋଇଥିଲେ ହେଁ ୪୫ତମ ମିନିଟରେ ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚକୁ ୨-୨ ସ୍ଥିତିକୁ ନଇ ଆସିଥିଲେ। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଅଗ୍ରଣୀ ନେବାପାଇଁ ଉଭୟ ଦଳ ନିଜ ନିଜ ରଣନୀତିରେ ଖେଳିଥିଲେ। ୪୬ତମ ମିନିଟରେ ନେଦରଲାଣ୍ଡ୍ସକୁ ଲଗାତର ୨ଟି ପେନାଲ୍ଟି କର୍ନର ମିଳିଥିଲେ ହେଁ ତାହା ବେକାର ଯାଇଥିଲା। ୫୧ତମ ମିନିଟରେ ଅଗ୍ରଣୀ ନେବାପାଇଁ ବେଲଜିୟମ ନିକଟରେ ସୁବର୍ଣ୍ଣ ସୁଯୋଗ ଥିଲା। ମାତ୍ର ଭାଗ୍ୟ ସାଥ୍ ଦେଇ ନ ଥିଲା। ନେଦରଲାଣ୍ଡ୍ସ ରକ୍ଷଣଭାଗ ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ ଦଣ୍ଡ ସ୍ୱରୂପ ୫୧ତମ ମିନିଟରେ ବେଲଜିୟମକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ମାତ୍ର ଟମ୍ ବୁନ୍ ମାରିଥିବା ଶଟ୍‌କୁ ନେଦରଲାଣ୍ଡ୍ସ ଗୋଲକିପର ପିରମିନ ବ୍ଲାକ୍ ଦକ୍ଷତାର ସହ ସେଭ୍ କରି ଦେଇଥିଲେ। ବୁନ୍ ଗୋଲପୋଷ୍ଟର ଲେଫ୍ଟ କର୍ନରକୁ ଶଟ୍ ମାରିଥିବାବେଳେ ବ୍ଲାକ୍ ନିଜ ଡାହାଣ ପଟକୁ ଡାଇଭ୍ ମାରି ବଲ୍‌କୁ ବାହାରକୁ ପଠାଇ ଦେଇଥିଲେ। ନେଦରଲାଣ୍ଡ୍ସ ୧୯୭୩, ୧୯୯୦, ୧୯୯୮ରେ ଚାମ୍ପିୟନ ଏବଂ ୧୯୭୮, ୧୯୯୪, ୨୦୧୪ ଓ ୨୦୧୮ରେ ରନରଅପ୍ ହୋଇଥିଲା। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଅତିଥି ଭାବେ ଯୋଗ ଦେଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଦ୍ୱିଜା ନକ୍ଷତ୍ର କେବଳ କଥଁଳିଆ କଥା କହି ପରକୁ ଆପଣାର କରିପାରିବେ। ଟଙ୍କା, ପଇସାର ଅଭାବ ରହିବ ନାହିଁ କିନ୍ତୁ ବନ୍ଧୁମାନଙ୍କ ଖାପଛଡ଼ା କଥା ମନକୁ ବାଧିବ। ବ୍ୟବସାୟ, ନିର୍ମାଣ, ଆନୁଷ୍ଠାନିକ କାମ, ବିବାଦୀୟ ଘଟଣା ଓ ସଭାସମିତି, ଅର୍ଥ ସମ୍ପର୍କ କ୍ଷେତ୍ରରୁ ଉପକୃତ ହେବେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ରହି କାମ କରିବା ଭଲ ହେବ।

**ବୃଷ**
କଥା କହୁ ନ ଥିବା ଲୋକଟି ହଠାତ୍ ଶତ୍ରୁତା ଭୁଲି ସୁହାଇଲା ଭଳି କିଛି କହିବ। ରୋହିଣୀ ନକ୍ଷତ୍ରର ସଭାସମିତିରେ ବନ୍ଧୁମିଳନ ଘଟିବ ଏବଂ ହାତକୁ ଦି'ପଇସା ଆସିବ। କର୍ମକ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ କିନ୍ତୁ ଘର କଥା ଯେମିତି ଅଛି ସେମିତି ରହିବ। ବିବାଦୀୟ ଘଟଣାରେ ମଧ୍ୟସ୍ଥତା କରି ଅପମାନିତ ହୋଇପାରନ୍ତି।

**ମିଥୁନ**
ପୁନର୍ବସୁ ନକ୍ଷତ୍ର ବନ୍ଧୁଙ୍କୁ ମନେଇବାକୁ ଯାଇ ବହୁତ କିଛି କହିବାକୁ ପଡ଼ିପାରେ। ଯାହାକୁ ଖୋଜୁଥିବ ସେହି ବ୍ୟକ୍ତି ହଠାତ୍ ପାଖକୁ ସ୍ୱତଃପ୍ରବୃତ୍ତ ଭାବରେ ଚାଲି ଆସିବ। ପାରିବାରିକ ସମସ୍ୟା ପୂର୍ବପରି ରହିପାରେ, କିନ୍ତୁ ବିଶେଷ କିଛି ଅସୁବିଧା ରହିବ ନାହିଁ। ପିଲାମାନଙ୍କ ବିଶୃଙ୍ଖଳିତ ଆଚରଣ ଓ ଘର ଲୋକଙ୍କ ଦାୟିତ୍ୱହୀନତାରୁ ଚିନ୍ତିତ ରହିବେ।

**କର୍କଟ**
କର୍ମକ୍ଷେତ୍ରରେ ମଧ୍ୟାହ୍ନରେ ଟେନସନ୍ ବୃଦ୍ଧି ପାଇବ ଏବଂ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ପୁଷ୍ୟା ନକ୍ଷତ୍ର ଅର୍ଥନୈତିକ ଦୃଷ୍ଟିକୋଣରୁ କେତେକ ବ୍ୟତିକ୍ରମ ସକାଶେ ଚିନ୍ତିତ ରହିବେ। ସହକର୍ମୀ ଫାଇଦା ଉଠାଇବା ପାଇଁ ଚେଷ୍ଟା କରିବେ। ପ୍ରଶାସନ, ରାଜନୀତି, କୃଷିବାଣିଜ୍ୟ,ବନ୍ଧୁମିଳନରେ ସୁଫଳ ପାଇବେ।

**ସିଂହ**
କର୍ମକ୍ଷେତ୍ରରେ ଅବହେଳାରୁ ବଡ଼ ସୁଯୋଗଟିଏ ହାତଛଡ଼ା ହୋଇପାରେ। ପୂର୍ବାଫାଲଗୁନୀ ପରକଥା ଶୁଣି ଦେବା ଲୋକଟିର ମନ ବିଗିଡ଼ିବା ଆଶଙ୍କା ରହିଛି। ସଭାସମିତିରେ ଆଲୋଚନା, ଚୁକ୍ତିପତ୍ର, ଶିକ୍ଷା, ବାଣିଜ୍ୟ, ବନ୍ଧୁ ସମ୍ପର୍କରେ ଝଟକା ଲାଗିପାରେ। ପ୍ରତ୍ୟେକ କଥାକୁ ଭୟ ଓ ଆଶଙ୍କା କାରଣରୁ କୌଣସି କାର୍ଯ୍ୟ କରିପାରିବେ ନାହିଁ।

**କନ୍ୟା**
ଆଜି ଯଦିଓ କିଛି ପାଇବେ ତଥାପି ତାହା ସହଜଲଭ୍ୟ ହୋଇପାରିବ ନାହିଁ। ପରିବାରର ଝଡ଼ଝଞ୍ଜା କାର୍ଯ୍ୟାବଳୀକୁ ଛିନ୍‌ଭିନ୍ କରିଦେଇପାରେ। ଚିତ୍ରା ନକ୍ଷତ୍ର ପ୍ରତ୍ୟେକ ପରିସ୍ଥିତିରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ। କଳା, ସଂସ୍କୃତି କ୍ଷେତ୍ରରେ ସୁନାମ ଅର୍ଜନ କରିବା ଦୌଡ଼ରେ ରହିପାରନ୍ତି।

**ତୁଳା**
ସକାଳୁ ଜଣେ ବନ୍ଧୁଙ୍କ ଆବିର୍ଭାବ ପାରିବାରିକ ଜୀବନକୁ ଚଳଚଞ୍ଚଳ କରିବ। ଅଭାବ, ଅସୁବିଧାକୁ ପଛରେ ପକାଇ ଗୁରୁତ୍ୱପୂର୍ଣ୍ଣ କାମଟିକୁ ଅଗ୍ରାଧିକାର ଦେଇପାରନ୍ତି। ବିବାଦୀୟ ଘଟଣାରେ ହତୋତ୍ସାହିତ କିମ୍ବା ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ସ୍ୱାତୀ ନକ୍ଷତ୍ର ଗୃହ ନିର୍ମାଣ, ଯାନ ମରାମତିରୁ ଖୁସି ରହିବେ।

**ବିଛା**
ଆଜି ବନ୍ଧୁମିଳନରୁ ଖୁସି ରହିବେ କିନ୍ତୁ ମାନସିକ ସ୍ଥିରତା ରହିବ ନାହିଁ। ଯାତ୍ରା, ଯୋଗାଯୋଗ, ସତ୍‌ସଙ୍ଗ, ଆଲୋଚନା, ଜାରି ରହିବ କିନ୍ତୁ ପୂର୍ଣ୍ଣ ସନ୍ତୋଷ କେଉଁଠାରୁ ମଧ୍ୟ ମିଳିବ ନାହିଁ। ଶିଳ୍ପ, ବାଣିଜ୍ୟ, ପରିବହନ, ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଶାସନ କ୍ଷେତ୍ରରେ ତତ୍ପର ରହିବେ। ଅର୍ଥ, ଜମିଜମା, ସଭାସମିତି ପ୍ରଭୃତି ମଧ୍ୟମ ପ୍ରକାରର ରହିବ।

**ଧନୁ**
ଦୃଢ଼ ମନୋବଳ ନେଇ କାମ କରିବାର ସୁଯୋଗ ପାଇବେ, ଯାହା ସ୍ୱାସ୍ଥ୍ୟ ପାଇଁ ପ୍ରତିକୂଳ ହୋଇ ନ ପାରେ। ପରିବାର, କର୍ମକ୍ଷେତ୍ର, ବନ୍ଧୁବର୍ଗ, ସାମାଜିକ ତଥା ଆନୁଷ୍ଠାନିକ କ୍ଷେତ୍ର ପୂର୍ବବତ୍ ରହିବ। ଭଲ କାରବାର ହେତୁ ଆତ୍ମସନ୍ତୋଷ ମିଳିପାରେ। ଉତ୍ତରାଷାଢ଼ା ନକ୍ଷତ୍ରର କାର୍ଯ୍ୟକୁଶଳତା ହେତୁ ମାନସିକ ସ୍ଥିତି ଭଲ ରହିବ।

**ମକର**
ଆଜି ଅନ୍ୟର କାନକୁହା କଥାରେ ପ୍ରଭାବିତ ହୋଇ ବୁଲିଯିବା ମହଙ୍ଗା ପଡ଼ିପାରେ। ମନ କଥା ମନରେ ରଖି ବାପ, ଧନ କହିପାରିଲେ ସୁବିଧାରେ କାମ ହାସଲ କରିବେ। କିନ୍ତୁ ଧନିଷ୍ଠା ନକ୍ଷତ୍ର ସଙ୍ଗଦୋଷ ପାଇଁ ସମାଲୋଚିତ ହୋଇପାରନ୍ତି। କର୍ମକ୍ଷେତ୍ରରେ, ବନ୍ଧୁବାନ୍ଧବରେ ସମସ୍ୟା ସମାଧାନର ରାସ୍ତା ଖୋଜି ପାଇବେ।

**କୁମ୍ଭ**
ଆଜି କିଛି ପାଇବାକୁ ହେଲେ କିଛି ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ ହୁଅନ୍ତୁ। ଆପଣଙ୍କ କାର୍ଯ୍ୟକୁ ବାହ୍ୟଲୋକମାନେ ଯେତିକି ଆଦର କରିବେ ତାହାର ଦୁଇଗୁଣ କରିପାରନ୍ତି। ଅବଶ୍ୟ ଶତଭିଷା ନକ୍ଷତ୍ରର ପାରିବାରିକ କ୍ଷେତ୍ର ବୁଝାମଣାରେ ଶୃଙ୍ଖଳିତ ହେବ। ଯାତ୍ରାରେ ସାମାନ୍ୟ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କିଛି ଅସୁବିଧା ହେବ ନାହିଁ।

**ମୀନ**
ଆପଣଙ୍କ ସହଜରେ ମୁଣ୍ଡ ନୁଆଁଇବାରେ ଅସମ୍ମତି, କେତେକ କ୍ଷେତ୍ରରେ ବ୍ୟତିକ୍ରମର କାରଣ ହେବ। ଈର୍ଷାପରାୟଣ ବ୍ୟକ୍ତି ବିଶେଷଙ୍କ ନିକଟରୁ ଯଥା ସମ୍ଭବ ଦୂରେଇ ରହିବା ଭଲ ହେବ। ପରିବାରରେ ମତାନ୍ତର ଜନିତ ଅଶାନ୍ତିର ଝଲକ ଦେଖିବାକୁ ମିଳିପାରେ। କଳା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ କୃତିତ୍ୱରୁ ବୁଦ୍ଧିଜୀବୀଙ୍କ ଦ୍ୱାରା ପ୍ରଶଂସିତ ହେବେ।

ଆଜି ମାଘମାସ ଶୁକ୍ଳପକ୍ଷର ତିଳସପ୍ତମୀ ଯୁକ୍ତ ଅଷ୍ଟମୀ, ଶନିବାର, ଚନ୍ଦ୍ରଭାଗାସ୍ନାନ ଓ ଯାତ୍ରା, ଜାନୁୟାରୀ ୨୮ ତାରିଖ, ଲାଲା ଲଜପତ୍ ରାୟଙ୍କ ଜୟନ୍ତୀ, ବିଦଗ୍ଧକବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜୟନ୍ତୀ, ନବଦିନବ୍ୟାପୀ ଖଣ୍ଡଗିରି ମେଳା ଆରମ୍ଭ, ରାଶିନକ୍ଷତ୍ର-ଅଶ୍ୱିନୀ/ମେଷ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୩୬ ଗତେ ଘ.୦୧।୦୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୯।୧୩ ଗତେ ଘ.୧୦।୩୬ ମଧ୍ୟେ ରାହୁକାଳ।

# ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ

ଭୁବନେଶ୍ୱର,୨୭।୧(ବ୍ୟୁରୋ)


ପରେଡ୍‌ରେ ପ୍ରଦର୍ଶିତ ପ୍ରଜ୍ଞାପନ ମେଢ଼ ଏବଂ ଉତ୍ସବରେ ଉପସ୍ଥିତ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

### ଅଭିବାଦନ ଗ୍ରହଣ କଲେ ରାଜ୍ୟପାଳ
### ସମ୍ମାନିତ ଅତିଥି ଭାବେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

ଗୁରୁବାର ଭୁବନେଶ୍ୱରର ମହାତ୍ମା ଗାନ୍ଧୀ ମାର୍ଗରେ ୭୪ତମ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

ରାଜ୍ୟପାଳ ସକାଳ ୮ଟା ୨୮ ମିନିଟ୍‌ରେ ମହାତ୍ମା ଗାନ୍ଧୀ ମାର୍ଗରେ ପହଞ୍ଚିବା ପରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ଆରକ୍ଷୀ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ ଓ ସମର ଶିକ୍ଷାର୍ଥୀ ବାହିନୀର ଉପମହାନିର୍ଦ୍ଦେଶକ କମୋଡର ସୌମେନ୍ ବାନାର୍ଜୀ ରାଜ୍ୟପାଳଙ୍କୁ ସ୍ୱାଗତ କରି ମଞ୍ଚ ନିକଟକୁ ପାଛୋଟି ନେଇଥିଲେ। ରାଜ୍ୟପାଳ ୮ଟା ୩୦ ମିନିଟରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କଳାହାଣ୍ଡି ଏଏସ୍‌ପି ଯଶପ୍ରତାପ ମାଲ୍ ପରେଡ୍ ପରିଚାଳନା କରିଥିଲେ। ଓଏପିଏସ୍, ତୃତୀୟ ବାଟାଲିୟନ୍, କୋରାପୁଟର ଦୀପକ ଗଡ଼ନାୟକ ଦ୍ୱିତୀୟ ପରିଚାଳକ ଭାବେ ଏବଂ ଭୁବନେଶ୍ୱର ଓଏସ୍ଏପି ସପ୍ତମ ବାଟାଲିୟନ୍‌ର ଆସିଷ୍ଟାଣ୍ଟ କମିଶନର ଭବାନୀପ୍ରସାଦ ଜେନା ଆଡ୍‌ଜୁଟାଣ୍ଟ ଭାବେ ପରେଡ୍ ପରିଚାଳନାରେ ସହାୟତା କରିଥିଲେ।

ରାଜ୍ୟ ପୋଲିସ ବ୍ୟାଣ୍ଡ ଦ୍ୱାରା ଜାତୀୟ ସଙ୍ଗୀତ ବାଦନ ପରେ ୧୮ ସାମରିକ ବାହିନୀ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ୨୮ ବେସାମରିକ ଦଳ ମିଳିତ ପରେଡ୍‌ରେ ଅଂଶଗ୍ରହଣ କରିଥିଲେ। ସମ୍ମିଳିତ ପରେଡ୍ ପରେ ବିଭିନ୍ନ ସାଂସ୍କୃତିକ ଦଳ ଚିତ୍ତାକର୍ଷକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଗଞ୍ଜାମ ଜିଲା କବିସୂର୍ଯ୍ୟନଗରର ବାଲୁଙ୍କେଶ୍ୱର ପଶୁମୁଖା ସଂସଦ ପକ୍ଷରୁ ପଶୁମୁଖା ନୃତ୍ୟ ଓ ଘଣ୍ଟ ମୃଦଙ୍ଗ, ବୌଦ୍ଧ ଜିଲା ଜଗନ୍ନାଥ ଯୁବକ ସଂଘ ପକ୍ଷରୁ ଶବର-ଶବରୁଣୀ, କଳାହାଣ୍ଡି ଜିଲା ଭବାନୀପାଟଣାର ପ୍ରତିଭା ଅନୁଷ୍ଠାନ ପକ୍ଷରୁ ବଜାଶାଲ, ସିଂଘାରୀ ଓ ଘୁମୁରା ନୃତ୍ୟ ଏବଂ ରାୟଗଡ଼ା ଜିଲା ଗାୟତ୍ରୀ କଳା ସଂଗଠନ ପକ୍ଷରୁ ଢେମ୍‌ସା ଜନଜାତି ନୃତ୍ୟ ପରିବେଷଣ ଉତ୍ସବକୁ ମନୋମୁଗ୍ଧକର କରିଥିଲା। ଏହାପରେ ପ୍ରଜ୍ଞାପନ ମେଢ଼ଗୁଡ଼ିକ ଅଭିବାଦନ ମଞ୍ଚ ଅତିକ୍ରମ କରିଥିଲେ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ (ଆଦି ଅନ୍ନ-ମିଲେଟ୍ ମିଶନ), ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ (ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା), ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ (ଓଡ଼ିଶା ଆଦର୍ଶ ବିଦ୍ୟାଳୟ), ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ (ଗ୍ରାମ୍ୟ ଜଳ ଯୋଗାଣ), ପୂର୍ତ୍ତ ବିଭାଗ (ଭିତ୍ତିଭୂମି ବିକାଶ ପ୍ରକଳ୍ପ), ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ (ମୁଖ୍ୟମନ୍ତ୍ରୀ ବୟନଜ୍ୟୋତି ଯୋଜନା), ପର୍ଯ୍ୟଟନ ବିଭାଗ (ବୌଦ୍ଧ ସର୍କିଟ), ଓଡ଼ିଶା ରାଜ୍ୟ ଏଡ୍‌ସ ନିରାକରଣ ସମିତି (ଏଡ୍‌ସ ସଚେତନତା), ଓଡ଼ିଶା ଖଣି ନିଗମ (ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟକ୍ରମ), ଓଡ଼ିଶା ଅଗ୍ନିଶମ ସେବା ଯାନ ପକ୍ଷରୁ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ ହୋଇଥିଲା। ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ.ପାଣ୍ଡିଆନ, ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ଏବଂ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ପ୍ରମୁଖଙ୍କ ସମେତ ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

# 'କପିରେ ନୁହେଁ, ସୃଜନଶୀଳତାର ଭଲ ବ୍ୟବହାର କର'

### ପରୀକ୍ଷା ପେ' ଚର୍ଚ୍ଚା: ଛାତ୍ରୀଛାତ୍ରଙ୍କୁ ଚାପମୁକ୍ତ ଟିପ୍ସ ଦେଲେ ପ୍ରଧାନମନ୍ତ୍ରୀ
### ଲକ୍ଷ୍ୟ, ଟାଇମ୍ ମ୍ୟାନେଜ୍‌ମେଣ୍ଟକୁ ଗୁରୁତ୍ୱ

ଭୁବନେଶ୍ୱର, ୨୭।୧(ବ୍ୟୁରୋ)

ଆଜିକାଲିର ପିଲାଙ୍କଠାରେ ସୃଜନଶୀଳତା ବା କ୍ରିଏଟିଭିଟି ଭରିରହିଛି। ହେଲେ ସେହି ସୃଜନଶୀଳତାକୁ ପରୀକ୍ଷା ସମୟରେ କପି କରିବାରେ ଲଗାଉଛନ୍ତି। ଯଦି ପିଲାମାନେ ତାହାକୁ ଭଲ ଦିଗରେ ବ୍ୟବହାର କରନ୍ତେ ତେବେ ସଫଳତାର ଶୀର୍ଷରେ ପହଞ୍ଚିପାରନ୍ତେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଦିଲ୍ଲୀ ତାଲକୋଟା ଷ୍ଟାଡିୟମ୍‌ରେ ପ୍ରଧାନମନ୍ତ୍ରୀ ମୋଦି ପରୀକ୍ଷା ପେ' ଚର୍ଚ୍ଚାର ଷଷ୍ଠତମ ସଂସ୍କରଣରେ ଛାତ୍ରୀଛାତ୍ରଙ୍କ ସହ କଥା ହେବା ସମୟରେ ଏହିଭଳି ପରାମର୍ଶ ଦେଇଥିଲେ। ପରୀକ୍ଷା ପେ' ଚର୍ଚ୍ଚାରେ ଦେଶର ବହୁ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷକ ଯୋଗ ଦେଇଥିଲେ। ପିଲାମାନେ ସେମାନଙ୍କ ପରୀକ୍ଷା ବ୍ୟବସ୍ଥା ଉପରେ ପ୍ରଧାନମନ୍ତ୍ରୀଙ୍କୁ ବିଭିନ୍ନ ପ୍ରଶ୍ନ ପଚାରୁଥିବାବେଳେ ପ୍ରଧାନମନ୍ତ୍ରୀ ଏହାର ସିଧାସଳଖ ଉତ୍ତର ଦେଇଥିଲେ। ତେବେ ସବୁଠୁ ରୋଚକ ପ୍ରଶ୍ନଟିଏ ପଚାରିଥିଲେ ଓଡ଼ିଶାର ତନ୍ମୟ ବିଶ୍ୱାଳ। କୋଣାର୍କସ୍ଥିତ ଜବାହର ନବୋଦୟ ବିଦ୍ୟାଳୟର ଛାତ୍ର ତନ୍ମୟଙ୍କ ପ୍ରଶ୍ନଟି ଥିଲା ଆଜିକାଲି କପି ଏକ ମାରାତ୍ମକ ବ୍ୟାଧି ଭଳି ମାଡ଼ିଯାଉଥିବାବେଳେ ଏହାକୁ କିପରି ରୋକାଯିବ। କପି କରୁଥିବା ଛାତ୍ରୀଛାତ୍ରଙ୍କୁ ଏହା ନ କରିବାକୁ କ'ଣ ବାର୍ତ୍ତା ଦେବେ ବୋଲି ତନ୍ମୟ ପଚାରିଥିଲେ। ପ୍ରଧାନମନ୍ତ୍ରୀ ଏହି ପ୍ରଶ୍ନଟି ଶୁଣିବା ପରେ କିଛି ସମୟ ପାଇଁ ଭାବୁକ ହୋଇଯାଇଥିଲେ ଏବଂ ଅନେକ ଉଦାହରଣ ଦେଇ ଉତ୍ତର ରଖିଥିଲେ। ସେ କହିଥିଲେ, ପିଲାମାନେ ନିଜ କ୍ରିଏଟିଭିଟିକୁ କପି କରିବାରେ ବ୍ୟବହାର କରୁଛନ୍ତି। ସେମାନେ ଏଭଳି ଢଙ୍ଗରେ କପି ନେଉଛନ୍ତି ଯେ, ପରୀକ୍ଷା ହଲ୍‌ରେ ଥିବା ଶିକ୍ଷକମାନେ ବୋକା ବନି ଯାଉଛନ୍ତି। ଏହି କ୍ରିଏଟିଭିଟିକୁ ଯଦି ପିଲାମାନେ ପାଠପଢ଼ାରେ ଲଗାନ୍ତେ, ତେବେ ସେମାନେ ବିନା କପିରେ ବି ଭଲ କରିପାରନ୍ତେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। କପି କରି ସିନା ପିଲାମାନେ ପରୀକ୍ଷାରେ ପାସ ହୋଇଯିବେ, କିନ୍ତୁ ଆଗକୁ ଯାଇ ଅଟକି ଯିବେ। ଶର୍ଟକର୍ଟରେ ଜୀବନରେ ସଫଳତା ମିଳେନି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇ ପ୍ରଧାନମନ୍ତ୍ରୀ କହିଲେ, ଜୀବନର ଲକ୍ଷ୍ୟ ସ୍ଥିର କରନ୍ତୁ। ଲକ୍ଷ୍ୟ ହାସଲ ପାଇଁ କାମ କରନ୍ତୁ। ଚାପର ବଶବର୍ତ୍ତୀ ହୋଇ ଲକ୍ଷ୍ୟରୁ ବିଚ୍ୟୁତ ହୁଅନ୍ତୁନି। ଟାଇମ୍ ମ୍ୟାନେଜମେଣ୍ଟ ପ୍ରତି ଯତ୍ନଶୀଳ ହୁଅନ୍ତୁ। ନିଜ ମା'ଙ୍କୁ ଦେଖନ୍ତୁ, ଟାଇମ୍ ମ୍ୟାନେଜମେଣ୍ଟର ମହତ୍ତ୍ୱ ବୁଝିପାରିବେ। ସେ ଯେପରି ଘରର ସବୁ କାମ ଠିକ୍ ସମୟରେ କରନ୍ତି, ସେହିପରି ପିଲାଏ ମଧ୍ୟ କରନ୍ତୁ। ଏହାସହ ଚାପମୁକ୍ତ ରହି ପରୀକ୍ଷା ଦେବା ପାଇଁ ପ୍ରଧାନମନ୍ତ୍ରୀ ଟିପ୍ସ ଦେଇଛନ୍ତି। ଆଗକୁ ଦଶମ, ଦ୍ୱାଦଶ ବୋର୍ଡ ପରୀକ୍ଷା ହେବାକୁ ଯାଉଛି। ପସନ୍ଦ ଲାଗୁ ନ ଥିବା ବିଷୟକୁ ସବୁବେଳେ ଛାତ୍ରୀଛାତ୍ର ବୋଝ ଭଳି ଭାବନ୍ତି। ତେବେ ଅପସନ୍ଦ ବିଷୟକୁ ଯଥେଷ୍ଟ ଧ୍ୟାନ ଦେବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

# କୃଷିକ୍ଷେତ୍ରରେ ଯାନ୍ତ୍ରିକୀକରଣ ବର୍ତ୍ତମାନର ଆବଶ୍ୟକତା: ମୁଖ୍ୟମନ୍ତ୍ରୀ

### ପଶ୍ଚିମ ଓଡ଼ିଶା କୃଷି ମେଳା-୨୦୨୩ ଉଦ୍‌ଘାଟିତ

ସମ୍ବଲପୁର,୨୭।୧(ବ୍ୟୁରୋ)


ସମ୍ବଲପୁରରେ ପଶ୍ଚିମ ଓଡ଼ିଶା କୃଷିମେଳା ଉଦ୍‌ଘାଟନ ହେଉଛି।

### ବିବିଧ ଚାଷ ଯୋଗୁ ଆତ୍ମନିର୍ଭର ହୋଇଛନ୍ତି ଚାଷୀ: ମନ୍ତ୍ରୀ

କୃଷି କ୍ଷେତ୍ରରେ ଯାନ୍ତ୍ରିକୀକରଣ ହେଉଛି ବର୍ତ୍ତମାନର ଆବଶ୍ୟକତା। କୃଷି ସମୁଦାୟର ସାମଗ୍ରିକ ବିକାଶ ପାଇଁ ଆମ ସରକାର ପ୍ରତିବଦ୍ଧ। କୃଷି ଓ କୃଷକର ଉନ୍ନତି ମୁଖ୍ୟ ପ୍ରାଥମିକତା। ତେଣୁ କାଳିଆ, ବଳରାମ, ମିଲେଟ୍ ମିଶନ ଭଳି ଯୋଜନା ଲାଗୁ ହୋଇଛି। ଆଗକୁ ମଧ୍ୟ ଯୋଜନା କାର୍ଯ୍ୟକାରୀ କରାଯିବ। ଓଡ଼ିଶାର ଚାଷୀଙ୍କ ପାଇଁ ରାଜ୍ୟକୁ ନିୟମିତ ବ୍ୟବଧାନରେ ଜାତୀୟସ୍ତରରେ ସମ୍ମାନ ମିଳୁଛି ବୋଲି ଭିଡିଓ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ। ସମ୍ବଲପୁର ପିଏଚ୍‌ଡି ପଡିଆରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡିସି) ଏବଂ ଓଡିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ମିଳିତ ଭାବେ ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି) ସହଭାଗିତାରେ ପଶ୍ଚିମ ଓଡ଼ିଶା କୃଷିମେଳା ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ଏହା କହିଥିଲେ।

ଉତ୍ସବରେ ଯୋଗଦେଇ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ, କୃଷି ପ୍ରତି ରାଜ୍ୟର ଏକ କୈନ୍ଦ୍ରିକ ଆଭିମୁଖ୍ୟ ରହିଛି। ୨୦ବର୍ଷ ମଧ୍ୟରେ ରାଜ୍ୟରେ ସମସ୍ତ କୃଷିଜାତ ଦ୍ରବ୍ୟର ଉତ୍ପାଦନ ବୃଦ୍ଧି ପାଇଛି। ରାଜ୍ୟ ଦେଶର ୪ର୍ଥ ସର୍ବବୃହତ୍ ମାଛ ଉତ୍ପାଦନକାରୀ ହୋଇଛି। ଚାଷ ଜମିରେ ବନ୍ୟାର ପ୍ରଭାବ ହ୍ରାସ କରିବା ପାଇଁ ରାଜ୍ୟ ସରକାର ୨୦୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ କରିଛନ୍ତି। କୃଷି ବିବିଧତାରେ ଚାଷ କରିବାକୁ ସେ ଆହ୍ୱାନ ଦେଇଥିଲେ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀ କହିଥିଲେ, ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରେ ଏଭଳି କୃଷକ ମେଳାର ଆୟୋଜନ କରାଯିବ। କୃଷିକ୍ଷେତ୍ର ଆମ ଅର୍ଥନୀତିରେ ୨୦% ଯୋଗଦାନ ଦେଉଛି। ରାଜ୍ୟ ସରକାର କୃଷକମାନଙ୍କ ଆୟ ବୃଦ୍ଧି କରିବା ପାଇଁ ପ୍ରତିବଦ୍ଧ। ଉତ୍ପାଦର ବାଣିଜ୍ୟିକୀକରଣ ଓ ବଜାର ସଂଯୋଗ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ରାଜ୍ୟ ସରକାର ମେଶିନ୍‌ଗୁଡିକ ଉପରେ ୭୫% ସବ୍‌ସିଡି ଦେଉଛନ୍ତି। ସରକାରଙ୍କ ସମସ୍ତ ଯୋଜନାର ଲାଭ ଉଠାଇବାକୁ ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ, ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ, କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାୟକ, ଜିଲା ପରିଷଦ ସଭାପତି କୁମୁଦିନୀ ନାୟକ ମଞ୍ଚାସୀନ ଥିଲେ। ମେଳାରେ ୧୦୦ରୁ ଅଧିକ ଷ୍ଟଲ୍ ଖୋଲାଯାଇଛି। ଏହି ଅବସରରେ ପଶ୍ଚିମ ଓଡିଶାର ୫ ଜଣ ପ୍ରଗତିଶୀଳ କୃଷକଙ୍କୁ କୃଷି ଓ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଥିଲା। ଏହି ମେଳା ୫ଦିନ ଧରି ଚାଲିବ। ଫସଲ ପ୍ରଣାଳୀକୁ ପୁନର୍ଜୀବିତ କରିବା, ଉଦ୍ୟାନ ବିଜ୍ଞାନ ହସ୍ତକ୍ଷେପ ମାଧ୍ୟମରେ କୃଷକଙ୍କ ଆୟ ବୃଦ୍ଧି କରିବା, ଜଳବାୟୁ ଅନୁକୂଳରେ ଚାଷ, କୃଷି ରପ୍ତାନି ପ୍ରୋତ୍ସାହନ, ମାଛ ଉତ୍ପାଦନ ମାଧ୍ୟମରେ ଆୟ ବୃଦ୍ଧି, ପଶୁପାଳନ ମାଧ୍ୟମରେ ରୋଜଗାର ବଢାଇବା ଆଦି ଉପରେ ଅଧିବେଶନ ଆୟୋଜନ ହେବ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

APPOINTMENT
Need experience / fresh Graduate with 2-wheeler for Industrial Marketing based Bhubaneswar for Odisha.
Contact: 9861161203

LR CORPORATE SERVICES
Required B.Sc Nursing / ANM / GNM / Attendant for Home Nursing Service at Bhubaneswar.
Experience: 0-1 years.
Contact for Details
9078554939
Email your CV: rajatbarik1984@gmail.com

See Career Appointment on every Wednesday & Saturday

REQUIRED
Office-PLAN B SOLUTIONS
Recovery & Loan Agency of Bank.
Required Freshers from all Odisha Location. (Male & Female)
Tellicaller Reqd. for Cuttack Location. Qualification- 10th/+2, Salary-5000-7000 Additional incentive also.
W App Mobile Number-6370238812

# ୫ ଅଭିଯୁକ୍ତ ଗିରଫ, ଜେଲ ଗଲେ

## ହକି ତାରକା ପ୍ରବୋଧ ତିର୍କୀଙ୍କ ଘରୁ ଚୋରି ଘଟଣା




ଭୁବନେଶ୍ୱର,୨୭।୧(ବ୍ୟୁରୋ)

- ମେଡାଲ ସମେତ ଚୋରି ଓ ଅନ୍ୟାନ୍ୟ ସାମଗ୍ରୀ ଜବତ
- ତାଲା ପଡ଼ିଥିବା ଘରକୁ ଟାର୍ଗେଟ୍ କରୁଥିଲେ

ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ତଥା ଅଲିମ୍ପିଆଡ୍ ପ୍ରବୋଧ ତିର୍କୀଙ୍କ ଭୁବନେଶ୍ୱର ୟୁନିଟ୍-୬ସ୍ଥିତ ସରକାରୀ ବାସଭବନରୁ ଚୋରି ଘଟଣାରେ କ୍ୟାପିଟାଲ ଥାନା ପୋଲିସ ଶୁକ୍ରବାର ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏୟାରପୋର୍ଟ ଥାନା ଅଞ୍ଚଳରେ ରହୁଥିବା ଚିତ୍ତରଞ୍ଜନ ଦଳେଇ, ସୁକାନ୍ତ ନାୟକ, ଖାରବେଳନଗର ଥାନା ଅଞ୍ଚଳରେ ରହୁଥିବା ମିଲୁ ବେହେରା, ନୟାପଲ୍ଲୀ ଥାନା ଅଞ୍ଚଳରେ ରହୁଥିବା ଜି ଗଙ୍ଗା ଓ ରାଜା ମହାଲିକ୍। ଅଭିଯୁକ୍ତଙ୍କଠାରୁ ଚୋରି ହୋଇଥିବା ୫ ପଦକ ସମେତ ୨ଟି ଟିଭି, ସୁନା ଚେନ, ସୁନା ମୁଦି, ଗୋଟିଏ କମ୍ପ୍ୟୁଟର ଓ ଏଥିରେ ବ୍ୟବହୃତ ଅଟୋ, ସ୍କୁଟି, ୧୦ଟି ଗ୍ୟାସ ସିଲିଣ୍ଡର ଆଦି ଜବତ ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏମାନଙ୍କ ନାମରେ ପୂର୍ବରୁ ଏକାଧିକ ମାମଲା ରହିଥିବା ପୋଲିସ କହିଛି। ତେବେ ଏହି ଗ୍ୟାଙ୍ଗରେ ସମ୍ପୃକ୍ତ ୨ରୁ ଅଧିକ ଫେରାର ଥିବା ଜଣାପଡ଼ିଛି। ପୋଲିସ ସେମାନଙ୍କୁ ଗିରଫ କରିବାକୁ ଅଧିକ ଖୋଳତାଡ଼ କରୁଛି।

ସୂଚନାଯୋଗ୍ୟ, ହକି ବିଶ୍ୱକପ୍ ପାଇଁ ପ୍ରବୋଧ ରାଉରକେଲାରେ ଥିବାବେଳେ ତାଙ୍କ ପରିବାର ଲୋକେ ମଧ୍ୟ କିଛିଦିନ ତଳେ ସୁନ୍ଦରଗଡ଼ସ୍ଥିତ ଗାଁକୁ ଚାଲିଯାଇଥିଲେ। ଜଣେ କେୟାର ଟେକର୍ ତାଙ୍କ ଘରର ଦେଖାଶୁଣା କରୁଥିଲେ। ଶୁକ୍ରବାର ଅଭିଯୁକ୍ତମାନେ ତାଲା ଭାଙ୍ଗି ଘରେ ପଶି ଚୋରି କରିଥିଲେ। ଶନିବାର କେୟାର ଟେକର ଜଣକ ଚୋରି ହୋଇଥିବା ଦେଖି ପ୍ରବୋଧଙ୍କୁ ଜଣାଇଥିଲେ। ଏନେଇ ପ୍ରବୋଧଙ୍କ ସମ୍ପର୍କୀୟ ଜନ ଏକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୫୬/୨୦୨୩) ରୁଜୁ ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିବାବେଳେ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ନମୁନା ସଂଗ୍ରହ କରିଥିଲା। ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ୍‌ରୁ ଅଭିଯୁକ୍ତଙ୍କୁ ଚିହ୍ନଟ ପରେ ବିଭିନ୍ନ ବସ୍ତିରେ ଚଢ଼ାଉ କରାଯାଇଥିଲା। ତେବେ ଦୀର୍ଘଦିନ ପର୍ଯ୍ୟନ୍ତ ତାଲା ପଡୁଥିବା ଘରକୁ ଅଭିଯୁକ୍ତମାନେ ଟାର୍ଗେଟ କରି ଚୋରି କରିଥାନ୍ତି ବୋଲି ଜୋନ୍ ଏସିପି ମାନସ ଗଡ଼ନାୟକ କହିଛନ୍ତି।

# ତାଳଚେର ବିଧାୟକଙ୍କୁ ପୁଣି ଇଡି ଜେରା

ଭୁବନେଶ୍ୱର,୨୭।୧(ବ୍ୟୁରୋ)

ତାଳଚେରର ବିଜେଡି ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କୁ ଶୁକ୍ରବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱିତୀୟ ପର୍ଯ୍ୟାୟରେ ପୁଣି ୩ ଘଣ୍ଟାରୁ ଊର୍ଦ୍ଧ୍ୱ ଜେରା କରିଛି। ଏହାପୂର୍ବରୁ ଗତ ଜାନୁୟାରୀ ୨୦ରେ ସେ ଇଡି ଦ୍ୱାରା ୭ ଘଣ୍ଟାରୁ ଅଧିକ ସମୟ ଜେରା ହୋଇଥିଲେ। ତେବେ ଅପରାହ୍ନରେ ବିଧାୟକ ବ୍ରଜ ଇଡି କାର୍ଯ୍ୟାଳୟରୁ ବାହାରିବା ସମୟରେ ଗଣମାଧ୍ୟମର ଏକାଧିକ ପ୍ରଶ୍ନରେ କୌଣସି ଉତ୍ତର ନ ଦେଇ ଚାଲି ଯାଇଥିଲେ। ଅନ୍ୟପକ୍ଷରେ ବ୍ରଜଙ୍କ ଜାଣତରେ ତାଳଚେର, ଢେଙ୍କାନାଳ ଏବଂ ଅନ୍ୟ ଜିଲାରେ ଖଣି ଖନନ ଚାଲିଥିବା କୁହାଯାଉଛି।

ସୁଧାଂଶୁ ହୋତା ନାମକ ଜଣେ ଟ୍ରାନ୍ସପୋର୍ଟ କମ୍ପାନୀ ମାଲିକଙ୍କ ସହ ତାଙ୍କ ଲିଙ୍କ୍‌କୁ ନେଇ ଇଡି ଜେରା କରିଥିବା ସୂଚନା ମିଳିଛି। ପୂର୍ବରୁ ସୁଧାଂଶୁଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଆୟକର ବିଭାଗ ଚଢ଼ାଉ କରିଥିଲା। ଏହି ଚଢ଼ାଉରେ ବିପୁଳ ଟଙ୍କା ସମେତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଆଦି ଜବତ ହୋଇଥିଲା। ତଦନ୍ତ ସମୟରେ ସୁଧାଂଶୁଙ୍କ ସହ ବିଧାୟକ ବ୍ରଜଙ୍କ ସମ୍ପର୍କ ଥିବା ଜଣାପଡ଼ିଥିଲା। ପରବର୍ତ୍ତୀ ସମୟରେ ବେଆଇନ ଅର୍ଥ କାରବାର ଦିଗକୁ ନେଇ ଇଡି ନିଜ ଆଡୁ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ତେବେ ବ୍ରଜ ଗଣମାଧ୍ୟମ ଆଗରେ ଚୁପ ରହିବା ତାଙ୍କ ଅର୍ଥ କାରବାର ଦିଗକୁ ନେଇ ସନ୍ଦେହ ବଢ଼ାଉଛି। ଆଗାମୀ ଦିନରେ ଇଡି କାର୍ଯ୍ୟାଳୟରେ ସେ ପୁଣି ହାଜର ହୋଇପାରନ୍ତି ବୋଲି ସୂଚନା ମିଳିଛି।

# ଜାନୁୟାରୀରୁ ଅସମ୍ଭାଳ ହେଲାଣି

## ୩୦ରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୨୭।୧(ବ୍ୟୁରୋ):** ଜାନୁୟାରୀ ଶେଷ ହୋଇନି। ଶୀତ ଗାଏବ। ବିନା ପଙ୍ଖାରେ ଆଉ ଶୋଇବା ସମ୍ଭବ ହେଉନାହିଁ। ଗତ ୩/୪ ଦିନ ଭିତରେ ଦିନ ତାପମାତ୍ରା ୪ରୁ ୫ ଡିଗ୍ରୀ ସେଲ୍‌ସିୟସ ଉପରକୁ ଉଠିଯାଇଛି। ମିଳିଥିବା ସୂଚନା ଅନୁଯାୟୀ ବାଲେଶ୍ୱରରେ ସର୍ବୋଚ୍ଚ ତାପମାତ୍ରାରେ ୫.୬ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇଥିବା ବେଳେ ସମ୍ବଲପୁର ୫.୫, ଅନୁଗୋଳ ୪.୮, ଝାରସୁଗୁଡ଼ା ୪.୮, ପାରାଦୀପ ୪.୬, କେନ୍ଦୁଝର ୪.୩, ଭୁବନେଶ୍ୱର ୪.୨, ଚାନ୍ଦବାଲି ୪.୧ ଏବଂ ଫୁଲବାଣୀରେ ୪ ଡିଗ୍ରୀ ସେଲ୍‌ସିୟସ ବଢ଼ିଯାଇଛି। ଶୁକ୍ରବାର ବୌଦ୍ଧରେ ସର୍ବାଧିକ ତାପମାତ୍ରା ୩୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ତାଳଚେର ୩୪.୪, ଗୋପାଳପୁର ୩୩.୮, ଝାରସୁଗୁଡ଼ା ୩୩.୬ ଏବଂ ନବରଙ୍ଗପୁରରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଦକ୍ଷିଣ ପଶ୍ଚିମ ଦିଗରୁ ବାୟୁ ପ୍ରବାହିତ ହେବା ସହ ସମୁଦ୍ରରୁ ଆସୁଥିବା ଜଳୀୟ ବାଷ୍ପ ହଠାତ୍ ବନ୍ଦ ହୋଇ ଯାଇଛି। ଏହାର ପ୍ରଭାବରେ ହଠାତ୍ ଗରମ ବଢ଼ିଯାଇଛି। ତେବେ ଗରମ ବଢ଼ିଯାଇଥିବାରୁ ଆସନ୍ତା ୩୦ ଓ ୩୧ରେ ରାଜ୍ୟରେ ବର୍ଷାର ସମ୍ଭାବନା ରହିଛି।






ଯେଉଁ ଲୋକ ତୁମ ଉପରେ ରାଗୁଛି ବା ତୁମକୁ ଅପମାନ କରୁଛି–ତୁମର ଆଗ ବୁଝିବା ଉଚିତ ଯେ, ସେ ଗୋଟିଏ ଦୁର୍ବଳ ଲୋକ। ଏଣୁ ସେ ଏତେ ରାଗୁଛି। କିନ୍ତୁ ତୁମେ ଯଦି ତା'ର ଏହି ରାଗ ଓ ହିଂସାର ପ୍ରତ୍ୟୁତ୍ତର ଦିଅ ବା ପ୍ରତିକ୍ରିୟା ଦେଖାଅ– ତେବେ ଏ କଥା ନିଶ୍ଚୟ ଜାଣିବ ଯେ, ତୁମେ ମଧ୍ୟ ତା'ଭଳି ଏକ ଦୁର୍ବଳ ବ୍ୟକ୍ତି। –ଶ୍ରୀମା



# ନିଯୁକ୍ତି ଆଲୋଡ଼ନ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସିକିମ୍ ସରକାର ୧୯୮୯ ବ୍ୟାଚ୍ ଆଇପିଏସ୍ ଅଧିକାରୀ ଏ.ସୁଧାକର ରାଓଙ୍କୁ ଗୃହ ବିଭାଗରେ ଅତିରିକ୍ତ ମୁଖ୍ୟ ସଚିବ ଭାବେ ନିଯୁକ୍ତ କରିଛନ୍ତି। ସରକାରଙ୍କ ଏହି ପଦକ୍ଷେପକୁ ନେଇ ଏବେ ଆଲୋଡନ ସୃଷ୍ଟି ହୋଇଛି। କାରଣ ରାଓ ଏହା ପୂର୍ବରୁ ୱେଷାଲ ବ୍ରାଞ୍ଚର ସ୍ୱତନ୍ତ୍ର ପୋଲିସ ମହାନିର୍ଦ୍ଦେଶକ(ଏସ୍‌ଡିଜିପି) ଭାବେ ନିଯୁକ୍ତ ହୋଇଥିଲେ ଏବଂ ଏପରି କି ସେ ରାଜ୍ୟ ଡିଜିପିର ଅତିରିକ୍ତ ଦାୟିତ୍ୱ ସମ୍ଭାଳୁଥିଲେ। ପର୍ଯ୍ୟବେକ୍ଷକଙ୍କ ମତରେ, ପାରମ୍ପରିକ ଭାବେ ସରକାର ଆଇଏଏସ୍ କ୍ୟାଡର ପାଇଁ ଉଦ୍ଦିଷ୍ଟ ପଦବୀରେ ଜଣେ ଆଇପିଏସ୍ ଅଧିକାରୀଙ୍କୁ ଅବସ୍ଥାପିତ କରିବା ଧାରାକୁ କେହି ଅଟକାଇପାରୁ ନ ଥିବାବେଳେ ବସ୍ତୁତଃ ଏଭଳି ନିଯୁକ୍ତି ନିଶ୍ଚିତ ଭାବେ ନିଆରା। ତେବେ ଉକ୍ତ ଘଟଣାରେ ରାଓଙ୍କ ଅତୀତର ସଫଳତା ଓ ବିଫଳତା ନେଇ ଅନ୍ୟମାନେ ଆଲୋଚନା କରିବା ଆରମ୍ଭ କରିଦେଇଛନ୍ତି। ଗତବର୍ଷ ଯେତେବେଳେ ରାଓଙ୍କୁ ରାଜ୍ୟ ଡିଜିପି ଦାୟିତ୍ୱ ଦିଆଯାଇଥିଲା ସେତେବେଳେ ଏହି ଅଧିକାରୀଙ୍କ ବିରୋଧରେ ଗୁରୁତର ଅଭିଯୋଗ ଥିବାରୁ ତାଙ୍କ ନିଯୁକ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ଦୁଇ ଜଣ କନିଷ୍ଠ ଅଧିକାରୀଙ୍କ ଅଭିଯୋଗକୁ ଭିତ୍ତିକରି ସିବିଆଇ ରାଓଙ୍କୁ ଦୋଷୀ କରିଥିଲା ଏବଂ କାର୍ଯ୍ୟାନୁଷ୍ଠାନ ପାଇଁ ଉକ୍ତ ମାମଲାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ(ଏମ୍‌ଏଚ୍‌ଏ)କୁ ପଠାଯାଇଥିଲା, ଯାହା ଏଯାବତ ସେଠାରେ ପଡ଼ିରହିଛି। ରାଓଙ୍କ ବିରୋଧରେ ଅଭିଯୋଗ ସ୍ଥଗିତ ରହିଥିବାରୁ ତାଙ୍କୁ ଜଣେ ଅନ୍ତରୀଣ ଡିଜିପି ଭାବେ ଦାୟିତ୍ୱ ଦେଇ ରାଜ୍ୟ ସରକାର ସମ୍ଭବତଃ ତାଙ୍କ ପସନ୍ଦ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ରାଓଙ୍କ ବିରୋଧରେ ଅଭିଯୋଗ ଥିବାରୁ ଉକ୍ତ ପଦବୀରେ ରହିବା ଲାଗି ଦାବି କରିବା ତାଙ୍କ ପକ୍ଷେ କଠିନ ଥିଲା। ତେବେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଭାବେ ରାଓଙ୍କ ନିଯୁକ୍ତିକୁ ଦେଖିଲେ ଜଣାପଡ଼େ ସେ ଦ୍ୱନ୍ଦ୍ୱରୁ ବାହାରେ ରହିଛନ୍ତି।

### ସରକାରରେ ଅସମାନତା

ମହାରାଷ୍ଟ୍ର ସରକାରର ନେତୃତ୍ୱ ଏବେ ଦୁଇ ଜଣ ନେଉଛନ୍ତି। ଜଣେ ହେଲେ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଓ ଅନ୍ୟ ଜଣେ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍। ଏଠାରେ ଫଡ୍‌ନବିସ୍ ଜଣେ ଦୃଢ ନେତା ଓ ପ୍ରକୃତ କ୍ଷମତା କେନ୍ଦ୍ର ଭାବେ ଉଭା ହୋଇଛନ୍ତି। ଏହି ଦୁହିଁଙ୍କ ମଧ୍ୟରେ ଥିବା ଅସହଜ ଓ ଅସମାନ ସମ୍ପର୍କ ଏବେ ରାଜ୍ୟ ପ୍ରଶାସନରେ ପ୍ରତିଫଳିତ ହୋଇଛି। ନିକଟରେ ରାଜ୍ୟ ସରକାର ଫଡ୍‌ନବିସଙ୍କ ନିକଟତମ ବୁଝାଯାଉଥିବା ଆଇଏଏସ୍ ଅଧିକାରୀ ଦେବେନ ଭାରତୀଙ୍କୁ ପ୍ରଥମ ଥର ପାଇଁ ମୁମ୍ବାଇ ପୋଲିସ କମିଶନର ଭାବେ ନିଯୁକ୍ତ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ଆଇପିଏସ୍ ବିବେକ ଫାନ୍‌ସାଲକର ପୋଲିସ କମିଶନର ଥିବାବେଳେ ସରକାରଙ୍କ ଏଭଳି ନିଯୁକ୍ତି ଫଡ୍‌ନବିସ ଏବଂ ଶିନ୍ଦେଙ୍କ ମଧ୍ୟରେ ଏକ ଜୋରଦାର ଲଢ଼େଇର ସଙ୍କେତ ବୋଲି ପର୍ଯ୍ୟବେକ୍ଷକମାନେ ସୂଚାଉଛନ୍ତି। ମୋଟ ଭାବେ ଉଭା ହୋଇଥିବା ଦୁଇ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଏଭଳି ପ୍ରଶାସନିକ ଫାଟ ସମ୍ପର୍କିତ ବହୁ ଘଟଣା ବାବୁ ପର୍ଯ୍ୟବେକ୍ଷକମାନେ ଦର୍ଶାଇଛନ୍ତି। ସୂତ୍ରରୁ ଜଣାପଡ଼ିଛି, ଶିନ୍ଦେଙ୍କୁ ଜଣେ ପ୍ରତୀକାତ୍ମକ ମୁଖ୍ୟମନ୍ତ୍ରୀ ଭାବେ ମନେକରାଯାଉଥିବାବେଳେ ଉପମୁଖ୍ୟମନ୍ତ୍ରୀ ଫଡ୍‌ନବିସଙ୍କୁ ଜଣେ ପ୍ରଭାବଶାଳୀ ତଥା ଅସଲ ନିୟନ୍ତ୍ରକ ଭାବେ ଦେଖାଯାଉଛି। ଏଭଳି ଅସମାନତା ସଚିବାଳୟ ଏପରିକି ଜିଲା ପ୍ରଶାସନ ସ୍ତରରେ ବ୍ୟାପିଛି ଏବଂ ବାବୁମାନେ ଉକ୍ତ ଲଢ଼େଇରେ ଫସୁଛନ୍ତି। ଏହାକୁ ନେଇ ବାବୁ ସ୍ତରରେ ଥିବା ଅତ୍ୟଧିକ ଅସନ୍ତୋଷ ଶିନ୍ଦେ ସରକାରଙ୍କ ପାଇଁ ଶୁଭ ନୁହେଁ।

### ରାଜନୈତିକ ପ୍ରତିଧ୍ୱନି

୨୦୧୪ରେ ଆନ୍ଧ୍ରପ୍ରଦେଶ(ଏପି)ର ବିଭାଜନ ହେବା ପରେ ଅପ୍ରୀତିକର ପରିଣାମ ଏବେ ବି ଲାଗିରହିଛି। ତେଲଙ୍ଗାନାରେ କାର୍ଯ୍ୟ କରୁଥିବା ଏପି କ୍ୟାଡର ଅଧିକାରୀମାନଙ୍କୁ ଆନ୍ଧ୍ରପ୍ରଦେଶ ପ୍ରତ୍ୟାବର୍ତ୍ତନ କରିବା ପାଇଁ ତେଲଙ୍ଗାନାରେ ଦାବି ତୀବ୍ର ହେଉଛି। ଏହି ଘଟଣାକୁ ନେଇ ରାଜନୈତିକ ପ୍ରତିଧ୍ୱନି ସୃଷ୍ଟି ହୋଇଛି। ନିକଟରେ ତେଲଙ୍ଗାନାର ଜଣେ ବରିଷ୍ଠ ଭାଜପା ନେତା ତାଙ୍କ ରାଜ୍ୟରେ କାର୍ଯ୍ୟରତ ଥିବା ଆନ୍ଧ୍ରପ୍ରଦେଶ କ୍ୟାଡରର ୧୫ ଜଣ ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀଙ୍କ ବିରୋଧରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ରେ ଅଭିଯୋଗ କରିଛନ୍ତି। ଏପରି କି ସୁପ୍ରିମକୋର୍ଟ ଏହି ଘଟଣା ଉପରେ ତାଙ୍କର ସ୍ପଷ୍ଟୀକରଣ ଦେଇସାରିଥିଲେ ମଧ୍ୟ ସେ ସ୍ୱୀକାର କରୁନାହାନ୍ତି। ଜଣାପଡ଼ିଛି ଯେ, କିଛିଦିନ ପୂର୍ବେ ପୂର୍ବତନ ମୁଖ୍ୟ ଶାସନ ସଚିବ ସୋମେଶ କୁମାରଙ୍କୁ ତାଙ୍କ ଆବଣ୍ଟିତ ଏପି କ୍ୟାଡରକୁ ପଠାଇ ଦିଆଯାଇଥିଲା। ଏବେ ତେଲଙ୍ଗାନା ଡିଜିପି ଅଞ୍ଜାନି କୁମାରଙ୍କୁ ମଧ୍ୟ ଆନ୍ଧ୍ରପ୍ରଦେଶ ପଠାଇଦିଆଯିବା ଉଚିତ ବୋଲି ଦାବି ହେଉଛି। ସୂତ୍ରରୁ ପ୍ରକାଶ ଯେ, ଆନ୍ଧ୍ରପ୍ରଦେଶ ବିଭାଜନ ସମୟରେ ଅଧିକାରୀ ତେଲଙ୍ଗାନାରେ ରହିବାକୁ ପସନ୍ଦ କରିଥିଲେ ଏବଂ ତେଲଙ୍ଗାନା କ୍ୟାଡରରେ କେତେଜଣ ଅଧିକାରୀ ଅବଶିଷ୍ଟ ଆନ୍ଧ୍ରପ୍ରଦେଶରେ ରହିବାକୁ ଚାହିଁଥିଲେ। ପରେ ବିଭ୍ରାଟରେ କିଛି ପଦବୀ ସୃଷ୍ଟି କରାଯାଇଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ କେତେକଙ୍କୁ ବାଦ୍ ଦିଆଯାଇଥିଲା, ଯାହାଙ୍କ ଉପରେ ଏବେ ତର୍ଜମା ଚାଲିଛି। ଏହି ସମୟରେ ୨୦୧୪ରେ ଆନ୍ଧ୍ରପ୍ରଦେଶକୁ ବଦଳି କରାଯାଇଥିବା ୧୨ ଜଣ ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀ ସେମାନଙ୍କ ବଦଳିକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହାଇକୋର୍ଟ ସେମାନଙ୍କ କ୍ଷେତ୍ରକୁ ବଦ କରି ସୋମେଶ କୁମାରଙ୍କୁ ଆନ୍ଧ୍ରପ୍ରଦେଶକୁ ବଦଳି କରିବାକୁ ନିର୍ଦ୍ଦେଶ ଦେବା ପରେ ସେମାନେ ସୁପ୍ରିମକୋର୍ଟକୁ ଯାଇଛନ୍ତି। ତେବେ ବିନା ନ୍ୟାୟିକ ଯୁଦ୍ଧରେ ସେମାନେ ଛାଡ଼ିଦେବାକୁ ଚାହୁଁ ନ ଥିବା ସ୍ପଷ୍ଟ ହେଉଛି।

Email: dilipcherian@gmail.com

su|do|ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | | | | | 5 | |
| | | | | | 7 | 3 | 8 | |
| | | 8 | 5 | 2 | 4 | | | |
| | | | | | 5 | | | |
| | | | 2 | | | 4 | | |
| | | 4 | | 9 | 1 | | | |
| 6 | | 9 | | | | | | 8 |
| | 7 | | | | 3 | 6 | | |
| | 3 | | | 7 | | 2 | 9 | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 8 | 3 | 7 | 2 | 6 | 9 | 5 | 1 |
| 9 | 2 | 5 | 3 | 1 | 8 | 6 | 4 | 7 |
| 1 | 6 | 7 | 9 | 4 | 5 | 2 | 3 | 8 |
| 2 | 9 | 6 | 8 | 3 | 4 | 1 | 7 | 5 |
| 3 | 5 | 8 | 1 | 6 | 7 | 4 | 9 | 2 |
| 7 | 4 | 1 | 5 | 9 | 2 | 8 | 6 | 3 |
| 5 | 1 | 9 | 6 | 8 | 3 | 7 | 2 | 4 |
| 8 | 7 | 4 | 2 | 5 | 9 | 3 | 1 | 6 |
| 6 | 3 | 2 | 4 | 7 | 1 | 5 | 8 | 9 |

ଗତ ସଂସ୍କରଣର ଉତ୍ତର

# ଶକ୍ତିର ଆଗାମୀ ଉତ୍ସ ଉଦ୍‌ଜାନ



ଡ. ଜୟକୃଷ୍ଣ ପାଣିଗ୍ରାହୀ

ଊନବିଂଶ ଶତାବ୍ଦୀ ମଧ୍ୟଭାଗ ବେଳକୁ ଶିଳ୍ପ ବିପ୍ଳବ ପ୍ରଗତିର ପରିଣାମରେ କୋଇଲା ବ୍ୟବହାର ବୃଦ୍ଧି ହେବା ସହ ଶକ୍ତି ଉତ୍ସରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟିଲା। ପରେ ବିଂଶ ଶତାବ୍ଦୀ ପ୍ରାରମ୍ଭ ବେଳକୁ ମୁଖ୍ୟ ନିର୍ଭରଶୀଳତା କୋଇଲା ଉପରେ ଥିଲା ସତ, କିନ୍ତୁ ଏହା କ୍ରମଶଃ ତୈଳ ପରି ଉଚ୍ଚ ଶକ୍ତିସମ୍ପନ୍ନ ଉତ୍ସକୁ ଧୀରେ ଧୀରେ ପରିବର୍ତ୍ତିତ ହୋଇ ଚାଲିଲା। ବିଂଶ ଶତାବ୍ଦୀର ଶେଷ ଭାଗରେ, ଶକ୍ତିର ମୁଖ୍ୟ ଉତ୍ସ ଭାବରେ ପେଟ୍ରୋଲିୟମ ଉତ୍ପାଦଗୁଡ଼ିକର ପ୍ରାଧାନ୍ୟ ବିସ୍ତାର ଏବଂ ଏହା ଉପରେ ବିଶ୍ୱ ଅର୍ଥନୀତିର ନିର୍ଭରଶୀଳତା ଏକ ଉଚ୍ଚ ସୋପାନରେ ଉପନୀତ ହେଲା। ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳର ଅଗ୍ରଗତି ସହିତ ପ୍ରାକୃତିକ ଗ୍ୟାସ୍ ପରି ଜୀବାଶ୍ମ ଇନ୍ଧନର ଅଧିକ ଦକ୍ଷ ଉତ୍ସଗୁଡ଼ିକ ବିଶେଷ ଆଦୃତ ହେଲା ଏବଂ ଶକ୍ତିର ସମ୍ପୂର୍ଣ୍ଣ ନୂତନ ରୂପ ରୂପେ ନାଭିକୀୟ ବିଭାଜନ (ନ୍ୟୁକ୍ଲିଅର୍ ଫିସନ) ଉପଲବ୍ଧ ହେଲା। ଏହି କ୍ରମରେ ଜଳ ବିଦ୍ୟୁତ୍, ପବନ ଏବଂ ସୌରଶକ୍ତି ପରି ନବୀକରଣଯୋଗ୍ୟ ଉତ୍ସ କ୍ରମଶଃ ବିକଳ୍ପ ଶକ୍ତିର ଉତ୍ସ ଭାବରେ ଉଭାହେଲା, ଯଦିଓ ଏସବୁ ଅକ୍ଷୟ ଶକ୍ତି ଏପର୍ଯ୍ୟନ୍ତ ଆଶାନୁଯାୟୀ ପ୍ରାଧାନ୍ୟ ହାସଲ କରିପାରି ନାହିଁ।

ସମ୍ପ୍ରତି ଏକବିଂଶ ଶତାବ୍ଦୀରେ କୋଇଲା, ତୈଳ ଏବଂ ପ୍ରାକୃତିକ ଗ୍ୟାସ (ତୁଳନାତ୍ମକ ଭାବେ କମ୍) ପରି ଜୀବାଶ୍ମ ଇନ୍ଧନ ଧୀରେ ଧୀରେ ଅନାଦୃତ ହେବା ସହିତ ଶକ୍ତି ଉତ୍ସରେ ପ୍ରମୁଖ ପରିବର୍ତ୍ତନର ସୂତ୍ରପାତ ଘଟୁଛି। ଏହାର ମୌଳିକ କାରଣ ହେଉଛି ଜୀବାଶ୍ମ ଇନ୍ଧନର ବିସ୍ତୃତ ବ୍ୟବହାରରେ ଅଙ୍ଗାରକାମ୍ଳ ପରି ସବୁଜଗୃହ ବାଷ୍ପ ଏବଂ ଅନ୍ୟାନ୍ୟ ବହୁ ପ୍ରଦୂଷକ ପଦାର୍ଥ ବାୟୁମଣ୍ଡଳକୁ ନିର୍ଗତ ହୋଇ ପ୍ରଦୂଷଣ, ବିଶ୍ୱତାପନ ଏବଂ ଜଳବାୟୁ ପରିବର୍ତ୍ତନ ପରି ବହୁ ଗମ୍ଭୀର ପରିବେଶୀୟ ସମସ୍ୟାର କାରଣ ପାଲଟିଛି। ପରିଣାମରେ ବାତ୍ୟା, ବନ୍ୟା, ମରୁଡ଼ି, ଭୂସ୍ଖଳନ, ସମୁଦ୍ର ପତ୍ତନ ବୃଦ୍ଧି ପରି ବହୁ ପ୍ରାକୃତିକ ବିପର୍ଯ୍ୟୟ ଘଟିବା ସହ ବିବିଧ ସ୍ୱାସ୍ଥ୍ୟ ସମସ୍ୟାର ସୃଷ୍ଟି ଏବଂ ଜୈବ ବିବିଧତାର ଅବକ୍ଷୟ ହେଉଛି। ଏପରି ଦୃଶ୍ୟପଟରେ ନିର୍ଗତ ଅଙ୍ଗାରକକୁ ଅଧିକୃତ, ଗଚ୍ଛିତ ଏବଂ ବିନିଯୋଗ କରିବାର ପଦ୍ଧତି; ଶକ୍ତି ଉତ୍ପାଦନ ପ୍ରଣାଳୀରେ ଅଙ୍ଗାରକବିହୀନ ପ୍ରକ୍ରିୟା ; ଶକ୍ତିଦକ୍ଷତା ; ଶକ୍ତି ସଞ୍ଚୟ ଏବଂ ଶକ୍ତି ଅପଚୟ ରୋକିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି। ଶକ୍ତି ଉତ୍ସଗୁଡ଼ିକର ପରିବେଶୀୟ ପ୍ରଭାବ ଏକ ପ୍ରମୁଖ ବିଚାର୍ଯ୍ୟ ପ୍ରସଙ୍ଗ ପାଲଟିଛି। ବିପରୀତ ଦିଗରେ, ବର୍ତ୍ତମାନ ସୌର, ପବନ, ସମୁଦ୍ର ଢେଉ ଏବଂ ଭୂଉତ୍ତାପ ଶକ୍ତି ପରି ସ୍ୱଚ୍ଛ, ନବୀକରଣ–ଯୋଗ୍ୟ ଉତ୍ସ ଶକ୍ତି ଆବଶ୍ୟକତାର ପୂରଣ ନିମନ୍ତେ ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବା ଦିଗରେ ଅଗ୍ରସର ହେଉଛନ୍ତି। ଏ ଦିଗରେ ବୈଜ୍ଞାନିକମାନଙ୍କର ନିରବଚ୍ଛିନ୍ନ ପ୍ରୟାସ ଜାରି ରହିଛି। ଏହା ସହିତ ଜୈବପ୍ରଯୁକ୍ତିର ଅଗ୍ରଗତି ଜୈବିକ ଉତ୍ସରୁ ଉତ୍ପନ୍ନ ଜୈବ–ଇଥାନଲ୍ ଏବଂ ଜୈବ–ଡିଜେଲ ପରି




ଇନ୍ଧନର ସମ୍ଭାବନାକୁ ଅଧିକ ଉଜ୍ଜ୍ୱଳ କରିଛି। ଯଦି ନାଭିକୀୟ ମିଳନ (ନ୍ୟୁକ୍ଲିଅର୍ ଫ୍ୟୁଜନ) ବ୍ୟବସାୟିକ ଭାବରେ ସଫଳତା ଅର୍ଜନ କରେ, ତେବେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସର ଭୂମିକା ନିର୍ବାହ କରିପାରେ। ଏସବୁ ମଧ୍ୟରେ ଏକ ନୂତନ ସମ୍ଭାବନା ଓ ସାଫଲ୍ୟର ପଥ ଉନ୍ମୋଚିତ ହୋଇଛି, ଯାହା ହେଉଛି ଶକ୍ତିର ଉତ୍ସାହଜନକ ଉତ୍ସ ରୂପେ ଉଦ୍‌ଜାନର ବ୍ୟବହାର। ଏହା ପ୍ରାରମ୍ଭିକ ସ୍ତରରେ ମୁଖ୍ୟତଃ ଯାନବାହନ, ଛୋଟ ଶକ୍ତି ପ୍ରଦାନକାରୀ ଜେନେରେଟର୍ ଏବଂ ପୋର୍ଟେବଲ ଉପକରଣକୁ ଶକ୍ତି ଯୋଗାଉଥିବା ଇନ୍ଧନ କୋଷ (ଫୁଏଲ ସେଲ)ଗୁଡ଼ିକରେ ବ୍ୟବହୃତ ହେବା ଆରମ୍ଭ ହୋଇଛି।

ସମ୍ପ୍ରତି ଉଦ୍‌ଜାନ ଶକ୍ତିକୁ ନେଇ ବିତର୍କ ଅଧିକତର ଧ୍ୟାନ ଆକର୍ଷଣ କରିବାରେ ଲାଗିଛି। ଉଦ୍‌ଜାନ ଏକ ରଙ୍ଗହୀନ, ଗନ୍ଧହୀନ, ସ୍ୱାଦହୀନ, ଅଣ–ବିଷାକ୍ତ ଏବଂ ଅତ୍ୟଧିକ ଦହନଶୀଳ ଗ୍ୟାସୀୟ ପଦାର୍ଥ। ଭାରୀ ଶିଳ୍ପ କ୍ଷେତ୍ରକୁ ଉତ୍ତମ ସେବା ପ୍ରଦାନ କରୁଥିବା ଉଦ୍‌ଜାନ ଏବେ ପରିବହନ ଏବଂ ଜାହାଜ ଜଗତକୁ ଅଙ୍ଗାରକ–ଶୂନ୍ୟ କରିବା ଦିଗରେ ସର୍ବାଗ୍ରେ ରହିଛି। ନିଟ୍–ଶୂନ୍ୟ ଅଙ୍ଗାରକ ଲକ୍ଷ୍ୟ ହାସଲ ନିମନ୍ତେ ଏବଂ ଶୂନ–ନିର୍ଗମନ ଇନ୍ଧନ ସୃଷ୍ଟି ଲକ୍ଷ୍ୟରେ ଅଭିନବ ପ୍ରକଳ୍ପଗୁଡ଼ିକରେ ଶହ ଶହ କୋଟି ଡଲାର ଅର୍ଥ ବିନିଯୋଗ ହେଉଛି। ତେବେ ଉଦ୍‌ଜାନ ନିର୍ଗତ ଶକ୍ତି ଏବେ ତିନୋଟି ରୂପରେ ଉପଲବ୍ଧ ହେଉଛି– ଧୂସର, ନୀଳ ଏବଂ ସବୁଜ। ଧୂସର ରୂପ ହେଉଛି ଉଦ୍‌ଜାନ ସବୁଠାରୁ ସାଧାରଣ ରୂପ, ଯାହା ଜୀବାଶ୍ମ ଇନ୍ଧନ ବ୍ୟବହାରରେ ସୃଷ୍ଟ ଏବଂ ଏହି ପ୍ରକ୍ରିୟାରେ ଅଙ୍ଗାରକାମ୍ଳ ନିର୍ଗମନ ହୋଇ ବାୟୁମଣ୍ଡଳକୁ ମୁକ୍ତ ହୋଇଥାଏ। ନୀଳ ଉଦ୍‌ଜାନ ମୁଖ୍ୟତଃ ପ୍ରାକୃତିକ ବାଷ୍ପରୁ ଉତ୍ପାଦିତ ହୁଏ, ଯେଉଁଥିରେ ଅପେକ୍ଷାକୃତ କମ୍ ପରିମାଣର ଅଙ୍ଗାରକାମ୍ଳ ନିର୍ଗତ ହୁଏ। କିନ୍ତୁ ସବୁଜ ଉଦ୍‌ଜାନ ପ୍ରସ୍ତୁତି ନିମନ୍ତେ ସୂର୍ଯ୍ୟାଲୋକ ପରି ସ୍ୱଚ୍ଛ ଉତ୍ସର ଶକ୍ତି ବ୍ୟବହୃତ ହୋଇ ଜଳ ଅଣୁକୁ ଇଲେକ୍ଟ୍ରୋଲାଇସିସ ପ୍ରକ୍ରିୟାରେ ଭଙ୍ଗାଯାଏ, ଯେଉଁଥିରେ ଜଳର ଦୁଇ ମୌଳିକ ଉପାଦାନ ଉଦ୍‌ଜାନ ଓ ଅମ୍ଳଜାନ ସୃଷ୍ଟି ହୁଏ, ଏବଂ ଅଙ୍ଗାରକାମ୍ଳ ପରି କୌଣସି ଉତ୍ତାପ ବୃଦ୍ଧିକାରୀ ସବୁଜଗୃହ ବାଷ୍ପ ନିର୍ଗତ ହୁଏ ନାହିଁ। ତେବେ ଉତ୍ପାଦନ ପ୍ରକ୍ରିୟାରେ ଥିବା କେତେକ ଜଟିଳ ବାଧକର ସମାଧାନର ପନ୍ଥା ହିଁ ଆଗାମୀ ଦିନରେ ଉଦ୍‌ଜାନକୁ ଶକ୍ତିର ଶ୍ରେଷ୍ଠ ଉତ୍ସ ରୂପେ ପ୍ରତିଷ୍ଠିତ କରିବ। ନିକଟରେ ଏକ ବୈଜ୍ଞାନିକ ଗୋଷ୍ଠୀ ସୌରଚାଳିତ କୃତ୍ରିମ ପତ୍ର ଦ୍ୱାରା ବାୟୁରୁ ଜଳ ଅମଳ କରି ସେଥିରୁ ବୃକ୍ଷର ଆଲୋକଶ୍ଳେଷଣ ପ୍ରକ୍ରିୟା ଭଳି ପଦ୍ଧତିରେ ଉଦ୍‌ଜାନ ଗ୍ୟାସ ଉତ୍ପାଦନ କରିବାରେ ସକ୍ଷମ ହୋଇଛନ୍ତି। ପୃଥିବୀରେ ଜଳର ପ୍ରାଚୁର୍ଯ୍ୟ ଭରି ରହିଥିବାରୁ ଆଗାମୀ ଦିନରେ ପ୍ରଯୁକ୍ତିର ଅଧିକତର ଅଗ୍ରଗତି ଏହି ଉତ୍ସରୁ ଲାଭପ୍ରଦ ଉପାୟରେ ଉଦ୍‌ଜାନ ଶକ୍ତି ଉପଲବ୍ଧ କରାଇବାରେ ସଫଳ ହେବ, ଯାହା ଜୀବାଶ୍ମ ଇନ୍ଧନକୁ ସମ୍ପୂର୍ଣ୍ଣ ରୂପେ ବର୍ଜନ କରିବାରେ ସହାୟକ ହେବ।

ଅଙ୍ଗାରକାମ୍ଳ ନିର୍ଗମନକୁ ହ୍ରାସ କରିବା ଏବଂ ଅକ୍ଷୟ ଶକ୍ତି ଉତ୍ସର ବ୍ୟବହାରକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ୧୫ ଅଗଷ୍ଟ ୨୦୨୧ରେ ଜାତୀୟ ଉଦ୍‌ଜାନ ମିଶନ ଆରମ୍ଭ ହୋଇଥିଲା। ନିକଟରେ ଜାନୁୟାରୀ ୪ରେ ଭାରତ ସରକାର ଜାତୀୟ ସବୁଜ ଉଦ୍‌ଜାନ ମିଶନ ଶୁଭାରମ୍ଭ କରିଛନ୍ତି, ଯାହାର ଲକ୍ଷ୍ୟ ହେଉଛି ଭାରତକୁ ସବୁଜ ଉଦ୍‌ଜାନ ଉତ୍ପାଦନ କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ ହବ୍‌ରେ ପରିଣତ କରିବା। ଏହି ମିଶନ ୨୦୩୦ ସୁଦ୍ଧା ଦେଶରେ ବାର୍ଷିକ ଅତିକମ୍‌ରେ ୫ ନିୟୁତ ମେଟ୍ରିକ ଟନ୍ ସବୁଜ ଉଦ୍‌ଜାନ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ସହ ଏହା ସହିତ ଜଡ଼ିତ ପ୍ରାୟ ୧୨୫ ଗିଗା ୱାଟ୍ ଅକ୍ଷୟ ଶକ୍ତି କ୍ଷମତାର ବିକାଶକୁ ଶକ୍ତିଶାଳୀ କରିବ। ଏହି ମିଶନ ନିମନ୍ତେ ମୋଟ ୧୯,୭୪୪ କୋଟି ଟଙ୍କାର ବଜେଟ ପ୍ରାବଧାନ ହୋଇଥିବା ବେଳେ ଏହା ୨୦୩୦ ସୁଦ୍ଧା ୬ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି କରିବାର ସମ୍ଭାବନା ରଖେ। ଅଏଲ ଇଣ୍ଡିଆ କମ୍ପାନୀ ପୂର୍ବ ଆସାମର ଜୋରହାଟ୍‌ରେ ଭାରତର ପ୍ରଥମ ୯୯.୯୯% ଶୁଦ୍ଧ ସବୁଜ ଉଦ୍‌ଜାନ ପ୍ଲାଣ୍ଟକୁ ଏବେ କାର୍ଯ୍ୟକ୍ଷମ କରିଛି। ବିଶ୍ୱସ୍ତରୀୟ ଅଭିଯାନ ସହ ତାଳ ଦେଇ ଭାରତ ମଧ୍ୟ ନିଟ୍–ଶୂନ୍ୟ ନିର୍ଗମନ ଲକ୍ଷ୍ୟ ହାସଲ ନିମନ୍ତେ କେତେକ ବିକଶିତ ରାଷ୍ଟ୍ରଙ୍କର ଆର୍ଥିକ ଏବଂ ବୈଷୟିକ ସହଭାଗିତାରେ 'ଗ୍ରୀନ୍ ହାଇଡ୍ରୋଜେନ ମିଶନ'ର ସଫଳତା ଦିଗରେ ଅଗ୍ରସର ହେଉଛି। ଶକ୍ତିର ଅଭିନବ ଉତ୍ସର ଉଦ୍ଭାବନ ମାନବସମାଜ ପାଇଁ ଯେତିକି ତାତ୍ପର୍ଯ୍ୟପୂର୍ଣ୍ଣ, ଉପଲବ୍ଧ ଶକ୍ତିର ବିଜ୍ଞ ବ୍ୟବହାର ଏବଂ ସଂରକ୍ଷଣ ନିମନ୍ତେ ସଚେତନତା ଜାଗରଣ ଓ ସଂଯମତା ଅବଲମ୍ବନ ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ।

ସମ୍ପାଦକ, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର
ମୋ: ୯୪୩୭୦୭୬୧୦୦

# ଶ୍ରୀସମ୍ମେଦ ଶିଖର



ସୁଧିରାଜ ରାଉତ

ଶ୍ରୀସମ୍ମେଦ ଶିଖରକୁ ନିଜ ମୂଳ ଚୈତନ୍ୟରେ ସଂରକ୍ଷିତ ରଖିବା ପାଇଁ ଦାବି ଏହା କେବଳ ଜୈନ ଅନୁଗାମୀଙ୍କ ସ୍ୱର ନୁହେଁ,ନୀରବିଗଲେ ଶୁଣିହେବ ଏହା ଭାରତ ଆତ୍ମାର ସ୍ୱର। ଯେଉଁ ପାବନଭୂମିରେ ଚବିଶ ତୀର୍ଥଙ୍କରଙ୍କ ମଧ୍ୟରୁ କୋଡ଼ିଏ ତୀର୍ଥଙ୍କର ମହାନିର୍ବାଣ ନେଇଛନ୍ତି ସେଇ ଭୂମି କେତେ ଯେ କରୁଣାମୟ, କ୍ରାନ୍ତିମୟ, କେତେ ଯେ କଲୁଷ ନାଶକ ଏହାକୁ ଶବ୍ଦରେ କହିବା ସମ୍ଭବ ନୁହେଁ। ସେହି ଅସାଧାରଣ ଭୂଖଣ୍ଡକୁ ପର୍ଯ୍ୟଟନସ୍ଥଳୀ ଘୋଷଣା କରିବା ହେଉଛି ଆମ ଦାସତ୍ୱ ପ୍ରମାଣର ଉଦ୍‌ଘୋଷଣା। ଆଜି ବି ଆମେ କେତେ ୟୁରୋପୀ ଆଚରଣର ଅନୁଗାମୀ ଓ ଭାରତବର୍ଷ ଆତ୍ମାଠାରୁ କେତେ ଦୂରରେ ରହିଛୁ ଏହା ତା'ର ପ୍ରତ୍ୟକ୍ଷ ପ୍ରମାଣ।

ମକ୍କା କ'ଣ ବିଶ୍ୱ ପର୍ଯ୍ୟଟନ ତାଲିକାଭୁକ୍ତ ? ଭାଟିକାନ୍ ସିଟି କ'ଣ ପର୍ଯ୍ୟଟନ ସ୍ଥଳୀ? ଧନ୍ୟରେ ଭାରତର ଦାୟାଦ! ଶ୍ରୀସମ୍ମେଦ ଶିଖରକୁ ପର୍ଯ୍ୟଟନ ସ୍ଥଳୀ ଘୋଷଣା କଲ। ପର୍ଯ୍ୟଟନ ସ୍ଥଳୀ ଯେଉଁଠି ମଣିଷ ମଉଜ କରିବାକୁ ଯାଏ, ତୀର୍ଥକ୍ଷେତ୍ର ଯେଉଁଠିକୁ ମଣିଷ ଉତ୍ତରଣ ପାଇଁ ଯାଏ। ପର୍ଯ୍ୟଟନ ସ୍ଥଳୀ ଯେଉଁଠି ମଣିଷ ମଦମାଂସରେ ସ୍ନାନକରେ, ତୀର୍ଥକ୍ଷେତ୍ର ଯେଉଁଠି ମଣିଷ ଚୈତନ୍ୟରେ ଶୁଦ୍ଧ ହୁଏ। ଏଇ ବିରାଟ ପ୍ରଭେଦକୁ କ'ଣ ବର୍ତ୍ତମାନ ଭାରତର ଭାଗ୍ୟବିଧାତାମାନେ ଦେଖିପାରିଲେ ନାହିଁ?

ଯେଉଁ ଆବ୍ରାହିମ ଧର୍ମ ଶାଖା ସମୂହ ଭୟର ଭୂଗୋଳରେ ନିଜ ଚଉତରା ଗଢ଼ିଛନ୍ତି, ସଇତାନ ଆଉ ଈଶ୍ୱର, ସ୍ୱର୍ଗ ଆଉ ନର୍କ, ପ୍ରାର୍ଥନା ଆଉ କ୍ଷମା ଯାଚନା ..ଏଇ ଖୁଣ୍ଟ ଆଉ ପଘାରେ ମଣିଷ ଆତ୍ମାକୁ ମଣକରି ରଖିଛନ୍ତି ସେମାନେ ବି ନିଜ ପୁଣ୍ୟସ୍ଥଳୀକୁ ସାର୍ବଜନୀନ ଭୂମି କରିନାହାନ୍ତି,ପର୍ଯ୍ୟଟନ ସ୍ଥଳୀ କହିନାହାନ୍ତି। ଅଥଚ ସନାତନ ଧର୍ମ, ଆର୍ଯ୍ୟ ଭୂଖଣ୍ଡର ସମସ୍ତ ଧର୍ମ ତା'ର ପାବନ ଭୂମିକୁ ତା' ଉତ୍ତରଣର ଶିଖର ସବୁକୁ ମଉଜ ମସ୍ତିର ଭୂମି କିଭଳି ଘୋଷଣା କରିବ ? ଭାରତ ସରକାର କ'ଣ ତା' ସୁନା, ହୀରାଖଣିକୁ ସାର୍ବଜନୀନ ଭୂମି ଏବଂ ପର୍ଯ୍ୟଟନସ୍ଥଳୀ ଘୋଷଣା କରିବେ କି ? ସୁନା, ହୀରା ଖଣିଠାରୁ ଏ ତପଭୂମି ଏ କ୍ଷେତ୍ର ଆଉ ଧାମ ସବୁ କ'ଣ ବର୍ତ୍ତମାନ ସରକାରଙ୍କ ପାଇଁ କମ୍ ମୂଲ୍ୟବାନ୍ କି ? ଗୋଟିଏ ବିଜ୍ଞାନାଗାରକୁ ଯଦି ସର୍ବସାଧାରଣ ମଉଜ ମସ୍ତି କରିବାକୁ ଯାଆନ୍ତି ତାହା କ'ଣ ଆଉ ବିଜ୍ଞାନାଗାର ହୋଇ ରହିବ। ମନେରଖ, ନବଭାରତ ନିୟମ ପ୍ରଣେତାମାନେ! ଏଇ କ୍ଷେତ୍ରସବୁ ଚେତନାର ବିଜ୍ଞାନାଗାର। ଅନ୍ତଃଜୀବନ ପରୀକ୍ଷାଗାର, ଭବିଷ୍ୟ ମଣିଷ ନିର୍ମାଣର ନାସା ଆଉ ଇସ୍ରୋ।

ଶ୍ରୀସମ୍ମେଦ ଶିଖରର ଦିଗ୍‌ବଳୟ ଡେଇଁ ବହୁଦୂର ଅହିଂସା ଆଉ ଅନାସକ୍ତିର ମନ୍ତ୍ର ଉଚ୍ଚାରିତ ହେଉଛି, ସାଧନା ଆଉ ସିଦ୍ଧିର ସୂତ୍ର ଟଙ୍ଗା ହୋଇଛି। ଏଇ ଭୂଖଣ୍ଡକୁ ଏବେ ପର୍ଯ୍ୟଟନ ସ୍ଥଳ ଘୋଷଣା ସହ କେହି ବି ଏଠି ହୋଟେଲ ଖୋଲିପାରିବ, ମଦମାଂସ ପସରା ମେଲିପାରିବ। ମୋର ପରିଚିତ ସକଳ ଜୈନ ବନ୍ଧୁ ଯେଉଁମାନେ ମାଛମାଂସ କଟାହେଉଥିବା ରାସ୍ତାରେ ଯିବାକୁ ଅମଙ୍ଗ ହୁଅନ୍ତି ସେଇ ଅନୁଗାମୀଙ୍କ ପବିତ୍ର ଭୂମିକୁ କିଭଳି ପ୍ରଶାସନ ମଦମାଂସ ଚରାଭୂଇଁ କରିବାକୁ ଅନୁମତି ଦେଲା ? ଏ ଅନୁମତିକୁ କେବଳ ପ୍ରତ୍ୟାହାର କରିନେଲେ ପର୍ଯ୍ୟାପ୍ତ ହେବନି, ଏ ଅନୁମୋଦନକାରୀଙ୍କୁ ସମଗ୍ର ଦେଶ ପାଖେ କ୍ଷମା ଯାଚନା କରିବାକୁ ହେବ ଏବଂ ସଂସଦରେ ଗୃହୀତ କରିବାକୁ ହେବ ଏ ଭୂମି ସବୁ, ଏ ଶିଖର ସବୁ ଦିଗ୍‌ବଳୟ ଯାଏ ଚେତନାର ବିଜ୍ଞାନାଗାର ହୋଇ ରହିବ,ମଣିଷକୁ ଦେବତା କରିବାର ପରୀକ୍ଷାଗାର ହୋଇ ରହିବ।



ଜୈନଧର୍ମ ଓ ଦର୍ଶନ ଜଗତକୁ କ'ଣ ଦେଇଛି ଲେଖି ବସିଲେ ଅନେକ ବହି ହେବ। ବୁଦ୍ଧ ଓ ଜୈନ ଦର୍ଶନରେ ମୌଳିକ ଭିନ୍ନତା ହେଉଛି ନିରୀଶ୍ୱରବାଦ ଓ ଈଶରବାଦ ମଧ୍ୟର ଦୂରତା। ଗାନ୍ଧିଜୀଙ୍କ ଅହିଂସା ଏବଂ ଜୈନ ଅହିଂସା ମଧ୍ୟରେ ପ୍ରଭେଦ ଏତିକି ଗାନ୍ଧିଜୀଙ୍କ ଅହିଂସା,ଉପବାସ ଅନ୍ୟକୁ ବାଧ୍ୟକରେ ତାଙ୍କ ସର୍ତ୍ତକୁ ସ୍ୱୀକାର କରିବାକୁ, କିନ୍ତୁ ଜୈନର ଅହିଂସା, ଉପବାସ ନିଜ ନିମ୍ନ ପ୍ରବୃତ୍ତିକୁ ବାଧ୍ୟକରେ ଉତ୍ତରଣ ପାଇଁ। ଅଳ୍ପରେ କହିଲେ – ଏ ମାର୍ଗ ଅନେକ ସକାରାତ୍ମକ ଚୈତନ୍ୟର ଏକ ଅସାଧାରଣ ଯୋଗଫଳ। ଘଟଣାଟିଏ ମନେପଡୁଛି। ଜଣେ ଚିତ୍ରକର ନିଜ ଚିତ୍ରପଟକୁ ନେଇ ଯାଉଥାଏ, ଦୁଇ ବ୍ୟକ୍ତି ନିଜ ମଧ୍ୟରେ ତର୍କ କରିବାକୁ ଲାଗିଲେ ଚିତ୍ର ଲାଲ ରଙ୍ଗର, ଅନ୍ୟ ଜଣକ ମତ ଚିତ୍ର ସବୁଜ ରଙ୍ଗର। ତର୍କ, ସଂଘର୍ଷର ରୂପ ନେଲା। ଏଇ ସମୟରେ ମହାବୀର ପହଞ୍ଚିଲେ ଏବଂ ଉଭୟଙ୍କୁ ଶାନ୍ତ କରାଇ କହିଲେ, ଦୁହେଁ ସତ୍ୟ ଅଟ, ଦୁହେଁ ଚିତ୍ରର ଏକହିଁ ପାର୍ଶ୍ୱ ଲେଖିଛ। ମହାବୀର ସେଇଠି ସଭିଙ୍କୁ ଅନେକାନ୍ତବାଦ ଶିକ୍ଷା ଦେଲେ। ବର୍ତ୍ତମାନ ବିଶ୍ୱର ସବୁ ମୌଳିକ ସମସ୍ୟାର ସମାଧାନ ଏଇ ଶିକ୍ଷାରେ, ଏଇ ଅନେକାନ୍ତବାଦ ମଧ୍ୟରେ ରହିଛି। ଥରେ ଆଇନ୍‌ଷ୍ଟାଇନ୍ ନିଜ ଇଚ୍ଛା ବ୍ୟକ୍ତକରି କହିଥିଲେ, ''ଯଦି ପୂର୍ବଜନ୍ମ ଥାଏ ତେବେ ମୁଁ ଜୈନ ପରିବାରରେ ଜନ୍ମିବାକୁ ଚାହିଁବି।'' ଏ ଉକ୍ତିକୁ ଅନେକ ବାର ପଢ଼ିଛି ଓ ଜଣେ ସନାତନୀ ଭାବେ ଆନନ୍ଦିତ ହୋଇଛି। ଆଜିର ବୁଦ୍ଧିଜୀବୀ ଅବଶ୍ୟ ଏହା ପ୍ରଶ୍ନ କରିବେ ଜୈନ କ'ଣ ସନାତନୀ ? ଶ୍ରୀରାମ ଜନ୍ମଭୂମି ପ୍ରସଙ୍ଗ ଶେଷ ନିଷ୍ପତ୍ତି ଯେଉଁଦିନ ସୁପ୍ରିମକୋର୍ଟ ଘୋଷଣା କଲା, ସେଦିନ ସନ୍ଧ୍ୟାରେ ସବୁ ଜୈନଙ୍କ ଛାତରେ ଦୀପ ଜଳିଥିଲା, ଦୀପାବଳି ହୋଇଥିଲା କାରଣ ପ୍ରତିଟି ଜୈନ ଜଣେ ସନାତନୀ। ସନାତନୀ ହୋଇ ଏହା କହୁଛି – ୮୦ କୋଟି ହିନ୍ଦୁ ଶ୍ରୀସମ୍ମେଦ ଶିଖରକୁ ଜୈନମାନଙ୍କୁ ଅର୍ପଣ କରିବାକୁ ଦାବିକରୁ, ନିଜ ସମ୍ପତ୍ତି ମନେକରି ଲଢୁ।

ଆଜି ଯେବେ ଭାରତର ଧାମ ଆଉ କ୍ଷେତ୍ରସବୁ ନବକଳେବର ହେଉଛି ଜୈନମାନଙ୍କ ବିରୋଧ ଆମକୁ ନୂଆ ଚକ୍ଷୁ ଦେଇ କହୁଛି ନବକଳେବର ଅବଶ୍ୟ ଆବଶ୍ୟକ। କିନ୍ତୁ ନବକଳେବର ଆମ ଧାମ ଆଉ କ୍ଷେତ୍ରର ଆତ୍ମାଠାରୁ ଯେଭଳି ଆମକୁ ଦୂରେଇ ନ ନେଉ,ବାହାରର ଚାକଚକ୍ୟରେ ଆମକୁ ନ ଭଟକାଉ। ମନେରଖିବା ଭାରତ ଆଉ ପାଶ୍ଚାତ୍ୟ କଳା,ଭାସ୍କର୍ଯ୍ୟରେ ମୌଳିକ ଫରକ ୟୁରୋପ କଳା,ଭାସ୍କର୍ଯ୍ୟ ବାହାର ନିପୁଣତା ପାଖେ ଅଟକି ରହିଛି, ଇନ୍ଦ୍ରିୟଗ୍ରାହ୍ୟ ପୂର୍ଣ୍ଣତା ପାଖେ ଶେଷ ହୋଇଛି। ଇନ୍ଦ୍ରିୟାତୀତ ଅନୁଭବ ତା'ର ଶ୍ରେଷ୍ଠରୁ ଶ୍ରେଷ୍ଠ କଳାକୃତିରେ ମଧ୍ୟ ମିଳିବ ନାହିଁ। ମାନବୀୟ ଚେତନାକୁ ସୃଷ୍ଟିର ଆତ୍ମା ପାଖକୁ ନେଇଯିବାକୁ ତାହା ଅକ୍ଷମ। ଅର୍ଦ୍ଧାଙ୍ଗ ଈଶ୍ୱରର ଗୋଟିଏ ପଟ୍ଟଚିତ୍ର ସମଗ୍ର ପାଶ୍ଚାତ୍ୟ କଳାସମୂହର ଯୋଗଫଳଠାରୁ ବହୁଅଧିକ। ଆମ କ୍ଷେତ୍ର ସବୁ ନବକଳେବର କଲାବେଳେ ଏକଥା ଅବଶ୍ୟ ମନେରଖିବା – ଆମ ଧାମ ସବୁ, କ୍ଷେତ୍ରସବୁ ଉତ୍ତରଣର ଭୂମି ହୋଇ ରହୁ, ଆତ୍ମାର ଆରୋହଣ ସ୍ଥାନ ହୋଇ ରହୁ, ପର୍ଯ୍ୟଟନ ସ୍ଥଳୀ ନ ହେଉ।

ଇନ୍ଦ୍ରାବତୀ, ନବରଙ୍ଗପୁର
ମୋ: ୯୮୬୧୯୬୯୬୭୮

## ଏଇ ଭାରତରେ

ପୂର୍ବେ ପିଲାମାନେ କାଠ ଖେଳନାକୁ ବେଶି ଭଲ ପାଉଥିଲେ। ଏହା ତାଙ୍କ ମାନସିକ ବିକାଶରେ ପ୍ରମୁଖ ଭୂମିକା ନେଉଥିଲା। କିନ୍ତୁ ପ୍ଲାଷ୍ଟିକ ଖେଳନା ଆସିବା ପରେ କାଠ ଖେଳନାର ଚାହିଦା କମିଛି। ଅପରପକ୍ଷେ ପ୍ଲାଷ୍ଟିକ ଖେଳନା ପିଲାଙ୍କ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଉଛି। ଏଣୁ ପିଲାମାନଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ସେମାନଙ୍କ ମାନସିକ ଦକ୍ଷତା ବୃଦ୍ଧି କରିବା ଲାଗି ପୁଣେର ଦୁଇ ସ୍ଥପତି ପ୍ରିୟଙ୍କା ମନଗାଁଓକର ବୈଦ୍ୟ ଏବଂ ଅଜୟ ବୈଦ୍ୟ ପରିବେଶ ଉପଯୋଗୀ ଖେଳନା ତିଆରି କରୁଛନ୍ତି। ଉଚ୍ଚବେତନର ଚାକିରି କରିବା ପରିବର୍ତ୍ତେ ଏମାନେ ପିଲାମାନଙ୍କ ପାଇଁ କାଠ ଖେଳନା ତିଆରି କରିବାକୁ ପସନ୍ଦ କରିଛନ୍ତି। ସେମାନେ ପରମ୍ପରିକ କାରିଗରମାନଙ୍କ ଦ୍ୱାରା ପରିବେଶ ଉପଯୋଗୀ କାଠ ଓ ଲାଖ ବ୍ୟବହାର କରି ଏହା ତିଆରି କରୁଛନ୍ତି। ସେଥିରେ କେବଳ ଉଦ୍ଭିଦରୁ ପ୍ରସ୍ତୁତ ଜୈବ ରଙ୍ଗ ବ୍ୟବହାର ହେଉଛି। ସେମାନେ ୨୦୨୧ରେ 'ଟୟ ଟ୍ରଙ୍କ' ଷ୍ଟାର୍ଟଅପ ଆରମ୍ଭ କରି ତା' ମାଧ୍ୟରେ ଏହି ଖେଳନା ତିଆରି କରୁଛନ୍ତି। ମୁଖ୍ୟତଃ ପିଲାମାନଙ୍କ ପାଇଁ କାଠରେ କିଚେନ ସେଟ୍ ଠାରୁ ଆରମ୍ଭ କରି ଅନ୍ୟ ସବୁ ପ୍ରକାର ଖେଳନା ତିଆରି କରାଯାଉଛି। ଏବେ ଏହି କାର୍ଯ୍ୟରେ ୩୦ ଜଣ କାରିଗର ନିଯୁକ୍ତ ହୋଇଛନ୍ତି। ବର୍ତ୍ତମାନ ୨୪ ପ୍ରକାର ଖେଳନା ପ୍ରସ୍ତୁତ କରାଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଜାନୁୟାରୀ ୧୯୯୮

- ଏଲ୍‌ଟିଟିଇ ନେତା ଭି. ପିରଭାକରନଙ୍କୁ ଗିରଫ ପାଇଁ ଶ୍ରୀଲଙ୍କାର ଏକ ଅଦାଲତ ପକ୍ଷରୁ ପରୱାନା ଜାରି କରାଯାଇଛି।
- ମସ୍କଟଠାରେ ଦୁଇ ଜଣ ଓମାନ ନାଗରିକଙ୍କୁ ହତ୍ୟା କରିବା ଘଟଣାରେ ପାକିସ୍ତାନର ୪ ଜଣ ନାଗରିକଙ୍କୁ ଫାଶୀ ଦିଆଯାଇଛି।
- ଶ୍ରୀନଗର ସହର ଉପକଣ୍ଠବର୍ତ୍ତୀ ୱନଧାମା ଗାନ୍ଦରବଲଠାରେ ଉଗ୍ରପନ୍ଥୀମାନେ ୨୩ କାଶ୍ମୀର ପଣ୍ଡିତଙ୍କୁ ଗୁଳିକରି ହତ୍ୟା କରିଛନ୍ତି।

## ଚିରନ୍ତନୀ

ବରଷା ଜଳେ ଚରଣ ଭିଜେ
ନଳିନୀଦଳ ଭୂମିରେ କି ଯେ !
ପଡ଼ିଛି ଛିଡ଼ି, ପରଶ ତାର ସୁନ୍ଦର,
ଧରଣୀ ତଳେ ହସିଲା କେଉଁ ଚନ୍ଦର।
–(ବର୍ଷା ନାୟିକା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସାର୍ଥକ ବିତର୍କ ହେଉ

ମହାଶୟ,

ଭାରତରେ ସବୁଠାରୁ ବିକଶିତ ରାଜ୍ୟଗୁଡ଼ିକ ମଧ୍ୟରେ ଗୋଆ, କେରଳ, ତାମିଲନାଡୁ, ପଞ୍ଜାବ, ହରିୟାଣା, ମହାରାଷ୍ଟ୍ର ଓ ଉତ୍ତରାଖଣ୍ଡ ରହିଛନ୍ତି। କମ୍ ଅନଗ୍ରସର ରାଜ୍ୟଗୁଡ଼ିକ ମଧ୍ୟରେ ଅଛନ୍ତି ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଗୁଜରାଟ, ଜାମ୍ମୁ–କଶ୍ମୀର, କର୍ନାଟକ ଓ ହିମାଚଳ ପ୍ରଦେଶ । ତେବେ ସବୁଠାରୁ ଅନଗ୍ରସର ରାଜ୍ୟଗୁଡ଼ିକ ମଧ୍ୟରେ ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ଓଡ଼ିଶା, ଆସାମ, ରାଜସ୍ଥାନ ଓ ଉତ୍ତରପ୍ରଦେଶ ରହିଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଗତ କିଛିବର୍ଷ ଧରି ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧି ହାର ଜାତୀୟସ୍ତରଠାରୁ ଊର୍ଦ୍ଧ୍ୱରେ ରହିଛି। ଓଡ଼ିଶା ପ୍ରାକୃତିକ ସମ୍ପଦ ଓ ମାନବସମ୍ବଳରେ ପରିପୂର୍ଣ୍ଣ ରାଜ୍ୟ। ଏସବୁ ସତ୍ତ୍ୱେ ଓଡ଼ିଶା ବିକଶିତ ଓ କମ୍ ଅନଗ୍ରସର ରାଜ୍ୟଗୁଡ଼ିକ ସମକକ୍ଷ କାହିଁକି ହୋଇପାରୁନାହିଁ ? ଏହାର କାରଣ ଓ ନିରାକରଣ ସମ୍ପର୍କରେ ସାର୍ଥକ ବିତର୍କ ଆବଶ୍ୟକ।

– ଅକ୍ଷୟ କୁମାର ମହାନ୍ତି , ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଖପ୍ରାଖୋଲ ବ୍ଲକ ଅଫିସ ଭଙ୍ଗାରୁଜା ଘଟଣା: ୭ଗିରଫ

ଖପ୍ରାଖୋଲ,(ଡି.ଏନ.ଏ.): ଖପ୍ରାଖୋଲ ବ୍ଲକ ଅଫିସ ଭଙ୍ଗାରୁଜା ଘଟଣାରେ ପୋଲିସ ୭ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଧ୍ରୁବ ସରାଫ, ଯଦୁମଣି ସରାଫ, ଉମାକାନ୍ତ ବରିହା, ପ୍ରଦୀପ ବରିହା , ପବିତ୍ର ମେହେର, ଯୁଗଳ ପୁଟେଲ, ମାଲକମ ବରିହା। ଗତ ୧୬ତାରିଖ ମହରାପଦର ପଞ୍ଚାୟତ ସର୍ଗିପାଲିରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଅନିୟମିତତା ଅଭିଯୋଗ ଆଣି ଶ୍ରମିକମାନେ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅଫିସରେ ପଶି କେତେକ ଭଙ୍ଗାରୁଜା କରିଥିଲେ। ବିଡ଼ିଓ ଖପ୍ରାଖୋଲ ଥାନାରେ ଅଭିଯୋଗ କରିଥିଲେ।

ସେଲ୍ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ପ୍ରଶାନ୍ତ



@ ଗଜପତି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପୂର୍ବତନ ଆରଆଇଙ୍କୁ ୨ବର୍ଷ ଜେଲ

ବଲାଙ୍ଗୀର ଅଫିସ, ୨୭।୧: ଲାଞ୍ଚ ମାମଲାରେ ଅଭିଯୁକ୍ତ ଥିବା ବଲାଙ୍ଗୀର ଆଗଲପୁର ତହସିଲ ଅନ୍ତର୍ଗତ ଭରସୁଜା ପୂର୍ବତନ ରାଜସ୍ୱ ନିରୀକ୍ଷକ ସିଦ୍ଧେଶ୍ୱର ମେହେରଙ୍କୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଜଜ୍ ଦୋଷୀ ସାବ୍ୟସ୍ତ କରି ୨ବର୍ଷ ଜେଲ ଦଣ୍ଡ ଶୁଣାଇଛନ୍ତି। ଏଥିସହ ୫ହଜାର ଟଙ୍କାର ଅର୍ଥ ଦଣ୍ଡାଦେଶ ଶୁଣାଇଛନ୍ତି। ଅର୍ଥ ଅନାଦାୟ ଅଧିକ ୧ ମାସ ସଶ୍ରମ କାରାଦଣ୍ଡାଦେଶ ହୋଇଛି। ଶୁକ୍ରବାର ଏହି ମାମଲାର ଶୁଣାଣି ହୋଇ ରାୟ ପ୍ରକାଶ ପାଇଛି। ୨୦୧୪ ମସିହାରେ ପୂର୍ବତନ ଆରଆଇ ମେହେର ଜଣେ ବ୍ୟକ୍ତିଙ୍କଠାରୁ ଜବରଦଖଲ ମାମଲାରେ ଲାଞ୍ଚ ନେବାବେଳେ ଭିଜିଲାନ୍ସ ଟିମ୍ ହାତରେ ଧରାପଡିଥିଲେ। ତାଙ୍କ ବିରୋଧରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ମାମଲା(୧୨/୧୪) ରୁଜୁ କରାଯାଇଥିଲା। ଏହି ମାମଲା ପରେ ପୂର୍ବତନ ଆରଆଇ ମେହେରଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିଲା। ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ଜୟକୃଷ୍ଣ ସାହୁ ପରିଚାଳନା କରିଥିଲେ। ଭିଜିଲାନ୍ସ ଇନ୍ସପେକ୍ଟର ଶରତ ଚନ୍ଦ୍ର ମହାପାତ୍ର ଏହି ମାମଲାର ତଦନ୍ତ କରିଥିଲେ।

# ହାଭେଲ୍ସ, ଲଏଡ୍ ଏକ୍ସକ୍ଲୁସିଭ୍ ଶୋ'ରୁମ୍ ଉଦ୍‌ଘାଟିତ

ବଲାଙ୍ଗୀର ଅଫିସ, ୨୭।୧

ବଲାଙ୍ଗୀରରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ହାଭେଲ୍ସ ଏବଂ ଲଏଡ୍ ୱାର୍ଲ୍ଡ ଏଫ୍ ଏକ୍ସପେରିଏନ୍ସର ଏକ୍ସକ୍ଲୁସିଭ ଶୋ'ରୁମ୍ ମେସର୍ସ ଶାମୁକା ଇଲେକ୍‌ଟ୍ରୋନିକ୍ସ ଗୁରୁବାର ଉଦ୍‌ଘାଟିତ ହୋଇଛି। ଏହାକୁ ବିଧାୟକ ନରସିଂହ ମିଶ୍ର, ଯୋଗେଶ୍ୱରୀ ରଥ ଏବଂ ହାଭେଲ୍ସ ଇଣ୍ଡିଆ ଲିମିଟେଡ୍ ଉପାଧ୍ୟକ୍ଷ ଦେବାଶିଷ ମିତ୍ର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଶାମୁକା ଇଲେକ୍‌ଟ୍ରୋନିକ୍ସର ସତ୍ତ୍ୱାଧିକାରୀ କିଶୋର କୁମାର ରଥ, କମଳା ଶତପଥୀ, ସାଗର ରଞ୍ଜନ ରଥ, ଜୟଚନ୍ଦ୍ର ରଥ, ପ୍ରତାପ ଚନ୍ଦ୍ର ରଥ, ସରୋଜ ରଥ, ଅମରନାଥ ମିଶ୍ର, ଡଲି ମିଶ୍ର, ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ ଉପସ୍ଥିତ ଥିଲେ। ଏହି ଶୋରୁମ୍‌ରେ ଗ୍ରାହକମାନେ ହାଭେଲ୍ସର ସମସ୍ତ ପ୍ରକାର ଇଲେକ୍‌ଟ୍ରୋନିକ୍ସ ପ୍ରଡକ୍ଟ ସୁଲଭ ମୂଲ୍ୟରେ ପାଇପାରିବେ ବୋଲି ସତ୍ତ୍ୱାଧିକାରୀ ରଥ ସୂଚନା ଦେଇଛନ୍ତି।



ଶୋରୁମ୍‌କୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

# ଭାରସାମ୍ୟ ହରାଇ ଓଲଟିଲା ଅଟୋ: ୬ ଆହତ, ୧ ଗୁରୁତର

ଲାଞ୍ଜିଗଡ଼,୨୭।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ନିକଟସ୍ଥ ଧଅଁରାଭଟା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୬ଜଣ ଛାତ୍ରୀଛାତ୍ର ଓ ଜଣେ ନାବାଳକ ଶୁକ୍ରବାର ଅପରାହ୍ନରେ ସ୍କୁଲ ଛୁଟି ହେବା ପରେ ଏକ ଅଟୋ ଯୋଗେ ଘରକୁ ଫେରୁଥିବାବେଳେ ଭାଟଗୁଡ଼ା ନିକଟରେ ଭାରସାମ୍ୟ ହରାଇ ଅଟୋ ଓଲଟି ପଡ଼ିଥିଲା। ଅଟୋରେ ବସିଥିବା ୬ଜଣ ଛାତ୍ରୀଛାତ୍ରଙ୍କ ସମେତ ଜଣେ ନାବାଳକ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଲାଞ୍ଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ବେଦାନ୍ତ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଥିମଧ୍ୟରୁ ୬ଜଣ ଛାତ୍ରୀଛାତ୍ରଙ୍କ ଅବସ୍ଥା ସ୍ଥିର ଥିବାବେଳେ ନାବାଳକ ଜଣକର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ କ୍ଷୀରେଶ୍ୱର ପ୍ରଧାନ ଏବଂ ୩ଜଣ ଶିକ୍ଷକ ହସ୍ପିଟାଲରେ ପହଞ୍ଚି ଆହତ ଛାତ୍ରୀଛାତ୍ରଙ୍କ ଭେଟି ଚିକିତ୍ସା ବ୍ୟବସ୍ଥାର ତଦାରଖ କରିଥିଲେ।

# ନେହେନା ଆଶ୍ରମ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ

ଖଡ଼ିଆଳ,୨୭।୧(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ନେହେନା ଆଶ୍ରମ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଦୁଇ ଶହରୁ ଅଧିକ ଛାତ୍ରୀଛାତ୍ର ବିଭିନ୍ନ ଖେଳରେ ବରିଷ୍ଠ, କନିଷ୍ଠ ଓ ସର୍ବକନିଷ୍ଠ ବିଭାଗରେ ଅଂଶଗ୍ରହଣ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ କାର୍ତ୍ତିକେଶ୍ୱର ମଲ୍ଲିକ, ଏସଏମସି ସଭନେତ୍ରୀ ଚାନ୍ଦା ବିଶି, ପ୍ରଧାନ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ପରିଡା, ସହକାରୀ ଶିକ୍ଷକ ମନୋଜ ହୋତା, ନରସିଂ ପ୍ରସାଦ ନାଏକ, ସୁରେଶ ଚନ୍ଦ୍ର ଦଣ୍ଡସେନା, ମିତାଞ୍ଜଳି ପାତ୍ର, ଅପର୍ଣ୍ଣା ଜଗତ, ସଂଗୀତା ସାଗର, କ୍ଷିତି ମଣୀ ଚିନ୍ଦା ଓ ଗୋବିନ୍ଦ ହଂସ ସହଯୋଗ କରିଥିବା ବେଳେ କାହ୍ନୁ ଚରଣ ଦଣ୍ଡସେନା ଧନ୍ୟବାଦ ଦେଇଥିଲେ।

# ଅବସରପ୍ରାପ୍ତ ଶିକ୍ଷକଙ୍କୁ ହତ୍ୟା, ୩ ଅଟକ

ଜୁନାଗଡ଼,୨୭।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଦେଉଣ୍ଡି ଗ୍ରାମରେ ଗୁରୁବାର ଅପରାହ୍ନରେ ଜମିବାଡିକୁ କେନ୍ଦ୍ରକରି ସ୍ଥାନୀୟ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଅବସରପ୍ରାପ୍ତ ଶିକ୍ଷକ କାହ୍ନୁ ଚରଣ ଠାକୁର (୭୫)। ଏ ନେଇ ମୃତକଙ୍କ ପୁଅ ସର୍ବେଶର ଠାକୁର ଜୁନାଗଡ଼ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଏହି ଘଟଣାରେ ସମ୍ପୃକ୍ତ ଗ୍ରାମର ୩ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ଶୁକ୍ରବାର ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ପାଲିସ ମୃତଦେହ ହସ୍ତାନ୍ତର କରିଛି।

## ଜମିବାଡି ବିବାଦ

ମିଳିଥିବା ସୂଚନା ଅନୁଯାୟୀ କାହ୍ନୁ ଚରଣ ଠାକୁର ଏକ ସରକାରୀ ଜାଗାକୁ ରାସ୍ତା ରୂପେ ବ୍ୟବହାର କରୁଥିଲେ। ଘଟଣା ଦିନ ଉପରୋକ୍ତ ବ୍ୟକ୍ତିମାନେ ଉକ୍ତ ରାସ୍ତାକୁ କାଟିଦେଇଥିଲେ। ଏହାକୁ କେନ୍ଦ୍ରକରି ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସମ୍ପୃକ୍ତ ବ୍ୟକ୍ତିମାନେ କାହ୍ନୁଙ୍କୁ ଲାତ, ବିଧା ମାରିବା ସହ ତଣ୍ଟି ଚିପି ଦେଇଥିଲେ। ଗୁରୁତର ଅବସ୍ଥାରେ କାହ୍ନୁଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଲାଠୋର ଡିଗ୍ରୀ କଲେଜ ରଙ୍ଗୋଲି ପ୍ରତିଯୋଗିତାରେ ପ୍ରଥମ




ଲାଠୋର ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟକୁ ପୁରସ୍କୃତ କରାଯାଉଛି।

ଲାଠୋର,୨୭।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲାଠୋର ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟ ଉପଖଣ୍ଡସ୍ତରୀୟ ରଙ୍ଗୋଲି ପ୍ରତିଯୋଗିତାରେ ପ୍ରଥମ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରସନ୍ନ ଦାଶ ଏହି ସୂଚନା ଦେଇଛନ୍ତି। ଜାତୀୟ ମତଦାତା ଦିବସ ଅବସରରେ ଗତ ବୁଧବାର ପାଟଣାଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ୧୮ଟି ଦଳକୁ ନେଇ ଆୟୋଜିତ ରଙ୍ଗୋଲି ପ୍ରତିଯୋଗିତାର କଲେଜକୁ ଏହି ସଫଳତା ମିଳିଛି। ପ୍ରତିଯୋଗୀତାରେ ଲାଠୋର କଲେଜର ଭାରତୀ ରାଉତ, ବର୍ଷା ମେହେର, ଅମିତା ମେହେର, ଜ୍ୟୋତି ଶବର, ଡ଼ିଲେଶ୍ୱରୀ ରଣା ଭାଗ ନେଇଥିଲେ। ପଞ୍ଚାୟତ ସମିତି ଡ଼ିଗ୍ରୀ ମହାବିଦ୍ୟାଳୟ ଘସିଏନ ଦ୍ୱିତୀୟ ଏବଂ ଖପ୍ରାଖୋଲ ଆଇସିଡ଼ିଏସ ଲାଠୋର ସେକ୍ଟର ତୃତୀୟ ସ୍ଥାନ ଅଧିକାର କରିଛି। ଆସିଷ୍ଟାଣ୍ଟ କଲେକ୍ଟର କ୍ଷୀରୋଦ କୁମାର ସାହୁ ଟ୍ରଫି ସହ ମାନପତ୍ର ପ୍ରଦାନ କରିଥିଲେ।

# ଫୁଟବଲ: ନୂଆପଡା ଫାଇନାଲରେ

ମୁରିବାହାଲ,୨୭।୧(ଡ.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ୟୁଥ ଓ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ମ୍ୟାଚ ଜରାସିଙ୍ଗା ଓ ନୂଆପଡ଼ା ମଧ୍ୟରେ ହୋଇଥିଲା। ଏଥିରେ ନୂଆପଡା ୧–୦ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ବରିଷ୍ଠ ବିଜେଡି ନେତା ଉଦ୍ଧବ ଚରଣ ବେହେରା ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନୀତ ଅତିଥିଭାବେ ଚଉଷଠି ଯୋଗିନୀ ସାହିତ୍ୟ କଳା ପରିଷଦ ସଭାପତି ଡ଼ା ନାରାୟଣ ମିଶ୍ର, ଆଦିବାସୀ ଜିଲା ସଂଗଠକ ସୁରେଶ ଭୋଇ, କ୍ରୀଡ଼ାବିତ ରାମରଞ୍ଜନ ପାତ୍ର, ନେତ୍ରମଣି ଭୋଇ ଉପସ୍ଥିତ ଥିଲେ। ଉକ୍ତ ମ୍ୟାଚକୁ ଶ୍ରୀବତ୍ସ ବେହେରା ଆଶୀର୍ବାଦ ସା, ଆଶିଷ ଦେବ ସା,ଅଶ୍ୱନି ଭୁକ୍ତା, ପ୍ରତାପ ଭୁକ୍ତା, ପରିଚାଳିନା କରିଥିଲେ। ରଘୁନାଥ ଦାସ ପ୍ଲେୟାର ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ।

## ସଡ଼କ ପରିବହନ ଏବଂ ରାଜମାର୍ଗ ମନ୍ତ୍ରଣାଳୟ

### ଅଧିସୂଚନା

ଜାତୀୟ ରାଜପଥ ଆଇନ୍ ୧୯୫୬ (୧୯୫୬ର ଧାରା ୪୮)ର ଧାରା-୩ (କ) ଉପଧାରା-୩ (୧) ମୁତାବକ ଯେହେତୁ, ଭାରତ ସରକାର ସଡକ ଓ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଦ୍ୱାରା ଜାତୀୟ ରାଜପଥ ଗ୍ରୀନ୍‌ଫିଲ୍ଡ ହାଇୱେ ପ୍ରକଳ୍ପ ଓଡ଼ିଶା ରାଜ୍ୟର କଟକ ଜିଲ୍ଲା (ସା: ନିମପୁର, ପୋ.: ଜଗତପୁର, ଜିଲ୍ଲା: କଟକ)ରେ ୦ରୁ ୬.୨୧କିମିର ଭୂମି ସଂପ୍ରସାରଣ ନିମନ୍ତେ କେନ୍ଦ୍ର ସରକାରଙ୍କ ବ୍ୟୟରେ ନିମ୍ନ ଜମିକୁ ସାର୍ବଜନୀନ ଉଦ୍ଦେଶ୍ୟରେ ଅଧିଗ୍ରହଣ କରିବା ଆବଶ୍ୟକ ହେଉଅଛି। ଯେହେତୁ ଜାତୀୟ ରାଜପଥ ଆଇନ ୧୯୫୬ (୧୯୫୬ର ୪୮ ନଂ. ଆଇନ୍)ର ଧାରା ୩(କ)ର ଉପଧାରା (୧) ଅନୁଯାୟୀ କେନ୍ଦ୍ର ସରକାର ତାଙ୍କ ଅଧିସୂଚନା ନଂ. ଏସ୍.ଓ. ୧୭୯ (ଇ) ପ୍ରୋକ୍ତ ଉଦ୍ଦେଶ୍ୟରେ ପ୍ରକାଶ କରିଅଛନ୍ତି।

ଏତଦ୍ୱାରା ତଫସିଲଭୁକ୍ତ ଜମିର ସତ୍ୱବାନ ବ୍ୟକ୍ତି, ଭୂମି ମାଲିକ, ସ୍ୱାର୍ଥ ଥିବା ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଛି ଯେ ଏହି ଅଧିସୂଚନା ପ୍ରକାଶିତ ହେବାର ଏକୋଇଶି (୨୧) ଦିନ ମଧ୍ୟରେ ଉପରୋକ୍ତ ଆଇନ୍‌ର ଧାରା ୩ (ଗ) ଉପଧାରା (୧) ଅନୁସାରେ ଆପତ୍ତି ଦାଏର କରିପାରିବେ।

ଏ ସଂପର୍କରେ ଧାରା-୩(ଗ)ର ଉପଧାରା (୨) ଅନୁଯାୟୀ କ୍ଷମତାପନ୍ନ ପ୍ରାଧିକାରୀଙ୍କ ଆଦେଶ ଚୂଡାନ୍ତ ବିବେଚିତ ହେବ।

ଉକ୍ତ ଜମିର ଏକ ନକ୍ସା ଓ ଅନ୍ୟାନ୍ୟ ବିଶଦବିବରଣୀ ଅଧିସୂଚନା ଅନୁଯାୟୀ ଇଚ୍ଛୁକ ବ୍ୟକ୍ତିମାନଙ୍କ ଦ୍ୱାରା ଉପରୋକ୍ତ କ୍ଷମତାପନ୍ନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ନିରୀକ୍ଷଣ କରିବା ନିମନ୍ତେ ଉପଲବ୍ଧ ଅଟେ।

ଅନୁସୂଚୀ

ଓଡ଼ିଶା ରାଜ୍ୟର କଟକ ଜିଲ୍ଲା (ସା: ନିମପୁର, ପୋ.- ଜଗତପୁର, ଜିଲ୍ଲା- କଟକ) ଗ୍ରୀନ୍‌ଫିଲ୍ଡ ହାଇୱେର ଭୂମି ଅର୍ଜନ ଏବଂ ସଂରଚନା ବିବରଣୀ।

ରାଜ୍ୟ: ଓଡ଼ିଶା ଜିଲ୍ଲା: କଟକ

| କ୍ର. ନଂ. | ସର୍ଭେ ନଂ. | ଜମିର ପ୍ରକାର | ଜମିର କିସମ | କ୍ଷେତ୍ର (ସ୍ଥାନୀୟ ରକବା) | କ୍ଷେତ୍ର (ହେକ୍ଟରରେ) |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ତାଲୁକ: ଟାଙ୍ଗୀ | | | | | |
| ଗ୍ରାମ: ଆରଡା | | | | | |
| ୧ | ୧୦୫ | ବେସରକାରୀ | ପତିତ | ୦.୪୬୨୦୦୦୪ (ଏକର) | ୦.୧୮୬୯୬୮୮ |
| ୨ | ୧୦୬ | ବେସରକାରୀ | ଚକ | ୦.୨୩୩୩୦୦୦(ଏକର) | ୦.୦୯୪୪୧୫୨ |
| ୩ | ୧୦୭ | ବେସରକାରୀ | ଚକ | ୦.୫୧୨୯୯୯୪ (ଏକର) | ୦.୨୦୭୬୦୮୩ |
| ୪ | ୧୧ | ସରକାରୀ | ଗୋଚର | ୦.୦୪୮୨୯୯୯ (ଏକର) | ୦.୦୧୯୫୪୬୭ |
| ୫ | ୧୨ | ବେସରକାରୀ | ଚକ | ୦.୦୧୧୬୯୯୯ (ଏକର) | ୦.୦୦୪୭୩୪୯ |
| ୬ | ୧୪ | ବେସରକାରୀ | ଚକ | ୦.୦୪୯୯୦୦୧ (ଏକର) | ୦.୦୨୦୧୯୪୩ |
| ୭ | ୧୫ | ବେସରକାରୀ | ଚକ | ୦.୦୦୨୬୦୦୦ (ଏକର) | ୦.୦୦୧୦୫୨୨ |
| ୮ | ୧୬ | ବେସରକାରୀ | ଚକ | ୦.୧୨୬୮୯୯୯ (ଏକର) | ୦.୦୫୧୩୫୫୭ |
| ୯ | ୧୬୦ | ବେସରକାରୀ | ଚକ | ୦.୦୬୨୦୦୦୧ (ଏକର) | ୦.୦୨୫୦୯୧୧ |
| ୧୦ | ୧୬୨ | ବେସରକାରୀ | ଚକ | ୦.୦୨୨୦୯୯୯ (ଏକର) | ୦.୦୦୮୯୪୩୭ |
| ୧୧ | ୧୬୫ | ବେସରକାରୀ | ଚକ | ୦.୫୦୭୪୯୮୯ (ଏକର) | ୦.୨୦୫୩୮୨୪ |
| ୧୨ | ୧୬୬ | ବେସରକାରୀ | ଚକ | ୦.୧୨୦୨୯୯୯ (ଏକର) | ୦.୦୪୮୬୮୪୭ |
| ୧୩ | ୧୬୭ | ବେସରକାରୀ | ଚକ | ୦.୧୬୦୦୦୦୦ (ଏକର) | ୦.୦୬୪୭୨୫୧୧ |
| ୧୪ | ୧୬୮ | ବେସରକାରୀ | ଚକ | ୦.୨୦୬୯୦୦୦ (ଏକର) | ୦.୦୮୩୭୩୧୩ |
| ୧୫ | ୧୬୯ | ବେସରକାରୀ | ଚକ | ୦.୩୨୫୪୦୧୦ (ଏକର) | ୦.୧୩୧୬୮୭୬ |
| ୧୬ | ୧୭ | ବେସରକାରୀ | ଚକ | ୦.୨୪୧୬୦୦୦(ଏକର) | ୦.୦୯୭୭୭୪୨ |
| ୧୭ | ୧୭୦ | ବେସରକାରୀ | ଚକ | ୦.୧୯୩୮୦୦୦(ଏକର) | ୦.୦୭୮୪୨୯୮ |
| ୧୮ | ୧୭୧ | ବେସରକାରୀ | ଚକ | ୦.୪୭୪୬୯୮୯(ଏକର) | ୦.୧୯୨୧୦୮୫ |
| ୧୯ | ୧୭୨ | ବେସରକାରୀ | ଚକ | ୦.୦୨୬୩୦୦୧(ଏକର) | ୦.୦୧୦୬୪୩୫ |
| ୨୦ | ୧୭୩ | ବେସରକାରୀ | ଚକ | ୦.୫୬୯୯୯୯୬(ଏକର) | ୦.୨୦୬୩୯୪୨ |
| ୨୧ | ୧୭୪ | ବେସରକାରୀ | ଚକ | ୦.୩୬୩୪୦୦୧(ଏକର) | ୦.୧୪୭୦୬୬୦ |
| ୨୨ | ୧୭୫ | ସରକାରୀ | ଶଙ୍ଖ ନାଳ | ୦.୦୭୦୦୦୦୦(ଏକର) | ୦.୨୮୩୨୮୬ |
| ୨୩ | ୧୭୬ | ବେସରକାରୀ | ଚକ | ୦.୧୨୬୫୦୦୧(ଏକର) | ୦.୦୫୧୧୯୩୯ |
| ୨୪ | ୧୭୯ | ବେସରକାରୀ | ଚକ | ୦.୨୭୦୩୯୯୧(ଏକର) | ୦.୧୦୯୪୨୯୪ |
| ୨୫ | ୧୮ | ବେସରକାରୀ | ଚକ | ୦.୧୫୦୦୦୦୧(ଏକର) | ୦.୦୬୦୭୦୪୨ |
| ୨୬ | ୧୮୫ | ବେସରକାରୀ | ଚକ | ୦.୦୦୭୩୦୦୧(ଏକର) | ୦.୦୦୨୯୫୪୨ |
| ୨୭ | ୧୯ | ବେସରକାରୀ | ଚକ | ୦.୧୬୯୦୯୦୦୦ଏକର) | ୦.୦୬୮୪୩୩୮ |
| ୨୮ | ୧୯୯ | ବେସରକାରୀ | ଚକ | ୦.୧୨୨୭୦୦୦(ଏକର) | ୦.୦୪୯୬୫୬୦ |
| ୨୯ | ୨୦ | ବେସରକାରୀ | ଚକ | ୧.୪୧୨୩୯୯୦(ଏକର) | ୦.୫୭୧୫୯୦୪ |
| ୩୦ | ୨୦୨ | ବେସରକାରୀ | ଚକ | ୦.୦୮୯୮୯୯୯(ଏକା) | ୦.୦୩୬୩୮୨୦ |
| ୩୧ | ୨୦୩ | ବେସରକାରୀ | ଚକ | ୦.୦୯୯୯୦୦୧(ଏକର) | ୦.୦୪୦୪୨୯୦ |
| ୩୨ | ୨୦୪ | ବେସରକାରୀ | ଚକ | ୦.୪୯୯୯୯୯୪(ଏକର) | ୦.୨୦୨୩୪୭୨ |
| ୩୩ | ୨୦୫ | ବେସରକାରୀ | ଚକ | ୦.୨୪୦୦୦୯୯୯(ଏକର) | ୦.୦୯୭୧୬୭୧ |
| ୩୪ | ୨୫୨ | ସରକାରୀ | ପ୍ରଧାନ ଚକନାଳ | ୦.୦୩୪୮୯୯୯(ଏକର) | ୦.୦୧୪୨୩୮ |
| ୩୫ | ୨୫୩ | ସରକାରୀ | ଚକରାସ୍ତା | ୦.୦୩୩୮୯୯୯(ଏକର) | ୦.୦୧୩୭୧୯୧ |
| ୩୬ | ୩୧୧ | ବେସରକାରୀ | ଚକ | ୦.୦୯୩୭୯୯୯(ଏକର) | ୦.୦୩୭୯୬୦୩ |
| ୩୭ | ୩୧୧ | ବେସରକାରୀ | ଚକ | ୦.୩୮୨୧୯୯୫(ଏକର) | ୦.୧୫୪୬୭୪୨ |
| ୩୮ | ୩୧୩ | ବେସରକାରୀ | ଚକ | ୦.୯୭୨୬୦୦୪(ଏକର) | ୦.୩୯୩୬୦୫୮ |
| ୩୯ | ୩୧୪ | ବେସରକାରୀ | ଚକ | ୦.୬୯୪୨୦୦୩(ଏକର) | ୦.୨୮୦୯୩୮୯ |
| ୪୦ | ୩୧୫ | ବେସରକାରୀ | ଚକ | ୦.୧୬୪୧୦୦୧(ଏକର) | ୦.୦୬୬୪୧୦୪ |
| ୪୧ | ୩୧୬ | ବେସରକାରୀ | ଚକ | ୦.୦୦୮୬୦୦୧(ଏକର) | ୦.୦୦୩୪୮୦୪ |
| ୪୨ | ୩୧୮ | ବେସରକାରୀ | ଚକ | ୦.୦୦୩୪୯୯୯(ଏକର) | ୦.୦୦୧୪୧୬୪ |
| ୪୩ | ୩୧୯ | ବେସରକାରୀ | ଚକ | ୦.୦୨୦୧୦୦୧(ଏକର) | ୦.୦୦୮୧୩୪୪ |
| ୪୪ | ୩୨୩ | ବେସରକାରୀ | ଚକ | ୦.୨୨୮୯୯୯୯(ଏକର) | ୦.୦୯୨୬୭୫୦ |
| ୪୫ | ୩୨୪ | ବେସରକାରୀ | ଚକ | ୦.୩୩୯୯୯୯୭(ଏକର) | ୦.୧୩୭୫୯୬୧ |
| ୪୬ | ୩୨୫ | ବେସରକାରୀ | ଚକ | ୦.୨୯୫୬୯୯୬(ଏକର) | ୦.୧୧୯୬୮୨ |
| ୪୭ | ୩୩୦ | ବେସରକାରୀ | ଚକ | ୦.୦୩୫୦୦୦୦(ଏକର) | ୦.୦୧୪୧୬୪୩ |
| ୪୮ | ୩୩୧ | ବେସରକାରୀ | ଚକ | ୦.୧୫୦୦୦୦୧(ଏକର) | ୦.୦୬୦୭୦୪୨ |
| ୪୯ | ୩୩୨ | ବେସରକାରୀ | ଚକ | ୦.୩୬୩୪୯୮୯(ଏକର) | ୦.୧୪୭୧୦୬୪ |
| ୫୦ | ୩୬୨ | ସରକାରୀ | ପ୍ରଧାନ ଚକନାଳ | ୦.୦୪୧୯୦୦୦(ଏକର) | ୦.୦୧୬୯୫୬୭ |
| ୫୧ | ୩୭୩ | ସରକାରୀ | ଗୋଚର | ୦.୪୩୫୦୦୦(ଏକର) | ୦.୦୧୭୬୦୪୨ |
| ୫୨ | ୩୭୪ | ବେସରକାରୀ | ଚକ | ୦.୦୨୪୩୦୦୧(ଏକର) | ୦.୦୦୯୮୩୪୧ |
| ୫୩ | ୩୭୫ | ବେସରକାରୀ | ଚକ | ୦.୧୪୩୧୦୦୧(ଏକର) | ୦.୦୫୭୯୧୧୮ |
| ୫୪ | ୩୭୬ | ବେସରକାରୀ | ଚକ | ୦.୧୩୦୦୦୦୧(ଏକର) | ୦.୦୫୨୬୧୦୩ |
| ୫୫ | ୩୭୭ | ବେସରକାରୀ | ଚକ | ୦.୮୮୯୩୯୯୪(ଏକର) | ୦.୩୫୯୯୩୫୨ |
| ୫୬ | ୩୭୮ | ସରକାରୀ | ଗୋଚର | ୦.୦୦୫୭୯୯୯(ଏକର) | ୦.୦୦୨୩୪୭୨ |
| ୫୭ | ୩୮୦ | ବେସରକାରୀ | ଚକ | ୦.୧୫୯୮୯୯୯(ଏକର) | ୦.୦୬୪୭୧୦୬ |
| ୫୮ | ୪୩ | ବେସରକାରୀ | ଚକ | ୦.୧୮୮୨୦୦୦(ଏକର) | ୦.୦୭୬୧୬୩୫ |
| ୫୯ | ୪୪ | ବେସରକାରୀ | ଚକ | ୦.୫୮୨୫୦୧୨(ଏକର) | ୦.୨୩୫୭୩୪୫ |
| ୬୦ | ୪୫ | ବେସରକାରୀ | ଚକ | ୦.୪୧୪୧୦୦୧(ଏକର) | ୦.୧୬୭୫୮୪୦ |
| ୬୧ | ୪୮ | ସରକାରୀ | ପ୍ରଧାନ ଚକାନାଳ | ୦.୦୩୬୧୦୦୧(ଏକର) | ୦.୦୧୪୬୦୯୫ |
| ୬୨ | ୮୦ | ବେସରକାରୀ | ଚକ | ୦.୩୭୬୧୯୯୯(ଏକର) | ୦.୧୫୨୨୪୬୧ |
| ୬୩ | ୮୧ | ବେସରକାରୀ | ଚକ | ୦.୧୬୨୮୯୯୯(ଏକର) | ୦.୦୬୫୯୨୪୭ |
| ଗ୍ରାମ: ବିରୋଳ | | | | | |
| ୧ | ୧ | ସରକାରୀ | ଗୋଚର | ୦.୧୬୬୪୯୯୯(ଏକର) | ୦.୦୬୭୩୮୧୬ |
| ୨ | ୧୦ | ବେସରକାରୀ | ବିଆଳି | ୦.୪୦୯୮୦୦୫(ଏକର) | ୦.୧୬୫୮୪୩୮ |
| ୩ | ୧୦୨ | ସରକାରୀ | ଗୋଚର | ୦.୦୦୩୭୯୯୯(ଏକର) | ୦.୦୦୧୫୩୭୮ |
| ୪ | ୧୦୩ | ସରକାରୀ | ଶାରଦଜଳ ଦୋଫସଲି-୨ | ୦.୦୫୨୩୦୦୦(ଏକର) | ୦.୦୨୧୧୬୫୫ |
| ୫ | ୧୦୪ | ସରକାରୀ | ଗୋଚର | ୦.୬୭୧୦୦୦୧(ଏକର) | ୦.୨୭୧୫୫୦୦ |
| ୬ | ୧୩ | ବେସରକାରୀ | ବିଆଳି | ୦.୦୯୧୭୦୦୧(ଏକର) | ୦.୦୩୭୧୧୦୫ |
| ୭ | ୨୦୫୩ | ବେସରକାରୀ | ଶାରଦଜଳ ଦୋଫସଲି-୧ | ୦.୦୯୨୧୯୯୯(ଏକର) | ୦.୦୩୭୩୧୨୮ |
| ୮ | ୨୩୯ | ବେସରକାରୀ | ଶାରଦଜଳ ଦୋଫସଲି-୧ | ୦.୦୦୦୧୦୦୧(ଏକର) | ୦.୦୦୦୦୪୦୫ |
| ୯ | ୨୪୧ | ବେସରକାରୀ | ଶାରଦଜଳ ଦୋଫସଲି-୧ | ୦.୦୪୯୧୦୦୦(ଏକର) | ୦.୦୧୯୮୭୦୫ |
| ୧୦ | ୨୪୫ | ବେସରକାରୀ | ଶାରଦଜଳ ଦୋଫସଲି-୧ | ୦.୬୧୨୧୦୧୩(ଏକର) | ୦.୨୪୭୭୨୧୩୫ |
| ୧୧ | ୨୪୬ | ବେସରକାରୀ | ଚକ | ୦.୦୦୦୮୦୦୧(ଏକର) | ୦.୦୦୦୩୨୩୮ |
| ୧୨ | ୨୪୭ | ବେସରକାରୀ | ଚକ | ୦.୦୦୧୩୦୦୦(ଏକର) | ୦.୦୦୦୫୨୬୧ |
| ୧୩ | ୨୫ | ବେସରକାରୀ | ଚକ | ୦.୫୫୨୭୯୯୮(ଏକର) | ୦.୨୨୩୭୨୧୫୧ |
| ୧୪ | ୨୫୨ | ବେସରକାରୀ | ଚକ | ୦.୧୦୦୫୦୦୦(ଏକର) | ୦.୦୪୦୬୭୧୮ |
| ୧୫ | ୨୫୩ | ବେସରକାରୀ | ଶାରଦଜଳ ଦୋଫସଲି-୧ | ୦.୦୫୭୦୦୦୦(ଏକର) | ୦.୦୨୩୦୬୭୬ |
| ୧୬ | ୨୫୪ | ସରକାରୀ | ଗୋଚର | ୦.୦୧୭୫୦୦୧(ଏକର) | ୦.୦୦୭୦୮୨୨ |
| ୧୭ | ୨୫୫ | ବେସରକାରୀ | ଶାରଦଜଳ ଦୋଫସଲି-୧ | ୦.୦୮୭୭୦୦୦(ଏକର) | ୦.୦୩୫୪୯୧୭ |
| ୧୮ | ୨୫୬ | ବେସରକାରୀ | ଚକ | ୦.୧୮୪୭୯୯୯(ଏକର) | ୦.୦୭୪୭୮୭୫ |
| ୧୯ | ୨୫୭ | ବେସରକାରୀ | ଶାରଦଜଳ ଦୋଫସଲି-୧ | ୦.୦୧୪୧୦୦୦(ଏକର) | ୦.୦୦୫୭୦୬୨ |
| ୨୦ | ୨୬୭ | ବେସରକାରୀ | ଚକ | ୦.୦୫୩୮୯୯୯(ଏକର) | ୦.୦୨୧୮୧୩୦ |
| ୨୧ | ୨୬୮ | ବେସରକାରୀ | ଚକ | ୦.୦୯୯୩୦୦୧(ଏକର) | ୦.୦୪୦୧୮୬୨ |
| ୨୨ | ୨୬୯ | ବେସରକାରୀ | ଚକ | ୦.୨୦୮୫୦୦୦(ଏକର) | ୦.୦୮୪୩୭୮୮ |
| ୨୩ | ୨୭୦ | ବେସରକାରୀ | ଚକ | ୦.୦୧୯୮୦୦୧(ଏକର) | ୦.୦୦୮୦୧୩୦ |
| ୨୪ | ୨୭୧ | ବେସରକାରୀ | ଚକ | ୦.୦୫୦୫୦୦୧(ଏକର) | ୦.୦୨୦୪୩୭୧ |
| ୨୫ | ୨୭୩ | ବେସରକାରୀ | ଚକ | ୦.୨୯୯୨୯୯୯(ଏକର) | ୦.୧୨୧୧୨୫୧ |
| ୨୬ | ୨୭୪ | ବେସରକାରୀ | ଚକ | ୦.୩୪୧୪୯୯୬(ଏକର) | ୦.୧୩୮୨୦୩୨ |
| ୨୭ | ୨୭୫ | ବେସରକାରୀ | ଚକ | ୦.୨୫୦୫୯୮୯(ଏକର) | ୦.୧୦୧୪୧୬୪ |
| ୨୮ | ୨୭୮ | ବେସରକାରୀ | ଚକ | ୦.୫୫୪୦୦୧(ଏକର) | ୦.୦୨୨୪୦୧ |
| ୨୯ | ୨୭୯ | ବେସରକାରୀ | ଚକ | ୦.୦୪୬୬୯୯୯(ଏକର) | ୦.୦୧୮୮୯୨ |
| ୩୦ | ୨୮୧ | ବେସରକାରୀ | ଚକ | ୦.୦୮୦୯୯୯୯(ଏକର) | ୦.୦୩୨୭୮୦୨ |
| ୩୧ | ୨୮୩ | ବେସରକାରୀ | ଚକ | ୦.୦୯୯୫୦୦୦(ଏକର) | ୦.୦୪୦୨୬୭୧ |
| ୩୨ | ୨୮୪ | ବେସରକାରୀ | ଚକ | ୦.୧୩୭୯୦୦୧(ଏକର) | ୦.୦୫୫୮୦୭୪ |
| ୩୩ | ୨୮୫ | ବେସରକାରୀ | ଚକ | ୦.୦୨୩୯୦୦୦(ଏକର) | ୦.୦୦୯୬୭୨୨ |
| ୩୪ | ୫ | ବେସରକାରୀ | ବିଆଳି | ୦.୦୦୪୭୯୯୯(ଏକର) | ୦.୦୦୧୯୪୨୫ |
| ୩୫ | ୬ | ବେସରକାରୀ | ବିଆଳି | ୦.୧୭୯୫୯୯୯(ଏକର) | ୦.୦୭୨୬୮୩୧ |
| ୩୬ | ୬୭ | ସରକାରୀ | ଗୋଚର | ୦.୩୯୭୯୦୦୨(ଏକର) | ୦.୧୬୧୦୨୭୯ |
| ୩୭ | ୬୮ | ବେସରକାରୀ | ଚକ | ୦.୪୮୦୯୦୧୧(ଏକର) | ୦.୧୯୪୬୧୭୬ |
| ୩୮ | ୬୯ | ବେସରକାରୀ | ଚକ | ୦.୧୦୧୬୦୦୧(ଏକର) | ୦.୦୪୧୧୧୭୦ |
| ୩୯ | ୭ | ବେସରକାରୀ | ବିଆଳି | ୦.୦୭୦୦୦୦୦(ଏକର) | ୦.୦୨୮୩୨୮୬ |
| ୪୦ | ୭୦ | ବେସରକାରୀ | ଚକ | ୦.୦୪୦୦୦୦୧(ଏକର) | ୦.୦୧୬୧୮୭୮ |
| ୪୧ | ୭୧ | ବେସରକାରୀ | ଚକ | ୦.୦୫୩୫୯୯୯(ଏକର) | ୦.୦୨୧୬୯୧୬ |
| ୪୨ | ୭୪ | ବେସରକାରୀ | ଚକ | ୦.୦୨୯୩୦୦୧(ଏକର) | ୦.୦୧୧୮୫୭୬ |
| ୪୩ | ୭୫ | ବେସରକାରୀ | ଚକ | ୦.୨୫୪୯୦୦୯(ଏକର) | ୦.୧୪୯୭୩୬୯ |
| ୪୫ | ୭୭ | ବେସରକାରୀ | ଚକ | ୦.୯୫୯୨୦୦୨(ଏକର) | ୦.୩୮୮୧୮୨୯ |
| ୪୬ | ୭୮ | ସରକାରୀ | ଗୋଚର | ୦.୦୪୫୬୦୦୧(ଏକର) | ୦.୦୧୮୪୫୪୧ |
| ୪୭ | ୭୯ | ବେସରକାରୀ | ଚକ | ୦.୩୬୯୩୦୦୮(ଏକର) | ୦.୧୪୯୪୫୩୭ |
| ୪୮ | ୮ | ବେସରକାରୀ | ବିଆଳି | ୦.୨୫୯୬୦୦୮(ଏକର) | ୦.୧୦୫୦୫୮୭ |
| ୪୯ | ୮୧ | ବେସରକାରୀ | ଚକ | ୦.୧୯୯୭୦୦୦(ଏକର) | ୦.୦୮୦୮୧୭୫ |
| ୫୦ | ୮୨ | ବେସରକାରୀ | ଚକ | ୦.୦୧୪୮୦୦୧(ଏକର) | ୦.୦୦୫୯୮୯୫ |
| ୫୧ | ୮୫ | ବେସରକାରୀ | ଚକ | ୦.୦୮୯୧୦୦୧(ଏକର) | ୦.୦୩୬୦୫୮୩ |
| ୫୨ | ୮୬ | ବେସରକାରୀ | ଚକ | ୦.୫୧୯୯୯୯୭(ଏକର) | ୦.୨୧୦୪୪୧୧ |
| ୫୩ | ୮୮ | ବେସରକାରୀ | ଚକ | ୦.୯୩୮୭୯୯୬(ଏକର) | ୦.୩୭୯୯୨୭୨ |
| ୫୪ | ୯ | ବେସରକାରୀ | ବିଆଳି ଦୋଫସଲି | ୦.୧୯୦୦୦୦୧(ଏକର) | ୦.୦୭୬୮୯୨୦ |
| ୫୫ | ୯୦ | ବେସରକାରୀ | ଚକ | ୦.୦୦୩୭୦୦୧(ଏକର) | ୦.୦୦୧୪୯୭୪ |
| ଗ୍ରାମ: ବ୍ରାହ୍ମଣପଡା | | | | | |
| ୧ | ୧ | ବେସରକାରୀ | ଚକ | ୦.୦୨୧୧୯୯୯(ଏକର) | ୦.୦୦୮୫୭୯୫ |
| ୨ | ୨୮୯ | ସରକାରୀ | ଶାରଦଜଳ ଦୋଫସଲି-୧ | ୦.୦୫୮୪୦୦୧(ଏକର) | ୦.୦୨୩୬୩୪୨ |
| ୩ | ୩୨୮ | ବେସରକାରୀ | ଚକ | ୦.୦୫୫୦୦୦୦(ଏକର) | ୦.୦୨୨୨୫୮୨ |
| ୪ | ୩୩୦ | ବେସରକାରୀ | ଚକ | ୦.୦୦୯୬୯୯୯(ଏକର) | ୦.୦୦୩୯୨୫୫ |
| ୫ | ୩୩୧ | ବେସରକାରୀ | ଚକ | ୦.୫୮୪୦୯୯୯(ଏକର) | ୦.୨୩୬୩୮୨୦ |
| ୬ | ୩୩୨ | ବେସରକାରୀ | ଚକ | ୦.୨୬୦୦୦୧୧(ଏକର) | ୦.୧୦୫୨୨୦୬ |
| ୭ | ୩୩୩ | ବେସରକାରୀ | ଚକ | ୦.୨୪୩୬୯୯୯(ଏକର) | ୦.୦୯୮୬୨୪୦ |
| ୮ | ୩୩୫ | ବେସରକାରୀ | ଚକ | ୦.୪୧୯୬୦୦୫(ଏକର) | ୦.୧୬୯୮୦୯୮ |
| ୯ | ୩୪୪ | ବେସରକାରୀ | ଚକ | ୦.୫୧୨୫୯୯୧(ଏକର) | ୦.୨୦୭୪୪୬୪ |
| ୧୦ | ୩୪୫ | ବେସରକାରୀ | ଚକ | ୧.୪୮୩୦୯୯୦(ଏକର) | ୦.୬୦୦୨୦୨୩ |
| ୧୧ | ୩୭୩ | ବେସରକାରୀ | ଚକ | ୦.୨୯୦୩୯୯୩(ଏକର) | ୦.୧୧୭୫୨୩୩ |
| ୧୨ | ୩୭୪ | ବେସରକାରୀ | ଚକ | ୦.୧୯୦୯୦୦୦୧(ଏକର) | ୦.୦୭୭୨୫୬୨ |
| ୧୩ | ୩୭୫ | ବେସରକାରୀ | ଚକ | ୦.୦୪୦୦୦୦୧(ଏକର) | ୦.୦୧୬୧୮୭୮ |
| ୧୪ | ୩୭୬ | ବେସରକାରୀ | ଚକ | ୦.୦୨୯୯୯୯୯(ଏକର) | ୦.୦୧୨୧୪୦୮ |
| ୧୫ | ୩୭୭ | ବେସରକାରୀ | ଚକ | ୦.୦୨୦୦୦୦୦(ଏକର) | ୦.୦୦୮୦୯୩୯ |
| ୧୬ | ୩୭୮ | ବେସରକାରୀ | ଚକ | ୦.୩୨୧୪୦୦୫(ଏକର) | ୦.୧୩୦୦୬୮୮ |
| ୧୭ | ୩୭୯ | ବେସରକାରୀ | ଚକ | ୦.୦୮୨୦୦୦୧(ଏକର) | ୦.୦୩୩୧୮୫୦ |
| ୧୮ | ୩୯୩ | ବେସରକାରୀ | ଚକ | ୦.୨୯୧୧୯୯୯(ଏକର) | ୦.୧୧୭୮୪୭୦ |
| ୧୯ | ୩୯୫ | ବେସରକାରୀ | ଚକ | ୦.୩୬୨୦୦୯(ଏକର) | ୦.୧୪୬୮୬୩୬ |
| ୨୦ | ୩୯୬ | ବେସରକାରୀ | ଚକ | ୦.୬୩୨୬୯୯୫(ଏକର) | ୦.୨୫୬୦୫୦୨ |
| ୨୧ | ୩୯୭ | ବେସରକାରୀ | ଚକ | ୧୧.୬୬୯୩୦୧୦(ଏକର) | ୦.୬୭୫୫୫୬୫ |
| ୨୨ | ୪୧୨ | ସରକାରୀ | ଚକ ରାସ୍ତା | ୦.୦୪୫୬୦୦୧(ଏକର) | ୦.୦୧୮୪୫୪୧ |
| ୨୩ | ୪୧୩ | ବେସରକାରୀ | ଚକ | ୦.୨୭୬୫୦୦୦(ଏକର) | ୦.୧୧୧୮୯୮୦ |
| ୨୪ | ୪୧୫ | ବେସରକାରୀ | ଚକ | ୦.୧୮୪୨୦୦୦(ଏକର) | ୦.୦୭୪୫୪୪୭ |
| ୨୫ | ୪୧୬ | ବେସରକାରୀ | ଚକ | ୦.୦୨୧୯୦୦୦(ଏକର) | ୦.୦୦୮୮୬୨୮ |
| ୨୬ | ୪୧୭ | ବେସରକାରୀ | ଚକ | ୦.୦୮୦୦୦୦୧(ଏକର) | ୦.୦୩୨୩୭୫୬ |
| ୨୭ | ୪୧୮ | ବେସରକାରୀ | ଚକ | ୦.୧୬୦୦୦୦୦(ଏକର) | ୦.୦୬୪୭୫୧୧ |
| ୨୮ | ୪୧୯ | ବେସରକାରୀ | ଚକ | ୦.୧୫୦୦୦୦୧(ଏକର) | ୦.୦୬୦୭୦୪୨ |
| ୨୯ | ୪୨୦ | ବେସରକାରୀ | ଚକ | ୦.୦୭୦୦୦୦୦(ଏକର) | ୦.୦୨୮୩୨୮୬ |
| ୩୦ | ୪୨୧ | ବେସରକାରୀ | ଚକ | ୦.୦୪୯୬୦୦୧(ଏକର) | ୦.୦୨୦୦୭୨୯ |
| ୩୧ | ୪୩୨ | ବେସରକାରୀ | ଚକ | ୦.୫୪୫୫୦୦୪(ଏକର) | ୦.୨୨୦୭୬୦୮ |
| ୩୨ | ୪୩୩ | ବେସରକାରୀ | ଚକ | ୦.୫୪୩୧୯୯୯(ଏକର) | ୦.୨୧୯୮୩୦୦ |
| ୩୩ | ୪୩୮ | ବେସରକାରୀ | ଚକ | ୧.୨୫୪୮୦୧୦(ଏକର) | ୦.୫୦୭୮୧୦୬ |
| ୩୪ | ୪୩୯ | ବେସରକାରୀ | ଚକ | ୦.୦୦୦୧୦୦୧(ଏକର) | ୦.୦୦୦୦୪୦୫ |
| ୩୫ | ୪୪୦ | ବେସରକାରୀ | ଚକ | ୦.୫୩୮୯୯୯୨(ଏକର) | ୦.୨୧୮୧୩୦୩ |
| ୩୬ | ୪୪୧ | ବେସରକାରୀ | ଚକ | ୦.୦୪୦୦୦୦୧(ଏକର) | ୦.୦୧୬୧୮୭୮ |
| ୩୭ | ୪୪୨ | ବେସରକାରୀ | ଚକ | ୦.୦୨୧୦୦୦୦(ଏକର) | ୦.୦୦୮୪୯୮୬ |
| ୩୮ | ୪୪୪ | ବେସରକାରୀ | ଚକ | ୦.୦୬୨୫୦୦୦(ଏକର) | ୦.୦୨୫୨୯୩୪ |
| ୩୯ | ୪୪୫ | ବେସରକାରୀ | ଚକ | ୦.୦୩୮୭୦୦୧(ଏକର) | ୦.୦୧୫୬୬୧୭ |
| ୪୦ | ୫୧ | ବେସରକାରୀ | ଚକ | ୦.୦୦୪୪୦୦୧(ଏକର) | ୦.୦୦୧୭୮୦୭ |
| ୪୧ | ୫୧୩ | ବେସରକାରୀ | ଚକ | ୦.୦୧୭୩୦୦୦(ଏକର) | ୦.୦୦୭୦୦୧୨ |
| ୪୨ | ୫୨ | ସରକାରୀ | ପ୍ରଧାନ ଚକନାଳ | ୦.୦୪୪୬୯୯୯(ଏକର) | ୦.୦୦୭୦୦୧୨ |
| ୪୩ | ୫୩ | ବେସରକାରୀ | ଚକ | ୦.୦୮୦୦୦୦୧(ଏକର) | ୦.୦୩୨୩୭୫୬ |
| ୪୪ | ୫୪ | ବେସରକାରୀ | ଚକ | ୦.୪୮୯୯୯୯୩(ଏକର) | ୦.୧୯୮୩୦୦୩ |
| ୪୫ | ୫୫ | ବେସରକାରୀ | ଚକ | ୧.୦୪୪୮୯୯୦(ଏକର) | ୦.୪୨୨୮୬୫୨ |
| ୪୬ | ୫୬ | ବେସରକାରୀ | ଚକ | ୧.୬୯୪୫୯୯୦(ଏକର) | ୦.୬୮୫୭୯୫୨ |
| ୪୭ | ୫୭ | ବେସରକାରୀ | ଚକ | ୦.୭୮୧୫୦୦୭(ଏକର) | ୦.୩୧୬୨୨୬୮୭ |
| ୪୮ | ୫୮ | ବେସରକାରୀ | ଚକ | ୦.୩୭୫୫୦୦୬(ଏକର) | ୦.୧୫୧୯୬୨୮ |
| ୪୯ | ୮୧୫ | ସରକାରୀ | ବିଆଳି ଦୋଫସଲି | ୦.୧୩୭୬୦୦୧(ଏକର) | ୦.୦୫୫୬୮୬୦ |
| ୫୦ | ୮୧୭ | ସରକାରୀ | କେନାଲ | ୦.୧୪୨୨୦୦୧(ଏକର) | ୦.୦୫୭୫୪୭୬ |
| ୫୧ | ୮୧୮ | ସରକାରୀ | କେନାଲବନ୍ଧ | ୦.୨୦୮୯୯୯୯(ଏକର) | ୦.୦୮୪୫୮୧୧ |
| ୫୨ | ୮୧୯ | ସରକାରୀ | ନୟନଜଳି | ୦.୧୨୮୮୦୦୧(ଏକର) | ୦.୦୫୨୧୨୪୭ |
| ୫୩ | ୮୨୨ | ସରକାରୀ | ଗୋଚର | ୦.୭୬୯୦୮୮(ଏକର) | ୦.୩୧୧୨୫୦୫ |
| ୫୪ | ୮୨୫ | ବେସରକାରୀ | ବିଆଳି ଦୋଫସଲି | ୦.୦୦୫୦୯୯୯(ଏକର) | ୦.୦୦୨୦୬୩୯ |
| ୫୫ | ୮୨୬ | ବେସରକାରୀ | ପତିତ | ୦.୦୦୩୪୦୦୧(ଏକର) | ୦.୦୦୧୩୭୬୦ |
| ୫୬ | ୮୨୭ | ବେସରକାରୀ | ପତିତ | ୦.୧୯୨୫୦୦୦(ଏକର) | ୦.୦୭୭୯୦୩୭ |
| ୫୭ | ୮୩୫ | ସରକାରୀ | ନଦୀ | ୧.୯୦୪୬୦୦୦(ଏକର) | ୦.୭୭୦୭୮୧୧ |
| ୫୮ | ୮୩୬ | ସରକାରୀ | ନଦୀ | ୨.୦୭୯୨୦୧୦(ଏକର) | ୦.୮୪୧୪୪୦୭ |
| ଗ୍ରାମ: କନ୍ଦରକଣା | | | | | |
| ୧ | ୧୦୨୫ | ବେସରକାରୀ | ଚକ | ୦.୯୦୨୯୯୯୮(ଏକର) | ୦.୩୬୫୪୩୯୧ |
| ୨ | ୧୦୨୮ | ବେସରକାରୀ | ଚକ | ୦.୫୯୪୦୦୧୨(ଏକର) | ୦.୨୪୦୩୮୮୫ |
| ୩ | ୧୦୨୯ | ବେସରକାରୀ | ଚକ | ୦.୧୪୪୪୦୦୧(ଏକର) | ୦.୦୫୮୪୩୭୯ |
| ୪ | ୧୦୩୬ | ବେସରକାରୀ | ଚକ | ୦.୭୬୮୭୦୦୯(ଏକର) | ୦.୩୧୧୦୮୮୬ |
| ୫ | ୧୦୩୭ | ବେସରକାରୀ | ଚକ | ୦.୩୮୨୩୯୯୬(ଏକର) | ୦.୧୫୪୭୫୫୨ |
| ୬ | ୧୦୪୩ | ବେସରକାରୀ | ଚକ | ୦.୧୯୭୪୦୦୦(ଏକର) | ୦.୦୭୯୮୮୬୭ |
| ୭ | ୧୦୪୪ | ବେସରକାରୀ | ଚକ | ୦.୧୬୦୦୦୦୦(ଏକର) | ୦.୦୬୪୭୫୧୧ |
| ୮ | ୧୦୪୫ | ବେସରକାରୀ | ଚକ | ୦.୧୩୯୭୦୦୦(ଏକର) | ୦.୦୫୨୩୪୩୨ |
| ୧୦ | ୧୦୫୭ | ବେସରକାରୀ | ଚକ | ୦.୬୧୯୨୦୦୫(ଏକର) | ୦.୨୫୦୫୮୬୮ |
| ୧୧ | ୧୦୫୮ | ବେସରକାରୀ | ଚକ | ୦.୨୪୯୦୯୯୦(ଏକର) | ୦.୧୦୦୮୦୯୪ |
| ୧୨ | ୧୦୫୯ | ବେସରକାରୀ | ଚକ | ୦.୨୨୮୨୦୦୧(ଏକର) | ୦.୦୯୨୩୫୧୩ |
| ୧୩ | ୧୦୬୦ | ବେସରକାରୀ | ଚକ | ୦.୫୮୪୭୦୦୪(ଏକର) | ୦.୨୩୬୬୨୪୮ |
| ୧୪ | ୧୦୬୧ | ବେସରକାରୀ | ଚକ | ୦.୫୪୦୦୦୦୦(ଏକର) | ୦.୨୧୮୫୩୫୦ |
| ୧୫ | ୧୦୬୨ | ବେସରକାରୀ | ଚକ | ୦.୧୭୪୯୦୦୧(ଏକର) | ୦.୦୭୦୭୮୧୧ |
| ୧୬ | ୧୦୬୩ | ବେସରକାରୀ | ଚକ | ୦.୪୨୭୩୯୯୦(ଏକର) | ୦.୧୭୨୯୬୬୪ |
| ୧୭ | ୧୦୬୪ | ବେସରକାରୀ | ଚକ | ୦.୪୯୮୮୯୯୮(ଏକର) | ୦.୨୦୧୯୦୨୧ |
| ୧୮ | ୧୦୬୫ | ବେସରକାରୀ | ଚକ | ୦.୦୦୦୮୦୦୧(ଏକର) | ୦.୦୦୦୩୨୩୮ |
| ୧୯ | ୧୦୬୬ | ବେସରକାରୀ | ଚକ | ୦.୧୪୧୧୦୦୦(ଏକର) | ୦.୦୫୭୧୦୨୪ |
| ୨୦ | ୧୦୭୫ | ସରକାରୀ | ଶାରଦଜଳ ଦୋଫସଲି-୧ | ୦.୧୧୩୬୦୦୦(ଏକର) | ୦.୦୪୫୯୭୩୩ |
| ୨୧ | ୧୦୭୬ | ବେସରକାରୀ | ଚକ | ୦.୪୪୩୪୦୧୨(ଏକର) | ୦.୧୭୯୪୪୧୫ |
| ୨୨ | ୧୦୭୭ | ବେସରକାରୀ | ଚକ | ୧.୧୧୦୮୦୧୦(ଏକର) | ୦.୪୪୯୫୩୪୬ |
| ୨୩ | ୧୦୭୮ | ସରକାରୀ | ମୁଖ୍ୟଚକନାଳ | ୦.୦୭୩୦୦୦(,କର) | ୦.୦୨୯୫୪୨୭ |
| ୨୪ | ୧୦୭୯ | ବେସରକାରୀ | ଚକରାସ୍ତା | ୦.୦୫୩୪୦୦୦(ଏକର) | ୦.୦୨୧୬୧୦୭ |
| ୨୫ | ୧୦୮୦ | ବେସରକାରୀ | ଚକ | ୦.୧୮୬୦୦୦୧(ଏକର) | ୦.୦୭୫୨୭୩୨ |
| ୨୬ | ୧୦୯୫ | ବେସରକାରୀ | ଚକ | ୦.୦୦୦୩୦୦୦(ଏକର) | ୦.୦୦୦୧୨୧୪ |
| ୨୭ | ୧୧୪୩ | ସରକାରୀ | ଚକରାସ୍ତା | ୦.୦୪୫୧୦୦୦(ଏକର) | ୦.୦୧୮୨୫୧୭ |
| ୨୮ | ୧୧୪୪ | ସରକାରୀ | ମୁଖ୍ୟଚକନାଳ | ୦.୦୪୮୬୦୦୧(ଏକର) | ୦.୦୧୯୬୬୮୨ |
| ୨୯ | ୧୧୪୫ | ବେସରକାରୀ | ଚକ | ୦.୬୦୨୮୯୯୩(ଏକର) | ୦.୨୪୩୯୯୦୩ |
| ୩୦ | ୧୧୪୬ | ବେସରକାରୀ | ଚକ | ୦.୮୮୮୦୯୯୬(ଏକର) | ୦.୩୫୯୪୦୯୧ |
| ୩୧ | ୭୧୯ | ବେସରକାରୀ | ଚକ | ୦.୪୫୨୪୦୦୬(ଏକର) | ୦.୧୮୩୦୮୩୮ |
| ୩୨ | ୭୨୦ | ବେସରକାରୀ | ଚକ | ୦.୦୬୫୯୦୦୦୧(ଏକର) | ୦.୦୨୬୬୬୯୪ |
| ୩୩ | ୭୨୧ | ବେସରକାରୀ | ଚକ | ୦.୧୬୦୦୦୦୦(ଏକର) | ୦.୦୬୪୭୫୧୧ |
| ୩୪ | ୭୨୨ | ବେସରକାରୀ | ଚକ | ୦.୨୩୮୪୯୯୯(ଏକର) | ୦.୦୯୬୫୧୯୬ |
| ୩୫ | ୭୨୪ | ବେସରକାରୀ | ଚକ | ୦.୧୭୮୨୦୦୧(ଏକର) | ୦.୦୭୨୧୬୬ |
| ୩୬ | ୭୨୫ | ବେସରକାରୀ | ଚକ | ୦.୪୪୦୩୯୮୯(ଏକର) | ୦.୧୭୮୨୨୭୪ |
| ୩୭ | ୭୨୬ | ବେସରକାରୀ | ଚକ | ୦.୧୫୭୯୦୦୧(ଏକର) | ୦.୦୬୩୯୦୧୩ |
| ୩୮ | ୭୩୪ | ବେସରକାରୀ | ଚକ | ୦.୧୬୯୫୦୦୦(ଏକର) | ୦.୦୬୮୫୯୫୭ |
| ୩୯ | ୭୪୭ | ସରକାରୀ | ମୁଖ୍ୟଚକନାଳ | ୦.୦୪୦୪୯୯୯(ଏକର) | ୦.୦୬୮୫୯୫୭ |
| ୪୦ | ୭୮୪ | ବେସରକାରୀ | ଘରବାରୀ | ୦.୦୩୬୧୦୦୧(ଏକର) | ୦.୦୧୪୬୦୯୫ |
| ୪୧ | ୭୮୫ | ବେସରକାରୀ | ଘରବାରୀ | ୦.୦୬୨୫୦୦୦(ଏକର) | ୦.୦୨୫୨୯୩୪ |
| ୪୨ | ୭୮୬ | ବେସରକାରୀ | ଘରବାରୀ | ୦.୨୧୩୧୦୦୦(ଏକର) | ୦.୦୮୬୨୪୦୪ |
| ୪୩ | ୭୮୭ | ବେସରକାରୀ | ଘରବାରୀ | ୦.୧୩୯୯୯୯୯(ଏକର) | ୦.୦୫୬୬୫୭୨ |
| ୪୪ | ୭୮୭/ ୧୪୧୪ | ବେସରକାରୀ | ଘରବାରୀ | ୦.୦୮୦୦୦୦୧(ଏକର) | ୦.୦୩୨୩୭୫୬ |
| ୪୫ | ୭୮୭/ ୧୪୧୫ | ବେସରକାରୀ | ଘରବାରୀ | ୦.୦୬୭୫୦୦୧(ଏକର) | ୦.୦୨୭୩୧୬୯ |
| ୪୬ | ୭୮୭/ ୧୪୧୬ | ବେସରକାରୀ | ଘରବାରୀ | ୦.୦୮୦୦୦୦୧(ଏକର) | ୦.୦୩୨୩୭୫୬ |
| ୪୭ | ୭୮୭/ ୧୪୧୭ | ବେସରକାରୀ | ଘରବାରୀ | ୦.୦୬୦୦୦୦୧(ଏକର) | ୦.୦୨୪୨୮୧୭ |
| ୪୮ | ୭୮୭/ ୧୪୧୯ | ବେସରକାରୀ | ଘରବାରୀ | ୦.୦୪୦୦୦୦୧(ଏକର) | ୦.୦୧୬୧୮୭୮ |
| ୪୯ | ୭୮୭/ ୧୪୨୦ | ବେସରକାରୀ | ଘରବାରୀ | ୦.୦୪୦୦୦୦୧(ଏକର) | ୦.୦୧୬୧୮୭୮ |
| ୫୦ | ୭୮୭/ ୧୪୨୧ | ବେସରକାରୀ | ଘରବାରୀ | ୦.୦୮୦୦୦୦୧(ଏକର) | ୦.୦୩୨୩୭୫୬ |
| ୫୧ | ୭୮୭/ ୧୪୨୨ | ବେସରକାରୀ | ଘରବାରୀ | ୦.୦୬୦୦୦୦୧(ଏକର) | ୦.୦୨୪୨୮୧୭ |
| ୫୨ | ୭୮୭/ ୧୪୨୩ | ବେସରକାରୀ | ଘରବାରୀ | ୦.୦୪୦୦୦୦୧(ଏକର) | ୦.୦୧୬୧୮୭୮ |
| ୫୩ | ୭୮୮ | ବେସରକାରୀ | ଘରବାରୀ | ୦.୦୯୫୦୦୦୧(ଏକର) | ୦.୦୩୮୪୪୬୦ |
| ୫୪ | ୭୮୯ | ବେସରକାରୀ | ଘରବାରୀ | ୦.୦୪୦୦୦୦୧(ଏକର) | ୦.୦୧୬୧୮୭୮ |
| ୫୫ | ୭୯୦ | ସରକାରୀ | ରାସ୍ତା | ୦.୦୪୩୨୦୦୦(ଏକର) | ୦.୦୧୭୪୮୨୮ |
| ୫୬ | ୭୯୧ | ସରକାରୀ | ରାସ୍ତା | ୦.୦୪୪୦୯୯୯(ଏକର) | ୦.୦୧୭୮୪୭୦ |
| ୫୭ | ୭୯୨ | ସରକାରୀ | ରାସ୍ତା | ୦.୦୪୪୦୯୯୯(ଏକର) | ୦.୦୧୭୮୪୭୦ |
| ୫୮ | ୭୯୬ | ବେସରକାରୀ | ଚକ | ୦.୫୬୪୯୯୯୧(ଏକର) | ୦.୨୨୮୬୫୨୪ |
| ୫୯ | ୮୦୮ | ବେସରକାରୀ | ଘରବାରୀ | ୧.୧୫୯୦୦୦୦(ଏକର) | ୦.୪୬୯୦୪୦୯ |
| ୬୦ | ୮୦୯ | ବେସରକାରୀ | ଚକ | ୦.୧୮୬୫୦୦୦(ଏକର) | ୦.୦୭୫୪୭୫୫ |
| ୬୧ | ୮୧୦ | ବେସରକାରୀ | ଘରବାରୀ | ୦.୧୫୪୬୯୯୯(ଏକର) | ୦.୦୬୨୬୦୬୨ |
| ୬୨ | ୮୧୧ | ବେସରକାରୀ | ଚକ | ୦.୩୦୬୧୦୦୧(ଏକର) | ୦.୧୨୩୮୭୭୦ |
| ୬୩ | ୮୧୨ | ବେସରକାରୀ | ଚକ | ୦.୯୭୧୧୯୯୪(ଏକର) | ୦.୩୯୩୦୩୯୩ |
| ୬୪ | ୮୧୩ | ବେସରକାରୀ | ଚକ | ୦.୪୩୦୦୦୦୯(ଏକର) | ୦.୧୭୪୦୧୮୬ |
| ୬୫ | ୮୧୪ | ବେସରକାରୀ | ଚକ | ୦.୬୩୨୨୦୦୪(ଏକର) | ୦.୨୫୫୮୪୭୮ |
| ୬୬ | ୮୧୯ | ବେସରକାରୀ | ଚକ | ୦.୦୫୧୦୦୦୦(ଏକର) | ୦.୦୨୦୬୩୯୪ |
| ୬୭ | ୮୨୦ | ବେସରକାରୀ | ଚକ | ୦.୨୭୨୮୯୯୭(ଏକର) | ୦.୧୧୦୪୪୧୧ |
| ୬୮ | ୮୨୧ | ବେସରକାରୀ | ଚକ | ୦.୩୦୦୭୯୯୮(ଏକର) | ୦.୧୨୧୭୩୨୧ |
| ୬୯ | ୮୨୨ | ବେସରକାରୀ | ଚକ | ୦.୧୩୯୯୯୯୯(ଏକର) | ୦.୦୫୬୬୫୭୨ |
| ୭୦ | ୮୨୩ | ବେସରକାରୀ | ଚକ | ୦.୧୪୪୮୦୦୧(ଏକର) | ୦.୦୫୮୫୯୯୮ |
| ୭୧ | ୮୩୪ | ସରକାରୀ | ନୟନଯୋଡି | ୦.୧୩୫୩୦୦୧(ଏକର) | ୦.୦୫୪୭୫୫୨ |
| ୭୨ | ୮୩୫ | ସରକାରୀ | କେନାଲବନ୍ଧ | ୦.୦୬୨୬୯୯୯(ଏକର) | ୦.୦୨୫୩୭୪୩ |
| ୭୩ | ୮୩୬ | ସରକାରୀ | କେନାଲ | ୦.୦୬୪୬୯୯୯(ଏକର) | ୦.୦୨୬୧୮୩୭ |
| ୭୪ | ୮୩୭ | ସରକାରୀ | ମୁଖ୍ୟଚକନାଳ | ୦.୦୪୯୪୦୦୦(ଏକର) | ୦.୦୧୯୯୯୧୯ |
| ଗ୍ରାମ: ତନ୍ତିରା | | | | | |
| ୧ | ୭୫୯ | ସରକାରୀ | ଗୋଚର | ୦.୫୪୦୨୯୯୦(ଏକର) | ୦.୨୧୮୬୫୬୪ |
| ୨ | ୭୬୩ | ବେସରକାରୀ | ଚକ | ୦.୧୨୫୩୦୦୦(ଏକର) | ୦.୦୭୮୦୨୫୧ |
| ୩ | ୭୬୪ | ବେସରକାରୀ | ଚକ | ୦.୧୯୨୮୦୦୦(ଏକର) | ୦.୦୭୮୦୨୫୧ |
| ୪ | ୭୬୫ | ବେସରକାରୀ | ଚକ | ୦.୩୭୭୦୦୯୩(ଏକର) | ୦.୧୫୨୬୧୦୩ |
| ୫ | ୭୬୬ | ବେସରକାରୀ | ଚକ | ୦.୩୭୭୦୦୯୩(ଏକର) | ୦.୧୫୨୬୧୦୩ |
| ୬ | ୭୬୭ | ବେସରକାରୀ | ଚକ | ୦.୧୫୮୨୦୦୧(ଏକର) | ୦.୦୬୪୦୨୨୭ |
| ୭ | ୭୬୮ | ବେସରକାରୀ | ଚକ | ୦.୩୧୨୦୯୯୭(ଏକର) | ୦.୧୨୬୩୦୫୧ |
| ୮ | ୭୬୯ | ବେସରକାରୀ | ଚକ | ୦.୦୦୧୬୦୦୦(ଏକର) | ୦.୦୦୦୬୪୭୫ |
| ୯ | ୭୭୦ | ବେସରକାରୀ | ଚକ | ୦.୩୬୮୩୯୮୯(ଏକର) | ୦.୧୪୯୦୮୯୪ |
| ୧୦ | ୭୭୧ | ବେସରକାରୀ | ଚକ | ୦.୪୯୯୩୯୯୦(ଏକର) | ୦.୨୦୨୧୦୪୪ |
| ୧୧ | ୭୭୨ | ସରକାରୀ | କେନାଲବନ୍ଧ | ୦.୦୫୦୨୦୦୧(ଏକର) | ୦.୦୨୦୩୧୫୭ |
| ୧୨ | ୭୭୩ | ସରକାରୀ | ଗୋଚର | ୦.୦୪୯୨୦୦୧(ଏକର) | ୦.୦୧୯୯୧୧୦ |
| ୧୩ | ୭୭୪ | ସରକାରୀ | କୋନାଲବନ୍ଧ | ୦.୦୪୪୨୦୦୦(ଏକର) | ୦.୦୧୭୮୮୭୫ |
| ୧୪ | ୭୭୫ | ବେସରକାରୀ | ଚକ | ୦.୦୨୬୬୦୦୧(ଏକର) | ୦.୦୧୦୭୬୪୯ |
| ୧୫ | ୭୭୬ | ବେସରକାରୀ | ଚକ | ୦.୬୮୭୩୦୧୨(ଏକର) | ୦.୨୭୮୧୪୬୫ |
| ୧୬ | ୭୭୭ | ବେସରକାରୀ | ଚକ | ୦.୫୮୩୦୦୦୩(ଏକର) | ୦.୨୩୫୯୩୬୯ |
| ୧୭ | ୭୭୯ | ବେସରକାରୀ | ଚକ | ୦.୦୩୩୫୦୦୧(ଏକର) | ୦.୦୧୩୫୫୭୩ |
| ୧୮ | ୭୮୧ | ବେସରକାରୀ | ଗ୍ରାମୀଣଜଙ୍ଗଲ | ୦.୯୯୩୫୯୯୦(ଏକର) | ୦.୪୦୨୧୦୪୪ |
| | | | ସମୁଦାୟ | ୭୧.୭୧୫୦ | ୨୯.୦୨୨୭ |

[F. No. NHAI/CTC-KNDRPR-PRDP/STUP/PIU/BBSR/LA/3(a)/3A1]

RAJESH GUPTA, Director

**ଦୁର୍ଘଟଣାରେ ଜଣେ ମୃତ**

ଅମରପାଲି,(ଡି.ଏନ.ଏ.): ବୀରମହାରାଜପୁର ଥାନା ଚମ୍ପାପୁର ନିକଟରେ ଶୁକ୍ରବାର ପିକଅପ୍ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି । ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଭଲିଆପଦରର ପ୍ରଦୀପ ପ୍ରଧାନ(୪୦) । ଶୁକ୍ରବାର ପୂର୍ବାହ୍ନରେ ଭାଲିଆପଦରର ତ୍ରିଲୋଚନ କର୍ଣ୍ଣ (୬୫) ଓ ପ୍ରଦୀପ ଏକ ବାଇକ୍‌ରେ ମୁଖ୍ୟଛକ ପଟକୁ ଆସୁଥିଲେ। ଏହି ସମୟରେ ପିକଅପ୍ ବାଇକ୍‌କୁ ଧକ୍କା ଦେଇଥିଲା। ଉଭୟଙ୍କୁ ବୀରମହାରାଜପୁର ଡାକ୍ତରଖାନା ନିଆଯାଇଥିଲା। ପରେ ପ୍ରଦୀପଙ୍କୁ ବୁର୍ଲା ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ପ୍ରଶାନ୍ତ



@ ଗଜପତି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସଡ଼କ ଦୁର୍ଘଟଣାରେ ଗଲା ୨ ଜୀବନ

## ତିନି ଘଣ୍ଟା ହେଲା ରାସ୍ତା ଅବରୋଧ

**ବାଉଁଶୁଣୀ,୨୭।୧(ଡି.ଏନ.ଏ.)**

ବୌଦ୍ଧ ଜିଲା ୫୭ନଂ ଜାତୀୟ ରାଜପଥର ବହିରା ହାଇସ୍କୁଲ ଛକ ନିକଟରେ ଗୁରୁବାର ଦିନ ସିରିଜ୍ ସଡକ ଦୁର୍ଘଟଣାରେ ୨ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୋବିନ୍ଦ ସାହୁ ଓ ରବି ସାହୁ । ଏହି ଦୁର୍ଘଟଣାକୁ କେନ୍ଦ୍ର କରି ଉତ୍ତେଜନା ପ୍ରକାଶ ପାଇବା ସହ ଉତ୍ୟକ୍ତ ଲୋକେ ୫୭ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଥିଲେ । ଫଳରେ ୩ ଘଣ୍ଟା ଧରି ଉଭୟ ପାର୍ଶ୍ୱରେ ଶହ ଶହ ଗାଡି ମୋଟର ଅଟକି ରହିଥିଲା। ପ୍ରକାଶ ଯେ, ସକାଳ ସମୟରେ ବଲାଙ୍ଗୀରରୁ ଭୁବନେଶ୍ୱର ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା ଏକ ସ୍କର୍ପିଓ ବହିରା ଛକରେ କୌଣସି କାରଣରୁ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ କାର ଓ ୬ ବାଇକ୍‌କୁ ଧକ୍କା ଦେଇଥିଲା। ଏହାପରେ ସ୍କର୍ପିଓଟି ଏକ ଜଳଖିଆ ଦୋକାନ ଉପରକୁ ମାଡି ଯାଇଥିଲା। ଫଳରେ ଅଇଁଲାପାଲି ଗ୍ରାମ ପଞ୍ଚାୟତକୁ ପତାକା ଉତ୍ତୋଳନ କରିବାକୁ ଯାଉଥିବା ଅଇଁଲାପାଲି ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ଗୋବିନ୍ଦ ସାହୁ ଏବଂ ମୁଢି କିଣିବାକୁ ଆସିଥିବା କଣ୍ଟା ଗ୍ରାମର ରବି ସାହୁଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଏହାପରେ ସ୍ଥାନୀୟ ଲୋକେ ଉତ୍ୟକ୍ତ ହୋଇ ସ୍କର୍ପିଓର ଡ୍ରାଇଭର ଓ ମାଲିକଙ୍କୁ ନିସ୍ଥୁକ ମାଡ ମାରିବା ସହ ରାସ୍ତା ଅବରୋଧ କରିଥିଲେ। ଖବରପାଇ ବାଉଁଶୁଣୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଦୁର୍ଘଟଣା ଘଟାଇଥିବା ସ୍କର୍ପିଓ ମାଲିକଙ୍କୁ ଅଟକ ରଖିଥିଲା। ପରେ ବୌଦ୍ଧ ବିଡ଼ିଓ ଅବିନାଶ ପାଣ୍ଡିଆ, ତହସିଲଦାର ଦେବୀ ପ୍ରସାଦ ଦାସ, ଉପଖଣ୍ଡ ଅଧିକାରୀ ଆନନ୍ଦ ବର୍ଦ୍ଧନ ଗୁରୁ,ବାଉଁଶୁଣୀ ଥାନା ଅଧିକାରୀ ଅରୁଣ ସିଂ, ମନମୁଣ୍ଡା ଥାନା ଅଧିକାରୀ ଅଶ୍ୱିନୀ ଭିତିରିଆ ପ୍ରମୁଖ ପହଞ୍ଚି ଥିଲେ। ରାସ୍ତା ଅବରୋଧକାରୀଙ୍କୁ ବୁଝାଶୁଝା କରିବା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା । ଅନ୍ୟପକ୍ଷରେ ଲୋକଙ୍କ ମାଡରେ ଗୁରୁତର ହୋଇଥିବା ଗାଡି ଚାଳକ ଓ ମାଲିକଙ୍କୁ ପ୍ରଥମେ ବୌଦ୍ଧ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି । ଦୁର୍ଘଟଣା ଘଟାଇଥିବା ଗାଡ଼ି ନଂ ଓଡି ୦୩ କିୟୁ ୭୭୭୯ ବୋଲି ଜଣାପଡିଛି। ମୃତ କଣ୍ଟା ଗ୍ରାମର ରବିଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ବାଉଁଶୁଣୀ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣାରେ ଶୁକ୍ରବାର ସ୍କର୍ପିଓ ଗାଡି ଡ୍ରାଇଭର ଇମ୍ରାନ ଖାନ୍‌ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବାଉଁଶୁଣୀ ଥାନା ଅଧିକାରୀ ଅରୁଣ ସିଂ କହିଛନ୍ତି।

# କଳାମାଣିକର ଜନ୍ମଦିନ ସଂଖ୍ୟା ଲୋକାର୍ପିତ



କଳାମାଣିକର ଜନ୍ମଦିନ ସଂଖ୍ୟା ଲୋକାର୍ପଣ କରାଯାଉଛି।

**ବରଗଡ଼ ଅଫିସ,୨୭।୧**

ଗୋଲାମୁଣ୍ଡା,୨୭।୧(ଡି.ଏନ.ଏ.): କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ କେଗାଁ ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ଏ/୧୯ ସିଆରପିଏଫ ପକ୍ଷରୁ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। କମାଣ୍ଡାଣ୍ଟ ମନୋଜ କୁମାରଙ୍କ ନିର୍ଦ୍ଦେଶରେ ସହକାରୀ କମାଣ୍ଡାଣ୍ଟଦିପକ କୁମାର ସିଂଙ୍କ ଅଧକ୍ଷତାରେ କେଗାଁ ଥାନା ଆଇଆଇସି ପ୍ରଶାନ୍ତ କୁମାର କୋଲ୍ହାହାରସ, କେଗାଁ ସରପଞ୍ଚ ଅମୃତା ବଚ୍ଛା, ନାଏବ ସରପଞ୍ଚ ସଂଯୁକ୍ତା ସିପକାଙ୍କ ଉପସ୍ଥିତିରେ କେଗାଁ, ସାନଚେରଗାଁ, ମାଲପଡା, ଦର୍ଲିପଡା ଓ ଗୁରୁଜିପଡାର ଶତାଧିକ ଗରିବ ନିହିର ଲୋକଙ୍କୁ ମାଗଣାରେ ରୋଷେଇ ଉପକରଣ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଶିକ୍ଷା ସମ୍ବନ୍ଧିୟ ପ୍ରାମାଣିକ ଚିତ୍ର ପଦର୍ଶିତ ହେବା ସହିତ ଘରେ ଥିବା ଛୋଟ ଛୋଟ ଛୁଆମାନଙ୍କୁ ନିୟମିତ ସ୍କୁଲକୁ ପାଠ ପଢାଇ ଶିକ୍ଷିତ କରିବାକୁ ସହକାରୀ କମାଣ୍ଡାଣ୍ଟ ସିଂ ଉପସ୍ଥିତ ଲୋକଙ୍କୁ ଆହ୍ୱାନ ଦେବା ସହିତ ଲୋକଙ୍କୁ ଶିକ୍ଷା ସହିତ ସ୍ୱାସ୍ଥ୍ୟ ଓ ଶିକ୍ଷା ଉପରେ ମଧ ସିଆରପିଏଫର ଅଧିକାରୀମାନେ ଯତ୍ନବାନ ବୋଲି କହିଥିଲେ।

# ୧୬ ବର୍ଷ ପରେ ମିଳିଲା ନ୍ୟାୟ

- ସରକାରୀ ଜମି ଫେରିପାଇଲେ ବାଦଲଦେଇର ୪ ଆଦିବାସୀ
- ଜିଲାପାଳଙ୍କ ହସ୍ତକ୍ଷେପ

ଭବାନୀପାଟଣା,୨୭।୧(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବାଦଲଦେଇ ଗ୍ରାମର ୪ଜଣ ଆଦିବାସୀ ୧୬ବର୍ଷ ପରେ ସରକାରୀ ଜମି ଫେରିପାଇଛନ୍ତି। ଏହି ଜମିରେ ଏବେ ସେମାନେ ପନିପରିବା ଚାଷ କରୁଛନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଖୁସି ଦେଖିବାକୁ ମିଳିଛି। ପ୍ରକାଶ ଯେ, ବାଦଲଦେଇ ମୌଜାର ନିରନ ମାଝି, ହିରନ ମାଝି, କୁନ୍ଦ ମାଝି ଓ ଲମେ ମାଝିଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକଙ୍କୁ ୨ ଏକର ଲେଖାଏଁ ଚାଷ ଜମି ଦିଆଯାଇ ୧୯୯୮ ଡିସେମ୍ବର ୧୬ରେ ସେମାନଙ୍କୁ ପଟ୍ଟା ପ୍ରଦାନ କରାଯାଇଥିଲା। ୨୦୦୧ରେ ନୂତନ ବନ୍ଦୋବସ୍ତ ସମୟରେ ସେମାନଙ୍କ ସଚେତନ ଅଭାବ ଯୋଗୁ ଦରଖାସ୍ତ ଆବେଦନ କରିପାରି ନ ଥିଲେ। ସେଥିପାଇଁ ସେମାନେ ପାଇଥିବା ଜମିକୁ ସରକାର ତାଙ୍କ ସରକାରୀ ଖାତା ରଖିତକୁ ନେଇଯାଇଥିଲେ। ସେମାନେ ଜାଣିବା ପରେ ବନ୍ଦୋବସ୍ତ ପଟ୍ଟା ପାଇଁ ବ୍ରହ୍ମପୁର ଅତିରିକ୍ତ କମିଶନରଙ୍କ ନିକଟରେ ଏକ ମାମଲା ଦାୟର କରିଥିଲେ। କମିଶନର ଓଏସଏଣ୍ଡଏସ ଆକ୍ଟ ୧୯୯୮ ଅନୁଯାୟୀ ସେମାନଙ୍କ ନାମରେ ପଟ୍ଟା ପ୍ରଦାନ କରିବା ପାଇଁ ଜୁନାଗଡ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୨୦୦୭ରୁ ୨୦୨୨ ପର୍ଯ୍ୟନ୍ତ ଦୀର୍ଘ ୧୫ ବର୍ଷ ଧରି ନିଜ ନାମରେ ପଟ୍ଟା ପାଇବା ପାଇଁ ଜୁନାଗଡ ତହସିଲଦାରଙ୍କ ଅଦାଲତରେ ବାରମ୍ବାର ଦରଖାସ୍ତ କରି ବିଫଳ ହୋଇଥିଲେ। ପରେ ଆଇନଜିବୀ ଅଶୋକ ପାତ୍ରଙ୍କୁ ଯୋଗାଯୋଗ କରି କଳାହାଣ୍ଡି ଜିଲାପାଳଙ୍କ ଏସଆରପି ଅଦାଲତରେ ଦରଖାସ୍ତ ଆବେଦନ କରିଥିଲେ। କିନ୍ତୁ କୌଣସି ବିଚାର ହୋଇ ନ ଥିଲା। ଡିସେମ୍ବର ୨୦୨୨ରେ ଜୁନାଗଡ ବ୍ଲକ କାର୍ଯ୍ୟାଳୟରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ପୁଣି ସେମାନେ ଅଭିଯୋଗ କରିଥିଲେ। ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ସେମାନଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ଜୁନାଗଡ ତହସିଲଦାରଙ୍କୁ ତୁରନ୍ତ ସେମାନଙ୍କୁ ପଟ୍ଟା ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଆଇନଜୀବୀ ଅଶୋକ ପାତ୍ରଙ୍କ ଦ୍ୱାରା ଆଦିବାସୀମାନଙ୍କ ପକ୍ଷରୁ ପଟ୍ଟା ପାଇବା ନିମନ୍ତେ ଜୁନାଗଡ ତହସିଲରେ ମାମଲା ନଂ. ୨୧୭/୨୧୮/୨୧୯/୨୨୦/୨୦୨୨ ଆବେଦନ କରିଥିଲେ। ଜିଲାପାଳଙ୍କ ହସ୍ତକ୍ଷେପ ପରେ ୧୬ବର୍ଷ ପରେ ୪ ଆଦିବାସୀ ପରିବାର ପୁଣିଥରେ ସରକାରୀ ଜମି ପଟ୍ଟା ପାଇବାକୁ ସକ୍ଷମ ହୋଇଛନ୍ତି। ଏହି ଘଟଣା କେବଳ ଗୋଟେ ନୁହେଁ ଜିଲାରେ ଏଭଳି ବିଭିନ୍ନ ତହସିଲରେ ବର୍ଷ ବର୍ଷ ଧରି ଅଭିଯୋଗଗୁଡିକ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ଯୋଗୁ ଲୋକେ ଅଯଥା ଖର୍ଚ୍ଚାନ୍ତ ହୋଇ ଅପେକ୍ଷା କରି ରହୁଛନ୍ତି। ଏଥିପ୍ରତି ଜିଲାପାଳ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।



ଫେରିପାଇଥିବା ଜମି ପଟ୍ଟା ଦେଖାଉଛନ୍ତି।

## ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ମଦନପୁର,୨୭।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁର ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ସଭାପତି ଭାବେ ଜିଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ମୁଖ୍ୟବକ୍ତା ଭାବେ ଗଜବାହାଲ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଣ୍ଡିତ ପଧାନ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ କେତକୀ ଦଣ୍ଡିଆ ଉପସ୍ଥିତ ଥିଲେ। ବିଦ୍ୟଳୟ ପ୍ରଧାନ ଶିକ୍ଷକ ଶାନ୍ତନୁ କୁମାର ମେହେର ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ବିଦ୍ୟାଳୟ ଉନ୍ନତିକରଣ ସକାଶେ ନିଜର ବକ୍ତବ୍ୟ ରଖିଥିଲେ। ଉତ୍ସବରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟ ଶିକ୍ଷକ ଭଗବାନ ଧରୁଆ, ବବ୍ରୁବାହାନ ଭୋଇ, ଅରୁଣ ଭୋଇ, ହିଡାମ୍ବି ନାଏକ, ପ୍ରତ୍ୟୁଷ କୁମାର ଭୋଇ, ପ୍ରଶାନ୍ତ ସାହୁ, କିଶୋର ଚନ୍ଦ୍ର ପଣ୍ଡା ଶିକ୍ଷୟିତ୍ରୀ ଅନୁରାଧା ପାଣ୍ଡେ, ଶୁଶ୍ମିତା ପଟେଲ, ପ୍ରିୟଙ୍କା ଭୋଇ ଓ ଅରୁଣାବାଳା ସ୍ୱାଇଁଙ୍କ ସହଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷକ ମୀନକେତନ ସୁନା ମଞ୍ଚ ପରିଚାଳନା କରିଥିଲେ।

## ଏସ୍‌ଏସ୍ ନକ୍‌ଆଉଟ କ୍ରିକେଟ: ଥେରୁବାଲି ବିଜୟୀ

ଲାଞ୍ଜିଗଡ଼,୨୭।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ସ୍ଥିତ ଖେଳପଡିଆଠାରେ ଲାଞ୍ଜିଗଡ଼ ଯୁବକ ସଂଘ ଆନୁକୂଲ୍ୟରେ ଏସ୍‌ଏସ୍ ନକଆଉଟ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। କଳାହାଣ୍ଡି ଜିଲାର ଚଣାଲୀମା ଦଳ ଓ ରାୟଗଡା ଜିଲା ଥେରୁବାଲି ଦଳ ମଧ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚରେ ଥେରୁବାଲି ବିଜୟୀ ହୋଇଥିଲା। ଉଦଘାଟନୀରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ପୂର୍ବତନ ବିଧାୟକ ଶିବାଜୀ ମାଝି, ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଲାଞ୍ଜିଗଡ଼ ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀଧର ପେଶନିଆ, ଲାଞ୍ଜିଗଡ଼ ପୂର୍ବତନ ଜିଲା ପରିଷଦ ସଦସ୍ୟ ରାଜେନ୍ଦ୍ର ପ୍ରତାପ ସିଂଦେଓ, ଲାଞ୍ଜିଗଡ଼ ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେଶନିଆ, ବେଦାନ୍ତ ସିଏସଆର ଶ୍ରୀମୁଖ ଅଗସ୍ତି ପ୍ରମୁଖ ଉପସ୍ଥିତ ଥିଲେ। ନରେନ୍ଦ୍ର ପ୍ରଧାନୀ ଓ ରାଘବ ଗହୀର ଖେଳ ପରିଚାଳନା କରିଥିଲେ।

## ମା' କାଳିକେଶ୍ୱରୀ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ



ଖେଳାଳିଙ୍କ ସହ ଉପସ୍ଥିତ ଅତିଥି।

କୋକସରା,୨୭।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ପଞ୍ଚାୟତ ହଂସପଡା ଖେଳପଡ଼ିଆରେ ମା' କାଳିକେଶ୍ୱରୀ ଫୁଟବଲ ଆସୋସିଏଶନ ପକ୍ଷରୁ ଚାଲିଥିବା ଟୁର୍ନାମେଣ୍ଟ ଗୁରୁବାର ଉଦଯାପିତ ହୋଇଯାଇଛି। ସଭାପତି ଆକାଶ ପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୋଷଧି ବାଗ, ମୁଖ୍ୟବକ୍ତା ଭାବେ ଅଶୋକ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ତୋଫାନ ମାଝି, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ସରପଞ୍ଚ କ୍ଷିତିରାମ ପାତ୍ର, ଏମ୍‌ପି ପ୍ରତିନିଧି ସୁଧୀର ପାତ୍ର, କାଲିକେଶ୍ୱରୀ ଫୁଟବଲ ଆସୋସିଏଶନ ସଭାପତି ରାଜେନ୍ଦ୍ର ନାଏକ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ ମ୍ୟାଚରେ ମକରନ୍ଦ ୧୧ ନାଏକେନଗୁମା ଦଳ ଜଙ୍ଗଲି ଟାଇଗର ନର୍ଲାକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଖେଳକୁ ଖେଳ ଶିକ୍ଷକ ତାପସ ଦାସ,ଭୁପେନ୍ଦ୍ର ଗୋପାଳ ଜଗମୋହନ ମାଝି ପରିଚଳନା କରିଥିଲେ। ଉଭୟ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରାଯାଇଛି। ରୋହିତ କୁମାର ସତନାମୀ ମଞ୍ଚ ପରିଚାଳନା କରିଥିବା ବେଳେ ମା' କାଳିକେଶ୍ୱରୀ ଫୁଟବଲ ଆସୋସିଏଶନ ସଦସ୍ୟ ପ୍ରେମଲାଲ ବାଣୁଆ, ଉପେନ୍ଦ୍ର ମାଝି, ପଙ୍କଜ ପୂଝାରୀ, ଆକାଶ ପାତ୍ର, ତୁଷାର ରଞ୍ଜନ ବାଣୁଆ, ଧରମ ସିଂ ବାଣୁଆ ପ୍ରମୁଖ ସହଯୋଗ କରିଥିଲେ।

## ନୂଆପଡା ଅବକାରୀ ସମ୍ବଲପୁରରୁ ଠାବ କଲା ନକଲି ମଦ କାରଖାନା

ନୂଆପଡ଼ା ଅଫିସ,୨୭।୧

ନୂଆପଡ଼ା ଜିଲା ଖରିଆର ରୋଡ ରେଳଷ୍ଟେଶନ ଅଞ୍ଚଳରେ ଅବକାରୀ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ବିପୁଳ ପରିମାଣର ନକଲି ମଦ ଜବତ କରି ଜଣଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ବିହାର କାରାକୋଟ ଥାନା ସକଲାବଜାର ଗାଁର ବିକାଶ କୁମାର। ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ନୂଆପଡା ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଥାନାଧିକାରୀ ଗୁପ୍ତେଶ୍ୱର ପଟେଲଙ୍କ ନେତୃତ୍ୱରେ ଗୁରୁବାର ଖରିଆର ରୋଡ ରେଳଷ୍ଟେଶନ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲା। ଜଣେ ଯୁବକ ଏକ ବ୍ୟାଗ ଧରି ଛିଡା ହୋଇଥିବା ଦେଖି ସନ୍ଦେହ ହେବାରୁ ତାଙ୍କୁ ଅଟକାଇ ଯାଞ୍ଚ କରିବାରୁ ୬୫୦ଟି ନକଲି ବିଦେଶି ମଦ ବୋତଲ ମିଳିଥିଲା। ପଚାରାଉଚରା କରିବାରୁ ଯୁବକ ସମ୍ବଲପୁର ମୋଦିପଡା ଦେଉଳବନ୍ଧଠାରେ ନକଲି ମଦ ତିଆରି କରି ସମ୍ବଲପୁର, ବଲାଙ୍ଗୀର, ବରଗଡ, କଳାହାଣ୍ଡି, ରାୟଗଡା, ନୂଆପଡା ଭଳି ଜିଲାକୁ ଯୋଗାଉଥିବା ସ୍ୱୀକାର କରିଥିଲେ। ଜିଲାପାଳ ହେମକାନ୍ତ ସାଏ ଓ ଅବକାରୀ କମିସନର ଆଶିଷ ସିଂଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଜିଲା ଅବକାରୀ ବିଭାଗ ଏକ ଟିମ ଯାଇ ସମ୍ବଲପୁର ମୋଦିପଡା ଦେଉଳବନ୍ଧଠାରେ ଚଢାଉ କରିଥିଲା। ସେଠାରୁ ୫୦ ହଜାର ୩୨୭ଟି ଠିପି, ୨୨ ହଜାର ୭୮୦ ଇଏଏ, ୧୦, ୩୩୩ କମ୍ପାନୀ ଲେବଲ, ୨୫ ଲିଟର ମିଶ୍ରିତ ନକଲି ମଦ ଓ ମଦ ତିଆରି ସାମଗ୍ରୀ ଜବତ କରିଥିଲା।

## ବ୍ରଜରାଜ ସିଂହଦେବଙ୍କ ଜୟନ୍ତୀ ପାଳନ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଖଡ଼ିଆଳ,୨୭।୧(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ରାଜ ଦରବାରଠାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଖଡ଼ିଆଳ ସାହିତ୍ୟ ସମିତି ମିଳିତ ଆନୁକୁଲ୍ୟରେ ରାଜକବି ବ୍ରଜରାଜ ସିଂହଦେବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସମାରୋହରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟା ଡାକ୍ତର ସୁରେଶ୍ୱରୀ ବାଘ ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ୍ ରାଜାସାହେବ ଡାକ୍ତର ଜିତାମିତ୍ର ପ୍ରସାଦ ସିଂଦେବ, ବିଶିଷ୍ଟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧାପକ ବିଜୟ କୁମାର ବାରିକ, ସମ୍ମାନିତ ଅତିଥି ଭାବେ କବି ପଟ୍ଟାୟତ ନୀଳଲୋହିତ ସିଂଦେବ, ମୁଖ୍ୟବକ୍ତା ଗାୟକ ଶିରୋମଣି ଅର୍ଜ୍ଜୁନ ଛତ୍ରୀଆ ଯୋଗଦାନ କରିଥିଲେ। ଖଡ଼ିଆଳ ସାହିତ୍ୟ ସମିତି ସମ୍ପାଦକ ତଥା ଗାଳ୍ପିକ ଗୌରାଙ୍ଗ କୁମାର ସାହୁ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବା ବେଳେ ଯୁଗ୍ମସମ୍ପାଦକ ଆଦିତ୍ୟ ନାରାୟଣ ପଣ୍ଡା ଧନ୍ୟବାଦ ଦେଇଥିଲେ। ସମାରୋହରେ ଗବେଷକ ଡାକ୍ତର ମହେନ୍ଦ୍ର କୁମାର ମିଶ୍ର, ସାହିତ୍ୟିକ ଡାକ୍ତର ସୁଶାନ୍ତ କୁମାର ବିଶି, ଚତୁର୍ଭୁଜ ସିଂଦେଓ, ଆକାଶ କୁମାର ସାହୁ, କୁନାଲ ଚରଣ ବେହେରା, ଯୋଗେଶ୍ୱର ରାଉତରାୟ, ସଂଗ୍ରାମ ସିଂହ ଠାକୁର, ପ୍ରେମଲାଲ ମେହେର ପ୍ରମୁଖ ଶତାଧିକ ସାହିତ୍ୟିକ ଉପସ୍ଥିତ ଥିଲେ। ଖଡ଼ିଆଳ ଯୁବରାଜ ଦେବ ଦେବ ସିଂଦେବ ସହଯୋଗ କରିଥିଲେ।

## ନାଏବ ସରପଞ୍ଚଙ୍କ ଅଭିଯୋଗ ଉପରେ ସରପଞ୍ଚଙ୍କ ପାଲଟା ଅଭିଯୋଗ

ନୂଆପଡ଼ା ଅଫିସ,୨୭।୧

ନୂଆପଡା ଜିଲା କୋମନା ବ୍ଲକ ଦର୍ଲିପଡା ଗ୍ରାମପଞ୍ଚାୟତରେ ଉନ୍ନୟନ କାର୍ଯ୍ୟରେ ଅନିୟମିତତା ନେଇ ଗତ ମଙ୍ଗଳବାର ନାଏବ ସରପଞ୍ଚ ଓ ୱାର୍ଡମେମ୍ବରମାନେ ଜିଲାପାଳ ହେମାକାନ୍ତ ସାଏଙ୍କୁ ୭ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସେମାନେ ସରପଞ୍ଚଙ୍କ ସହ ପଞ୍ଚାୟତ କର୍ମଚାରୀମାନେ ସମ୍ପୃକ୍ତ ଥିବା ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ନେଇ ୨୫ ତାରିଖରେ ସରପଞ୍ଚ ପାଲଟା ଜିଲାପାଳଙ୍କୁ ଏକ ଅଭିଯୋଗପତ୍ର ଦେଇଛନ୍ତି। ପଞ୍ଚାୟତରେ କୌଣସି ଅନିୟମିତତା ହୋଇନାହିଁ। ସରପଞ୍ଚ ପଞ୍ଚାୟତ ପିଅନ ଓ କିଛି ୱାର୍ଡମେମ୍ବର ଅନୁସୁଚିତ ଜନଜାତି, ଅନୁସୁଚିତ ଜାତିର ହୋଇଥିବାରୁ ସବୁବେଳେ ଘୃଣା କରୁଥିବା ସରପଞ୍ଚ ପାଲଟା ଅଭିଯୋଗ କରିଛନ୍ତି। ଆଜି ପର୍ଯ୍ୟନ୍ତ ପଞ୍ଚାୟତର ଜଣେ ମଧ୍ୟ ଅଭିଯୋଗ କରି ନାହାନ୍ତି। ହେଲେ ସେ ନିଜସ୍ୱାର୍ଥ ରଖି ଆମ ଉପରେ ମିଥ୍ୟା ଆରୋପ କରୁଥିବାରୁ ତାହାର ଉଚିତ ତଦନ୍ତ କରି ଦୃଢକାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସରପଞ୍ଚ ରଞ୍ଜିତ ସୁନାନୀ, ୱାର୍ଡମେମ୍ବର ଫଗୁଣି ତାଣି, ଲଳିତା ମାଝି, ସୁବକାନ୍ତି ମାଝି, ଶଙ୍କର ମାଝି, କୁନୁ ମାଝି, ଛତ୍ରିଏନ ଧରୁଆ ପ୍ରମୁଖ ଦାବି କରିଛନ୍ତି।

# କଳାହାଣ୍ଡି, ନୂଆପଡ଼ା ଜିଲାରେ ସାଧାରଣତନ୍ତ୍ର ଦିବସ

### ଲ୍ୟାଣ୍ଡମାଇନ ବିସ୍ଫୋରଣରେ ମୃତ ଖବରଦାତାଙ୍କୁ ମରଣୋତ୍ତର ସମ୍ମାନ

ଭବାନୀପାଟଣା/ଲାଞ୍ଜିଗଡ଼/କୋକସରା/ ଜୁନାଗଡ଼,୨୭।୧(ସ୍ୱ.ପ୍ର./ ଡି.ଏନ.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ନବକିଶୋର ଦାସ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ମନ୍ତ୍ରୀ ଦାସ ନିଜ ବକ୍ତବ୍ୟରେ ଦେଶ ତଥା ଆମ ରାଜ୍ୟର ବିକାଶର ଅଗ୍ରଗତି ସହିତ ତାଳ ଦେଇ ଜିଲାର ସ୍ୱାସ୍ଥ୍ୟ, କୃଷି, ଗମନାଗମନ, ଜଳସେଚନ, ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ ଓ ଲୋକଙ୍କ ଜୀବନ ମାନଦଣ୍ଡର ଅଗ୍ରଗତି ସମ୍ପର୍କରେ କହିଥିଲେ। ମୁଖ୍ୟଅତିଥିଙ୍କ ସହ ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ଓ ଏସ୍‌ପି ଅଭିଲାଷ ଜି ପ୍ରମୁଖ ଉପସ୍ଥିତ ଥିଲେ। ୨୦୨୨ ଫେବୃୟାରୀ ୫ରେ ଖବର ସଂଗ୍ରହକୁ ଯାଇ ମାଓବାଦୀଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ପ୍ରାଣ ହରାଇଥିବା ଧରିତ୍ରୀ ମୋହନଗିରି ପ୍ରତିନିଧି ଯୁବ ଖବରଦାତା ରୋହିତ ବିଶାଳଙ୍କୁ ମରଣୋତ୍ତର ସମ୍ମାନ ଉପଲକ୍ଷେ ମାନପତ୍ର ଓ ଉତ୍ତରୀୟକୁ ତାଙ୍କ ସ୍ତ୍ରୀ ମାଧବୀ ବିଶ୍ୱାଳଙ୍କୁ ମୁଖ୍ୟଅତିଥି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓ, ଭବାନୀପାଟଣା ପୌରପରିଷଦ ଅଧକ୍ଷ ସଂଯୁକ୍ତା ବେହେରା, ପୂର୍ବତନ ବିଧାୟକ ଅନାମ ନାଏକ ଓ ଦୁଷ୍ମନ୍ତ ନାଏକ, ଜନପ୍ରତିନିଧି, ସରକାରୀ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଡିଆଇପିଆର୍‌ଓ ମନୋଜ ବେହେରା ପରିଚାଳନା କରିଥିଲେ। ପରେଡ କାର୍ଯ୍ୟକ୍ରମ ହେମନ୍ତ ମୁଣ୍ଡ ସଞ୍ଚାଳନ କରିଥିବା ବେଳେ ଏନସିସି ଅଧିକାରୀ ରବି କାନୁନଗୋ, ଶିକ୍ଷକ ଶୁଭେନ୍ଦୁ ଶେଖର ବେହେରା, ପିଇ ଶିକ୍ଷକ ସଞ୍ଜୟ ମିଶ୍ର ଓ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ କର୍ମଚାରୀ ସହଯୋଗ କରିଥିଲେ।

ଲାଞ୍ଜିଗଡସ୍ଥିତ ହାଇସ୍କୁଲ ପଡିଆଠାରେ ଲାଞ୍ଜିଗଡ ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ସମାରୋହରେ ବେଦାନ୍ତ ଡେପୁଟି ସିଇଓ ଗୋବିନ୍ଦ ଗୋପାଳ ପାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଲାଞ୍ଜିଗଡ ଯୁବକ ସଂଘ ସଭାପତି ହିମାଦ୍ରୀ ପେସନିଆଙ୍କ ତତ୍ତ୍ୱାବଧାନରେ ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା, ବେଦାନ୍ତ ସିଏସଆର୍ ମୁଖ୍ୟ ବିଭୁଦେନ୍ଦୁ ପଣ୍ଡା, ଲାଞ୍ଜିଗଡ ଥାନାଧିକାରୀ ସତ୍ୟାନନ୍ଦ ପାତ୍ର, ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେସନିଆ ପ୍ରମୁଖ ଯୋଗଦେଇଥିବା ବେଳେ ଭୂପେନ୍ଦ୍ର ମହାରଥା ଧନ୍ୟବାଦ ଦେଇଥିଲେ। ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ ଅନୁଷ୍ଠିତ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସରେ ଅତିଥି ଭାବେ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର ପତାକା ଉତ୍ତୋଳନ କରିଥିଲେ। ବ୍ଲକ ଅଧକ୍ଷା କମଳା ପାତ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ପଞ୍ଚାୟତ ପ୍ରତିନିଧି ଏବଂ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। କୋକସରା ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ ଗୁଡାହାଣ୍ଡି ମଞ୍ଚରେ ସ୍ଥାନୀୟ ବିଡିଓ ଉତ୍ତମ କୁମାର ବାଗ ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ରିତା ଅଗ୍ରୱାଲ, ଉପାଧକ୍ଷ ରାଜୀବ ଅଗ୍ରୱାଲ, କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ ଉପସ୍ଥିତ ରହିଥିଲେ। ଜୁନାଗଡ଼ ହାଇସ୍କୁଲ ପଡିଆଠାରେ ନଗରପାଳ ମୁକେଶ ଅଗ୍ରୱାଲଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ। ବ୍ଲକ ଅଧକ୍ଷା ସବିତା ମେହେର, ଉପାଧକ୍ଷ ପ୍ରମୋଦ ବେହେରା, ଏନ୍‌ଏସି ଉପାଧକ୍ଷ୍ୟା ହିମାଦ୍ରୀ ନାଏକ, ତହସିଲଦାର ବେଦବ୍ୟାସ ଭୋଇ, କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର ଓ ପାରିଷଦ ବୃନ୍ଦ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଏନଏସି କାର୍ଯ୍ୟାଳୟ, କୋର୍ଟ, ତହସିଲ, ବ୍ୟାଙ୍କ, ବ୍ଲକ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ମଧ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଥିଲା।




ଭବାନୀପାଟଣାରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ମୃତ ରୋହିତ ବିଶ୍ୱାଳଙ୍କ ସ୍ତ୍ରୀ ମରଣୋତ୍ତର ସମ୍ମାନ ଗ୍ରହଣ କରୁଛନ୍ତି।




ନୂଆପଡ଼ା ମିନିଷ୍ଟାଡିୟମରେ ଜିଲାପାଳ ଓ ଏସ୍‌ପି ଅଭିବାଦନ ଜଣାଉଛନ୍ତି।

ନୂଆପଡ଼ା ଅଫିସ/ଖଡ଼ିଆଳ,(ଡି.ଏନ.ଏ.): ନୂଆପଡ଼ା ମିନିଷ୍ଟାଡିୟମରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ଜିଲାପାଳ ହେମକାନ୍ତ ସାଏ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଛାତ୍ରୀଛାତ୍ରମାନଙ୍କୁ ନେଇ ବାଳିକା ଓ ବାଳକ ବର୍ଗରେ କନିଷ୍ଠ, ମଧ୍ୟମ ଓ ବରିଷ୍ଠବର୍ଗରେ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଜ୍ଞାପନ ମେଢ, ଇଂଲିଶ ବକ୍ତୃତା, ଓଡିଆ ବକ୍ତୃତା, ଦେଶାତ୍ମବୋଧ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଦେଶାତ୍ମକ ବୋଧକ ସଙ୍ଗୀତ, ବିଭିନ୍ନ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ନୂଆପଡା ଆରକ୍ଷୀ ଅଧୀକ୍ଷକ ଜିଆର ରାଘବେନ୍ଦ୍ରଙ୍କ ନିର୍ଦ୍ଦେଶକ୍ରମେ ଏସଡିପିଓ ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଜିଲାର ସବୁ ଅଞ୍ଚଳରେ ପୋଲିସ ଫୋର୍ସ ମୁତୟନ କରାଯାଇ ଶାନ୍ତିଶୃଙ୍ଖଳାର ସହ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ନୂଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ ପଡ଼ିଆଠାରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଜାତୀୟ ପତାକା ଉତ୍ତୋଳନ କରି ମିଳିତ ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ। ଗୋରାଙ୍ଗ ସାହୁ ମଞ୍ଚ ପରିଚାଳନା କରିଥିଲେ। ଉତ୍ସବରେ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳୀ ନନ୍ଦ, ଖଡ଼ିଆଳ ଏସ୍‌ଡିପିଓ ଅରୁପ ଅଭିଷେକ ବେହେରା, ପ୍ରାକ୍ତନ ଅଧକ୍ଷ ଡ଼ା. ମେଜର ରାମଚନ୍ଦ୍ର ମିଶ୍ର, ବିଡ଼ିଓ ନକୁଳ ଶବର, ତହସିଲଦାର ସିନ୍ଧୁସୁତା ପାତ୍ର ଯୋଗଦେଇଥିଲେ। ବ୍ଲକର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି।

## ଟ୍ରକ ଧକ୍କାରେ ଜଣେ ମୃତ

ତରଭା,୨୭।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ଥାନା ଅନ୍ତର୍ଗତ ୫୭ ନମ୍ବର ଜାତୀୟ ରାଜପଥର ଖାରୀ ଛକଠାରେ ଶୁକ୍ରବାର ପୂର୍ବାହ୍ନରେ ଏକ ଟ୍ରକ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମାଲିଶ୍ରିଗୁଡି ଗ୍ରାମର ବାଞ୍ଛାନିଧି ଦାସ(୫୮)। ପ୍ରକାଶ ଯେ, ବାଞ୍ଛାନିଧି କୌଣସି କାର୍ଯ୍ୟରେ ବଲାଙ୍ଗୀର ଯାଇ ଫେରି ଆସି ଖାରୀ ଛକଠାରେ ରାସ୍ତା କଡ଼ରେ ଛିଡ଼ା ହୋଇଥିଲେ। ଏହି ସମୟରେ ସୋନପୁର ପଟରୁ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ (ନଂ ଓଡି-୧୫ଭି-୪୦୧୫) ତାଙ୍କୁ ଧକ୍କା ଦେବା ସହିତ ଛିଡା ହୋଇଥିବା ଦୁଇ ଗୋଟି ବାଇକ୍ ଉପରେ ଚଢି ଯାଇଥିଲା। ପରେ ଟ୍ରକଟି ଗୋଟିଏ ମାରୁତି କାର (ନଂଓଡି-୩୧ଏଫ-୪୨୪୩)କୁ ଧକ୍କା ଦେଇ ଗୋଟାଏ ଘରେ ପିଟି ହୋଇ ରହି ଯାଇଥିଲା । ଟ୍ରକ ଧକ୍କାରେ ବାଞ୍ଛାନିଧିଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବର ପାଇ ତରଭା ଥାନା ଆଇଆଇସି ସୁବ୍ରତ କୁମାର ପାଣିଗ୍ରାହୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିବା ସହିତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ପୋଲିସ ଘଟଣାର ତଦନ୍ତ ଚଳାଇଛି।

# କନ୍ୟା ସନ୍ତାନଙ୍କ ସଂଖ୍ୟା କମୁଛି

ସୋନପୁର,୨୭।୧(ନି.ପ୍ର.)

**ସୁବର୍ଣ୍ଣପୁର ଜିଲା**

**■୧୦୦୦ ପୁଅରେ ଝିଅ ଜନ୍ମ ୯୭୪**

ନ୍ୟାଶନାଲ ଫ୍ୟାମିଲି ହେଲ୍‌ଥ ସର୍ଭେ-୫ (ଏନ୍‌ଏଫ୍‌ଏଚ୍‌ଏସ୍) ରିପୋର୍ଟ ୨୦୨୦-୨୦୨୧ ଅନୁସାରେ ଝିଅ ଜନ୍ମ ଅନୁପାତ ଉଦ୍‌ବେଗଜନକ ରହିଛି। ଏହି ରିପୋର୍ଟ ଅନୁସାରେ ଭାରତରେ ୧୦୦୦ ପୁଅରେ ୯୨୯, ଓଡିଶାରେ ୮୯୪ ଓ ସୁବର୍ଣ୍ଣପୁର ଜିଲାରେ ୯୭୪ ଝିଅ ଜନ୍ମ ହୋଇଛନ୍ତି। ଅର୍ଥାତ୍ ସୁବର୍ଣ୍ଣପୁର ଜିଲାରେ ଝିଅ ଓ ପୁଅ ଜନ୍ମ ବ୍ୟବଧାନ ୨୬ ରହିଛି। ଏଭଳି ଲିଙ୍ଗଗତ ବ୍ୟବଧାନ ସମସ୍ୟା ସୃଷ୍ଟି କରିଛି। ବାହାଘର ପାଇଁ ଝିଅ ଖୋଜା ଅଭିଭାବକଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଝିଅପୁଅ ଜନ୍ମହାରରେ ଏଭଳି ବ୍ୟବଧାନ ଜାରି ରହିଲେ ଆଗାମୀ ୧୦ ବର୍ଷ ମଧ୍ୟରେ ପୁଅଙ୍କୁ ଆଉ ଝିଅ ମିଳିବନି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ନ୍ୟାଶନାଲ ଫ୍ୟାମିଲି ହେଲଥ୍ ସର୍ଭେ-୪(ଏନ୍‌ଏଫ୍‌ଏଚ୍‌ଏସ୍) ରିପୋର୍ଟ ୨୦୧୫-୨୦୧୬ ଅନୁସାରେ ସୁବର୍ଣ୍ଣପୁର ଜିଲାରେ ଝିଅ ଜନ୍ମହାର ଅଧିକ ଥିଲା। ୧୦୦୦ ପୁଅରେ ୧୦୩୭ ଝିଅ ଜନ୍ମ ହୋଇଥିଲେ। ୨୦୧୫-୧୬ରେ ଅଧିକ ୩୭ ଝିଅ ଜନ୍ମ ହେଉଥିବା ବେଳେ ୬ ବର୍ଷ ମଧ୍ୟରେ ବଡ ପରିବର୍ତ୍ତନ ଆସିଛି। ୬ ବର୍ଷରେ ଜିଲାରେ ଝିଅ ଜନ୍ମ ସଂଖ୍ୟା ୬୩ ହ୍ରାସ ପାଇଛି। ଗ୍ରାମାଞ୍ଚଳଠାରୁ ସହରରେ ଏହି ସଂଖ୍ୟା ସାମାନ୍ୟ ଅଧିକ। ଏଭଳି ଲିଙ୍ଗଗତ ବ୍ୟବଧାନକୁ ବୁଦ୍ଧିଜୀବୀ ସହଜରେ ଗ୍ରହଣ କରି ପାରୁନାହାନ୍ତି। କନ୍ୟା ସନ୍ତାନ ଅମୂଲ୍ୟ ରତ୍ନ ବୋଲି କେବଳ ସଭା ସମିତିରେ କୁହାଯାଉଛି। କିନ୍ତୁ ସଚେତନ କାର୍ଯ୍ୟକ୍ରମ ଯଥେଷ୍ଟ ହେଉନି। ଛତୁ ଫୁଟିଲା ଭଳି ସୁବର୍ଣ୍ଣପୁର ଜିଲା ଓ ପଡୋଶୀ ଜିଲାରେ ଅଲଟ୍ରାସାଉଣ୍ଡ କେନ୍ଦ୍ର ଖୋଲିବା ଏବଂ ଲିଙ୍ଗ ନିରୂପଣ ଘଟଣା ବୃଦ୍ଧି ପାଇବା ଏହାର ପ୍ରମୁଖ କାରଣ ବୋଲି ସାଧାରଣରେ ମତପ୍ରକାଶ ପାଉଛି। ଅନ୍ୟପକ୍ଷେ ଜିଲା ସଦର ଡାକ୍ତରଖାନାରେ ଦାମୀ ଅଲଟ୍ରାସାଉଣ୍ଡ ମେଶିନ ଥାଇ ସୁଦ୍ଧା ତାହାକୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ ନ କରି ବେସରକାରୀ କେନ୍ଦ୍ରଗୁଡ଼ିକୁ ପରୋକ୍ଷରେ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ଜିଲା ପ୍ରଶାସନ ପକ୍ଷରୁ ପିଏନ୍‌ଡିଟି(ବେଆଇନ ଲିଙ୍ଗ ନିରୂପଣ ଆଇନ) ପରାମର୍ଶଦାତା କମିଟିରେ ଏହାର ନିରାକରଣ ପାଇଁ ନିୟମିତ ଭାବେ ବୈଠକ ହେଉଛି। ଜିଲାପାଳ କମିଟିର ଅଧ୍ୟକ୍ଷ ଅଛନ୍ତି। ଏପରି କି ବେଆଇନ ଲିଙ୍ଗ ନିରୂପଣ ଏବଂ ଭ୍ରୁଣହତ୍ୟା ସଂକ୍ରାନ୍ତରେ ଖବର ଦେଲେ ସେମାନଙ୍କୁ ୨୫ ହଜାର ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଛି। ହେଲେ ଏଭଳି ଚତୁରତାର ସହ ଲିଙ୍ଗ ନିରୂପଣ ହେଉଛି ଯେ, ଝିଅ ଜନ୍ମ ଅନୁପାତ ହ୍ରାସ ପାଇବା ସହ ଆଗକୁ ପରିସ୍ଥିତି ଭୟାବହ ହେବ ବୋଲି ମତପ୍ରକାଶ ପାଇଛି।

ଅଲଟ୍ରାସାଉଣ୍ଡ ମେଶିନ ଗର୍ଭବତୀ ମହିଳାଙ୍କ ଗର୍ଭାଶୟର ପରିସ୍ଥିତି ଓ ଗର୍ଭାଶୟରେ ଥିବା ଶିଶୁର ଅବସ୍ଥା ସମ୍ପର୍କରେ ସୂଚନା ପ୍ରଦାନ କରିଥାଏ। ରାଜ୍ୟ ସରକାର ମାଗଣାରେ ଗର୍ଭବତୀ ମହିଳାଙ୍କ ଅଲଟ୍ରାସାଉଣ୍ଡ କରି ପରୀକ୍ଷା ରିପୋର୍ଟ ଦେବାକୁ କଡା ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ବିଭାଗୀୟ ଅବହେଳା କାରଣରୁ ଜିଲା ସଦର ଡାକ୍ତରଖାନାରେ ଅଲଟ୍ରାସାଉଣ୍ଡ ମେଶିନ ଥାଇ ସୁଦ୍ଧା ଜିଲାବାସୀ ବେସରକାରୀ ମେଶିନରେ ପରୀକ୍ଷା କରାଇ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଏପରି କି ଜିଲା ଓ ଜିଲା ବାହାରର କିଛି ବେସରକାରୀ ଅଲଟ୍ରାସାଉଣ୍ଡ ବ୍ୟବସାୟୀମାନେ ଏହାର ଫାଇଦା ନେବାକୁ ଯାଇ ଲିଙ୍ଗ ନିରୂପଣ କରିବାକୁ ପଛାଉ ନାହାନ୍ତି ବୋଲି କୁହାଯାଉଛି।

ସାମାଜିକ କର୍ମୀ ତଥା ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ରର ସଭାନେତ୍ରୀ ମୀନା ମହାରଣା କୁହନ୍ତି, ଝିଅ ଜନ୍ମ ହ୍ରାସ ମଣିଷକୃତ। ଶିକ୍ଷିତ ଲୋକମାନେ ଅଧିକ ସଂଖ୍ୟାରେ ଏହି କାର୍ଯ୍ୟ କରୁଛନ୍ତି। ନିଜ ଗୋଡରେ ନିଜେ କୁରାଢି ମାରି ଆଗକୁ ବିପଦକୁ ଡାକୁଛେ। ଏହା ସାମାଜିକ ଜୀବନକୁ ପ୍ରଭାବିତ କରିବ। ଲିଙ୍ଗ ନିରୂପଣ ଏବଂ ଭ୍ରୁଣହତ୍ୟାକୁ ରୋକା ଯାଇପାରୁ ନାହିଁ। ଏଭଳି ବେଆଇନ କାର୍ଯ୍ୟକୁ ସମସ୍ତଙ୍କ ସହଯୋଗରେ ହିଁ ରୋକା ଯାଇପାରିବ।

## ଶିଶୁ ପ୍ରତିଭା ବିକାଶ ପାଇଁ ସୁଯୋଗ ଆବଶ୍ୟକ



ମଞ୍ଚାସୀନ ଅତିଥି।

ଅମରପାଲି,୨୭।୧ (ଡି.ଏନ.ଏ.)

**ବହଲପଦରରେ ଶିଶୁ ପ୍ରତିଭା ମହକ କାର୍ଯ୍ୟକ୍ରମ**

ପ୍ରତ୍ୟେକ ଶିଶୁଙ୍କ ପାଖରେ ପ୍ରତିଭା ରହିଛି। ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ସୁଯୋଗ ସୃଷ୍ଟି କରିବା ଆବଶ୍ୟକ। ଶିକ୍ଷା ସହିତ ସହଶିକ୍ଷା ଜରୁରୀ। ପିଲାଙ୍କ ମନ ଖୁସି କରିବା ପାଇଁ ନୃତ୍ୟ ଗୀତର ଆୟୋଜନ କରି ସେମାନଙ୍କୁ ଅଂଶଗ୍ରହଣ କରିବାର ସୁଯୋଗ ସୃଷ୍ଟି କରିବାର ଆବଶ୍ୟକ ରହିଛି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଲପଦର ଗ୍ରାମରେ ଦଧିବାମନ ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ପଞ୍ଚାୟତସ୍ତରୀୟ ମହକ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ପୂର୍ବତନ ସମିତି ସଭ୍ୟ ପୀତାମ୍ବର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି ଏବଂ ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା,ଉପାଧ୍ୟକ୍ଷ ନାରାୟଣ ଲୁହା,ଜିଲା ପରିଷଦ ସଭ୍ୟା ଚନ୍ଦ୍ରକାନ୍ତି ଦନ୍ତା,ସ୍ଥାନୀୟ ସରପଞ୍ଚ ନିରୂପମା ସେଠୀ, ଲୁଡୁରପଙ୍କ ସରପଞ୍ଚ ସୂର୍ଯ୍ୟ ନନ୍ଦ, ସ୍ଥାନୀୟ ସମିତି ସଭ୍ୟା ସୁଗନ୍ଧା ଘିବିଲା, ହିଲୁଙ୍ଗ ସମିତିସଭ୍ୟ ଶୈଳରଞ୍ଜନ ବାଦୀ, ପୂର୍ବତନ ସରପଞ୍ଚ ରଞ୍ଜିତ ଖେତି, ଶେଷଦେବ ବାରିକ, ସ୍ୱେଚ୍ଛାସେବୀ ତ୍ରିପୁରାରୀ ମେହେର, କେନଝିରିଆପାଲି ସରପଞ୍ଚ ପ୍ରତିନିଧି ପ୍ରଦୀପ ବାଦୀ, ଗ୍ରାମ୍ୟ ପରିଚାଳନା କମିଟିର ସଭାପତି ବାବୁଲାଲ ପ୍ରଧାନ, ସିଆରସିସି ପ୍ରଦିପ ଜଗଦଲା, ଗୋପ ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଘିଚାପାଲି ୟୁପି ସ୍କୁଲ ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ବାବୁଲାଲ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ପରେ ଶିକ୍ଷକ ମଦନ ଭୋଇଙ୍କ ଜଗନ୍ନାଥ ଜଣାଣରୁ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ଅମରପାଲି ୟୁପି ସ୍କୁଲ, ବହଲପଦର ସ୍କୁଲ, ବଡମାଲ ସ୍କୁଲ, ଘିଚାପାଲି ସ୍କୁଲ, ଗୁଦଗୁଦା, ଗୌଡଗାଡ, ଭାଲୁଡୁଙ୍ଗୁରୀ ୟୁପି ସ୍କୁଲ, ଅମରପାଲି ଅରବିନ୍ଦ ସ୍କୁଲର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଦେଶାତ୍ମବୋଧକ ନୃତ୍ୟ,ସମ୍ବଲପୁରୀ, ରସରକେଲି, ଆଧୁନିକ ନୃତ୍ୟ ପରିବେଷଣ କରାଯାଇଥିଲା। ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା।



ଶୁକ୍ରବାର ହରଭଙ୍ଗା ଲୋକ ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥିମାନେ।

## ତରଭାରେ ସାଧାରଣତନ୍ତ୍ର ଦିବସ ପାଳିତ

ତରଭା,୨୭।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଅନ୍ତର୍ଗତ ତରଭା ସରକାରୀ ବାଳକ ହାଇସ୍କୁଲ ଖେଳପଡିଆଠାରେ ୭୪ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସକାଳ ୯ଟାରେ ପତାକା ଉତ୍ତୋଳନ କରାଯାଇଥିଲା। ମୁଖ୍ୟଅତିଥି ଭାବରେ ନଗରପାଳ ବନ୍ଦିତା ନାୟକ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ ଓ ଉପନଗରପାଳ ଗଗନ କୁମାର ଅଗ୍ରୱାଲଙ୍କ ସହିତ ମିଳିତ ଭାବେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପରେଡରେ ସବ୍‌ଜୁନିୟରରୁ ଗୁଡ଼ ୱିଲ ପବ୍ଲିକ ସ୍କୁଲ ପ୍ରଥମ ଓ ସରକାରୀ ବାଳକ ପ୍ରାଇମେରୀ ସ୍କୁଲ ଦ୍ୱିତୀୟ, ଜୁନିୟରରେ ଶ୍ରୀହରି ବିଦ୍ୟାଳୟ ପ୍ରଥମ ଓ ଗୁଡ ୱିଲ ଦ୍ୱିତୀୟ ଏବଂ ସିନିୟର ବିଭାଗରେ ଜବାହର ନବୋଦୟ ବିଦ୍ୟାଳୟ ପ୍ରଥମ ଓ ସରକାରୀ ବାଳକ ହାଇସ୍କୁଲ ଦ୍ୱିତୀୟ ହୋଇ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବରେ ତରଭା ଆଇଆଇସି ସୁବ୍ରତ କୁମାର ପାଣିଗ୍ରାହୀ, ତହସିଲଦାର ସୂର୍ଯ୍ୟମଣି ଭୋଇ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟରୁ ଆସି ପରେଡରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମାନଭଞ୍ଜନ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ସଞ୍ଜୀବ ସାହୁ ପରେଡ ପରିଚାଳନା କରିଥିଲେ।

# ପ୍ରଥମ ହରଭଙ୍ଗା ଲୋକ ମହୋତ୍ସବ

ବୌଦ୍ଧ,୨୭।୧(ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ହରଭଙ୍ଗାଠାରେ ପ୍ରଥମ କରି ଆରମ୍ଭ ହୋଇଛି ହରଭଙ୍ଗା ଲୋକ ମହୋତ୍ସବ। ଏହି ଅବସରରେ ପଲ୍ଲିଶ୍ରୀ ମେଳା ଆୟୋଜନ କରାଯାଇଥିବା ବେଳେ ମୀନାବଜାର ପଡିଛି । ସ୍ଥାନୀୟ ଲୋକଙ୍କ ପ୍ରଚେଷ୍ଟାରେ ଆରମ୍ଭ ହୋଇଥିବା ଏହି ଲୋକ ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଉଦଘାଟନୀ ଦିବସରେ ହରଭଙ୍ଗା ଅଞ୍ଚଳର ମା' ଅଧିଷ୍ଠାତ୍ରୀ ଦେବୀ ମା' ରୁଦ୍ରକାଳୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା । ଏକ ବିରାଟ ସାଂସ୍କୃତିକ ଶୋଭାଯାତ୍ରା ମା'ଙ୍କର ଆଜ୍ଞାମାଳ ନେଇ ଉଚ୍ଚ ବିଦ୍ୟାଳୟର ମହୋତ୍ସବ ପଡିଆରେ ପହଞ୍ଚିବା ପରେ ସେଠାରେ ମା'ଙ୍କ ପ୍ରତିମା ସ୍ଥାପନା କରାଯାଇଥିଲା। ମଶାଲ ଓ ସାଂସ୍କୃତିକ ଶୋଭଯାତ୍ରାରେ ଅଞ୍ଚଳର ୩ ଗୋଟି ଦଣ୍ଡ ନୃତ୍ୟ ଦଳ, ୫୦ରୁ ଅଧିକ କୃଷ୍ଣଗୁରୁ ନାମ, ଘଣ୍ଟ ବାଦ୍ୟ, ସଂକୀର୍ତ୍ତନ ଦଳ, ଢୋଲ ନିଶାନର ତାଳେ ତାଳେ କଳାକାରମାନେ ବିଭିନ୍ନ ପାରମ୍ପରିକ ବେଶରେ ସଜ୍ଜିତ ହୋଇ ନାଚ ଓ ଗୀତ ଗାଇ ମଶାଲର ଆଗେ ଆଗେ ଚାଲିଥିଲେ। ସାଂସ୍କୃତିକ ଶୋଭାଯାତ୍ରାରେ ସାରା ହରଭଙ୍ଗା ଅଞ୍ଚଳ କମ୍ପିଉଠିଥିଲା ।



ସାଂସ୍କୃତିକ ଶୋଭାଯାତ୍ରା।

**■ପଲ୍ଲିଶ୍ରୀ ମେଳା ଓ ମିନାବଜାର ଉଦ୍‌ଘାଟିତ**

**■ସାଂସ୍କୃତିକ ଶୋଭାଯାତ୍ରାରେ କମ୍ପିଲା ହରଭଙ୍ଗା ବଜାର**

ଶୋଭାଯାତ୍ରାରେ ସ୍ଥାନୀୟ ବୁଦ୍ଧିଜୀବୀ, ସଚେତନ ନାଗରିକ ଓ ସ୍ଥାନୀୟ ବାସିନ୍ଦା ସାମିଲ ଥିଲେ। ସନ୍ଧ୍ୟାରେ ମହୋତ୍ସବ ପଡିଆରେ ଲୋକକଳା ଓ ସାଂସ୍କୃତିକ ପରିଷଦର ସଭାପତି ସୁବୋଧ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟଅତିଥି ଭାବେ ଜଙ୍ଗଲ ଓ ପରିବେଶ, ସୂଚନା ଓ ଲୋକ ସଂପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗଦେଇ ମହୋତ୍ସବ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଠମଲିକ ବିଧାୟକ ରମେଶ ସାଏ. ହରଭଙ୍ଗା ସରପଞ୍ଚ ଶକୁନ୍ତଳା ବେହେରା, ଯୁବ ଶିଳ୍ପପତି ଅଶୋକ କୁମାର ଅଗ୍ରୱାଲା, ସିନେ ନିର୍ଦ୍ଦେଶକ ବନମାଳୀ ରଣା, ଲୋକକଳା ଓ ସାଂସ୍କୃତିକ ପରିଷଦର ସମ୍ପାଦକ ସରୋଜ କୁମାର ଭୋକ୍ତା ମଞ୍ଚାସୀନ ଥିଲେ। ହରଭଙ୍ଗା ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ହୋଇଥିଲା। ଅତିଥିମାନେ କହିଥିଲେ, ହରଭଙ୍ଗା ବୌଦ୍ଧ ରାଜାଙ୍କ ଏକ ପ୍ରମୁଖ ଅଞ୍ଚଳ ଥିଲା। ରାଜାମାନେ ଏହି ଅଞ୍ଚଳକୁ ପ୍ରାଧାନ୍ୟ ଦେଇ ଆସୁଥିବା ବେଳେ ଏହି ଅଞ୍ଚଳର କଳା, ସଂସ୍କୃତି ଓ ପରମ୍ପରା ମହାନ । ଏହି କଳା ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ମହୋତ୍ସବ ହେଉଛି ଏକ ପ୍ରକୃଷ୍ଟ ମାଧ୍ୟମ । ପ୍ରଥମ ଥର ପାଇଁ ହରଭଙ୍ଗା ଅଞ୍ଚଳରେ ମହୋତ୍ସବ ଆୟୋଜିତ ହୋଇଥିବାରୁ ଅଞ୍ଚଳବାସୀ ଆୟୋଜକ କମିଟିକୁ ପ୍ରଶଂସା କରିଛନ୍ତି। ମହୋତ୍ସବର ପ୍ରଥମ ଦିନରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ବ୍ଲକ ଅଫିସ ଘେରିଲା ଭାଜପା




ଭାଜପା ପକ୍ଷରୁ ବୌଦ୍ଧ ବ୍ଲକ ଘେରାଉ କରାଯାଇଛି।

ବୌଦ୍ଧ,୨୭।୧(ସ୍ୱ.ପ୍ର.)

**ଆବାସ ଯୋଜନାରେ ଅନିୟମିତତା ଅଭିଯୋଗ**

ବୌଦ୍ଧ ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଜିଲା ଭାଜପା ପକ୍ଷରୁ ଅଭିଯୋଗ କରାଯିବା ସହ ଶୁକ୍ରବାର ଦିନ ବୌଦ୍ଧ ବ୍ଲକ ଘେରାଉ କରାଯାଇଥିଲା। ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତିଙ୍କ ନେତୃତ୍ୱରେ ଦଳର ଶତାଧିକ କର୍ମୀ ଓ ନେତା ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏହି ଅବସରରେ ବିଡିଓଙ୍କ ଜରିଆରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଜିଲା ସଭାପତି ମହାନ୍ତି କହିଥିଲେ ୨୦୨୨ ସୁଦ୍ଧା ସମସ୍ତ ଯୋଗ୍ୟ ହିତାଧିକାରୀ ଘର ପାଇବା ପାଇଁ ଅନୁଦାନ ପ୍ରଦାନ କରାଯାଇଥିଲା। କିନ୍ତୁ ଅଯୋଗ୍ୟ ହିତାଧିକାରୀ ଚଞ୍ଚକତା କରି ୨ରୁ ଅଧିକ ଘର ନେଇ ଥିବାରୁ ଜିଲାର ଅନେକ ଯୋଗ୍ୟ ହିତାଧିକାରୀ ଘର ପାଇବାରୁ ବଞ୍ଚିତ ହୋଇଛନ୍ତି। ତେଣୁ ଯୋଗ୍ୟ ହିତାଧିକାରୀଙ୍କୁ ଚୟନ କରି ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଥିଲେ । ବରିଷ୍ଠ ନେତା କହ୍ନେଇ ଚରଣ ଡାଙ୍ଗ, ଜିଲା ପରିଷଦ ସଭ୍ୟ ରାକେଶ ତ୍ରିପାଠୀ, ସୂର୍ଯ୍ୟ ନାରାୟଣ ମହାପାତ୍ର, ସୁଶାନ୍ତ କୁମାର ପ୍ରଧାନ, ମନୋରଞ୍ଜନ ଦାସ, ବ୍ୟୋମକେଶ ମହାପାତ୍ର, ମାଗୁଣୀ ଗାଇଗୌରିଆ, ଅଟଳ ପ୍ରଧାନ. ସୁଶାନ୍ତ ବାଘ ପ୍ରମୁଖ ଘେରାଉ କରିଥିଲେ।

# ବୌଦ୍ଧରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ

ବୌଦ୍ଧ,୨୭।୧(ସ୍ୱ.ପ୍ର.)

ବୌଦ୍ଧରେ ୭୪ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ଗୁରୁବାର ଦିନ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବୌଦ୍ଧ କଚେରୀ ପଡିଆଠାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବରେ ଜିଲାପାଳ ସତ୍ୟ ରଞ୍ଜନ ସାହୁ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସେ ଉଦବୋଧନ ଦେଇ ଜିଲାର ଉନ୍ନତି କଥା କହିଥିଲେ। ଉତ୍ସବରେ ଅନ୍ୟତମ ଅତିଥି ଭାବରେ ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମିନା ଯୋଗ ଦେଇଥିଲେ। ଏହି ଜାତୀୟ ଉତ୍ସବ ଅବସରରେ ଆଇଆରବି ୫ମ ବାଟାଲିୟନ,ଜିଲା ପୋଲିସ, ଗୃହରକ୍ଷୀ ବାହିନୀ, ବିଭିନ୍ନ ଅନୁଷ୍ଠାନ ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଜାତୀୟ ପତାକାକୁ ଅଭିବାଦନ ଜଣାଇଥିଲେ। ପରେଡରେ ୪୬ଟି ଦଳ ଭାଗ ନେଇଥିଲେ। ରିଜର୍ଭ ଇନ୍ସପେକ୍ଟର ମଧୁସୂଦନ ମହାପାତ୍ର ଆୟୋଜିତ ପରେଡର ନେତୃତ୍ୱ ନେଇଥିଲେ। ପ୍ରତ୍ୟୁଷରେ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସହରରେ ରାମଧୂନ ପ୍ରଚାର କରାଯିବା ପରେ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ପରେ ମୁଖ୍ୟଅତିଥି ଓ ଅନ୍ୟ ଅତିଥିଙ୍କ ଦ୍ୱାରା ବିଭିନ୍ନ ଛକରେ ସ୍ଥାପିତ ମହାତ୍ମାଗାନ୍ଧୀ, ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ, ବାବା ସାହେବ ଆମ୍ବେଡକର, ଗଙ୍ଗାଧର ମେହେର, ବିଜୁ ପଟ୍ଟନାୟକ ଓ ନଟବର ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା, ଜିଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ଉପଜିଲାପାଳ ରବିନ୍ଦ୍ରନାଥ କହଁର, ଏନଏସି ଅଧ୍ୟକ୍ଷ ମତ୍ୟୁଞ୍ଜୟ ମିଶ୍ରଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ସୂଚନା ଓ ଲୋକସଂପର୍କ ଅଧିକାରୀ ରୀତାକାନ୍ତି ବଳିୟାରସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସାଧାରଣତନ୍ତ୍ର ଦିବସ ଉତ୍ସବର ସମସ୍ତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବସନ୍ତ କୁମାର ସାହୁ ଓ ବିଭାଗୀୟ କର୍ମଚାରୀମାନେ ସହଯୋଗ କରିଥିଲେ।



ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ପରେଡରେ ଅଭିବାଦନ ଗ୍ରହଣ କରୁଛନ୍ତି।

# ସମୃଦ୍ଧ ସୁବର୍ଣ୍ଣପୁର ଗଠନ ପାଇଁ ଆହ୍ୱାନ

ସୋନପୁର,୨୭।୧(ନି.ପ୍ର.)

ସୁବର୍ଣ୍ଣପୁର ରାମେଶ୍ୱର ଷ୍ଟାଡିୟମରେ ୭୪ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଗୁରୁବାର ପାଳିତ ହୋଇଯାଇଛି। ଜଙ୍ଗଲ, ପରିବେଶ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ ପୂର୍ବକ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ମନ୍ତ୍ରୀ ଅମାତ ତାଙ୍କ ବକ୍ତବ୍ୟରେ ଦେଶ ଗଠନ ଓ ସ୍ୱାଧୀନତା ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମହାପୁରୁଷଙ୍କ ଅବଦାନକୁ ମନେ ପକାଇ ଥିଲେ। ଦେଶର ସମ୍ବିଧାନକୁ ସମ୍ମାନ ଦେବା ଓ ସାମଗ୍ରିକ ବିକାଶ ହିଁ ପ୍ରକୃତ ଗଣତନ୍ତ୍ର ବୋଲି କହିଥିଲେ। ସୁବର୍ଣ୍ଣପୁର ଜିଲା କୃଷି, ବୟନ ଶିଳ୍ପରେ ସଫଳତା ପାଇଥିବା ବେଳେ କଳା ଓ ସଂସ୍କୃତି କ୍ଷେତ୍ରରେ ବେଶ୍ ସମୃଦ୍ଧ । ଜିଲାର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ଏକ ସମୃଦ୍ଧ ସୁବର୍ଣ୍ଣପୁର ଗଠନ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ମନ୍ତ୍ରୀ ସୂଚନା ଦେଇଥିଲେ। ପ୍ରତ୍ୟୁଷରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାମଧୂନ ଗାନ କରାଯିବା ସହ ସହରରେ ଥିବା ସମସ୍ତ ଯୁବକ ସଂଘ, ଶିକ୍ଷାନୁଷ୍ଠାନ,

**ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ**



ସୁବର୍ଣ୍ଣପୁରରେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ପରେଡରେ ଅଭିବାଦନ ଗ୍ରହଣ କରୁଛନ୍ତି।

ବ୍ୟବସାୟୀ ସଂଘ, ବାପୁଜୀ କ୍ଲବ ଓ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରଭାତଫେରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ସହରରେ ଥିବା ବରପୁତ୍ରଙ୍କୁ ମାଲ୍ୟାର୍ପଣ କରା ଯାଇଥିଲା। ଜିଲାପାଳ ଅବୋଲି ସୁନିଲ ନରୱଣେ, ଏସ୍‌ପି ଅମରେଶ କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ନିଶି ପୁନମ ମିଞ୍ଜ୍, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ନିହାର ରଞ୍ଜନ କହଁରଙ୍କ ସମେତ ଜିଲାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଆରକ୍ଷୀ ବିଭାଗର ପ୍ଲାଟୁନ, ପୋଲିସ ବ୍ୟାଣ୍ଡ ପାର୍ଟି, ବିଭିନ୍ନ କଲେଜ, ଉଚ୍ଚ ବିଦ୍ୟାଳୟ, ଶିକ୍ଷାନୁଷ୍ଠାନ, ଏନସିସି, ସ୍କାଉଟସ୍ ଏଣ୍ଡ ଗାଇଡ୍‌ସ, ରେଡକ୍ରସ ଦଳ ଓ ଅଣ ଏନସିସି ଦଳଗୁଡିକ ମିଶି ମୋଟ ୩୭ଟି ଦଳ ପରେଡରେ ଭାଗ ନେଇଥିଲେ। ପରେଡ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୮ଟି ଦଳକୁ ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପଡିଆରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ଅବସରରେ ମୁଖ୍ୟଅତିଥି ଜିଲାର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବିଶିଷ୍ଟ ଚାଷୀ, ଶ୍ରେଷ୍ଠ କୃଷକ ସାଥୀ, ଶ୍ରେଷ୍ଠ ବିଦ୍ୟାଳୟ, ଶ୍ରେଷ୍ଠ ବିବେଚିତ ପ୍ରଜ୍ଞାପନ ମେଢ, ଶ୍ରେଷ୍ଠ ଶୃଙ୍ଖଳିତ ଛାତ୍ର ଓ ଅଙ୍ଗନୱାଡି କର୍ମୀଙ୍କୁ ପୁରସ୍କୃତ କରିଥିଲେ। ସନ୍ଧ୍ୟାରେ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ନୂତନ ଟାଉନ ହଲଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହିତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେଣ୍ଟ ଜାଭିଅର ଇଣ୍ଟର ନ୍ୟାଶନାଲ ସ୍କୁଲ, ସେଣ୍ଟ ଆନିସ କନଭେଣ୍ଟ ସ୍କୁଲ, ସାହାରା ଟ୍ରଷ୍ଟ ହାଇସ୍କୁଲ, ବିଶ୍ୱଭାରତୀ ଚିନ୍ତନ ଶିକ୍ଷା ନିକେତନ, ଓଡିଶା ଆଦର୍ଶ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ ଓ ଟ୍ରେଣ୍ଡି ଏକାଡେମୀର ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରିଥିଲେ । ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ ଓ ଜିଲା ସଂସ୍କୃତି ଅଧିକାରୀ ଯମୁନା ପଧାନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଦିବସ ବ୍ୟାପି କାର୍ଯ୍ୟକ୍ରମକୁ ବିଦ୍ୟାପତି ପଣ୍ଡା ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଅମିତଙ୍କୁ ସମର୍ଥନ କରିବା ପାଇଁ ଷ୍ଟାଡିୟମରେ ପହଞ୍ଚିଲେ ଏନସିସି ଶିକ୍ଷକ

**ରାଉରକେଲା ଅଫିସ, ୨୭।୧:** ରାଉରକେଲା ବିର୍ସା ମୁଣ୍ଡା ଷ୍ଟାଡିୟମରେ ଗୁରୁବାର ଶେଷ ମ୍ୟାଚ ସନ୍ଧ୍ୟା ୭ଟାରେ ଭାରତ ଓ ଜାପାନ ମଧ୍ୟରେ ଖେଳା ଯାଇଥିଲା। ଏହି ମ୍ୟାଚରେ ଭାରତ ଦଳର ଉପଅଧିନାୟକ ଅମିତ ରୋହିଦାସଙ୍କୁ ସମର୍ଥନ କରିବା ପାଇଁ ତାଙ୍କ ଏନ୍‌ସିସି ଶିକ୍ଷକ ସୁଧାଂଶୁ କୁମାର ଚୌଧୁରୀ ସୁନ୍ଦରଗଡ଼ କମରଡିହି ଅଞ୍ଚଳରୁ ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମକୁ ଯାତ୍ରା କରିଥିଲେ। ଅମିତ ଯେତେବେଳେ ସୁନ୍ଦରଗଡ଼ ଭବାନୀଶଙ୍କର ଉଚ୍ଚ ବିଦ୍ୟାଳୟରେ ନବମ ଓ ଦଶମ ପାଠ ପଢୁଥିଲେ ସେତେବେଳେ ସେ ଏନ୍‌ସିସି ନେଇଥିଲେ। ମୁଁ ତାଙ୍କୁ ଏନ୍‌ସିସି ଟ୍ରେନିଂ ଦେଉଥିବାବେଳେ ତାଙ୍କର ହକି ପ୍ରତି ରୁଚି ଦେଖିଥିଲି। ସ୍କୁଲ ପକ୍ଷରୁ ଅମିତ ଭଲ ହକି ଖେଳୁଥିବାବେଳେ ତାଙ୍କୁ ଜୁନିୟର ହକି ଦଳରେ ଖେଳିବାକୁ ବହୁତ ପ୍ରେରଣା ଦେଇଥିଲି। ୨୦୦୯ ଓ ୨୦୧୦ ମସିହାରେ ଅମିତ ପ୍ରଥମେ ସ୍କୁଲସ୍ତର ହକି ପ୍ରତିଯୋଗିତାରେ ଭାଗନେଇ ଆମ ସ୍କୁଲକୁ ଚାମ୍ପିୟନ କରିବା ପରେ ସେ ଏନ୍‌ସିସି ଡାଇରେକଟ୍ରି ଜୁନିୟର ଦଳରେ ସ୍ଥାନ ପାଇଥିଲେ। ସେ ପଞ୍ଜାବର ପଟିୟାଲାଠାରେ ଭଲ ଖେଳ ପ୍ରଦର୍ଶନ କରି ବିଜୟୀ ହୋଇ ଆସିଥିଲେ। ଆଜି ଅମିତ ଭାରତୀୟ ଦଳର ଉପଅଧିନାୟକ ଭାବେ ଖେଳୁଥିବାବେଳେ ସେ ଏହି ଷ୍ଟାଡିୟମରେ ବିଶ୍ୱକପ୍‌ର ପ୍ରଥମ ଗୋଲମାରି ଆମ ଜିଲା, ମାଟିର ଗର୍ବ ଓ ଗୌରବ ରଖିଛନ୍ତି। ତେଣୁ ତାଙ୍କର ଖେଳ ଓ ତାଙ୍କୁ ଉତ୍ସାହିତ କରିବା ମୋର ଲକ୍ଷ୍ୟ ବୋଲି ଚୌଧୁରୀ କହିଥିଲେ।

### ସମ୍ବିଧାନକୁ ସମ୍ମାନ ଦେବା ପ୍ରତ୍ୟେକ ନାଗରିକଙ୍କ ମୌଳିକ କର୍ତ୍ତବ୍ୟ

**ରାଉରକେଲା ଅଫିସ, ୨୭।୧:** ଷ୍ଟିଲସିଟି ରାଉରକେଲାରେ ସ୍ଥାନୀୟ ଜିଲା ପ୍ରଶାସନ ଓ ଆରଏସପି ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଉଦିତନଗର ସ୍ଥିତ ପ୍ୟାରେଡ ପଡିଆରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଡ. ସୁରେଶ ଚନ୍ଦ୍ର ଦଳାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏଥିସହିତ ରାଉରକେଲା ଅତିରିକ୍ତ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର, ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁ, ଅତିରିକ୍ତ ଏସ୍‌ପି ବିକ୍ରମ କେଶରୀ ଭୋଇ, ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକ, ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସୀମା ଫତିମା ଏକ୍କା ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଦଳାଇ ଦେଶର ସମ୍ବିଧାନର ବିଭିନ୍ନ ବୈଶିଷ୍ଟ ଉପରେ ମତ ପ୍ରକାଶ କରିଥିଲେ। ସମ୍ବିଧାନକୁ ସମ୍ମାନ ଦେବା ପ୍ରତ୍ୟେକ ନାଗରିକଙ୍କ ମୌଳିକ କର୍ତ୍ତବ୍ୟ ବୋଲି ଅତିଥିମାନେ କହିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ ଜାତୀୟ ସ୍ତରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କ ସହ ପରେଡରେ ଶ୍ରେଷ୍ଠ ବିବେଚିତ ଦଳକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଆରଏମସି ଓ ସ୍ମାର୍ଟସିଟି ରାଉରକେଲା ପକ୍ଷରୁ ଆୟୋଜିତ ଷ୍ଟ୍ରିଟଫୁଡ ସୁପରଷ୍ଟାର ପ୍ରତିଯୋଗିତାର ଶ୍ରେଷ୍ଠ ରାସ୍ତା ପାର୍ଶ୍ୱ ଖାଦ୍ୟ ଦୋକାନୀଙ୍କୁ ପୁରସ୍କୃତ କରାଯାଇଥିଲା। ତାସ୍‌କେଣ୍ଟଠାରେ ଅନୁଷ୍ଠିତ ଏସିଆନ କରାଟେ ଜଜ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା କୋଚ ରାଜୀବ ସିଂ, ଅଲ ଇଣ୍ଡିଆ କରାଟେ ସବ ଜୁନିୟର ଚାମ୍ପିୟନସିପରେ ରୌପ୍ୟ ପଦକ ପାଇଥିବା ଆର୍ଣ୍ଣତୟା ସ୍ୱାଇଁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# 'କ୍ରୀଡ଼ା କ୍ଷେତ୍ରରେ ସୁନ୍ଦରଗଡ଼ ଓଡ଼ିଶା ପାଇଁ ଆଣିଦେଇଛି ସ୍ୱତନ୍ତ୍ର ପରିଚୟ'

**ସୁନ୍ଦରଗଡ଼ ୨୭।୧(ଡି.ଏନ.ଏ.)**

୭୪ତମ ସାଧାରଣତନ୍ତ୍ର ଦିବସ ସୁନ୍ଦରଗଡ ଜିଲାର ବିଭିନ୍ନ ସ୍ଥାନରେ ଉତ୍ସାହ ଉଦ୍ଦୀପନା ମଧ୍ୟରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲା ସଦର ମହକୁମା ସୁନ୍ଦରଗଡ଼ ଶଙ୍କରାସ୍ଥିତ ରିଜର୍ଭ ପୋଲିସ ପଡ଼ିଆଠାରେ ଆୟୋଜିତ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଭାରତର ସ୍ୱାଧୀନତା ସଂଗ୍ରାମରେ ପ୍ରାଣବଳୀ ଦେଇଥିବା ମହାମନିଷୀ ଓ ସମ୍ବିଧାନ ସଭାର ଅଧ୍ୟକ୍ଷ ଏବଂ ସମସ୍ତ ସଦସ୍ୟା/ସଦସ୍ୟମାନଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଭାରତର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶା ତଥା ସୁନ୍ଦରଗଡ଼ ଜିଲାର ଅବଦାନ ସମ୍ପର୍କରେ ମନ୍ତ୍ରୀ କହିଥିଲେ। ଓଡ଼ିଶାର ସାମଗ୍ରିକ ବିକାଶରେ ଆଦିବାସୀ ବହୁଳ


ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଉଦ୍‌ବୋଧନ ଦେଉଛନ୍ତି।

ସୁନ୍ଦରଗଡ଼ ଜିଲାର ବିଶେଷ ଅବଦାନ ରହିଛି। ଅନ୍ତର୍ଜାତୀୟ କ୍ରୀଡ଼ା ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ସୁନ୍ଦରଗଡ଼ ଜିଲା ଓଡ଼ିଶା ପାଇଁ ବିଶେଷ ପରିଚୟ ଆଣିପାରିଛି। ହକିର ଏକୁଡ଼ିଶାଳ ଭାବେ ପରିଚିତ ସୁନ୍ଦରଗଡ଼ ଜିଲାର ଅବଦାନକୁ ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ସହ ରାଉରକେଲାରେ ହକି ବିଶ୍ୱକପ ଆୟୋଜନ କରିଛନ୍ତି ବୋଲି କହିଥିଲେ। ମନ୍ତ୍ରୀ ଆହୁରି କହିଥିଲେ ଯେ, ଓଡ଼ିଶା ଆଜି ପ୍ରଗତି ପଥରେ ଅଗ୍ରସର ହେଉଛି। ଓଡ଼ିଶାବାସୀଙ୍କ ସମୃଦ୍ଧି ପାଇଁ ରାଜ୍ୟ ସରକାର ଅନେକ ଯୋଜନା ପ୍ରଣୟନ କରିଛନ୍ତି। ଜିଲାସ୍ତରୀୟ ପରେଡରେ ୩୨ଟି ଦଳ ଭାଗ ନେଇଥିଲେ। ଜିଲା ରିଜର୍ଭ ପୋଲିସ ବାହିନୀର ହୋମଗାର୍ଡ ସହିତ ବିଭିନ୍ନ ସ୍କୁଲ, କଲେଜର ଏନସିସି, ସ୍କାଉଟ ଗାଇଡ, ଜୁନିୟର ରେଡକ୍ରସ, ସିଭିଲିୟାନ

### ସୁନ୍ଦରଗଡ଼ରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ

ଦଳ ଭାଗ ନେଇଥିଲେ। ପରେଡରେ ଭାଗ ନେଇଥିବା ସେଣ୍ଟମେରୀ ବାଳିକା ଉଚ୍ଚ ବିଦ୍ୟାଳୟର ଏନସିସି, ସୁନ୍ଦରଗଡ଼ ପବ୍ଲିକ ସ୍କୁଲର ସ୍କାଉଟ ଗାଇଡ, ଭବାନୀ ଶଙ୍କର ଉଚ୍ଚବିଦ୍ୟାଳୟର ଜୁନିୟର ରେଡକ୍ରସ ଏବଂ ସେଣ୍ଟ ଥେରେସା ପବ୍ଲିକ ସ୍କୁଲର ସିଭିଲିୟାନ ଦଳକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପୂର୍ବରୁ ବିଭିନ୍ନ କଲେଜ ଓ ସ୍କୁଲ ସ୍ତରରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ସହ ଜଙ୍ଗଲ ସୁରକ୍ଷା ପାଇଁ ବୃକ୍ଷରୋପଣ କରିଥିବା ୫ ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସୁନ୍ଦରଗଡ଼ ଉତ୍କଳ କରାଟେ ସ୍କୁଲର ଛାତ୍ରୀଛାତ୍ର ଏହି ସମାରୋହରେ ବିଭିନ୍ନ ଶାରୀରିକ ଜ୍ଞାନକୌଶଳ ପ୍ରଦର୍ଶନ କରିଥିଲେ। ମନ୍ତ୍ରୀ ଘଡ଼ାଇ ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ସେହିପରି ଜିଲା କାରାଗାର ଏବଂ ଆସ୍ଥା ଗୃହର ଅନ୍ତେବାସୀମାନଙ୍କୁ ମିଠା ଓ ଫଳ ବଣ୍ଟନ କରିଥିଲେ। ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ସୁନ୍ଦରଗଡ଼ ପୌରପାଳିକା ଉପାଧ୍ୟକ୍ଷ ଲଲାଟେନ୍ଦୁ ପରିଡ଼ା, ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ ସତ୍ୟବାନ ମହାଜନ, ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ, ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ଉପଜିଲାପାଳ ଦାଶରଥି ସରାବୁ, ଅତିରିକ୍ତ ଏସ୍‌ପି ସୁରେନ୍ଦ୍ର ମାଝି, ଜିଲା ମୁଖ୍ୟ ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ ପ୍ରମୁଖ ଯୋଗ ଦେଇଥିଲେ। ଡକ୍ଟର ଅନନ୍ତ ଆଚାର୍ଯ୍ୟ କାର୍ଯ୍ୟକ୍ରମର ସଂଯୋଜନା କରିଥିବାବେଳେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଭାରତ ମ୍ୟାଚ ପାଇଁ ଭିଡ଼ ବ୍ୟବସାୟକୁ ଦୁଇଗୁଣିତ କରିଛି



**ରାଉରକେଲା ଅଫିସ, ୨୭।୧**

ବିର୍ସା ମୁଣ୍ଡା ଷ୍ଟାଡିୟମରେ ଗୁରୁବାର ଖେଳା ଯାଇଥିବା ଶେଷ ମ୍ୟାଚ ଭାରତ ଖେଳିଥିବାରୁ ଷ୍ଟାଡିୟମରେ ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଷ୍ଟାଡିୟମ ବାହାରେ ବିଭିନ୍ନ ଲୋକଙ୍କ ଗାଲରେ ତ୍ରିରଙ୍ଗା ତିଆରି କରୁଥିବା ବ୍ୟବସାୟୀ ରାମଶିଷ ମାହାତୋ ଗୁରୁବାର ବେଶ୍ ଖୁସି ଜାହିର କରିଥିଲେ। ସେ କହିଥିଲେ, ଭାରତ କ୍ୱାର୍ଟରଫାଇନାଲ କ୍ୱାଲିଫାଏ କରି ନ ଥିଲେ ମଧ୍ୟ ଦେଶର ଖେଳାଳିମାନଙ୍କୁ ସମର୍ଥନ କରିବା ପାଇଁ ଦର୍ଶକ ଭିଡ଼ ଜମାଇଥିଲେ। ଫଳରେ ବ୍ୟବସାୟ ଦୁଇଗୁଣିତ ହୋଇଥିଲା। ଦେଶକୁ ସମର୍ଥନ କରିବାକୁ ଆସିଥିବା କ୍ରୀଡ଼ାପ୍ରେମୀଙ୍କ ମଧ୍ୟରୁ ଅଧିକାଂଶ ନିଜ ଦେହକୁ ଚିତ୍ରିତ କରିଥିବାରୁ ଆମର ଭଲ ଲାଭ ହୋଇଛି।

## ଆଶ୍ରୟ କେନ୍ଦ୍ରରେ ୧୧୦ ଅନ୍ତେବାସୀଙ୍କୁ ସମ୍ମାନ

**ରାଉରକେଲା ଅଫିସ, ୨୭।୧**

ରାଉରକେଲା ମହାନଗର ନିଗମର ସୌଜନ୍ୟତା କ୍ରମେ ଗଣତନ୍ତ୍ର ଦିବସ, ହକି ବିଶ୍ୱକପ୍ ଉପଲକ୍ଷେ ଶୁକ୍ରବାର ରାଉରକେଲା ଷ୍ଟିଲପ୍ଲାଣ୍ଟ ପାର୍ଶ୍ୱବର୍ତ୍ତୀ ଆଶ୍ରୟ କେନ୍ଦ୍ରରେ ୧୧୦ଜଣ ଅନ୍ତେବାସୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଛି। ଏଥିସହିତ ୪ଜଣ ଭିକ୍ଷାବୃତୀ କରୁଥିବା ଭିକ୍ଷାର୍ଥୀଙ୍କୁ ଉଦ୍ଧାର କରାଯାଇ ସମାଜରେ ସମ୍ମାନର ସହିତ ବଞ୍ଚିବା ପାଇଁ ଆଶ୍ରୟଗୃହରେ ସାନିଟାଇଜ୍ କାମ ଯୋଗାଇ ଦିଆଯାଇଛି। ଆଶ୍ରୟରେ ଆଶ୍ରିତ ଥିବା ଅନ୍ତେବାସୀଙ୍କ ମନୋରଞ୍ଜନ ପାଇଁ ମହାନଗର ନିଗମ ପକ୍ଷରୁ କ୍ରୀଡ଼ାଆଦି ସହ ନୃତ୍ୟନାଟିକା, ସଙ୍ଗୀତ ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ରାଉରକେଲା ମହାନଗର ନିଗମ ଅଭିଯାନର ପରିଚାଳକ ସନ୍ତୋଷ କୁମାର ଭୂୟାଁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଉରକେଲା ଡିପୁଟି କମିଶନର ଡ. ଶୁଭଙ୍କର ମହାପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ରାଉରକେଲା



ଆଶ୍ରୟ ଗୃହର ଜଣୈକା ବୃଦ୍ଧା ଅନ୍ତେବାସୀ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରୁଛନ୍ତି।

### ୪ ଭିକ୍ଷାର୍ଥୀଙ୍କୁ ମିଳିଲା କାମ

ସରକାରୀ ଡାକ୍ତରଖାନାର ଡାକ୍ତର ସୁକାନ୍ତ କୁମାର ଦେଉରା ଯୋଗଦେଇଥିଲେ। ରାଉରକେଲାର ୪ଟି ଆଶ୍ରୟ କେନ୍ଦ୍ର ଅନ୍ତେବାସୀଙ୍କୁ ନେଇ ସ୍ଲିପିଙ୍ଗ, ଗୁଳିଚାମଚ ଏବଂ ମ୍ୟୁଜିକ ଚେୟାର ପ୍ରତିଯୋଗିତା ହୋଇଥିଲା। ଆଶ୍ରୟ ସାଥିଙ୍କ ଦ୍ୱାରା ଗ୍ରୁପ୍ ଡ୍ୟାନ୍ସ, ସ୍ଲୋ ଡ୍ୟାନ୍ସ ସହ ନାଟକ ନିରାଶ୍ରୟର ବନ୍ଧୁ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ବିଶେଷ ସହଯୋଗିତା କରିଥିଲେ ୪ଟି ଆଶ୍ରୟ କେନ୍ଦ୍ରର ସିଇଓ ସଂଘମିତ୍ରା ପ୍ରଧାନ, ନୀରୁଲତା ବେହେରା, ପୂଜା ଗର୍ଡିଆ ଓ ପ୍ରଜ୍ଞା ପରମିତା ସାହୁ। ରାଉରକେଲା ମହାନଗର ନିଗମ ଅଧିନ ୪ଟି ଆଶ୍ରୟ କେନ୍ଦ୍ରର ସମୁଦାୟ ୮ଜଣ ଭିନ୍ନକ୍ଷମଙ୍କ ସହିତ ୧୦୨ଜଣ ଦିନ ମଜୁରିଆ, ରିକ୍ସା ଚାଳକ ଓ ବୃଦ୍ଧାବୃଦ୍ଧଙ୍କୁ ସମ୍ମାନିତ କରାଯିବା ସହିତ ୭୪ତମ ଗଣତନ୍ତ୍ର ଦିବସ ଉପଲକ୍ଷେ ଅତିଥି ମାନଙ୍କ ଦ୍ୱାରା ଅନ୍ତେବାସୀଙ୍କୁ ପୁରସ୍କୃତ ଓ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମର ପରିସମାପ୍ତି ଘୋଷଣା କରିଥିଲେ ସନ୍ତୋଷ କୁମାର ଭୂୟାଁ।

## ୨୪କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

**ରାଉରକେଲା ଅଫିସ, ୨୭।୧**

ରାଉରକେଲା ସେକ୍ଟର-୨ ଗାୟତ୍ରୀ ଶକ୍ତିପୀଠରେ ଚାଲିଥିବା ୨୪କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଗୁରୁବାର ସରସ୍ୱତୀ ପୂଜା ସହିତ ସମ୍ପନ୍ନ ହୋଇଯାଇଛି। ୫ ଦିନାତ୍ମକ ମହାଯଜ୍ଞରେ ନିଶୁଳ୍କ ଭାବେ ୨୦ ଜଣ ବ୍ରାହ୍ମଣ ବାଳକଙ୍କର ବ୍ରତ ଏବଂ ୨୦ଜଣ ବାଳକଙ୍କ ଦୀକ୍ଷା ସଂସ୍କାର କର୍ମ ବୈଦିକ ରୀତିନୀତି ଅନୁସାରେ ହୋଇଯାଇଛି। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସର୍ବପ୍ରଥମେ ଶକ୍ତିପୀଠ ସମ୍ମୁଖରେ ତ୍ରିରଙ୍ଗା ପତାକା ଉତ୍ତୋଳନ ହୋଇଥିଲା। ଏହା ପରେ ସରସ୍ୱତୀ ପୂଜାନେଇ ୧୫୦ କୁନି ବାଳକଙ୍କୁ ବିଦ୍ୟାରମ୍ଭ ସଂସ୍କାର କର୍ମ ବୈଦିକ ରୀତିନୀତିରେ କରାଯାଇଥିଲା। ୫ଦିନିଆ ୨୪କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପ୍ରତ୍ୟେହ ଦିନ ଯୁଗ ସଙ୍ଗୀତ, ପ୍ରବଚନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଥିଲା। ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ମୁଖ୍ୟ ଆୟୋଜକ ରହିଥିଲେ ରାଉରକେଲା ଗାୟତ୍ରୀ ଶକ୍ତିପୀଠର କମିଟି କର୍ମକର୍ତ୍ତା ବୃନ୍ଦ।


ମହାଯଜ୍ଞରେ ବ୍ରାହ୍ମଣ ବାଳକ ଯଜ୍ଞୋପବିତ ଧାରଣ କରିଛନ୍ତି।

## ଖଜୁରି ତାଡି ଭାଟି ବନ୍ଦ କଲେ ମହିଳା

**ବଡ଼ଗାଁ, ୨୭।୧(ଡି.ଏନ୍.ଏ.)**

ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ତୁଡ଼ାଲଗା ବସଷ୍ଟାଣ୍ଡ ନିକଟରେ ଖଜୁରୀ ତାଡି ଭାଟି ପ୍ରାୟ ୩ ମାସ ହେଲା ଚାଲିଛି। ଗୁରୁବାର କୋଶଳ ସମାଜର ମହିଳାମାନେ ସରପଞ୍ଚ ସୁଦୀପ ବାଡାଙ୍କୁ ନେଇ ଖଜୁରୀ ତାଡି ଭାଟି ବନ୍ଦ କରାଇଛନ୍ତି। ପୂର୍ବାହ୍ନରେ ମହିଳା ମାନେ ଭାଟିକୁ ପହଞ୍ଚିଲା ପରେ ସେଠାରେ ଭାଟି ମାଲିକ ପଞ୍ଚାୟତର ପ୍ରସ୍ତାବ କ୍ରମେ ତାଡି ବିକ୍ରି କରୁଥିବା କହିଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ପାଟିତୁଣ୍ଡ ହୋଇଥିଲା। ସରପଞ୍ଚଙ୍କୁ ମହିଳାମାନେ କେଉଁ ପ୍ରସ୍ତାବ ବଳରେ ବିକ୍ରି ଚାଲିଛି ପଚାରି ବୁଝିଥିଲେ। ସରପଞ୍ଚ ବାଡ଼ା, ପଞ୍ଚାୟତର ଗୃହୀତ ପ୍ରସ୍ତାବରେ ଦସ୍ତଖତ ଦେଇ ନ ଥିବା କହିବା ସହିତ ତାଡି ଭାଟି ମାଲିକଙ୍କୁ ଭାଟି ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତାଡି ଭାଟିକୁ କୌଣସି କାମରେ ଆସୁଥିବା କେତେକ ଯୁବକଙ୍କୁ ମହିଳାମାନେ କାହିଁକି ଆସିଛ କହି ପଚାରିବାରୁ ସେମାନେ ସେଠାରୁ ଚାଲିଯାଇଥିଲେ। ଏହା ପରେ କୋଶଳ ସମାଜ ମହିଳା ଶାଖା ଜିଲା ସଭାନେତ୍ରୀ ହରିପ୍ରିୟା ଭୋଇ, ବଡ଼ଗାଁ ବ୍ଲକ ସଭାପତି ଦୀପ୍ତିରାଣୀ ରାଉତରାୟ, ଆନ୍ଦୋଳନ ସଚିବ ସନ୍ତୋଷ ଧନୁଆରଙ୍କ ସହିତ ମହିଳାମାନେ ଥାନା ଓ ଅବକାରୀ କାର୍ଯ୍ୟାଳୟକୁ ଯାଇ ଅଧିକାରୀଙ୍କୁ ଅଭିଯୋଗ ପତ୍ର ଦେଇଥିଲେ। ଅଭିଯୋଗ ପତ୍ରରେ ଦର୍ଶାଯାଇଛି, ତୁଡାଲଗା ବସଷ୍ଟାଣ୍ଡ ନିକଟରେ ଖଜୁରୀ ତାଡି ଭାଟି ଅବାଧରେ ଖୋଲାଖୋଲି ଚାଲିଛି। ସେହିପରି ତୁଡାଲଗା ଗ୍ରାମର ମଝି ବସ୍ତିରେ ଥିବା ଏକ ରାସନ ଦୋକାନରେ ଦୀର୍ଘ ବର୍ଷ ରୁ ପାଉଚ ମଦ ବିକ୍ରି ହୋଇଆସୁଛି । ଏହି ତାଡି ଭାଟି ଓ ଦୋକାନରେ ମଦ ବିକ୍ରି ତୁରନ୍ତ ବନ୍ଦ କରିବାକୁ ଦାବି କରାଯାଇଛି। ନଚେତ ଆନ୍ଦୋଳନ ମାଧ୍ୟମରେ ଦାବି ହାସଲ ପାଇଁ ଚେତାବନୀ ଦିଆଯାଇଛି।

## ହକି ବିଶ୍ୱକପ୍‌ରେ ପ୍ରାଚୀନ ଡାକ ଟିକଟର ଫ୍ରେମ୍

**ରାଉରକେଲା ଅଫିସ, ୨୭।୧**

ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍ ପାଖରେ ଦେଖିବାକୁ ମିଳିଥିଲା ଏକ ନିଆରା ଦୃଶ୍ୟ। ଜଣେ ଯୁବକ ହାତରେ ମୋ ସଂଗ୍ରହାଳୟ ଲିଖିତ ଏକ ଫ୍ରେମ ଧରି କୁନି ପିଲାଙ୍କୁ ହକି ବିଷୟରେ ଜ୍ଞାନ ବାଣ୍ଟୁଥିଲେ। ତାଙ୍କ ଫ୍ରେମରେ ପ୍ରାଚୀନ ଡାକ ଟିକଟର ଫଟୋ, ଡାକ ଟିକଟରେ ଭାରତୀୟ ହକି ତାରକା ଧ୍ୟାନଚାନ୍ଦ ଷ୍ଟାମ୍ପ, ସ୍ୱତନ୍ତ୍ର ଲଫାଫା, ଦିଆସିଲି ଖୋଳ ଓ ଅନେକ ପେପର କଟିଙ୍ଗ ସେ ସଜାଇ ରଖିଥିଲେ। ଏଥିସହ ୧୯୭୫ରେ ବିଶ୍ୱ ବିଜୟୀ ଭାରତୀୟ ହକି ଦଳର ଗ୍ରୁପ୍ ଫଟୋ ସହିତ ହକି ଖେଳୁଥିବା ଦେଶଗୁଡ଼ିକର ନାମ ଓ ପ୍ରସିଦ୍ଧ ହକି ଖେଳାଳିଙ୍କର ନାଁ ସେ ତାଙ୍କ ଫ୍ରେମରେ ସଂଲଗ୍ନିତ କରିଥିଲେ। କୁନି ପିଲାଏଁ ଫ୍ରେମ୍

### ପିଲାଙ୍କୁ ବାଣ୍ଟିଲା ହକିର ଜ୍ଞାନ


ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ହକି ବିଷୟିକ ଫ୍ରେମ୍ ଜରିଆରେ ଜ୍ଞାନ ବାଣ୍ଟୁଛନ୍ତି ସମରନ।

ଦେଖି ଖୁସି ହେବା ସହ ହକି ବିଷୟରେ ବହୁଜ୍ଞାନ ଆହରଣ କରୁଥିଲେ। ଫ୍ରେମରୁ ଜିଜ୍ଞାସୁ ପିଲାମାନେ ହକି ସମ୍ପର୍କିତ କିଛି ଅଜଣା ଜ୍ଞାନ ମଧ୍ୟ ଲାଭ କରିଥିଲେ। ନିଆରା ଭାବରେ ଜାତୀୟ ଖେଳର ଇତିହାସ ପ୍ରଚାର କରୁଥିବା ଯୁବକ ଜଣକ ହେଲେ ଭୁବନେଶ୍ୱର ବୀର ସୁରେନ୍ଦ୍ର ସାଏ ନଗରର ବାସିନ୍ଦା ସମରନ ମହାନ୍ତି। ଜାତୀୟ ଖେଳ ହକି ଓ ହକି ଖେଳାଳିଙ୍କ ଉତ୍‌ଥାନ ଓ ନିଜ ଆତ୍ମସନ୍ତୋଷ ପାଇଁ ସେ ଏଭଳି ପ୍ରୟାସ କରୁଥିବା ଦର୍ଶାଇଥିଲେ। ସରକାର ସୁଯୋଗ ପ୍ରଦାନ କଲେ ଭାରତୀୟ ହକିକୁ ନେଇ ଏକ ସଂଗ୍ରହାଳୟ ତଥା ମ୍ୟୁଜିୟମ୍ ପ୍ରସ୍ତୁତ କରନ୍ତି ବୋଲି ସେ କହିଥିଲେ। ଏଥି ସହ ତାଙ୍କ ନିଜସ୍ୱ ପ୍ରୟାସ କ୍ରମରେ ମୋ ସଂଗ୍ରହାଳୟ ନାମକ ଏକ ମ୍ୟୁଜିୟମ୍ ତିଆରି କରି ସାରିଛନ୍ତି, ଯେଉଁଠି ହକି ବ୍ୟତୀତ ପ୍ରାଚୀନ ମୁଦ୍ରା ଗୁଡିକୁ ସେ ଗଛିତ କରିଥିବା ଦର୍ଶାଇଥିଲେ।

## ୫ ଗାଡ଼ି ଦୁର୍ଘଟଣା, ଜଳିଗଲା ଟ୍ରକ୍: ଜଣେ ମୃତ

**ଲହୁଣୀପଡ଼ା, ୨୭।୧(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ୨୧୫ ନମ୍ବର ଜାତୀୟ ରାଜପଥର କୁହୁରୁବୁରୁ ଛକ ନିକଟରେ ଗୁରୁବାର ପାଞ୍ଚଟି ଗାଡି ଦୁର୍ଘଟଣା ଘଟିଥିବାବେଳେ ଗୋଟାଏ ଟ୍ରକ ଜଳି ଯାଇଛି। ଜଣେ ଖଲାସୀଙ୍କ ମୃତ୍ୟୁ ଘଟିଛି। ପ୍ରାପ୍ତ ସୂଚନା ଅନୁଯାୟୀ ରାଜାମୁଣ୍ଡାଠାରୁ ରେଙ୍ଗାଲବେଡା ପର୍ଯ୍ୟନ୍ତ ୨୧୫ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବାବେଳେ ସେଠାରେ ଏକ ପାଭେର ମେସିନ କାମ ସାରି ରାତିରେ ଛିଡା ହୋଇଥିଲା। ଉକ୍ତ ମେସିନକୁ ଏକ ମାଲ ବୋଝେଇ ଟ୍ରକ ଧକ୍କା ଦେବାରୁ ମେସିନ ଚୁରମାର ହୋଇଯାଇଥିଲା। ଏହି ଦୁର୍ଘଟଣାର କିଛି ବାଟ ଆଗରେ ସିରିଜ ଦୁର୍ଘଟଣା ଘଟିଥିଲା। ଓଡ଼ି ୦୯ଭି ୨୨୦୯ ଟ୍ରକକୁ ଓଡ଼ି୨୩ଏନ ୫୪୩୬ ନମ୍ବର ଟ୍ରକ ଧକ୍କା ଦେଇଥିଲା। ଟ୍ରକର ଡାଲା କେବିନ ଅଲଗା ହୋଇଯାଇଥିବାବେଳେ ଧକ୍କା ଦେଇଥିବା ଟ୍ରକର ମଧ ଚକ ଫାଟି ଯିବାରୁ ଗାଡିଟି ପିଚୁ ଉପରେ କିଛି ବାଟ ଯିବା ସହିତ ରାସ୍ତା କଡରେ ଛିଡା ହୋଇଥିବା ଅନ୍ୟ ଏକ ମାଲ ବୋଝେଇ ଟ୍ରକ ସିଜି ୦୭ବିଏନ ୫୮୦୬କୁ ଧକ୍କା ଦେଇଥିଲା। ଧକ୍କା ଦେଇଥିବା ଟ୍ରକର ଇଞ୍ଜିନ ଜଳି ଯାଇଥିଲା। ଫଳରେ ଚାଳକ ଓ ଖଲାସି ଅଳ୍ପକେ ବର୍ତ୍ତି ଯାଇଥିଲେ। ଏହା ପରେ ଜଳି ଯାଇଥିବା ଗାଡିକୁ ଅନ୍ୟ ଏକ ମାଲ ବୋଝେଇ ଟ୍ରକ ଓଡ଼ି ୩୫ସି ୯୯୭୨ ଆସି ଧକ୍କା ଦେଇଥିଲା। ଏହି ସିରିଜ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁବରଣ କରିଥିବା ବ୍ୟକ୍ତି ଜଣକ ହେଉଛନ୍ତି ଛତିଶଗଡ଼ ଯଶପୁରୁ ଜିଲା ପାଲିଡିହି ଥାନା ଅନ୍ତର୍ଗତ ପତ୍ରାପାଲି ଗ୍ରାମର ଦେବସାୟ ସିଦାରଙ୍କ ପୁଅ ଶୁକୁନ କୁମାର (୨୭)ବୋଲି ଜଣାପଡ଼ିଛି। କେ.ବଲାଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିରିଜ ଦୁର୍ଘଟଣାର ଗାଡିଗୁଡ଼ିକୁ ଜବତ କରିଛି।

# ଦେବଗଡ଼ରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ

**ଦେବଗଡ଼, ୨୭।୧(ଡି.ଏନ୍.ଏ.)**

ଦେବଗଡ଼ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ ଠାରେ ୭୪ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଆୟୋଜିତ ଦିବସରେ ମୁଖ୍ୟ ଅତିଥି ଭାବେ ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡର ଅଭିବାଦନ ଗ୍ରହଣ କରିଥିଲେ। ସ୍ୱାଧୀନତାରେ ନିଜକୁ ସମର୍ପଣ କରିଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମିଶନ ଶକ୍ତି ମାଧ୍ୟମରେ ରାଜ୍ୟରେ ମହିଳାଙ୍କ ଜୀବନ ଧାରାରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଆଣିପାରିଛି ଏବଂ ମହିଳାମାନେ ଆତ୍ମନିର୍ଭରଶୀଳ ହୋଇପାରିବା ସହିତ ସ୍ୱାବଲମ୍ବୀ ହୋଇପାରିଛନ୍ତି ବୋଲି ମନ୍ତ୍ରୀ ହେମ୍ବ୍ରମ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ଆରଆଇ ଗୋବିନ୍ଦ ମାରାଣ୍ଡିଙ୍କ ନେତୃତ୍ୱରେ ୨୮ଟି ଦଳ ପରେଡରେ ଅଂଶଗ୍ରହଣ କରିଥିଲେ। ଜିଲାପାଳ ସୋମେଶ ଉପାଧ୍ୟାୟ ଓ ଏସ୍‌ପି ପ୍ରମୋଦ ରଥ ଉପସ୍ଥିତ ଥିଲେ। ସେହିପରି ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ହକି ପାଇଁ ଆଶିଷ ଟପ୍ପୋ, କବାଡି ପାଇଁ ବିନତି ପ୍ରଧାନ, ବାସ୍କେଟବଲ ପାଇଁ ଆଥରେନ କୁଜୁରଙ୍କୁ ସମ୍ମାନିତ କରାଯାଇଥିଲା। ୟୁନିଫର୍ମ ଦଳରେ ଦେବଗଡ କଲେଜର ଏନସିସି ମହିଳା ପ୍ରଥମ, ରାଜାବାସୁଦେବ ଉଚ୍ଚ ବିଦ୍ୟାଳୟର ସ୍କାଉଟ ଦ୍ୱିତୀୟ ହୋଇଥିଲା। ସେହିପରି ସିଭିଲିୟାନ ସିନିୟର ଗ୍ରୁପରେ ଆଦର୍ଶ ମହାବିଦ୍ୟାଳୟ ପ୍ରଥମ ଓ କେନ୍ଦ୍ରୀୟ ବିଦ୍ୟାଳୟ ଦ୍ୱିତୀୟ ଏବଂ ଜୁନିୟର ଦଳରେ ବାଲ ଭାରତୀ ଇଂଲିଶ ମିଡ଼ିୟମ ବିଦ୍ୟାଳୟ ପ୍ରଥମ ଓ ଡିଭାଇନ ପବ୍ଲିକ ସ୍କୁଲ ଦ୍ୱିତୀୟ ସ୍ଥାନ ଅଧିକାର କରିବା ସହିତ ମୁଖ୍ୟ ଅତିଥି ସେମାନଙ୍କୁ ପୁରସ୍କୃତ କରିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଏହାପରେ ଦେବଗଡ଼ ଜେଲରେ ଅନ୍ତେବାସୀ ଓ ମୁଖ୍ୟଚିକିତ୍ସାଳୟର ରୋମୀମାନଙ୍କୁ ଫଳବଣ୍ଟନ କରାଯାଇଥିଲା। ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ତଥା ଜିଲାର ବିଭିନ୍ନ ପୁରପଲ୍ଲିରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି।

# ସୁରକ୍ଷା କବଚକୁ ଲୋକାର୍ପିତ କଲେ ମନ୍ତ୍ରୀ

**ଦେବଗଡ଼, ୨୭।୧(ଡି.ଏନ୍.ଏ.)**

୭୪ତମ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ପରେଡ ଗ୍ରାଉଣ୍ଡରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଶିଶୁକନ୍ୟାଙ୍କ ସୁରକ୍ଷା ପାଇଁ ଜିଲା ପ୍ରଶାସନ ଦ୍ୱାରା ପ୍ରସ୍ତୁତ ହୋଇଥିବା ସୁରକ୍ଷା କବଚ ମୋବାଇଲ ଆପକୁ ଜିଲାପାଳ ସୋମେଷ ଉପାଧ୍ୟାୟଙ୍କ ଉପସ୍ଥିତିରେ ଲୋକାର୍ପିତ କରିଥିଲେ। ପୁଅ ଅନୁପାତରେ କେତେ ଝିଅ ଜନ୍ମ ହେଲେ, କେଉଁ ଅଞ୍ଚଳରେ କନ୍ୟା ସନ୍ତାନ ଜନ୍ମହାର କମ, ସ୍କୁଲରେ କେତେ ଜଣ ଝିଅ କେଉଁ କାରଣ ପାଇଁ ଅନୁପସ୍ଥିତ ରହୁଛନ୍ତି, କେତେ ଝିଅ ଉଚ୍ଚଶିକ୍ଷାରୁ ବଞ୍ଚିତ ଅଛନ୍ତି, କେଉଁ ଝିଅମାନେ ବାଲ୍ୟବିବାହ, ଯୌନ ନିର୍ଯାତନା, ଶିଶୁଚାଲାଣ ଭଳି ବିପଦସଙ୍କୁଳ ସ୍ଥିତିରେ ଅଛନ୍ତି ଏ ମୋବାଇଲ ଆପ୍ସ ତୁରନ୍ତ ଜିଲା ପ୍ରଶାସନକୁ ସୂଚାଇ ଦେବ ଓ ବିଭାଗୀୟ ଅଧିକାରୀଙ୍କ ପଦକ୍ଷେପକୁ ତ୍ୱରାନ୍ୱିତ କରିବ। ଯଦି ବିଭାଗୀୟ ଅଧିକାରୀ ଠିକ୍ ସମୟରେ ଶିଶୁକନ୍ୟାଙ୍କୁ ବିପଦରୁ ମୁକ୍ତି ପାଇଁ ଉଚିତ ପଦକ୍ଷେପ ନ ନିଅନ୍ତି , ତେବେ ଏ ଆପ ଜିଲାପାଳଙ୍କ ନଜରକୁ ଆଣିବ ଆବଶ୍ୟକୀୟ ନିର୍ଦ୍ଦେଶ ପାଇଁ । ୬ ରୁ ୧୪ ବର୍ଷର କୌଣସି ଝିଅ ଯଦି ବିଦ୍ୟାଳୟରୁ ୫ଦିନ ପାଇଁ କୌଣସି କାରଣରୁ ଅନୁପସ୍ଥିତ ରହିବେ, ତେବେ ବିଭାଗୀୟ ଅଧିକାରୀଙ୍କୁ ଏ ମୋବାଇଲ ଆପ ତୁରନ୍ତ ତଦନ୍ତ ପାଇଁ ସୂଚନା ଦେବ। ଯଦି ୧୦ ଦିନରୁ ଅଧିକ ବାଳିକାଟି ବିଦ୍ୟାଳୟରୁ ଅନୁପସ୍ଥିତ ରହେ ତେବେ ତାଙ୍କ ନାଁଟି ସ୍ୱତଃପ୍ରବୃତ୍ତ ଭାବେ ମୋବାଇଲ ଆପର କ୍ରିଟିକାଲ ଜୋନକୁ ଜିଲାପାଳଙ୍କ ସମୀକ୍ଷା ପାଇଁ ଚାଲିଆସିବ। ଜିଲା ଶିଶୁ ସୁରକ୍ଷା ବିଭାଗ, ସମାଜ ମଙ୍ଗଳ ବିଭାଗ, ଜିଲା ଶିକ୍ଷା ବିଭାଗ ଓ ଜିଲା ସ୍ୱାସ୍ଥ୍ୟ ବିଭାଗର ସମନ୍ୱୟରେ ତିଆରି ହୋଇଥିବା ଏ ମୋବାଇଲ ଆପ୍ସରେ ଜିଲାର ଶୂନରୁ ଅଠର ବର୍ଷର ସମସ୍ତ କନ୍ୟାଙ୍କ ସୂଚନା ପଞ୍ଜିକୃତ ହୋଇ ରହିବ। ମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପଣ କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ପ୍ରମୋଦ ରଥ, ଅତିରିକ୍ତ ଜିଲାପାଳ ରେବିକା ବିଲୁଙ୍ଗ, ଡିଆଇପିଆରଓ ମନୋରଞ୍ଜନ ସୂତାର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ହେମ୍ବ୍ରମଙ୍କ ଲୋକାର୍ପଣ ବାର୍ତ୍ତାଙ୍କୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ପଢି ଶୁଣାଇଥିଲେ।



ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଶିଶୁକନ୍ୟାଙ୍କ ସୁରକ୍ଷା ପାଇଁ ମୋବାଇଲ ଆପ୍‌କୁ ଲୋକାର୍ପଣ କରୁଛନ୍ତି।

### ଶିଶୁକନ୍ୟାଙ୍କ ସୁରକ୍ଷା ପାଇଁ ଦେବଗଡ଼ ଜିଲା ପ୍ରଶାସନର ଅଭିନବ ପ୍ରୟାସ

## ଅମୃତ ସରୋବରରେ ନୌକା ବିହାର ଉଦ୍‌ଘାଟିତ

ଟିଟିଲାଗଡ଼,(ଡି.ଏନ.ଏ.): ଟିଟିଲାଗଡ଼ ବ୍ଲକ ଖୋଲାନ ଅମୃତ ସରୋବରରେ ନୌକା ବିହାର କାର୍ଯ୍ୟକ୍ରମ ମନ୍ତ୍ରୀ ଟୁକୁନୀ ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ବିଡ଼ିଓ ନବୀନ ଚନ୍ଦ୍ର ନାୟକ, ଖୋଲାନ ସରପଞ୍ଚ ନରେଶ ଅଗ୍ରୱାଲ, ଜିଲା ସରପଞ୍ଚ ସଂଘ ସଭାପତି ବୀରବର ସାହୁ, ଶିକ୍ଷାବିତ୍ ବିଶ୍ୱନାଥ ମିଶ୍ର, ପୂର୍ବତନ ଜିଲା ପରିଷଦ ସଭ୍ୟ ସଞ୍ଜୀବ ସାହୁ, ଧ୍ରୁବ ସାହୁ, କ୍ଷମାନିଧି ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ରାତିସାରା ଉଡ଼ିଲା ତ୍ରିରଙ୍ଗା

**ଲୋଇସିଂହା,୨୭।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଗୁରୁବାର ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ସଦାନନ୍ଦ ଭୋଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସୂର୍ଯ୍ୟାସ୍ତ ପୂର୍ବରୁ ଜାତୀୟ ପତାକା ଅବତରଣର ବିଧି ରହିଛି। ହେଲେ ସ୍କୁଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତାରୁ ଏଠାରେ ଜାତୀୟ ପତାକା ଅବତରଣ କରାଯାଇ ନ ଥିଲା। ସ୍କୁଲ ପରିସରରେ ରାତିସାରା ଜାତୀୟ ପତାକା ଉଡିଥିଲା। ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ କଡରେ ଥିବା ଉକ୍ତ ସ୍କୁଲରେ ଶୁକ୍ରବାର ସକାଳେ ଲୋକେ ଦେଖିବାକୁ ପାଇଥିଲେ। ସକାଳ ୮ଟାରେ ଜଣେ ଚତୁର୍ଥ କର୍ମଚାରୀ ଜାତୀୟ ପତାକାକୁ ଅବତରଣ କରିଥିଲେ। ଅମୃତ ମହୋତ୍ସବ ଉପଲକ୍ଷେ ଦିବାରାତ୍ର ଜାତୀୟ ପତାକା ଉଡାଯାଇଥିବା ପ୍ରଧାନଶିକ୍ଷକ ଭୋଇ କହିଛନ୍ତି।

### ଶିଶୁଙ୍କ ବିଦ୍ୟାରମ୍ଭ କାର୍ଯ୍ୟକ୍ରମ

**ଟିଟିଲାଗଡ଼,୨୭।୧(ଡି.ଏନ.ଏ.):** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଟିଟିଲାଗଡ଼ ପରିସରରେ ଅନୁଷ୍ଠିତ ହୋଇଥିଲା ଶିଶୁ ବୋଧ ଶ୍ରେଣୀରେ ଅଧ୍ୟୟନରତ ଶିଶୁଙ୍କର ବିଦ୍ୟାରମ୍ଭ ସଂସ୍କାର କାର୍ଯ୍ୟକ୍ରମ। ଦୁଇଶହରୁ ଉର୍ଦ୍ଧ୍ୱ ଅଭିଭାବିକା ଓ ଅଭିଭାବକ ସେମାନଙ୍କ ଶିଶୁଙ୍କ ସହ ନିକଟସ୍ଥ ବୈଷ୍ଣଦେବୀ ମନ୍ଦିରରୁ ଆଜ୍ଞାମାଳ ଗ୍ରହଣ କରି ବିଦ୍ୟାଳୟରେ ପ୍ରବେଶ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଶ୍ୟାମସୁନ୍ଦର ମହାପାତ୍ର ଓ ତାଙ୍କ ସହ ଧର୍ମିଣୀ ତରଙ୍ଗିଣୀ ମହାପାତ୍ର ଶିଶୁଙ୍କୁ ସ୍ୱାଗତ କରିଥିଲେ । ଦେବୀ ସରସ୍ୱତୀଙ୍କ ପୂଜା ସହ ଶିଶୁଙ୍କ ଖଡ଼ିଛୁଆଁ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।

### ଗ୍ରାମସଭା ବର୍ଜନ କଲେ ସରପଞ୍ଚ ସଂଘ

**ଲାଠୋର,୨୭।୧(ଡି.ଏନ.ଏ.):** ଜାନୁୟାରୀ ୨୬ ଏବଂ ୩୦ ତାରିଖ ଦୁଇଦିନ ଗ୍ରାମସଭା କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଏବଂ ଆସନ୍ତା ମାସରେ ହେବାକୁ ଥିବା କୃଷି ଉପକରଣ ମେଳା ଉପରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ନିର୍ଦ୍ଦେଶ ଥିଲା। ହେଲେ ଏହାକୁ ଜିଲା ସରପଞ୍ଚ ସଂଘ ଡାକରାକ୍ରମେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ ରହିଥିବା କେତେକ ପଞ୍ଚାୟତରେ ଗୁରୁବାର ହୋଇଥିବା ଗ୍ରାମସଭାକୁ ବର୍ଜନ କରାଯାଇଥିଲା। ଲାଠୋର, ଟଙ୍କପାଣି, କରୁଆଝର, ବେନ୍ଦେର, ସାହଜପାଣି ପଞ୍ଚାୟତରେ ହୋଇଥିବା ଗ୍ରାମସଭାକୁ ସରପଞ୍ଚମାନେ ବର୍ଜନ କରିଥିଲେ। ମାଲପଡ଼ା, ରେଙ୍ଗାଲି ଏବଂ ଘୁନସର ପଞ୍ଚାୟତରେ ସରପଞ୍ଚମାନଙ୍କ ଅନୁପସ୍ଥିତରେ ଗ୍ରାମ ସଭା ଆୟୋଜିତ ହୋଇଥିବା ନେଇ ନୋଡ଼ାଲ ଅଫିସରମାନେ ସୂଚନା ଦେଇଛନ୍ତି।

### ଆତ୍ମରକ୍ଷା ତାଲିମ ଶିବିର

**ଦେଓଗାଁ,୨୭।୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପତି ହୋଇଯାଇଛି। ଖେଳ ଶିକ୍ଷକ ଗିରିଗୋବର୍ଦ୍ଧନ ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ କଲେଜ ଅଧକ୍ଷ ଉପମନ୍ୟୁ ବାଗ, ଅଧାପକ ଦେବଦତ୍ତ ଗୁରୁ ଅତିଥିଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ଉପରେ ରଖିଥିଲେ। ମାନସୀ ମଲ୍ଲିକ, ସୀମା ମଲ୍ଲିକ ପ୍ରଶିକ୍ଷିକାଭାବେ ଯୋଗଦେଇଥିଲେ। ଅଧାପକ ସନ୍ତୋଷ କୁମାର ଜାନୀ ଧନ୍ୟବାଦ ଅର୍ପଣ କରିଥିଲେ ।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

**ଦେଓଗାଁ,୨୭।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ରୁଗୁଡିପାଲିର ମାଟୁ ଭୁଏଁଙ୍କ ପରଲୋକ ହୋଇଯାଇଛି। ସେ ୧୯୮୪ ମସିହାରେ ସରପଞ୍ଚ ଥିବାବେଳେ ଆଞ୍ଚଳିକ ହାଇସ୍କୁଲ ନିର୍ମାଣ କରିବା ସହ ଅଞ୍ଚଳର ବିଭିନ୍ନ ଗାଁକୁ ବିଦ୍ୟୁତ ସଂଯୋଗ କରିବା ଦିଗରେ ବହୁ ପଦକ୍ଷେପ ନେଇଥିଲେ। ଭୀମପାହାଡ ଗିରି ଗୋବର୍ଦ୍ଧନ ପୂଜାର ମୁଖ୍ୟ ଉପଦେଷ୍ଟାଭାବେ ସେ କାର୍ଯ୍ୟ କରିଥିଲେ। ଦୀର୍ଘ ୨୦ ବର୍ଷ ଧରି ବିଜେଡିର ଜଣେ ସକ୍ରିୟ ସଦସ୍ୟଭାବେ କାମ କରି ଆସୁଥିଲେ। ତାଙ୍କ ପରଲୋକର ବିଜେଡି ନେତା ଅର୍କେଶ ନାରାୟଣ ସିଂଦେଓ, ବିଜେଡି ବ୍ଲକ ସଭାପତି ସୁଶିଲ କୁମାର ଚାନ୍ଦ, ପଞ୍ଚାୟତ ସମିତି ଅଧକ୍ଷ ଦୟାନିଧି ଖମାରୀ, ବରିଷ୍ଠ ବିଜେଡି ନେତା ଉମା ଶଙ୍କର ସିଂ, ବିଜେଡି ବ୍ଲକ ଯୁବ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ବିଶ୍ୱଜିତ ପାତ୍ର, ଆଦିବାସୀ ନେତା ମୟ ପ୍ରଧାନୀ ଶୋକବ୍ୟକ୍ତ କରିଛନ୍ତି ।

# ବିକାଶ ପାଇଁ ସହଯୋଗ ଲୋଡ଼ା

## ବଲାଙ୍ଗୀରର ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ

**ବଲାଙ୍ଗୀର ଅଫିସ, ୨୭।୧**

ବଲାଙ୍ଗୀର ଜିଲା ସଦର ମହକୁମାରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଗାନ୍ଧୀ ନଗରପଡାସ୍ଥିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି, କଚେରୀ ଛକସ୍ଥିତ ଡ଼ ବିଆର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି, ଗାନ୍ଧୀ ଭବନ ସମ୍ମୁଖସ୍ଥ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ଶିଶୁ ଉଦ୍ୟାନ ନିକଟସ୍ଥ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ଜିଲାପାଳ ଚଞ୍ଚଳ ରାଣା, ପୌର ପରିଷଦ ଅଧ୍ୟକ୍ଷା ଲିକା ସାହୁଙ୍କ ସମେତ ବରିଷ୍ଠ ଅଧିକାରୀ ଓ ସହରର ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସ୍ଥାନୀୟ ମନୋହରପୁର ରିଜର୍ଭ ପୋଲିସ ପଡିଆରେ ସକାଳ ସାଢ଼େ ୮ଟାରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ମୁଖ୍ୟଅତିଥି ଭାବେ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

ମନ୍ତ୍ରୀ ପୂଜାରୀ ତାଙ୍କ ବକ୍ତବ୍ୟରେ ସ୍ୱାଧୀନତା ସଂଗ୍ରାମରେ ବଳିଦାନ ଦେଇଥିବା ଅଗଣିତ ସଂଗ୍ରାମୀ ଏବଂ ଦେଶଭକ୍ତଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସ୍ୱାଧୀନତା ସଂଗ୍ରାମରେ ବଲାଙ୍ଗୀର ଜିଲାର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟ ସରକାରଙ୍କ ତରଫରୁ କାର୍ଯ୍ୟକାରୀ ହେଉଥିବା ଜନକଲ୍ୟାଣକାରୀ ଯୋଜନାର ସଠିକ କାର୍ଯ୍ୟାନ୍ୱୟନ ଯୋଗୁଁ ବିକାଶ ଧାରା ଅବ୍ୟାହତ ରହିଛି ବୋଲି କହିଥିଲେ। ବଲାଙ୍ଗୀର ଜିଲାର ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ଏବଂ ଏହାକୁ ଏକ ଅଗ୍ରଣୀ ଜିଲାରେ ପରିଣତ କରିବାକୁ ସମସ୍ତଙ୍କୁ ମିଳିତ ପ୍ରୟାସ କରିବାକୁ ପଡ଼ିବ ବୋଲି ମନ୍ତ୍ରୀ ପୂଜାରୀ ଆହ୍ୱାନ ଦେଇଥିଲେ। ଜିଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହର ୩୯ଟି କଣ୍ଟିଜେଣ୍ଟ ଅଂଶ ଗ୍ରହଣ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବିଭିନ୍ନ ସ୍ତରରେ ଅନୁଷ୍ଠିତ ସ୍ୱାଧୀନତା ସଂଗ୍ରାମୀ ବେଶ, ଚିତ୍ରାଙ୍କନ, ଓଡିଆ, ଇଂରାଜୀ ପ୍ରବନ୍ଧ ଲିଖନ, ବକ୍ତୃତା, ହିନ୍ଦୀ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତର କୃତି ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କାର ଓ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ଜିଲାସ୍ତରୀୟ ପରେଡରେ ବିଭିନ୍ନ ବିଭାଗର ପ୍ରଜ୍ଞାପନ ମେଢ ପ୍ରଦର୍ଶିତ ହୋଇଥିଲା। ଜିଲାପାଳ ରାଣା, ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର ଅଭିବାଦନ ମଞ୍ଚରେ ଉପସ୍ଥିତ ଥିଲେ। ଏହି ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ, ୧୮୯ ବାଟାଲିଆନ ସିଆରପିଏଫ କମାଣ୍ଡାଣ୍ଟ ପବନ କୁମାର ତିୱାରୀଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ, ମାନ୍ୟଗଣ୍ୟବ୍ୟକ୍ତି, ଗଣମାଧ୍ୟମ ପ୍ରତିନିଧି ଓ ଜନସାଧାରଣ ଉପସ୍ଥିତ ଥିଲେ। ପରେ ମନ୍ତ୍ରୀ ପୂଜାରୀ ଜିଲା କାରାଗାରରେ ଅନ୍ତେବାସୀଙ୍କୁ ରୋଟାରୀ କ୍ଲବ ଅଫ ବଲାଙ୍ଗୀରଙ୍କ ପ୍ରଦତ୍ତ ଫଳ ଓ ମିଷ୍ଟାନ ବଣ୍ଟନ, ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ସ୍ଥିତ ରକ୍ତ ଭଣ୍ଡାର ଯାଇ ଜିଲା ସାମ୍ବାଦିକ ସଂଘ ଆନୁକୂଲ୍ୟରେ ଆୟୋଜିତ ରକ୍ତଦାନ ଶିବିର ଉଦ୍‌ଘାଟନ କରିଥିଲେ। ଅପରାହ୍ଣରେ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମଠାରେ ଜିଲାପାଳ ଏକାଦଶ ଓ ସାମ୍ବାଦିକ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଏକାଦଶ ବିଜୟୀ ହୋଇଥିଲା।

ସଦାଇପାଲି ସ୍ଥିତ ସାଇଟ କଲେଜରେ ସିଆର୍‌ପିଏଫ୍ କମାଣ୍ଡାଣ୍ଟ ପିକେ ତିଓାରି ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ସାଇଟ ଡିପ୍ଲୋମା ଇଂଜିନିୟରିଂ ଅଧକ୍ଷା ଇଂ.ନମିତା ପଟେଲ, ସାଇଟ ନର୍ସିଂ ଅଧକ୍ଷା ଲୋପାମୁଦ୍ରା ମିଶ୍ର, ସୁଲୋଚନା ଦେବୀ ଶିଶୁ ମନ୍ଦିର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ମିଶ୍ର, ପଲ୍ଲୀଶ୍ରୀ ଉଚ୍ଚ ବିଦ୍ୟଳୟ ପ୍ରଧାନ ଶିକ୍ଷକ ବୃନ୍ଦାବନ ମହାକୁର ଓ ଅଫିସ୍ ପ୍ରଶାସକ ହରିଶଙ୍କର ସାଏ ଉପସ୍ଥିତ ଥିଲେ।

**ଖପ୍ରାଖୋଲ(ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡ଼ିଓ ରଶ୍ମି ରଞ୍ଜନ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷା ନିରୂପମା ପଟେଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୋଗାଣ ଅଧିକାରୀ ବିକାଶ ବାର୍ଲା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କନିସ୍କ ବିଭାର, ସେକ୍ସନ ଅଧିକାରୀ ବ୍ରଜବନ୍ଧୁ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସ୍ଥାନୀୟ ଅମୃତ ସରୋବରରେ ବିଡ଼ିଓ ରଶ୍ମି ରଞ୍ଜନ ରାଉତ, ତହସିଲ କାର୍ଯ୍ୟାଳୟରେ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଥାନା ପରିସରରେ ଥାନା ଅଧିକାରୀ ରମାକାନ୍ତ ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ଲୋଇସିଂହା,(ଡି.ଏନ.ଏ):** ଲୋଇସିଂହା ଷ୍ଟାଡିୟମରେ ଜେକେଜେଏସ୍ କ୍ଲବ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନ ସମ୍ପାଦକ ଉତ୍ତର କୁମାର ହେର୍ଣ୍ଣାଙ୍କ ଅଧ୍ୟକ୍ଷତା ଓ ପ୍ରଶାନ୍ତ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏଡି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଅନୁଷ୍ଠିତ ପ୍ରତିଯୋଗୀତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ଅତିଥି ପଟେଲ, ସମ୍ମାନୀତ ଅତିଥି ସ୍ଥାନୀୟ ସରପଞ୍ଚ ନବ କିଶୋର ନାଏକ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଉତ୍ସବକୁ ନଜରୁଲ୍ଲା ଖାଁ ପରିଚାଳନା କରିଥିଲେ। ସେହିପରି ସରସ୍ୱତୀ ଶିଶୁ ମନ୍ଦିର ପ୍ରଧାନ ଅଚାର୍ଯ୍ୟ ସନାତନ ମିଶ୍ରଙ୍କ ଅଧ୍ୟକ୍ଷତାର ଅନୁଷ୍ଠିତ ଉତ୍ସବରେ ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରକାଶ କୁମାର ବେଉରା ଅତିଥିଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରାଚୀର ପତ୍ରିକା ଅନ୍ୱେଷା ପୂଜା ବିଶେଷାଙ୍କ ଉନ୍ମୋଚନ କରାଯାଇଥିଲା।

**ଟିଟିଲାଗଡ଼,(ଡି.ଏନ.ଏ.):** ଟିଟିଲାଗଡ ବାଳକ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ଉପଖଣ୍ଡସ୍ତରୀୟ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ଉତ୍ସବରେ ଉପଜିଲାପାଳ ଦୟାମୟ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଜନତା ଦେଶ ତଥା ସମାଜ ପାଇଁ ଉତ୍ସର୍ଗୀକୃତ ହେବାକୁ ଏଡି ଅବସରରେ ସେ ଆହ୍ୱାନ ଦେଇଥିଲେ। ସ୍କୁଲସ୍ତରରେ କୁଇଜ, ବକ୍ତୃତା ଆଦି ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ମାଲକାନଗିରି ଜିଲା ବିଚ୍ଛିନ୍ନାଞ୍ଚଳରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ତଥା ଦମନ ଚଳଚ୍ଚିତ୍ରର ପ୍ରଚ୍ଛଦପଟ ନାୟକ ଡାକ୍ତର ଓମକାର ହୋତା, ଟିଟିଲାଗଡ଼ ରକ୍ତଦାତା ସଂଘ ସଭାପତି ବନମାଳୀ ବେହେରା, ଆନ୍ତର୍ଜାତୀୟ ସ୍ତରରେ ନିଜ କଳା ପ୍ରଦର୍ଶନ କରିଥିବା ବଂଶୀ ବାଦକ ରଞ୍ଜନ ପଟ୍ଟନାୟକ, ଚଳଚ୍ଚିତ୍ର ନିର୍ଦ୍ଦେଶକ ବାପି ଡେଭିଡ, ଯୁଗଳ ସାହୁ, ଗଗନ ବାଗ, ନୀଳମଣି ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସହାୟକ ଜିଲାପାଳ ଡ଼ଃ ଲଳିତ ବାଗ, ପୌର ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ, ଏସ୍‌ଡ଼ିପିଓ ଅଙ୍କିତା କୁମ୍ଭାର, ଆଇଆଇସି ପଞ୍ଚାନନ ନାୟକ, ଉପାଧ୍ୟକ୍ଷା ପୁଷ୍ପାମଞ୍ଜରୀ ଜାଲ, ଏସ୍‌ଡ଼ିପିଆରଓ ରାଜେନ୍ଦ୍ର ମାଝି ପ୍ରମୁଖ ଉପସ୍ଥିତ ଥିଲେ।

**ଦେଓଗାଁ(ଡି.ଏନ.ଏ):** ଦେଓଗାଁ ବ୍ଲକ କାର୍ଯ୍ୟାଳୟରେ ବିଡିଓ ସୁରେନ୍ଦ୍ର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହର ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ତହସିଲ କାର୍ଯ୍ୟାଳୟରେ ତହସିଲଦାର ଯୁଗଳ କିଶୋର ବିଶ୍ୱାଳ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧିକାରୀ ଚିତ୍ତରଞ୍ଜନ ମିଶ୍ର, ଦେଓଗାଁ ଥାନାରେ ଆଇଆଇସି ତାରାବତୀ ପଧାନ, ବନ ବିଭାଗରେ ରେଞ୍ଜର ଆଲୋକ କୁମାର ମାଝି, ସାଲେପାଲି ଗ୍ରାମ ମଙ୍ଗଳ ପାଠାଗାର ଶିକ୍ଷା ନିକେତନରେ ଶିବ ପ୍ରସାଦ ସାହୁଙ୍କ ତତ୍ତ୍ୱାବଧାନରେ ସମ୍ପାଦକ ଭୁବନେଶ୍ୱର ସାମଲ, ବ୍ଲକ ଶିକ୍ଷା ବିଭାଗରେ ଅତିରିକ୍ତ ଶିକ୍ଷାଧିକାରୀ ଅଜିତ କୁମାର ମିଶ୍ର, ସିଙ୍ଗାମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନୂତନ ପ୍ରଧାନ ଶିକ୍ଷୟିତ୍ରୀ ସାଧନା ଭୋଇ ପତାକା ଉତ୍ତୋଳନ କରିଥିଲେ। କୁତୁର୍ଲା ପଞ୍ଚାୟତରେ ସରପଞ୍ଚ ତେଜ ହରପାଲ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନ ସଭାରେ ମୁଖ୍ୟଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଖମାରୀ, ବିଡିଓ ମେହେର ଯୋଗଦେଇ ପଞ୍ଚାୟତର ପୂର୍ବତନ ସରପଞ୍ଚମାନଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। କୁତୁର୍ଲା ସେବାସମିତିରେ ନୀଳାମ୍ବର ପାଣିଗ୍ରାହୀ, ସାରସମାଲ ପାକ୍ସରେ ଗୋପୀନାଥ ବାଗ, ବନ୍ଧପଡା ପାକ୍ସରେ ଚିମନ ପଧାନ, ରାମଚନ୍ଦ୍ରପୁର ପାକ୍ସରେ ସୂର୍ଯ୍ୟକାନ୍ତ ଛତ୍ରିଆ, ସାରସମାଲ ହାଇସ୍କୁଲରେ ଅନ୍ତର୍ଯ୍ୟାମୀ ଭୋଇ, ଦେଓଗାଁ ପଞ୍ଚାୟତରେ ନୀନା ଛତ୍ରିଆ, ମହଲେଇ ପଞ୍ଚାୟତରେ ଚିତ୍ତ ରଞ୍ଜନ ସାହୁ, ଅର୍ଜୁନପୁରରେ ଗୀତା ଜଗଦଲା, ହାତୀସରା ପଞ୍ଚାୟତରେ ସରପଞ୍ଚ କେଲୋ ଡାଙ୍ଗ ଓ ସମିତି ସଭ୍ୟ ବିଶ୍ୱଜିତ ପାତ୍ର, କୁତୁର୍ଲା ଧ୍ରୁବା ଆନନ୍ଦ କଲେଜରେ ପ୍ରମୋଦ କୁମାର ବଡପଣ୍ଡା ଜାତୀୟ ପତାକା ଉତ୍ତୋଳନ କରିଥିଲେ ।

**କଣ୍ଟାବାଞ୍ଜି(ଡି.ଏନ.ଏ.):** କେଭି ଡିଗ୍ରୀ ମହାବିଦ୍ୟାଳୟରେ ଅଧକ୍ଷ ସତ୍ୟବ୍ରତ ମିଶ୍ର, ମହିଳା ଡିଗ୍ରୀ କଲେଜ ଓ ମୁକୁନ୍ଦିଲାଲ ଅଗ୍ରୱାଲ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଧାୟକ ସନ୍ତୋଷ ସିଂ ସାଲୁଜା ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ତହସିଲ କାର୍ଯ୍ୟାଳୟରେ ଅତିରିକ୍ତ ତହସିଲଦାର ଯୋଗେଶ୍ୱର ଧରୁଆ, ସିଭିଲ କୋର୍ଟରେ ଅତିରିକ୍ତ ଜିଲା ଦୌରାଜଜ୍ ହିମାଂଶୁ ଶେଖର ମଲ୍ଲିକ, କଂଗ୍ରେସ କାର୍ଯ୍ୟାଳୟରେ ବିଧାୟକ ସାଲୁଜା, ବିଜେଡି କାର୍ଯ୍ୟାଳୟରେ ପୂର୍ବତନ ବିଧାୟକ ଅୟୁବ ଖାନ, କଣ୍ଟାବାଞ୍ଜି ଏନଏସିରେ ଚେୟାରମ୍ୟାନ ବରିୟାମ ସିଂ ସାଲୁଜା ଜାତୀୟ ପତାକା ଉତ୍ତୋଳନ କରଥିଲେ।



ବଲାଙ୍ଗୀର ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ଜିଲାପାଳ ଓ ଏସ୍‌ପିଙ୍କ ଉପସ୍ଥିତିରେ ଉଚ୍ଚଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।



ବଡ଼ମାଳ ଗୋଳାବାରୁଦ କାରଖାନାରେ ସାଧାରଣତନ୍ତ୍ର ଦିବସ ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ଫାଇଭଷ୍ଟାର ବୁର୍ଡା, ଏପିଜେ ଲୋଇସିଂହା ସେମିରେ



ଅତିଥିମାନେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି।

## କାମାକ୍ଷ ହେର୍ଣା ମେମୋରିଆଲ ନାଇଟ୍ ରଙ୍ଗିଲା କ୍ରିକେଟ

**ଲୋଇସିଂହା,୨୭।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମରେ ଜେକେଜେଏସ୍ କ୍ଲବ ଆନୁକୂଲ୍ୟରେ ପ୍ରଥମ କାମାକ୍ଷ ହେର୍ଣା ମେମୋରିଆଲ ନାଇଟ୍ ରଙ୍ଗିଲା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ଦିବବସରେ ଏ ଗ୍ରୁପର କ୍ୱାର୍ଟର ଫାଇନାଲ ସମେତ ୬ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଫାଇଭଷ୍ଟାର ବୁର୍ଡା ଓ ଏପିଜେ ଲୋଇସିଂହା ଦଳ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଆସନ୍ତା ୨୮ ତାରିଖ ଉଭୟ ଦଳ ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳାଯିବ।

ଉଦଘାଟନୀ ମ୍ୟାଚ ବୁର୍ଡା ଓ କର୍ଲିପାଟ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ୬ ଓଭରରେ କର୍ଲିପାଟ ୪୧ ରନ କରିଥିଲା। ଗୋଟିଏ ଓଭର ବାକି ଥାଇ ବୁର୍ଡା ଦଳ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ କନ୍ଦାଜୁରୀ ଓ ଏପିଜେ ଲୋଇସିଂହା ମଧ୍ୟରେ ହୋଇଥିଲା। କନ୍ଦାଜୁରୀ ପ୍ରଥମେ ବ୍ୟାଟି କରି ୫୮ ରନ ସଂଗ୍ରହ କରିଥିଲା। ଏପିଜେ ଲୋଇସିଂହା ୫ ଓଭରରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲା। ତୃତୀୟ ମ୍ୟାଚ ଜେଭିସିସି ପିପିଲିକୁ ହରାଇ ସ୍ମାଇଲଫର ଅଲ ବଲାଙ୍ଗୀର ବିଜୟୀ ହୋଇଥିଲା। ଚତୁର୍ଥ ମ୍ୟାଚରେ ବନ୍ଧଲିପଡା ରାଇଜିଂଷ୍ଟାରକୁ ହରାଇ ଚିରାଜ ୱାରିୟର୍ସ ବିଜୟୀ ହୋଇଥିଲା। ପ୍ରଥମ କ୍ୱାର୍ଟର ଫାଇନାଲରେ ସ୍ମାଇଲ ଫର ଅଲ ବଲାଙ୍ଗୀରକୁ ହରାଇ ବୁର୍ଡା ସେମିଫାଇନାଲକୁ ଉଠିଥିଲା। ଦ୍ୱିତୀୟ କ୍ୱାର୍ଟରରେ ଚିରାଜ ୱାରିୟର୍ସକୁ ହରାଇ ଏପିଜେ ଲୋଇସିଂହା ସେମିଫାଇନାଲକୁ ଉନ୍ନୀତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ରଞ୍ଜନ ବେହେରା ଅଧ୍ୟକ୍ଷତା କରିଥିଲେ। ଭଗବତୀ ଭୋଇହେର୍ଣ୍ଣା ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଯୁବ ବିଜେଡି ନେତା ନିହାର ରଞ୍ଜନ ବେହେରା, ସରପଞ୍ଚ ନବକିଶୋର ନାଏକ, ଶିବ କୁମାର ଅଗ୍ରୱାଲ ଓ ଉତ୍ତର ହେର୍ଣ୍ଣା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ।

# କେନ୍ଦୁପତ୍ର ମୁଖ୍ୟ ବନ ସଂରକ୍ଷକଙ୍କ ଅଫିସ ସମ୍ମୁଖରେ ଧାରଣା

**ବଲାଙ୍ଗୀର ଅଫିସ, ୨୭।୧**

ବଲାଙ୍ଗୀର କେନ୍ଦୁପତ୍ର ଜୋନ୍ ଅନ୍ତର୍ଗତ ପଦ୍ମପୁର କେନ୍ଦୁପତ୍ର ଡିଭିଜନରେ ଦୀର୍ଘ ୩୭ ବର୍ଷ ଧରି କାର୍ଯ୍ୟ କରି ଆସୁଥିବା ଝାରବନ୍ଧ କେନ୍ଦୁପତ୍ର ପୂର୍ବ ରେଞ୍ଜର ହେଡ୍‌ଚେକର ଲୁଚନ ମୁନା ନ୍ୟାୟ ପ୍ରଦାନ କରିବାକୁ ଦାବି କରିଛନ୍ତି। ଶୁକ୍ରବାର ବଲାଙ୍ଗୀର କେନ୍ଦୁପତ୍ର ମୁଖ୍ୟ ବନ ସଂରକ୍ଷକଙ୍କ ଅଫିସ (ସିସିଏଫ୍) ସମ୍ମୁଖରେ ଧାରଣାରେ ବସିଥିଲେ। ମୁନା ତାଙ୍କ ନୋଟିସରେ ଉଲ୍ଲେଖ କରିଛନ୍ତି ଯେ, ସେ ଦୀର୍ଘବର୍ଷ ଧରି କେନ୍ଦୁପତ୍ର ସଂସ୍ଥାରେ ପଦ୍ମପୁର ଡିଭିଜନରେ ସୂଚାରୁ ରୂପେ କାର୍ଯ୍ୟ କରିଆସୁଛନ୍ତି। ପ୍ରଥମେ କେନ୍ଦୁପତ୍ର ଚେକର ଭାବେ ଯୋଗଦେବା ପରେ ଶୃଙ୍ଖଳା ସହ ସଂସ୍ଥାରେ ଉତ୍ତମ ସେବା ଯୋଗାଇ ଥିବାରୁ ପ୍ରମୋଶନ ପାଇ ୨୦୨୨ ମାର୍ଚ୍ଚରେ ହେଡ୍ ଚେକର ପଦବୀକୁ ଉନ୍ନୀତ ହୋଇଥିଲେ। ଏହାପରେ ସେ ଝାରବନ୍ଧ ପୂର୍ବ ରେଞ୍ଜ ଅଫିସରେ ଯୋଗଦେଇ ଥିଲେ । ତେବେ ପୂର୍ବରୁ କୌଣସି ପ୍ରକାର କୈଫିୟତ ନ ମାଗି ହଠାତ୍ ବଲାଙ୍ଗୀର ସିସିଏଫ୍ ହେଡ୍‌ଚେକରୁ ସର୍କଲ ଚେକର ପଦବୀକୁ ତାଙ୍କୁ ରିଭର୍ଟ କରି ଦିଆଗଲା ବୋଲି ନିର୍ଦ୍ଦେଶ ଦେଇଥିଲେ। ଏହାର ପ୍ରତିବାଦରେ ହେଡଚେକର ମୁନା ଓ ତାଙ୍କ ସ୍ତ୍ରୀ ସିସିଏଫ୍ ବଲାଙ୍ଗୀର ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ସେ ଦଳିତ ପରିବାରରୁ ଆସିଥିବାରୁ ଉଚ୍ଚ ଅଧିକାରୀମାନେ ଉଦ୍ଦେଶ୍ୟମୂଳକ ଭାବେ ତାଙ୍କୁ ନିର୍ଯାତନା ଦେଉଥିବା ମୁନା ପ୍ରକାଶ କରିଛନ୍ତି। ସିସିଏଫ୍ ଅଫିସରେ ଅନୁପସ୍ଥିତ ଥିବାରୁ ତାଙ୍କର କୌଣସି ଦାବି ଶୁଣାଯାଇ ନ ଥିଲା। ପ୍ରାୟ ୨ ଘଣ୍ଟା ଧାରଣାରେ ବସିବା ପରେ ବଲାଙ୍ଗୀର କେନ୍ଦୁପତ୍ର ଡିଭିଜନ୍ ଡିଏଫ୍‌ଓ ଆସି ମୁଖ୍ୟ ବନ ସଂରକ୍ଷକ (କେନ୍ଦୁପତ୍ର) ଅଫିସରେ ନାହାନ୍ତି। ତେଣୁ ସେ ଫେବୃୟାରୀ ୧ ତାରିଖରେ ଆସିଲେ ସିସିଏଫ୍‌ଙ୍କ ସହ ତାଙ୍କର ଭେଟ କରାଇ ଦେବେ ବୋଲି କହି ଧାରଣା ପ୍ରତ୍ୟାହାର କରିନେବାକୁ କହିଥିଲେ। ସେ ଦାବିପତ୍ର ଗ୍ରହଣ କରିବା ପରେ ହେଡ ଚେକର ମୁନା ଓ ତାଙ୍କ ସ୍ତ୍ରୀ ଧାରଣାରୁ ଉଠିଥିବା ଜଣାପଡିଛି।

# ଅଧିକାରୀଙ୍କ ସହ ଆଲୋଚନା କଲେ ଜେଏମ୍‌ଏଫ୍‌ସି

## ପାଇଖାନାରେ ବୃଦ୍ଧା ଆଶ୍ରୟ ନେବା ଘଟଣା

**ଲୋଇସିଂହା, ୨୭।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କେଉଁଟପାଲି ଗ୍ରାମର ଫୁଲ ମୁଦୁଲି(୭୭)ଙ୍କ ଝାଟିମାଟି ଘର ଭାଙ୍ଗି ଯାଇଛି। ଆବାସ ଯୋଜନାରେ ସେ ଯୋଗ୍ୟ ବିଚେଚିତ ହେଉନାହାନ୍ତି। ତାଙ୍କୁ ମିଳିଥିବା ସ୍ୱଚ୍ଛ ଭାରତ ପାଇଖାନା ଘରେ ସେ ଗତ ୧୮ମାସ ହେଲା ରହୁଛନ୍ତି। ଏହି ଖବର ଜାନୁୟାରୀ ୨୩ତାରିଖ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହି ଖବରକୁ ନେଇ ଲୋଇସିଂହା ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷା ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ(ଜେଏମ୍‌ଏଫସି) ସ୍ୱଜାଳି ମହାନ୍ତି ଚିନ୍ତାବ୍ୟକ୍ତ କରିଛନ୍ତି। ଶୁକ୍ରବାର ସେ ସ୍ଥାନୀୟ ତହସିଲଦାର ସଂଘମିତ୍ରା କାଲୋ, ଏବିଡିଓ ବିଜୟ କୁମାର ହୋତା ଓ ସରପଞ୍ଚ ବିଜୁଳି ପଧାନଙ୍କୁ ତାଙ୍କୁ କାର୍ଯ୍ୟାଳୟ ଡାକି ଏ ନେଇ ଆଲୋଚନା କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟରେ ଘର ଭାଙ୍ଗି ନ ଥିବାରୁ ବୃଦ୍ଧାଙ୍କୁ ରେଡକ୍ରସ ସହାୟତା ଦେବା ସମ୍ଭବ ହେଉନାହିଁ ବୋଲି ତହସିଲଦାର କାଲୋ କହିଥିଲେ। କ ଫର୍ମରେ ଆବେଦନ କରୁ ନ ଥିବାରୁ ଫୁଲଙ୍କୁ ଘର ମିଳିବାରେ ସମସ୍ୟା ହେଉଛି। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ଜିଲା ପ୍ରଶାସନକୁ ଜଣାଇ ଦିଆଯାଇଛି। ବୁଧବାର କେଉଁଟପାଲି ଯାଇ ସମ୍ପୃକ୍ତ ବୃଦ୍ଧାଙ୍କୁ ଭେଟିଥିବା ଏବିଡିଓ ହୋତା କହିଥିଲେ। ଏହାବାଦ ଜିଲାପାଳ ଏବଂ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହ ଆଲୋଚନା କରି କୌଣସି ପରିସ୍ଥିତିରେ ଆବାସ ଯୋଜନାରେ ଘର ଦେବା ବ୍ୟବସ୍ଥା କରାଯିବ ବୋଲି ଉଭୟ ଅଧିକାରୀ କହିଥିଲେ। ଘର ମିଳିବା ପର୍ଯ୍ୟନ୍ତ କୌଣସି ବୃଦ୍ଧାଶ୍ରମରେ ରଖିବା ପାଇଁ ସରପଞ୍ଚ ପଧାନ ଅନୁରୋଧ କରିଥିଲେ। ସୋମବାର ବୃଦ୍ଧାଙ୍କୁ ଧରି ଆସିଲେ ସେ ବୁଝାଶୁଝା କରିବେ ବୋଲି ଅଧ୍ୟକ୍ଷା ମହାନ୍ତି କହିଥିବା ଜଣାଯାଇଛି। ସ୍ୱାମୀ ବୁଧୁ, ଦୁଇପୁଅ ଏବଂ ଝିଅଙ୍କୁ ନେଇ ଥିଲା ଫୁଲଙ୍କ ପରିବାର। ଏକମାତ୍ର ଝିଅ ବାହା ହୋଇ ଶାଶୁ ଘରେ ରହୁଛନ୍ତି। ସ୍ୱାମୀ ଏବଂ ଦୁଇପୁଅଙ୍କର ଦୀର୍ଘଦିନ ହେଲାଣି ମୃତ୍ୟୁ ହୋଇଯାଇଛି। ବୋହୂ ଓ ନାତିନାତୁଣୀ ଅନ୍ୟତ୍ର ରହୁଛନ୍ତି। ଏପରିସ୍ଥଳେ ବୃଦ୍ଧା ଫୁଲ ନିଃସଙ୍ଗ ଜୀବନ ବିତାଉଛନ୍ତି। ଓଳିଏ ଖାଇ ଆରଓଳି ଉପବାସ ରହୁଥିବା ଫୁଲଙ୍କ କ୍ଷେତ୍ରରେ ଭଙ୍ଗାଘର ସଜାଡିବା ସମ୍ଭବ ହେଉନି। ଯେକୌଣସି ମୁହୂର୍ତ୍ତରେ ଘର ଭାଙ୍ଗିପଡିବା ଭୟରେ ଫୁଲ ଜୁଲାଇ ୨୦୨୧ରୁ ସ୍ୱଚ୍ଛ ଭାରତ ଯୋଜନାରେ ପାଇଥିବା ପାଇଖାନରେ ଆଶ୍ରୟ ନେଇଥିଲେ। ଏହା ଲୋକଲୋଚନକୁ ଆସିବା ପରେ ୨୩ ଜୁଲାଇ ୨୦୨୧ରେ ଆବାସ ଯୋଜନା ସ୍ୱପ୍ନ ପାଇଖାନାରେ ଆଶ୍ରୟ ନେଇଛନ୍ତି ବୃଦ୍ଧା ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏହାପରେ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଜିଲା ସମାଜିକ ସୁରକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶରେ ବିଭାଗୀୟ କର୍ମଚାରୀ କେଉଁଟପାଲି ଯାଇ ତଦନ୍ତ କରିଥିଲେ। ଏହାପରେ ବୃଦ୍ଧାଙ୍କୁ ଉଦ୍ଧାର କରି ଏକ ଆଶ୍ରମରେ ରଖିବାକୁ ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଇଥିଲା । ହେଲେ ସେ ଆଶ୍ରମକୁ ଯିବାକୁ ମନା କରିଥିଲେ। ତାଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରି ୩୫ କେଜି ଚାଉଳ, ବିଧବା ଭତ୍ତା ବାବଦକୁ ୫ ଶହ ଟଙ୍କା ମିଳୁଛି। ସେତେବେଳର ଘଟଣାକୁ ଆଧାର କରି ରାଜ୍ୟ ଆଇନସେବା ପ୍ରାଧିକରଣ ସହ ସମ୍ପାଦକ ରୁଦ୍ରପ୍ରକାଶ ନାୟକ ବଲାଙ୍ଗୀର ଜିଲା ସମ୍ପାଦକଙ୍କୁ ପତ୍ର ଲେଖିଥିଲେ। ଲୋଇସିଂହା ପ୍ରଥମ ଶ୍ରେଣୀ ବିଚାର ବିଭାଗ ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ ପକ୍ଷରୁ ବୃଦ୍ଧାଙ୍କ ସହ ଯୋଗାଯୋଗ କରାଯାଇଥିଲା। ନ୍ୟାୟାଳୟ ହସ୍ତକ୍ଷେପ ପରେ ବୃଦ୍ଧା ଘର ପାଇବା ଆଶା ସୃଷ୍ଟି ହୋଇଥିଲା। ନିକଟରେ ପ୍ରକାଶିତ ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀଙ୍କ ତାଲିକାରେ ଫୁଲଙ୍କ ନାମ ନଥିବାରୁ ସାଧାରଣରେ ବିସ୍ମୟ ପ୍ରକାଶ ପାଇଥିଲା।

ଧରିତ୍ରୀ ପ୍ରଭାବ

# ସମ୍ବିଧାନର ସୁରକ୍ଷା ସଭିଙ୍କ କର୍ତ୍ତବ୍ୟ

ବରଗଡ଼ ଅଫିସ୍,୨୭।୧

ବରଗଡ଼ ଜର୍ଜ ହାଇସ୍କୁଲ ପ୍ରାଙ୍ଗଣରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢ଼ୋଲକିଆ ମୁଖ୍ୟଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଜିଲାପାଳ ମୋନିଷା ବାନାର୍ଜୀ, ଏସ୍‌ପି ସ୍ମିତ୍ ପି. ପରମାରଙ୍କ ଉପସ୍ଥିତିରେ ଫିଲ୍ଡ କମାଣ୍ଡର ଚୂଡ଼ାମଣି ନାୟକଙ୍କ ନେତୃତ୍ୱରେ ମାର୍ଚ୍ଚଫାଷ୍ଟ ପ୍ରଦାନ କରାଯାଇଥିଲା।

ମୁଖ୍ୟଅତିଥି ଢ଼ୋଲକିଆ ଶହୀଦ ମାଧୋ ସିଂ, ବୀର ସୁରେନ୍ଦ୍ର ସାଏ, ପାର୍ବତୀ ଗିରି ଏବଂ ଅନ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିଚାରଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଭାରତର ବୃହତ ସମ୍ବିଧାନ ଆମକୁ ଏକ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ରର ମାନ୍ୟତା ଦେଇଛି । ଏହାର ସୁରକ୍ଷା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ। ଓଡ଼ିଶା ବିକାଶ କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ଯୁବ ସମାଜର କାର୍ଯ୍ୟଦକ୍ଷତା ଓ ନିଷ୍ଠାପର ଉଦ୍ୟମ ଆବଶ୍ୟକ ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ । ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ ।

ପରେଡ୍‌ରେ ଭାଗ ନେଇଥିବା ଦଳ ଗୁଡ଼ିକ ମଧ୍ୟରୁ ଏନସିସିରେ ପଞ୍ଚାୟତ କଲେଜ, ସ୍କାଉଟ୍, ଗାଇଡ୍ ଓ ରେଡ୍‌କ୍ରସ ଗ୍ରୁପରେ ବିକାଶ ଆବାସିକ ବିଦ୍ୟାଳୟର ସ୍କାଉଟ୍, ସିଭିଲିଆନରେ ତୋରା ଡିଗ୍ରୀ କଲେଜର ଏନ୍‌ଏସ୍‌ଏସ ପ୍ରଥମ ସ୍ଥାନ ଅଧିକାର କରିଥିଲା। ସକାଳେ ମୁଖ୍ୟଅତିଥି ଢ଼ୋଲକିଆ ଗାନ୍ଧିଛକସ୍ଥିତ ମହାତ୍ମା ଗାନ୍ଧୀ, ସ୍ୱଭାବ କବି ଗଙ୍ଗାଧର ମେହେର, ଡଃ ବି.ଆର ଆମ୍ବେଡ଼କର, ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଉତ୍ସବରେ ବିଧାୟକ ଦେବେଶ ଆଚାର୍ଯ୍ୟ ଉପସ୍ଥିତ ଥିଲେ । ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ଏବଂ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ବରଗଡ଼ ଜର୍ଜ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ସମ୍ମିଳିତ ପରେଡ୍‌ରେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢ଼ୋଲକିଆ ଅଭିବାଦନ ଗ୍ରହଣ କରୁଛନ୍ତି ।

ବିକାଶ ଶିକ୍ଷାନୁଷ୍ଠାନ ବରାହଗୋଡ଼ାରେ ଅନୁଷ୍ଠାନ ଚେୟାରମ୍ୟାନ ଡି. ମୂରଲୀକ୍ରୀଷ୍ଣା ପତାକା ଉତ୍ତୋଳନ କରିଥିଲେ। ଡାଇରେକ୍ଟର ଡଃ ସମରେନ୍ଦ୍ରନାଥ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ମହାନଦୀ ସଦନକୁ ଶ୍ରେଷ୍ଠ ସଦନଭାବେ ପୁରସ୍କୃତ କରାଯାଇଥିଲା। ଡାଇରେକ୍ଟର(ଏଡ଼ମିନିଷ୍ଟ୍ରେଶନ) ଡି. ବିବେକଙ୍କ ସମେତ ଅନ୍ୟ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ । ସିମେଣ୍ଟନଗର ବିକାଶ ସ୍କୁଲରେ ବରଗଡ଼ ସିମେଣ୍ଟ କାରଖାନାର ଜି.ଏମ(ମାନବ ସମ୍ବଳ) ଦିନେଶ କୁମାର ପାଠକ ମୁଖ୍ୟଅତିଥିଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ବିକାଶ ଗ୍ରୁପର ଡାଇରେକ୍ଟର(ଏଡ଼ମିନିଷ୍ଟ୍ରେଶନ) ଡି. ବିବେକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅଧ୍ୟକ୍ଷ ସନାତନ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରଗଡ଼ ସହର ଉପକଣ୍ଠ ଡାଙ୍ଗ କେନାଲପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସଂକଳ୍ପ ପରିବାରର ସଂଯୋଜକ ବିକାଶ ଅଗ୍ରୱାଲ ପତାକା ଉତ୍ତୋଳନ କରିଥିଲେ।

**ସୋହେଲା(ଡି.ଏନ.ଏ.)**

ସୋହେଲା ମିନି ଷ୍ଟାଡିୟମରେ ତହସିଲଦାର ହରିଓମ ଭୋଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିଡିଓ ବିଶ୍ୱରଞ୍ଜନ କର, ବ୍ଲକ ଅଧକ୍ଷା ବବି ପଧାନ, ଥାନାଧିକାରୀ ହରିବନ୍ଧୁ ଗଡତିଆ ଉପସ୍ଥିତ ଥିଲେ। ସୁଶାନ୍ତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୋହେଲା ମୁଖ୍ୟ ଛକରେ ସତ୍ୟାଗ୍ରହୀ ସ୍ମୃତିପୀଠ ରେ ମହାତ୍ମା ଗାନ୍ଧୀ ଏବଂ ଅନ୍ୟ ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସ୍ଥାନୀୟ ଅଗ୍ରସେନ ଭବନରେ ଅଗ୍ରୱାଲ ସଭା ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତି ଚନ୍ଦ୍ର କୁମାର ଅଗ୍ରୱାଲ ଜାତୀୟ ପତାକା ଉତ୍ତୋଳନ କରିଥିଲେ ।

**ବରପାଲି (ଡି.ଏନ.ଏ.)**

ବରପାଲି ହାଇସ୍କୁଲ ଖେଳ ପଡିଆରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥିଭାବେ ନଗରପାଳ ଦିନେଶ ଗହୀର ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ତହସିଲଦାର ସୀମା ସବିତା କୁଲୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ରୀନା ଥଇତ, ପ୍ରସନ୍ନ କୁମାର ପାଣ୍ଡେ,ଏନଏସି କାର୍ଯନିର୍ବାହୀ ଅଧିକାରୀ ଭୁବନ କୁମାର ଶତପଥୀ ,ବରପାଲି ସାମ୍ବାଦିକ ସଂଘ ସଭାପତି ଚିତ୍ତରଞ୍ଜନ ସାହୁ, ଓକିଲ ସଂଘ ସଭାପତି ଆନନ୍ଦ ସାହୁ, ବ୍ଲକ ଶିକ୍ଷାଧିକାରୀ ମୁକୁନ୍ଦ ମାହାର, ଅତିରିକ୍ତ ତହସିଲଦାର ଅର୍ଜୁନ ମାଝି ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନ ସ୍ମରଣୀୟ ହୋଇ ରହୁ ବୋଲି କହିଥିଲେ।

**ପଦ୍ମପୁର(ଡି.ଏନ.ଏ.)**

ଶିଶୁ ବିଦ୍ୟା ମନ୍ଦିରରେ ସଭାପତି ପୃଥ୍ୱୀରାଜ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଶିଶୁ ମନ୍ଦିର ବିଭାଗରେ ସମ୍ପାଦକ ଜନକଲାଲ ମେହେର ମୁଖ୍ୟଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ। ପ୍ରଧାନଆଚାର୍ଯ୍ୟ ଯୁବରାଜ ପଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ।

**ସରଣ୍ଡା (ଡି.ଏନ.ଏ.)**

ଅତାବିରା ବ୍ଲକ ଲରାସରା ସ୍କୁଲରେ ଖଇରପାଲି ୟୁଜିଏମଇ ସ୍କୁଲ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ମେହେର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟି ସଭାପତି ଦିନେଶ ଗାଏଗରିଆ ମୁଖ୍ୟଅତିଥିଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ପରିଚାଳନା କମିଟି ସଭ୍ୟା କେ. ସରସ୍ୱତୀ, ମନୋରମା ଦେହେରୀ, ପ୍ରଦୀପ କର୍ମୀ, ହୃଦାନନ୍ଦ ପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ମନବୋଧ ମାଝି ସଭା ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବେଷ୍ଟ ମାର୍ଚ୍ଚର୍‌ଭାବେ ଛାତ୍ରୀ ଜୁଲି ସୁନା, ବେଷ୍ଟ କମାଣ୍ଡରଭାବେ ଛାତ୍ରୀ କ୍ରୀଷ୍ଣା ଦୀପ୍, ବେଷ୍ଟ ଲିଡରଭାବେ କେ. ସତବାବୁଙ୍କୁ ପୁରସ୍କୃତ କରାଯାଇଥିଲା।

**ପାଇକମାଳ(ଡି.ଏନ.ଏ.)**

ବରଗଡ ଜିଲା ପାଇକମାଳ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଅନୁଷ୍ଠିତ ଉତ୍ସବରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥିଭାବେ ଯୋଗଦେଇ ଜତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷ ଭାବନା ସିଂହ, ବିଜେଡି ସଭାପତି ରାଜେନ୍ଦ୍ର ରାଉତ ଉପସ୍ଥିତ ଥିଲେ। ପାଇକମାଳ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗୀତାର କୃତୀ ଛାତ୍ରୀଛାତ୍ରଙ୍କୁ ବିଧାୟିକା ପୁରସ୍କୃତ କରିଥିଲେ। ବ୍ଲକସ୍ତରରେ ମାଟ୍ରିକ ଟପ୍ପର ରୋହନ ବାରିକ ଓ ଶିକ୍ଷାକ୍ଷେତ୍ରରେ ଅବୈତନିକଭାବେ ସେବା କରିଥିବା ସୁଦାମ ଚରଣ ଦାଶଙ୍କୁ ସମ୍ମାନିତ କରାଯଇଥିଲା। ସେହିପରି ମାଣ୍ଡୋସିଲଠାରେ ପୂର୍ବତନ ବିଧାୟକ ସତ୍ୟ ଭୂଷଣ ସାହୁ, ପାଇକମାଳ ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ନିଦ୍ୟାଳୟରେ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ଜାତୀୟ ପତକା ଉତ୍ତୋଳନ କରିଥିଲେ।



ବିକାଶ ଶିକ୍ଷାନୁଷ୍ଠାନରେ ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୂରଲୀ କ୍ରୀଷ୍ଣା ବକ୍ତବ୍ୟ ରଖୁଛନ୍ତି ।

## ସଂକ୍ଷେପରେ

### ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**ଅତାବିରା,୨୭।୧(ଡି.ଏନ.ଏ):** ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ପରମାଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସିଆରସିସି କୃତାର୍ଥ ଭୋଇ ମୁଖ୍ୟଅତିଥି, ଶିକ୍ଷାବିତ୍ ବଳିରାଜ ଭୋଇ ମୁଖ୍ୟବକ୍ତାଭାବେ ଯୋଗଦାନ କରିଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ସୁବ୍ରତ ବେହେରା ସଭା ପରିଚାଳନା କରିଥିଲେ। ଶିକ୍ଷକ ଗୋକୁଳାନନ୍ଦ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ବିରେନ ଭୋଇ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ସୁଶାନ୍ତ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

### ମଦ ତିଆରି ସାମଗ୍ରୀ, ଟଙ୍କା ଜବତ: ୨ଗିରଫ



**ପଦ୍ମପୁର, ୨୭।୧(ଡି.ଏନ.ଏ.):** ବରଗଡ ଜିଲା ପଦ୍ମପୁର ଅବକାରୀ ସବଇନ୍ସପେକ୍ଟର ଏଚ.ଜଗାରାଓଙ୍କ ନେତୃତ୍ୱରେ ଏକ ଟିମ ଜମଲା ଲାଇସେନ୍ସପ୍ରାପ୍ତ ମଦ ଦୋକାନ କର୍ମଚାରୀଙ୍କ ଘରେ ଚଢାଉ କରାଯାଇଥିଲା। ଚଢାଉ ବେଳେ ମଦ ତିଆରି ପାଇଁ ବ୍ୟବହୃତ ସାମଗ୍ରୀ, ଖାଲି ବୋତଲ, ଠିପି, ନକଲି ଲେବୁଲ, ନଗଦ ୫୦ ହଜାର ଟଙ୍କା ଓ ୧୫୦ ଲିଟର ମଦ ଓ ୨୮.୪୨୦ ବ୍ୟାରେଲ ନକଲି ମଦ ଜବତ କରାଯାଇଥିଲା। ଏଥି ସହିତ ମଦ ଦୋକାନ କର୍ମଚାରୀ ସୁରେନ୍ଦ୍ର ପ୍ରସାଦ ଓ ପୃଥ୍ୱିରାଜ ପାଣ୍ଡେଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଦେବେନ୍ଦ୍ର ବରିହା, ମୁକେଶ ବିଶ୍ୱାଳ,ବିନୋଦ ତିର୍କୀ, ଶିବାନୀ ଭୋଇ ଚଢାଉରେ ସାମିଲ ଥିଲେ।

### ଶ୍ୟାମା ମ୍ୟୁଜିକାଲ୍‌ସର ବାର୍ଷିକୋତ୍ସବ

**ବରପାଲି, ୨୭।୧(ଡି.ଏନ.ଏ.):** ବରପାଲିର ପ୍ରତିଷ୍ଠିତ ଅନୁଷ୍ଠାନ ଶ୍ୟାମା ମ୍ୟୁଜିକଲସର ବାର୍ଷିକୋତ୍ସବ ପାଳିତ ହୋଇ ଯାଇଛି। କ୍ଲବ ସଭାପତି ଅଶୋକ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରପାଲି ବିଡିଓ ପ୍ରସନ୍ନ କୁମାର ପାଣ୍ଡେ, ମୁଖ୍ୟବକ୍ତା ଅଧାପକ ଲୋକବନ୍ଧୁ ପ୍ରଧାନ ଯୋଗ ଦେଇଥିଲେ। ଚଳିତ ବର୍ଷ ଶ୍ୟାମାଶ୍ରୀ ସମ୍ମାନ ବରିଷ୍ଠ କଳାକାର ନବୀନ ନାରାୟଣ ସାହୁଙ୍କୁ ପ୍ରଦାନ କରାଯାଇଥିଲା । ରଙ୍ଗୋଲି ଓ ନୃତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉପ ସଭାପତି ସଂଗ୍ରାମ କେଶରୀ ସିଂହ ଅତିଥି ପରିଚୟ, ସମ୍ପାଦକ ବାଲ କିଶୋର ଖାଡଙ୍ଗା ବିବରଣୀ ପାଠ, ଧିରେନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ରଙ୍ଗାରଙ୍ଗ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଲଚିଦା ଜ୍ଞାନ ବିହାର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଜାମଟିକ୍ରା, ୨୭।୧(ଡି.ଏନ.ଏ.):** ବରଗଡ ଜିଲା ଅତାବିରା ବ୍ଲକ ଲଚିଦା ଜ୍ଞାନ ବିହାର ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ଶୁକ୍ରବାର ପାଳିତ ହୋଇଥିଲା। ଆନୁଷ୍ଠାନିକ ସଭା ସହ କୃତ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ସଭାପତି ଅଜିତ କୁମାର ପତିଙ୍କ ସଭାପତିତ୍ୱ ଏବଂ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ଭୋଇଙ୍କ ସଂଯୋଜନାରେ ହୋଇଥିବା ଉତ୍ସବରେ ମୁଖ୍ୟ ଅତିଥିଭାବେ ଅତାବିରା ବ୍ଲକ ଅଧକ୍ଷ ଗୀତାଞ୍ଜଳି ନାୟକ, ସମ୍ମାନୀଧତ ଅତିଥିଭାବେ ଜିଲା ପରିଷଦ ସଭ୍ୟ ରଞ୍ଜିତ ସାହୁ, ବିଧାୟିକାଙ୍କ ପ୍ରତିନିଧି ଗଣେଶ ସାହୁ, ଲଚିଦା ସରପଞ୍ଚ ପୁଷ୍ପା ନାୟକ, ସମିତି ସଭ୍ୟା ମିତା ପତି ଉପସ୍ଥିତ ଥିଲେ।

### ଭାଜପାର ସାଙ୍ଗଠନିକ ବୈଠକ

**ଜାମଟିକ୍ରା, ୨୭।୧(ଡି.ଏନ.ଏ.):** ବରଗଡ ଜିଲା ଅତାବିରା ନିର୍ବାଚନ ମଣ୍ଡଳୀ କାଦୋବାହାଲ ମଣ୍ଡଳ ସଭାପତି ପଞ୍ଚାନନ ଗୁରୁଙ୍କ ସଭାପତିତ୍ୱ ଏବଂ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ସାଥୁଆଙ୍କ ସଂଯୋଜନାରେ ଭାଜପାର ମଣ୍ଡଳସ୍ତରୀୟ ସାଂଗଠନିକ ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡକ୍ଟର ଅରୁପାନନ୍ଦ ସାହୁ ବୈଠକରେ ମାର୍ଗଦର୍ଶନ କରିଥିଲେ। ଜିଲା ସାଧାରଣ ସମ୍ପାଦକ କୁଶ କୁମାର, ବିପିନ ଭୋସାଗର, ଯଶୋବନ୍ତ ସେଟ, ଜିଲଶ ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁନନ୍ଦା ମେହେର, ଭରତ ବେହେରା, ରବିନାରାୟଣ ସାହୁ, ଆକାଶ କୁମାର ସାହୁ, ଗୋପବନ୍ଧୁ ମହାକୁର, ମୁକୁଲ ସାହୁ, ଶ୍ରବଣ କୁମାର ମହିଛା ଉପସ୍ଥିତ ଥିଲେ।

## ବୟନଶିଳ୍ପ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ



ସମୀକ୍ଷା ବୈଠକରେ ମନ୍ତ୍ରୀ ରୀତା ସାହୁ ଏବଂ ପଦାଧିକାରୀବୃନ୍ଦ।

ବରଗଡ଼ ଅଫିସ୍,୨୭।୧

ବରଗଡ଼ ଉପ ବୟନଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ରୀତା ସାହୁଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସେ ଜିଲାରେ ଥିବା ତନ୍ତୁବାୟ ସମିତି ଏବଂ ବିଭିନ୍ନ ହସ୍ତତନ୍ତ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ସମସ୍ତ ବକେୟା କାର୍ଯ୍ୟ ଆସନ୍ତା ଫେବୃୟାରୀ ମାସ ଶେଷସୁଦ୍ଧା ସାରିବାକୁ ମନ୍ତ୍ରୀ ସାହୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ସମିତି କର୍ମକର୍ତ୍ତା ଏବଂ ବୁଣାକାରଙ୍କ ସହିତ ସେ ଆଲୋଚନା କରିଥିଲେ। ସମିତିକୁ ଇନସେନଟିଭ୍ ପ୍ରଦାନ, ହସ୍ତତନ୍ତ ଲୁଗା ବିକ୍ରୟ ଉପରେ ୧୦ପ୍ରତିଶତ ରିହାତି ବୃଦ୍ଧି କରିବା, ତନ୍ତଶାଳାର ଗାଇଲଲାଇନ୍ କୋହଳ କରିବା, ବରିଷ୍ଠ ବୁଣାକାର ସହାୟତା ରାଶି ବୃଦ୍ଧି କରିବା, ଜୀବନବୀମା ଯୋଜନା ଯଥାଶୀଘ୍ର ଲାଗୁ କରିବା ଆଦି ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେ ନେଇ ଉଚିତ୍ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ସାହୁ କହିଥିଲେ। ବୈଠକରେ ଉପସ୍ଥିତ ସମସ୍ତ କର୍ମଚାରୀ ଏବଂ ସମିତିର ସମ୍ପାଦକମାନଙ୍କୁ ଦାୟିତ୍ୱବାନ ହେବା ସହିତ ସମସ୍ତ ଯୋଗ୍ୟ ବୁଣାକାରମାନଙ୍କୁ ବିଭିନ୍ନ ଯୋଜନା ମାଧ୍ୟମରେ ସାମିଲ କରିବାକୁ ସେ ଆହ୍ୱାନ ଦେଇଥିଲେ। ବୈଠକରେ ଉପ ବୟନଶିଳ୍ପ ନିର୍ଦ୍ଦେଶକ ଶିଶିର କୁମାର ନାଗଙ୍କ ସମେତ ସମିତିର ସମ୍ପାଦକ, କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ତାରିଣୀ ୟୁଥ୍ କ୍ଲବ୍ ରଜତ ଜୟନ୍ତୀ ପାଳିତ

ପାଇକମାଳ, ୨୭।୧(ଡି.ଏନ.ଏ.)

ବରଗଡ ଜିଲା ପାଇକମାଳ ବ୍ଲକ ମିଠାପାଲିରେ ତାରିଣୀ ୟୁଥ୍‌କ୍ଲବ୍‌ର ରଜତ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଓଡ଼ିଶା ପଣ୍ୟାଗାର ନିଗମ ଅଧକ୍ଷ ମହେନ୍ଦ୍ର କୁମାର ବଡେଇ, ମୁଖ୍ୟବକ୍ତା ଭାବେ ଲୋକକବି ପଦ୍ମଶ୍ରୀ ହଳଧର ନାଗ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ କ୍ରାନ୍ତି କବି ହରିଲାଲ ସାହୁ, ହାସ୍ୟକବି ଅଧିକାରୀ ସା, ରମଲା ଲୁହାର, ଅଲତାପ ମହମ୍ମଦ, ଧବଳେଶର ସାହୁ, କ୍ଷେତ୍ରୀ ଲୁହାର, ଡିଗ୍ରୀଧର ସାହୁ, ଗୁପ୍ତରାମ ବାରିକ, ଭିକାରୀ ଚରଣ ସେଠ ମଞ୍ଚାସୀନ ଥିଲେ। ବଳଦେବ ସେଠ ଅତିଥି ପରିଚୟ, କ୍ଲବ ଅଧକ୍ଷ ପ୍ରଶାନ୍ତ ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ । ସମ୍ପାଦକ ରୀତଜ୍ଞ ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ତ୍ରିଲୋଚନ ନାଏକଙ୍କ ପରିଚାଳିତ କବି ସମ୍ମିଳନୀରେ ପଦ୍ମଶ୍ରୀ ହଳଧର ନାଗ, ହରିଲାଲ ସାହୁ, ଅଧିକାରୀ ସା କବିତା ଆବୃତ ଲୋକଙ୍କୁ ମନକୁ ଛୁଇଁଥିଲା। ଏହି ଅବସରରେ ବୁଗିବୁଗି ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଶାଶୁ, ବୋହୂ ସମ୍ମିଳନୀ

ଅମ୍ବାଭୋନା,୨୭।୧(ଡି.ଏନ.ଏ.)

ବରଗଡ ଜିଲା ଅମ୍ବାଭୋନା ବ୍ଲକ ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଶାଶୁ, ବୋହୂ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡା. ଟେମରାମ ଦେହେରିଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଗୋଷ୍ଠୀସ୍ୱାସ୍ଥ୍ୟ ଅଧିକାରୀ ଡା. ଇନ୍ଦିରା ପ୍ରିୟଦର୍ଶନୀ ସାମନ୍ତରାୟଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହିଳା ସ୍ୱାସ୍ଥ୍ୟକର୍ମୀ ଶ୍ରୀମା ସାହୁ ଶାଶୁ ବୋହୂ ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଡା. ପ୍ରିୟଦର୍ଶନୀ ସାମନ୍ତରାୟ ପରିବାର ନିୟୋଜନ ପଦ୍ଧତିର ଆବଶ୍ୟକତା, ବ୍ୟବହାର ବିଧି ଉପରେ କହିଥିଲେ। ଉପସ୍ଥିତ ଶାଶୁ ଓ ବୋହୂମାନେ ପରିବାର ନିୟୋଜନ ପ୍ରାସଙ୍ଗିକ ବେଲୁନ ଖେଳ ପ୍ରଦର୍ଶନ କରିଥିଲେ। ସ୍ଥାନୀୟ ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଗୋବିନ୍ଦ ପଧାନ କୃତୀ ପ୍ରତିଯୋଗୀ ରେବତୀ ଭୁଏ (ପ୍ରଥମ), ସରସ୍ୱତୀ ଛତ୍ରିଆ(ଦ୍ୱିତୀୟ) ଓ ସୌଦାମିନୀ ବିଶ୍ୱାଳ (ତୃତୀୟ )ଙ୍କୁ ପୁରସ୍କୃତ କରିଥିଲେ।

## ଚିଚୋଳି ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ

ଅମ୍ବାଭୋନା, ୨୭।୧(ଡିଏନଏ)

ବରଗଡ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଚିଚୋଳି ଗ୍ରାମରେ ୨୫ତମ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଦିବସରେ ମଥୁରା ନଗରୀରେ ଉଗ୍ରସେନ ମହାରାଜାଙ୍କ ରାଜଭିଷେକ, ଦେବକୀ ସହିତ ବସୁଦେବଙ୍କ ବିବାହ, ଦୈବବାଣୀ, ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି କଂସଙ୍କ ସିଂହାସନ ଆରୋହଣ, ଦେବକୀ ଓ ବସୁଦେବଙ୍କୁ ବନ୍ଦୀ କରି କାରାଗାର ପ୍ରେରଣ ଆଦି ଦୃଶ୍ୟ ଅଭିନୀତ ହୋଇଥିଲା। ଚିଚୋଳି ଗ୍ରାମର କୁମ୍ଭାରପଡ଼ା ମଥୁରା ନଗରୀ ପାଲଟି ଥିବାବେଳେ ସ୍କୁଲପଡା ଗୋପନଗରୀ ପାଲଟିଛି। ଧନୁଯାତ୍ରା ମସୋତ୍ସବ ପାଇଁ ଗଠିତ କମିଟିର ସଭାପତି ଦୀନମଣୀ ସା, ଉପସଭାପତି ବଳରାମ ସା, ସମ୍ପାଦକ କିଶୋର କୁମାର ସାହୁ, କୋଷାଧ୍ୟକ୍ଷ ଶିବ ପ୍ରସାଦ ଭୋଇ, ସହକୋଷାଧ୍ୟକ୍ଷ ଗଣନାଥ ପ୍ରଧାନ ଦାୟିତ୍ୱ ନିର୍ବାହ କରୁଛନ୍ତି । କଂସ ଭୂମିକାରେ ଗୋପାଳ ପଣ୍ଡା ଅଭିନୟ କରିଛନ୍ତି।

## ରାବଣ ଦରବାର ଉଦ୍‌ଯାପିତ

ବରପାଲି, ୨୭।୧(ଡି.ଏନ.ଏ.)

ବରଗଡ ଜିଲା ବରପାଲି ବ୍ଲକ ମହାଦାଠାରେ ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଉପଲକ୍ଷେ ଚାଲିଥିବା ପାଞ୍ଚଦିନବ୍ୟାପୀ ରାବଣ ଦରବାର ଅନୁଷ୍ଠିତ ହୋଇଯାଇଛି। ଉଦଯାପନୀ ଦିବସରେ ରାଜ ଅତିଥିଭାବେ ଭଟଲି ବିଧାୟକ ସୁଶାନ୍ତ ସିଂ, ଏପିକଲ ଅଧକ୍ଷ ପ୍ରଭାତ ଆଦିତ୍ୟ ମିଶ୍ର, ସରପଞ୍ଚ ତପସ୍ୱିନୀ ସାହୁ, ଆଗଲପୁର ପାକ୍ସ ସଭାପତି ବୀରସନ ସାହୁ ଯୋଗଦେଇଥିଲେ। ସୁଧୀର ଗଡ଼ତିଆ ଓ ବଳରାମ ଦୀପ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସନୟ ମେହେର ରାବଣ ଭୂମିକାରେ ନିଖୁଣ ଅଭିନୟ କରିଥିଲେ।

## ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ପ୍ରଦାନ



ରାଣାପ୍ରତାପ ସ୍କୁଲରେ ମେଧାବୃତ୍ତି ପ୍ରଦାନ କରାଯାଉଛି।

ବରଗଡ଼ ଅଫିସ୍,୨୭।୧

ବରଗଡ଼ର ରାଣାପ୍ରତାପ ସ୍କୁଲରେ ପୁଷ୍ପଲତା ବେହେରା ମେଧାବୃତ୍ତି ୨୦୨୨-୨୩ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ କାଉନସିଲର ବେଦମତୀ ସେଟ୍ ମୁଖ୍ୟଅତିଥିଭାବେ ଯୋଗଦାନ କରିଥିଲେ। ବିଦ୍ୟାଳୟର ମୋ ସ୍କୁଲ ଅଭିଯାନ କମିଟି ଅଧ୍ୟକ୍ଷ ନନ୍ଦକିଶୋର ଅଗ୍ରୱାଲ ସମ୍ମାନିତ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଏବଂ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲିପି ଥନାପତି, ସୁମନ ଗହୀର, ରେଣୁକା ଭୋଇ, ଗଗନ ମେହେର, ରୁଚି ମାଝୀ, ସିମ୍ରନ ମାଲି, ସସ୍ମିତା ମହାନନ୍ଦ, ସରମନ ମାଲି, ସ୍ନେହାଙ୍ଗିନୀ କୁଅଁର, ଚିରଞ୍ଜିବି ବିଭାର ପ୍ରମୁଖ ବିଦ୍ୟାଳୟର ବିଭିନ୍ନ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖି ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ।

## ଅଶୋକ ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ଘୋଷଣା

ବରଗଡ଼ ଅଫିସ,୨୭।୧

ବରଗ ସହର ଉପକଣ୍ଠ ବିଦ୍ୟାବିହାରସ୍ଥିତ ଇମ୍ପେରିୟଲ କଲେଜ ପରିସରରେ ସାଧାରଣତନ୍ତ୍ର ଦିବସ ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପୂର୍ବତନ ଅଲମ୍ପିଆଡ ଅଶୋକ ଧ୍ୟାନଚାନ୍ଦ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ କଲେଜ ପକ୍ଷରୁ ଧ୍ୟାନଚାନ୍ଦଙ୍କ ସ୍ମୃତିରେ ଏକ ଶ୍ରେଣୀ କକ୍ଷକୁ ତାଙ୍କ ନାମରେ ନାମିତ କରାଯାଇଥିଲା। ଏହାଛଡା ପ୍ରତିବର୍ଷ କଲେଜରେ କ୍ରୀଡା କ୍ଷେତ୍ରରେ ସଫଳତା ଲାଭ କରୁଥିବା ଛାତ୍ରୀମାନଙ୍କ ପାଇଁ ଅଶୋକ ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାରର ଘୋଷଣା କରାଯାଇଥିଲା। ଏହି ପୁରସ୍କାର ବାବଦରେ କ୍ରୀଡା କ୍ଷେତ୍ରରେ ସଫଳତା ପାଇଥିବା କଲେଜର ଛାତ୍ରୀଛାତ୍ରମାନେ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ରାଶି ପାଇପାରିବେ। ଏହି କାର୍ଯ୍ୟକ୍ରମରେ କଲେଜର ଚେୟାରମେନ ଦିପକ ଗୋୟଲ ଓ ଅଧକ୍ଷ ଦୁର୍ଗେଶ ଶତପଥୀ ଓ ଅନ୍ୟ ଅଧାପିକା, ଅଧାପକମାନେ ଉପସ୍ଥିତ ଥିଲେ।




ଖେଳରତ୍ନ ପୁରସ୍କାର ପ୍ରତୀକକୁ ଅଶୋକ ଧ୍ୟାନଚାନ୍ଦ ଉନ୍ମୋଚନ କରୁଛନ୍ତି।

## ଆବାସ ଯୋଜନାରେ ଅନିୟମିତତା ଅଭିଯୋଗ

ବରଗଡ଼ ଅଫିସ୍,୨୭।୧

ବରଗଡ଼ ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀ ଚୟନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଜିଲାର ସୋହେଲା ବ୍ଲକ ଅନ୍ତର୍ଗତ ତବଡ଼ା ଗ୍ରାମର ଲୋକେ ଏଭଳି ଅଭିଯୋଗ ନେଇ ଶୁକ୍ରବାର ଜିଲା ପରିଷଦ କାର୍ଯ୍ୟାଳୟକୁ ଆସିଥିଲେ। ଜିଲା ପରିଷଦ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦିତ୍ୟ ଗୋୟଲଙ୍କୁ ଭେଟି ଗ୍ରାମବାସୀ ଅନିୟମିତତା ଉପରେ କାର୍ଯ୍ୟାନୁଷ୍ଠାନ ନେବା ସହିତ ପ୍ରକୃତ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରିବାକୁ ନିବେଦନ କରିଥିଲେ। ସେ ଦିଗରେ ତଦନ୍ତ କରି ବିହିତ ପଦକ୍ଷେପ ନିଆଯିବ ବୋଲି ଗୋୟଲ କହିଥିଲେ ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯେଉଁ ତାଲିକା ପ୍ରକାଶ ପାଇଛି ସେଥିରେ ବହୁ ବଡ଼ବଡ଼ିଆ ଲୋକଙ୍କୁ ହିତାଧିକାରୀଭାବେ ରଖାଯାଇଛି। ଅନ୍ୟପକ୍ଷେ ଗ୍ରାମର ଅନେକ ଗରୀବ ଖଟିଖିଆ ଲୋକଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି। ଭଲ ଘରଟିଏ ନଥିବା ଯୋଗୁ ଅନେକ ପରିବାର ଠିକ୍‌ଭାବେ ଆଶ୍ରୟ ନେଇପାର ନାହାନ୍ତି। ଏହିସ୍ଥିତିରେ ବଡ଼ବଡ଼ିଆଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯାଇ ଥିବାଯୋଗୁ ଏଥିରେ ଦୁର୍ନୀତି ଗନ୍ଧ ବାରି ହୋଇ ପଡୁଛି ବୋଲି ଗ୍ରାମବାସୀ କହିଛନ୍ତି। ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାସିସ୍ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଗ୍ରାମବାସୀ ଏଭଳି ଅଭିଯୋଗ ନେଇ ଆସିଥିଲେ ।



ଆବାସ ଯୋଜନାରେ ଅନିୟମିତତା ଅଭିଯୋଗ ନେଇ ଫେରାଦ ହୋଇଥିବା ଗ୍ରାମବାସୀ ।

## ସଂକ୍ଷେପରେ

### ବଳାତ୍କାର ଅଭିଯୁକ୍ତ ଗିରଫ

**ଝାରସୁଗୁଡ଼ା ଅଫିସ୍,୨୭।୧:** ବେଲପାହାଡ଼ ଥାନା ପୋଲିସ୍ ବଳାତ୍କାର ଅଭିଯୋଗରେ ଶୁକ୍ରବାର ଜଣେ ଯୁବକଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ସେ ହେଲେ ସନ୍ତୋଷ ଦାସ (୨୨)। ଏ ନେଇ ପୀଡିତା ଯୁବତୀଙ୍କ ମା'ଙ୍କ ଅଭିଯୋଗକୁ ନେଇ ପୋଲିସ୍ ବେଲପାହାଡ ଥାନା କେସ ନଂ.୨୨/୨୩ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଆଇଆଇସି ରଞ୍ଜନ କୁମାର ବିଶ୍ୱାଳ କହିଛନ୍ତି, ଅଭିଯୁକ୍ତ ଯୁବକ ଓ ଯୁବତୀଙ୍କ ମଧ୍ୟରେ ପ୍ରଥମେ ପ୍ରେମ ସମ୍ପର୍କ ଗଢିଉଠିଥିଲା। ପରେ ଯୁବକ ଜଣକ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ସହ ଏହାର ଭିଡିଓ ରେକର୍ଡିଂ କରିଥିଲେ। ଏହା ମାଧ୍ୟମରେ ସେ ଯୁବତୀଙ୍କୁ ବ୍ଲାକ୍ ମେଲିଂ କରି ବାରମ୍ବାର ଶାରୀରିକ ସମ୍ପର୍କ ରଖିବା ପାଇଁ ବାଧ୍ୟ କରିଥିଲେ। ଏ ସମ୍ପର୍କରେ ଯୁବତୀଙ୍କ ପରିବାର ଲୋକେ ଜାଣି ପୋଲିସ୍‌ରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ୍ ଉଭୟଙ୍କୁ ଥାନାକୁ ଆଣି ଡାକ୍ତରୀମାଇନା କରିବା ପରେ ଯୁବକଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି।

### ଆଞ୍ଚଳିକ ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ

**ବ୍ରଜରାଜନଗର,୨୭।୧(ଡି.ଏନ.ଏ.):** ଝାରସୁଗୁଡା ଜିଲା ଚାନ୍ଦିନୀମାଲ ପଞ୍ଚାୟତରେ ମହାଶିବରାତ୍ରି ସମୟରେ ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ଏକ ଆଡମ୍ବର ପୂର୍ଣ୍ଣ ଶୋଭାଯାତ୍ରାରେ ବଜରଙ୍ଗ ବାଲିଙ୍କ ଧ୍ୱଜା ମଥୁରାପୁରରେ ପଣ୍ଡିତ ଥଣ୍ଡାରମ ପଣ୍ଡାଙ୍କ ଦ୍ୱାରା ଓ ଅନ୍ୟ ଧ୍ୱଜାଟି ଗୋପପୁରରେ ପଣ୍ଡିତ ପ୍ରଫୁଲ୍ଲ ମହାପାତ୍ରଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ସ୍ଥାପନ କରାଯାଇଥିଲା। ଶୋଭାଯାତ୍ରା ଉମାଶଙ୍କର ଦେବଙ୍କ ମନ୍ଦିରଠାରୁ ବାହାରି ଗ୍ରାମଦେବତୀ, ହନୁମାନ ମନ୍ଦିର, ଶିବ ମନ୍ଦିର ଦେଇ ଯାଇଥିଲା।

### ବେଦାନ୍ତ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ

**ଝାରସୁଗୁଡ଼ା ଅଫିସ,୨୭।୧:** ଝାରସୁଗୁଡା ଭୂର୍କାମୁଣ୍ଡାସ୍ଥିତ ବେଦାନ୍ତ ଆଲୁମିନିୟମ ତରଫରୁ ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ସଡକ ସୁରକ୍ଷା ଜୀବନ ରକ୍ଷା ଶୀର୍ଷକ ଉପରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କମ୍ପାନୀ ତରଫରୁ ଏକ ପ୍ରଦର୍ଶନୀ କରାଯାଇଥିଲା । ଏଥିରେ ବାଇକ୍ ରାଲି, ଯମରାଜ ଓ ଚିତ୍ରଗୁପ୍ତଙ୍କୁ ନେଇ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା। ଏହି ଅବସରରେ ସଡକ ସୁରକ୍ଷାକୁ ନେଇ କର୍ମଚାରୀ ଓ ବ୍ୟବସାୟିକ ଅଂଶୀଦାରଙ୍କୁ ମୂଲ୍ୟାଙ୍କନ କରିବା ପାଇଁ ବିଭିନ୍ନ ତାଲିମ ଅଧିବେଶନ ଆୟୋଜିତ ହୋଇଥିଲା । ଡ୍ରାଇଭରମାନଙ୍କ ପାଇଁ ଏକ ମେଡିକାଲ୍ ଶିବିର ସୁରକ୍ଷା ରଥର ଶୁଭାରମ୍ଭ କରାଯାଇଥିଲା। କମ୍ପାନୀ ସିଇଓ ସୁନିଲ ଗୁପ୍ତା କହିଛନ୍ତି, ସଡ଼କ ସୁରକ୍ଷା ଦିଗରେ କମ୍ପାନୀ ବହୁପଦକ୍ଷେପ ଗ୍ରହଣ କରିଛି। ଏଥିରେ ଜିଲାପାଳ ସରୋଜ କୁମାର ସାମଲ, ଆଞ୍ଚଳିକ ପରିବହନ ଅଧିକାରୀ ଦୀନବନ୍ଧୁ ଶୁଣ୍ଡି,ଏମ୍‌ଭିଆଇ ଲୋକନାଥ ମେହେର,ଏସ୍‌ଡିପିଓ ନିର୍ମଳ ମହାପାତ୍ର, ବଡମାଲ ଥାନା ଆଇଆଇସି ଅମିତାଭ ପଣ୍ଡା, ବସ୍ ମାଲିକ ସଂଘ ସଭାପତି ସଦାନନ୍ଦ ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

### ସରସ୍ୱତୀ କଳାପରିଷଦ ଗଠନ

**ପଡିଆବାହାଲ, ୨୭।୧(ଡି.ଏନ.ଏ.):** ଯୁଯୁମୁରା ବ୍ଲକ ବାହାମ ପଞ୍ଚାୟତ ପଡିଆବାହାଲ ଫେସିଲେସନ ସେଣ୍ଟରଠାରେ ଆବାହକ ବିପିନ ଚନ୍ଦ୍ର ଖଣ୍ଡାଙ୍କ ଆବାହକତ୍ୱରେ ଗ୍ରାମ୍ୟ କଳାକାରଙ୍କୁ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଅଞ୍ଚଳରେ କଳାର ବିକାଶ ପାଇଁ ସରସ୍ୱତୀ କଳା ପରିଷଦ ନାମରେ ଏକ ଅସ୍ଥାୟୀ ସଂଗଠନ ଗଠନ ଲାଗି ନିଷ୍ପତ୍ତି ହୋଇଥିଲା। ନୂତନ ପରିଷଦର ଅମିନ ଚନ୍ଦ୍ର ଖଣ୍ଡା.ସଭାପତି, ନୀଳାମ୍ବର ମେହେର ଉପ ସଭାପତି, ଟଙ୍କଧର ଭୋଇ ସାଧାରଣ ସମ୍ପାଦକ, ପଞ୍ଚାନନ ସାହୁ ସମ୍ପାଦକ, ସୁରୁବାବୁ ଭୋଇ କୋଷାଧକ୍ଷ, ପ୍ରତିମା ରଣା, ବିନୋଦ ବାଗ, ସୁଲୋଚନା ଭୁସାଗର, ବୈଷ୍ଣବ ରଣା, ଲଳିତା ବାଗ, ଦୁଃଖବନ୍ଧୁ ମେହେର, କଲ୍ୟାଣୀ ନାଏକ କାର୍ଯ୍ୟକାରୀ ସଭ୍ୟ ଓ ରାଧାମୋହନ ଷଡ଼ଙ୍ଗୀ, ଦେବାନନ୍ଦ ଭୁସାଗର, ବିପିନ ଖଣ୍ଡା, ନରେନ୍ଦ୍ର ବାରିକ, ଦେବଦତ୍ତ ରାଉତଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଛି। ପରିଷଦ ମାଧ୍ୟମରେ ଅଞ୍ଚଳର ଗାୟକ, ବାଦକ, ସମ୍ପ୍ରଦା, କୀର୍ତ୍ତନ୍ୟ, କୃଷ୍ଣଗୁରୁ, ଭାଗବତ ମଣ୍ଡଳୀ, ପାଲା ଓ ଦାସକାଠିଆ ଆଦିକୁ ପ୍ରୋତ୍ସାହିତ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଛି।

# ଅଧିକାରୀଙ୍କୁ ଘେରିଲେ ଜନପ୍ରତିନିଧି

**ସମ୍ବଲପୁର,୨୭।୧(ବ୍ୟୁରୋ)**



ଯୁଯୁମୁରା ବ୍ଲକ ପରିସରରେ ଜନ୍‌ପ୍ରତିନିଧିଙ୍କ ବିକ୍ଷୋଭ ସମାବେଶ।

ଜିଲା ପ୍ରଶାସନର ଅଧିକାରୀଙ୍କୁ କର୍ତ୍ତବ୍ୟ, ଦାୟିତ୍ୱର ପାଠ ପଢାଇବା ସହ ଲୋକଙ୍କ ଦାବିକୁ ଅଣଦେଖା କରୁଥିବା ନେଇ ଏବେ ଜନ ପ୍ରତିନିଧିମାନେ ସର୍ବସମ୍ମୁଖରେ ମୁହଁ ଖୋଲୁଥିବା ଦେଖିବାକୁ ମିଳୁଛି। ପୂର୍ବରୁ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ବଲାଙ୍ଗୀର ଏମ୍‌ପି ସଙ୍ଗୀତା ସିଂଦେଓ, ପୂର୍ବତନ ମନ୍ତ୍ରୀ କନ ବର୍ଦ୍ଧନ ସିଂଦେଓ ଏଭଳି କରି ଚର୍ଚ୍ଚାରେ ରହିବା ସହ ସାଧାରଣ ଜନତାଙ୍କଠାରୁ ପ୍ରଶଂସା ସାଉଁଟିଥିଲେ। ଅନୁରୂପ ଘଟଣା ଘଟିଛି ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକରେ। ବିଭିନ୍ନ ଅବ୍ୟବସ୍ଥା ନେଇ ବ୍ଲକ ଅଧକ୍ଷା ମମତା ନାଏକ ଓ ଯୁଯୁମୁରା ସମିତି ସଭ୍ୟଙ୍କ ନେତୃତ୍ୱରେ ବ୍ଲକର ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ବ୍ଲକ ପରିସରରେ ଅଧିକାରୀଙ୍କୁ ଘେରିଥିବା ଦେଖାଯାଇଥିଲା। ଉପସ୍ଥିତ ଥିବା ବିଡିଓ ନୀଳାମ୍ବର ମହାନନ୍ଦ ଓ ବ୍ଲକର କେତେଜଣ କର୍ମଚାରୀଙ୍କ ଉପରେ ଜନ ପ୍ରତିନିଧିମାନେ ବର୍ଷିଥିଲେ। ସେମାନେ ଦର୍ଶାଇଥିଲେ, ବ୍ଲକର ମୁଖିଆ ପ୍ରାୟ ସମୟରେ ଛୁଟି ନେଇ ଅନ୍ୟଙ୍କୁ ଦାୟିତ୍ୱ ନ ଦେବା ଯୋଗୁ ବ୍ଲକ ଅଚଳାବସ୍ଥା ଦେଖାଦେଇଛି। କାର୍ଯ୍ୟରତ ଜେଇ, ଏପିଓ, ଏଇ ଓ ଅନ୍ୟ କର୍ମଚାରୀ ପ୍ରାୟ ଅଫିସ ସମୟରେ ଅନୁପସ୍ଥିତ ରହୁଛନ୍ତି। ଜନପ୍ରତିନିଧି କିମ୍ବା ସାଧାରଣ ଲୋକମାନେ କାମରେ ଆସିଲେ ଫେରିଯାଉଛନ୍ତି। ଠିକାକାମର ବିଲ ନ ହେବା, ଜନ ପ୍ରତିନିଧିଙ୍କ ଭତ୍ତା, ନୂତନ ପ୍ରକଳ୍ପର ଅନୁମୋଦନ କିମ୍ବା ଫାଇଲ ଖୋଲିବାରେ ବିଳମ୍ବ ହେଉଛି। ଏହିସବୁ କାରଣରୁ ବ୍ଲକରେ ଉନ୍ନୟନମୂଳକ କାମରେ ବାଧା ସୃଷ୍ଟି ହେଉଛି। ଜାନୁୟାରୀ ୨୬ ସାଧାରଣତନ୍ତ୍ର ଦିବସରେ ମଧ୍ୟ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ଜନ ପ୍ରତିନିଧି, ସ୍କୁଲ ଛାତ୍ରୀଛାତ୍ର, ସାଧାରଣ

**ବ୍ଲକରେ ଅଚଳାବସ୍ଥା, ସାଧାରଣତନ୍ତ୍ର ଦିବସ ଅବ୍ୟବସ୍ଥା**

ଲୋକମାନେ ଆସିଥିବାବେଳେ କାର୍ଯ୍ୟକ୍ରମରେ କାହାକୁ ଦାୟିତ୍ୱ ଦିଆଯାଇ ନ ଥିଲା। ସାଧାରଣ ଲୋକଙ୍କ ଅସନ୍ତୋଷ ଶିକାର ହୋଇଥିଲେ ବ୍ଲକ ଅଧକ୍ଷା ନାୟକ। ଏ ସମ୍ପର୍କରେ ବିଡିଓ ମହାନନ୍ଦ କହିଥିଲେ, ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ନିୟମିତ ଉପସ୍ଥିତ ହେବାରେ ସମସ୍ୟା ଉପୁଜିଥିଲା। ଏବେ ଆଉ ସେପରି ହେବନାହିଁ। ଅଚଳାବସ୍ଥା ପାଇଁ ଓ ସାଧାରଣତନ୍ତ୍ର ଦିବସରେ ଯେଉଁମାନେ ଅନୁପସ୍ଥିତ ରହିଥିଲେ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ କରାଯିବ। ଏହା ସହ ଦିନକର ଦରମା ମଧ୍ୟ ବନ୍ଦ କରାଯିବ। ଆଗାମୀ ଦିନରେ ଜନ ପ୍ରତିନିଧିଙ୍କ ସହ ମିଳିମିଶି ବ୍ଲକର ସର୍ବାଙ୍ଗୀନ ଉନ୍ନତି କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ବିକ୍ଷୋଭରୁ ଓହରିଥିଲେ ଜନପ୍ରତିନିଧି। ସମାବେଶରେ ଲିପିଣ୍ଡା ସରପଞ୍ଚ ପ୍ରଫୁଲ୍ଲ ମିର୍ଦ୍ଧା, କସଂର ସରପଞ୍ଚ ଦିବାକର ବେହେରା ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

# ବାସହରା ପରିବାରକୁ ଘର ଦେଲା ସାହା ଫାଉଣ୍ଡେସନ

**ସମ୍ବଲପୁର,୨୭।୧(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ କୁମ୍ଭାରପଡାର ଅସହାୟ ତଥା ବାସହରା ମୋହନ ଘୋଷଙ୍କ ପରିବାରକୁ ମିଳିଛି ପକ୍କାଘର। ଶୁକ୍ରବାର ସାହା ଫାଉଣ୍ଡେସନ ପକ୍ଷରୁ ଘର ପ୍ରବେଶ କାର୍ଯ୍ୟକ୍ରମ ହୋଇଥିଲା। ଫାଉଣ୍ଡେସନର ଅଧକ୍ଷ ପୂର୍ବତନ ଉପନଗରପାଳ ସିଦ୍ଧାର୍ଥ ସାହା, ବିଜେଡି ଜିଲା ସଭାପତି ସିଦ୍ଧାର୍ଥ ଦାସ, ପୂର୍ବତନ ଜିଲା ସଭାପତି ଡ. ପ୍ରମୋଦ ରଥଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ। ପୂଜାର୍ଚ୍ଚନା ପରେ ମୋହନ ଓ ତାଙ୍କ ସ୍ତ୍ରୀ କଲ୍ୟାଣି ଘରକୁ ଯାଇଥିଲେ। ଘର ପାଇବା ପରେ କଲ୍ୟାଣି କହିଛନ୍ତି, ସେମାନେ ଝାଟମାଟି କୁଡିଆରେ ଦିନ କାଟୁଥିଲେ। ସ୍ୱାମୀ କିଛି ରୋଜଗାର କଲେ ଦୁଇମୁଠା ଖାଇବାକୁ ମିଳିଥାଏ। ଏପରିସ୍ଥଳେ ଘର କରିବା ସ୍ୱପ୍ନ ଥିଲା। ଏ ସମ୍ପର୍କରେ ଫାଉଣ୍ଡେଶନ ଅଧକ୍ଷ ସାହାଙ୍କ ପାଖରେ ଆମ ପଡାର ଜଣେ ବ୍ୟକ୍ତି ଜଣାଇଥିଲେ। ସେ ଘର ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଖୁବ କମ ଦିନରେ ଘର ଖଣ୍ଡିଏ ନିର୍ମାଣ କରି ଦେଇଛନ୍ତି। ସମ୍ପର୍କିୟଠାରୁ ଅଧିକ ଦାୟିତ୍ୱ ବହନ କରିଛନ୍ତି ବୋଲି କୋହଭରା କଣ୍ଠରେ କହିଥିଲେ। ଅନ୍ୟପଟେ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି, ସାମାଜିକ ଦାୟିତ୍ୱ ନେଇ ଯାହା ଆମ ପକ୍ଷରେ ହେଉଛି କରୁଛୁ। ସ୍ୱାସ୍ଥ୍ୟ, ଶିକ୍ଷା କ୍ଷେତ୍ରର ଅନୁଷ୍ଠାନକୁ ସହଯୋଗ କରାଯାଉଛି।

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ




ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

**ଜମନକିରା,୨୭।୧(ଡି.ଏନ.ଏ.)**

ଜମନକିରା ବ୍ଲକସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ରମେଶ ଚନ୍ଦ୍ର ରାଉତ ଶିବିର ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପିଇଟି ରଞ୍ଜନ ମହାକୁଡ ପରିଚାଳନା କରିଥିବା ବେଳେ ଥାନା ଆଇଆଇସି ପ୍ରେମଜିତ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏସ୍‌ଆଇ ଦେବଯାନି ଛତର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଶିବିରରେ ୧୪୬ ଜଣ ଛାତ୍ରୀ ଭାଗନେଇ ପ୍ରଶିକ୍ଷଣ ନେଇଥିଲେ। ମାଷ୍ଟର ପ୍ରୀତି ଭେଙ୍ଗ୍ରା ଓ ଉପଶୀ ନାଏକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# ଉପଖଣ୍ଡସ୍ତରୀୟ ଜନରାଜ୍ୟ ଦିବସ

**କୁଚିଣ୍ଡା,୨୭।୧(ଡି.ଏନ.ଏ.)**

ସ୍ଥାନୀୟ ମୁକୁନ୍ଦି ଷ୍ଟାଡିୟମଠାରେ ଗୁରୁବାର ଉପଖଣ୍ଡସ୍ତରୀୟ ୭୪ତମ ଜନରାଜ୍ୟ ଦିବସ ପାଳିତ ହୋଇଯାଇଛି। ଉପଜିଲାପାଳ ଦାୟିତ୍ୱରେ ଥିବା ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ସୁରେଶ ଚନ୍ଦ୍ର ପ୍ରଧାନ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ମହାତ୍ମା ଗାନ୍ଧୀ, ବି.ଆର୍. ଆମ୍ବେଦ୍‌କର ଓ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଆୟୋଜିତ ପରେଡରେ ୨୬ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୁଚିଣ୍ଡା କଲେଜରେ ଅଧକ୍ଷା ସୁଚିତ୍ରା ମିଶ୍ର, କୁଚିଣ୍ଡା ବ୍ଲକରେ ଅଧକ୍ଷ ଭୁବନେଶ୍ୱର କିଷାନ, ସାମ୍ବାଦିକ ସଂଘ କାର୍ଯ୍ୟାଳୟରେ ସଭାପତି ବିରଞ୍ଚି ଦର୍ଶା, ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସହକାରୀ ଜିଲାପାଳ ଲୋଚନ ଶବର, କୁଚିଣ୍ଡା ଓକିଲ ସଂଘ କାର୍ଯ୍ୟାଳୟରେ ସଭାପତି ପ୍ରମୋଦ ଛୁରିଆ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେ ମୁଖ୍ୟଅତିଥି ପ୍ରଧାନ ଡାକ୍ତରଖାନା ଯାଇ ରୋଗୀମାନଙ୍କୁ ଫଳ ଓ ଜେଲ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥଲେ।



ପରେଡ୍ ଅଭିବାଦନ ଗ୍ରହଣ କରୁଛନ୍ତି ଅତିଥି।

# କଲେଜରେ ଜାତୀୟ ମତଦାତା ଦିବସ

**ନାକଟିଦେଉଳ,୨୭।୧(ଡ଼ି.ଏନ.ଏ.)**

ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟରେ ବୁଧବାର ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଅଧ୍ୟାପକ ଦେବେଶ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଏବିଡିଓ ବିଦ୍ୟାଧର ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ମତଦାନର ଆବଶ୍ୟକତା ସମ୍ପର୍କରେ ସଚେତନ କରାଇବା ସହ ଛାତ୍ରୀଛାତ୍ରଙ୍କୁ ଶପଥପାଠ କରାଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼. ଦୀପେନ କୁମାର ପଟ୍ଟନାୟକ ଯୋଗଦେଇ ମତଦାତାର କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ, ପ୍ରବନ୍ଧ, ସାଧାରଣଜ୍ଞାନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଅଧ୍ୟାପିକା ପୁଷ୍ପାଞ୍ଜଳି ରବଣା ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ର ମତଦାନ ସମ୍ପର୍କରେ ବିଭିନ୍ନ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲେ। ସେହିପରି ନାକଟିଦେଉଳ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ମତଦାନ ଦିବସ ପାଳିତ ହୋଇଥିଲା। ଅଧ୍ୟାପକ ଡ଼. ମନୋରଞ୍ଜନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

# ଟିପିଡବ୍ଲ୍ୟୁଓଡିଏଲ୍‌ରେ ସାଧାରଣତନ୍ତ୍ର ଦିବସ

**ସମ୍ବଲପୁର,୨୭।୧(ବ୍ୟୁରୋ)**

ସମ୍ବଲପୁର ବୁର୍ଲାସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ୭୪ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। କମ୍ପାନୀର ଅର୍ଥ ବିଭାଗ ଅଧିକାରୀ ସତିଶ କୁମାର ଜାତୀୟ ପତାକା ଉତ୍ତୋଳନ କରି କହିଥିଲେ, କମ୍ପାନୀର କର୍ମଚାରୀ ସମର୍ପିତ ଓ ସଙ୍କଳ୍ପବଦ୍ଧ ଭାବେ କାର୍ଯ୍ୟ କରୁଥିବାରୁ ସାଧୁବାଦର ପାତ୍ର ଅଟନ୍ତି। ବ୍ୟବସାୟିକ ଦୃଷ୍ଟି କୋଣରୁ ଊର୍ଦ୍ଧ୍ୱକୁ ଉଠି ସେବା ପ୍ରଦାନ ପ୍ରତି ନିଜକୁ ଉତ୍ସର୍ଗ କରିବା ପାଇଁ ପରାମର୍ଶ ଦେଇଥିଲେ। ପଶ୍ଚିମ ଓଡିଶାରେ ବିଦ୍ୟୁତ୍ ସେବାର ଗୁଣାତ୍ମକ ମାନ ଓ ଜନସାଧାରଣଙ୍କ ଆଶା ଆକାଂକ୍ଷା ପୂରଣ ଦିଗରେ ଯତ୍ନବାନ ହେବା ଆମର ଲକ୍ଷ୍ୟ ବୋଲି ସେ କହିଥିଲେ।



ଟିପିଡବ୍ଲ୍ୟୁଓଡିଏଲରେ ଗଣତନ୍ତ୍ର ଦିବସ ପାଳନ କରାଯାଉଛି।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ




ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

**ନାକଟିଦେଉଳ,୨୭।୧(ଡ଼ି.ଏନ.ଏ.)**

ନାକଟିଦେଉଳ ବ୍ଲକ ଉପରମୁଣ୍ଡାସ୍ଥିତ ବିଜାଗଡ଼ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଗୀତାରାଣୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ପୂର୍ବତନ ବ୍ଲକ ଅଧକ୍ଷ ସୁଦର୍ଶନ ସାହୁ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼. ଦୀପେନ କୁମାର ପଟ୍ଟନାୟକ ମୁଖ୍ୟବକ୍ତା ଓ ବ୍ଲକ ଶିକ୍ଷାଧିକାରୀ ବିଜୟ କୁମାର ପାତ୍ର, ବଳମ ସରପଞ୍ଚ ଅନୁପମା ଗଡ଼ନାୟକ, ବଳମ କ୍ଲଷ୍ଟରର ସିଆର୍‌ସିସି କେଦାରେଶ୍ୱର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ୨୭ଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା । ଶିକ୍ଷକ ସରୋଜ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରି ପୁଷ୍ପାଞ୍ଜଳି ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ୮୩ଜଣ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ନାକଟିଦେଉଳ,୨୭।୧(ଡ଼ି.ଏନ.ଏ.):** ନାକଟିଦେଉଳ ବ୍ଲକ ବଳମ ପଞ୍ଚାୟତ କେଲୋ ବଞ୍ଜାଗୋଲା ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବ୍ଲକ ଅଧକ୍ଷ ସୁଦର୍ଶନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବ୍ରଜଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼. ଦୀପେନ କୁମାର ପଟ୍ଟନାୟକ ମୁଖ୍ୟବକ୍ତା ଓ ଏବିଇଓ ଚନ୍ଦ୍ରମଣୀ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ଏମ୍‌ସିଏଲ୍‌ରେ ଗଣତନ୍ତ୍ର ଦିବସ

**ସମ୍ବଲପୁର,୨୭।୧(ବ୍ୟୁରୋ)**

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍)ରେ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଜ୍ୟୋତିବିହାର ପଡିଆରେ ସିଏମ୍‌ଡି ଓମ୍ ପ୍ରକାଶ ସିଂ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ପରେଡରେ ଏମ୍‌ସିଏଲ ସିକ୍ୟୁରିଟି, ଏନ୍‌ସିସି ବାଳିକା, ବାଳକ, ସ୍କାଉଟ୍ସ, ଗାଇଡ୍ସ ସହ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ଥିଲେ। ଦେଶର ନିରାପତ୍ତା ସୁନିଶ୍ଚିତ କରିବାରେ ସଶସ୍ତ୍ର ବାହିନୀର ବୀରତ୍ୱ ପାଇଁ ସିଏମ୍‌ଡି ସିଂ କୃତଜ୍ଞତା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କେଶବ ରାଓ (ନିର୍ଦ୍ଦେଶକ ପର୍ସନାଲ), ମୁଖ୍ୟ ଭିଜିଲାନ୍ସ ଅଫିସର ପି.କେ. ପଟେଲ, ନିର୍ଦ୍ଦେଶକ ଜେ.କେ. ବୋରା, ଏ.କେ. ବେହୁରା (ନିର୍ଦ୍ଦେଶକ ଅର୍ଥ), ପଦ୍ମଜା ସିଂ ଏମ୍‌ସିଏଲ୍‌ର ଉପ–ରାଷ୍ଟ୍ରପତିଙ୍କ ସମେତ ଜାଗୃତି ମହିଳା ମଣ୍ଡଳ କର୍ମକର୍ତ୍ତା ଉପସ୍ଥିତ ଥିଲେ। କେଶବ ରାଓ (ନିର୍ଦ୍ଦେଶକ ପର୍ସନାଲ) ଜାଗୃତି ବିହାରର କର୍ପୋରେଟ ଅଫିସରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ।



ଏମ୍‌ସିଏଲ୍‌ରେ ଗଣତନ୍ତ୍ର ଦିବସ ପାଳନ କରାଯାଉଛି।।

# ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ

**ସମ୍ବଲପୁର,୨୭।୧(ବ୍ୟୁରୋ)**



ସମୂହ ପରେଡ୍‌ର ଅଭିବାଦନ ଗ୍ରହଣ କରୁଛନ୍ତି ମନ୍ତ୍ରୀ ରୀତା ସାହୁ ।

୭୪ ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ କଚେରି ଛକ–ଜେଲଛକ ମାର୍ଗରେ ପାଳିତ ହୋଇଯାଇଛି। ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡ଼ ଅଭିବାଦନ ଗ୍ରହଣ କରିଥିଲେ। ପରେଡରେ ମୋଟ ୨୪ ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ସିନିୟର ଏନ୍‌ସିସିରେ ଗଙ୍ଗାଧର ବିଶ୍ୱବିଦ୍ୟାଳୟର ଆର୍ମି ଉଇଂ ପ୍ରଥମ ହେଇଥିବା ବେଳେ ସେହି ବିଶ୍ୱବିଦ୍ୟାଳୟ ହିଁ ନାଭାଲ ଏନ୍‌ସିସି ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଜୁନିୟର ଏନ୍‌ସିସି ବର୍ଗରେ ମଦନାବତି ପବ୍ଲିକ ସ୍କୁଲ ପ୍ରଥମ, ସେଣ୍ଟଜନ ସ୍କୁଲ ଦ୍ୱିତୀୟ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ତୃତୀୟ, ସିଭିଲିୟନ ବର୍ଗରେ ସେଭେନ ହିଲସ ରେସିଡେନସିଆଲ ସ୍କୁଲ ପ୍ରଥମ, ବାଲିବନ୍ଧା ବାଳିକା ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଏବଂ ହିନ୍ଦୀ ନୋଡାଲ ହାଇସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଥିଲା। ମନ୍ତ୍ରୀ ସାହୁ କୃତୀ ଦଳଙ୍କୁ ପୁରସ୍କୃତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଲେଡି ଲୁଇସ ବାଳିକା ଉଚ୍ଚବିଦ୍ୟାଳୟ ପ୍ରଥମ, ସେଣ୍ଟ ଜନ୍ସ ଦ୍ୱିତୀୟ ଓ ବିକାଶ ସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଥିଲ। ପ୍ରଜ୍ଞାପନ ମେଢ଼ରେ ଜିଲା ପରିଷଦ ସମ୍ବଲପୁର ପ୍ରଥମ, ସମ୍ବଲପୁର ମହାନଗର ନିଗମ ଦ୍ୱିତୀୟ ଓ ସେଣ୍ଟ ଜନ୍ସ ସ୍କୁଲ ତୃତୀୟ ସ୍ଥାନ ଅଧିକାର କରି ମୁଖ୍ୟ ଅତିଥିଙ୍କଠାରୁ ପୁରସ୍କୃତ ହୋଇଥିଲେ। ଜିଲାସ୍ତରୀୟ ସ୍ୱଚ୍ଛତା ବିଦ୍ୟାଳୟ ପୁରସ୍କାର ୨୦୨୧–୨୨ ପାଇଁ ବାମରା ବ୍ଲକ ଜରାବଗା ଆଶ୍ରମ ସ୍କୁଲ, ଜି.ପି. ସରକାରୀ ହାଇସ୍କୁଲ ଜରାବଗା, ଭାଗିରଥି ବିଦ୍ୟାଳୟ ବାମରା ଏବଂ ସରକାରୀ ୟୁପିଏସ୍ ମୁଣ୍ଡିପା, ନାକଟିଦେଉଳ ବ୍ଲକର ବାପୁଜୀ ସରକାରୀ ହାଇସ୍କୁଲ ଡ଼ଙ୍ଗା, ଧନକଉଡା ବ୍ଲକର ସେଣ୍ଟ ଆରଲଣ୍ଡ ସ୍କୁଲ, ରେଙ୍ଗାଲି ବ୍ଲକର ଆଦିତ୍ୟ ବିର୍ଲା ପ୍ରାଇମେରୀ ସ୍କୁଲ ଲପଙ୍ଗା ସ୍କୁଲକୁ ମୁଖ୍ୟଅତିଥି ସାହୁ ସମ୍ମାନିତ କରିଥିଲେ। ସ୍କୁଲ ଓ କଲେଜ ସ୍ତରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ମୁଖ୍ୟ ଅତିଥି ସାହୁ ଜିଲା ମଣ୍ଡଳ କାରାଗାର, ନାରୀବନ୍ଦୀ ନିକେତନ, ଜିଲା ହସ୍ପିଟାଲ ଏବଂ ଦୁର୍ଗାପାଲିସ୍ଥିତ ଦୟାମଣୀ ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ ଭେଟି ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ଶେଷରେ ମନ୍ତ୍ରୀ ସାହୁ ଉତ୍ସର୍ଗ ଅନୁଷ୍ଠାନ ଦ୍ୱାରା ଓଡିଶା ସାଂସ୍କୃତିକ ସମାଜ ସଭାଗୃହରେ ଆୟୋଜିତ ରକ୍ତଦାନ ଶିବିରରେ ଯୋଗ ଦେଇଥିଲେ। ଏହି ଅବସରରେ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଜିଲାପାଳ ଏକାଦଶ ଓ ନାଗରିକ ଏକାଦଶ ମଧ୍ୟରେ କ୍ରିକେଟ ମ୍ୟାଚ ଖେଳାଯାଇଥିଲା। ଏଥିରେ ଜିଲାପାଳ ଏକାଦଶ ୮ ଉଇକେଟରେ ବିଜୟୀ ହେଇଥିଲା।

## ଆଇଟିଆଇ ମ୍ୟୁଚୁଆଲ ଫଣ୍ଡ ପ୍ରଚଳନ

**ନୂଆଦିଲ୍ଲୀ:** ଆଇଟିଆଇ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଏକ ଏନ୍‌ଏଫ୍‌ଓ-ଆଇଟିଆଇ ଫ୍ଲେକ୍ସି କ୍ୟାପ୍ ଫଣ୍ଡ ପ୍ରଚଳନ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ଏନ୍‌ଏଫ୍‌ଓ ସବ୍‌ସ୍କ୍ରିପ୍‌ସନ ଚଳିତ ବର୍ଷ ଫେବୃୟାରୀ ୧୦ ପର୍ଯ୍ୟନ୍ତ ଉପଲବ୍ଧ। ଏ ସମ୍ପର୍କରେ ଆଇଟିଆଇ ମ୍ୟୁଚୁଆଲ ଫଣ୍ଡର ଚିଫ୍ ଇନ୍‌ଭେଷ୍ଟମେଣ୍ଟ ଅଫିସର ରାଜେଶ ଭାଟିଆ କହିଛନ୍ତି, ସମୁଦାୟ ବଜାର କ୍ୟାପ୍ ଏବଂ ବହୁବିଧ କ୍ଷେତ୍ରରେ ନିବେଶ ଜାରି ରଖିବାର ଫାଇଦା ନିବେଶକଙ୍କୁ ଯୋଗାଇଦେବା ଲକ୍ଷ୍ୟରେ ଆମେ ଆଇଟିଆଇ ଫ୍ଲେକ୍ସି କ୍ୟାପ୍ ଫଣ୍ଡ ପ୍ରଚଳନ କରିଛୁ।

# ବଜେଟ ପୂର୍ବରୁ ସଂସଦରେ ହାଲୁଆ ଉତ୍ସବ

## ୨୦୨୩ ଫେବୃୟାରୀ ୧ରେ କେନ୍ଦ୍ର ବଜେଟ



ନୂଆଦିଲ୍ଲୀ,୨୭ା୧

୨୦୨୩-୨୪ ଆର୍ଥିକ ବର୍ଷର କେନ୍ଦ୍ର ବଜେଟ ଆସନ୍ତା ଫେବୃୟାରୀ ପହିଲାରେ ହେବ। ହେଲେ ବଜେଟର ଚୂଡ଼ାନ୍ତ ପ୍ରସ୍ତୁତି ପର୍ଯ୍ୟାୟ ସଂସଦର ନର୍ଥ ବ୍ଲକ୍‌ର ହାଲୁଆ ଉତ୍ସବ ସହ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ ବ୍ୟାପର ମନ୍ତ୍ରୀ ନିର୍ମଳା ସୀତାରାମନ, ଅର୍ଥ ରାଷ୍ଟ୍ର ମନ୍ତ୍ରୀ ପଙ୍କଜ ଚୌଧୁରୀ ଓ ଡ. ଭଗବତ କିଶନ ରାଓ କରଡଙ୍କ ଉପସ୍ଥିତିରେ ଏହା ସମ୍ପନ୍ନ ହୋଇଛି। ପ୍ରତିବର୍ଷ ବଜେଟ ପ୍ରସ୍ତୁତି ପ୍ରକ୍ରିୟା ଶେଷ ହୋଇ ତାଲା ପଡ଼ିବା ବେଳକୁ ଏକ ପାରମ୍ପରିକ ହାଲୁଆ ଉତ୍ସବ ପାଳିତ ହୋଇଥାଏ। ଏପରିକି ପୂର୍ବ ୨ବର୍ଷ ଭଳି ଚଳିତ ଥରର କେନ୍ଦ୍ର ବଜେଟ ବିନା କାଗଜରେ ଉପସ୍ଥାପିତ ହେବ। ବିଶେଷକରି ୨୦୨୩-୨୪ କେନ୍ଦ୍ର ବଜେଟ ଚଳିତ ବର୍ଷ ଫେବୃୟାରୀ ପହିଲାରେ ଉପସ୍ଥାପିତ ହେବ। ଏହି ଅବସରରେ ଦେଶର ସମସ୍ତ ୧୪ଟି ଯାକ କେନ୍ଦ୍ରୀୟ ବଜେଟର ଦସ୍ତାବିଜ୍ ବାର୍ଷିକ ଆର୍ଥିକ ହିସାବ (ସାଧାରଣ ବଜେଟ ଭାବେ ପରିଚିତ) ଖର୍ଚ୍ଚଦାବି, ଅର୍ଥବିଲ୍ ଇତ୍ୟାଦି, ଯାହା ସମ୍ବିଧାନ ବ୍ୟବସ୍ଥା ପରିସରରେ ରହିଛି। ୟୁନିୟନ ବଜେଟ ମୋବାଇଲ ଆପ୍‌ରେ ଏହା ଉପଲବ୍ଧ ହେବ। ଏପରିକି ମୁକ୍ତ ବଜେଟ ଦସ୍ତାବିଜ୍‌କୁ ସଂସଦ ସଦସ୍ୟ ଓ ସାଧାରଣ ଜନତା ଡିଜିଟାଲ ସୁବିଧା ଦୃଷ୍ଟିରୁ ଖୁବ୍ ସରଳ ଉପାୟରେ ଜାଣିପାରିବେ। ଏହା ଦ୍ୱିଭାଷୀରେ ଉଭୟ ଆଣ୍ଡ୍ରଏଡ୍ ଓ ଆଇଓଏସ୍ ପ୍ଲାଟ୍‌ଫର୍ମରେ ଉପଲବ୍ଧ ହେବ। ଏହି ଆପ୍‌କୁ କେନ୍ଦ୍ର ବଜେଟ ୱେବ୍ ପୋର୍ଟାଲ (www.indiabudget.gov.in)ରେ ମଧ୍ୟ ଡାଉନ୍‌ଲୋଡ୍ କରିହେବ। ସେହିପରି ୨୦୨୩ ଫେବୃୟାରୀ ପହିଲା ଦିନ ସଂସଦରେ ଅର୍ଥମନ୍ତ୍ରୀ ବଜେଟ ଅଭିଭାଷଣ ଦେବେ। ମନ୍ତ୍ରୀଙ୍କ ଅଭିଭାଷଣ ଶେଷ ପରେ ବଜେଟ ଦସ୍ତାବିଜ ମୋବାଇଲ ଆପ୍‌ରେ ଉପଲବ୍ଧ ହେବ। ସୂଚନାଯୋଗ୍ୟ, ଉକ୍ତ ହାଲୁଆ ଉତ୍ସବରେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ସହ ଅର୍ଥ ଓ ଖର୍ଚ୍ଚ ସଚିବ ଡ. ଟି.ଭି. ସୋମନାଥନ୍ ଆର୍ଥିକ ବ୍ୟାପାର ସଚିବ ଅଜୟ ସେଠୀ, ଡିଆଇପିଏଏମ୍ ସଚିବ ତୁହିନକାନ୍ତ ପାଣ୍ଡେ, ରାଜସ୍ୱ ସଚିବ ସଞ୍ଜୟ ମାଲହୋତ୍ରା, ମୁଖ୍ୟ ଆର୍ଥିକ ପରାମର୍ଶଦାତା ଡ. ଅନନ୍ତ ଭି. ନାଗେଶ୍ୱରନ, କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ(ସିବିଡିଟି) ଅଧ୍ୟକ୍ଷ ନୀତିନ ଗୁପ୍ତା, କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ଓ ଶୁଳ୍କ (ସିବିଆଇସି) ଅଧ୍ୟକ୍ଷ ବିବେକ ଜୋହାରୀ, ବଜେଟ (ଅତିରିକ୍ତ ସଚିବ) ଆଶିଷ ବାଛାନୀ ଏବଂ ବଜେଟ ପ୍ରସ୍ତୁତି ସହ ସଂଶ୍ଳିଷ୍ଟ ଅର୍ଥ ମନ୍ତ୍ରଣାଳୟର ଅନ୍ୟାନ୍ୟ ଅଧିକାରୀଗଣ ଏଥିରେ ଉପସ୍ଥିତ ଥିଲେ।

## ଆଇଡିଏଫ୍‌ସି ଏଏମ୍‌ସିରେ ଯୋଗଦେଲେ ମନୀଷ

ନୂଆଦିଲ୍ଲୀ,୨୭ା୧

ଦେଶର ପ୍ରମୁଖ ଏଏମ୍‌ସି ସଂସ୍ଥା ଆଇଡିଏଫ୍‌ସି ଆସେଟ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ ଲିମିଟେଡ୍ (ଆଇଡିଏଫ୍‌ସି ଏଏମ୍‌ସି)ର ଇକ୍ୱିଟିଜ୍ ବିଭାଗର ମୁଖ୍ୟ ମନୀଷ ଗୁନ୍‌ୱାନିଙ୍କୁ ନିକଟରେ ନିଯୁକ୍ତି ଦିଆଯାଇଛି। ଏପରିକି ଗୁନ୍‌ୱାନି ଉକ୍ତ ଫଣ୍ଡ୍ ହାଉସ୍ ପାଇଁ ଇକ୍ୱିଟି ପାଣ୍ଠି ପରିଚାଳନାର ସାମଗ୍ରିକ ଦାୟିତ୍ୱ ତୁଲାଇବେ ବୋଲି ସୂଚନା ମିଳିଛି। ବିଶେଷକରି ଗୁନ୍‌ୱାନିଙ୍କର ଇକ୍ୱିଟି ରିସର୍ଚ୍ଚ ଓ ଫଣ୍ଡ୍ ପରିଚାଳନା କ୍ଷେତ୍ରରେ ୨୫ ବର୍ଷର ସମୃଦ୍ଧ ଅଭିଜ୍ଞତା ରହିଛି।

ଏ ସମ୍ପର୍କରେ ଆଇଡିଏଫ୍‌ସି ଏଏମ୍‌ସିର ସିଇଓ ବିଶାଲ କପୁର କହିଛନ୍ତି, ଆମେ ମନୀଷ ଗୁନ୍‌ୱାନିଙ୍କୁ ନିଯୁକ୍ତ କରି ଆନନ୍ଦିତ। ମନୀଷଙ୍କ ପ୍ରମାଣିତ ବିଶେଷଜ୍ଞତା ଓ ସଫଳ ଟ୍ରାକ୍ ରେକର୍ଡ ଆମର ଇକ୍ୱିଟି ଫ୍ରାଞ୍ଚାଇଜିକୁ ଅଧିକ ଉନ୍ନତ କରିବ। ତାଙ୍କର ନେତୃତ୍ୱ ଆମର ପ୍ରତିଭାଶାଳୀ ଇକ୍ୱିଟିଜ୍ ଟିମ୍ ଓ ଆମର ମଜଭୁତ ଇନ୍‌ଷ୍ଟିଚ୍ୟୁଶନାଲ ଫ୍ରେମ୍‌ୱର୍କ ସହ ମିଳିତ ହୋଇ ଆମ ଏଏମ୍‌ସିରେ ଅଭିବୃଦ୍ଧିର ପରବର୍ତ୍ତୀ ପର୍ଯ୍ୟାୟକୁ ପରିଚାଳନା କରିବାରେ ସାହାଯ୍ୟ କରିବ।

## ଡିଜେଏସ୍‌ଆଇ ବିଶ୍ୱ ମାନ୍ୟତାରେ ବେଦାନ୍ତ ୨ୟ

ଭୁବନେଶ୍ୱର,୨୭ା୧



ବେଦାନ୍ତ ଗ୍ରୁପ୍‌ର ପ୍ରମୁଖ କମ୍ପାନୀ ବେଦାନ୍ତ ଆଲୁମିନିୟମ ୨୦୨୧-୨୨ ଆର୍ଥିକ ବର୍ଷରେ ଆଲୁମିନିୟମ ଶିଳ୍ପ ପାଇଁ ଏସ୍ ଆଣ୍ଡ ପି ଡାଓ ଜୋନ୍‌ସ ସଷ୍ଟେନେବିଲିଟି ଇଣ୍ଡେକ୍ସ (ଡିଜେଏସ୍‌ଆଇ) ବିଶ୍ୱ ମାନ୍ୟତାରେ ୨ତମ ସ୍ଥାନକୁ ଉନ୍ନୀତ ହୋଇଛି। ଏପରିକି ଡିଜେଏସ୍‌ଆଇ ସ୍ଥିରତା ସୂଚକାଙ୍କ ହେଉଛି ଏକ ଶ୍ରେଷ୍ଠ ଶ୍ରେଣୀର ବିଶ୍ୱସ୍ତରୀୟ ମାନଦଣ୍ଡ। ଏହା ଅର୍ଥନୈତିକ, ପରିବେଶ ଏବଂ ସାମାଜିକ ମାନଦଣ୍ଡ ଦୃଷ୍ଟିରୁ ଅଗ୍ରଣୀ କମ୍ପାନୀଗୁଡ଼ିକର କାର୍ଯ୍ୟଦକ୍ଷତାକୁ ନିରୀକ୍ଷଣ (ଟ୍ରାକ୍) କରିଥାଏ।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଇଓ (ଆଲୁମିନିୟମ୍ ବ୍ୟବସାୟ) ରାହୁଲ ଶର୍ମା କହିଛନ୍ତି, ୨୦୨୨ ପାଇଁ ବେଦାନ୍ତ ଆଲୁମିନିୟମର ଏସ୍ ଆଣ୍ଡ ପି ଡାଓ ଜୋନ୍‌ସ ସଷ୍ଟେନେବିଲିଟି ଇଣ୍ଡେକ୍ସ (ଡିଜେଏସ୍‌ଆଇ) ର୍‍ୟାଙ୍କିଙ୍ଗ୍ ମୂଲ୍ୟ ଶୃଙ୍ଖଳା ମଧ୍ୟରେ ସ୍ଥିରତାର ନୀତିକୁ ଗଠନମୂଳକ ଭାବେ ଜଳବାୟୁ ସହ କେନ୍ଦ୍ରୀଭୂତ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ। ବିଶେଷକରି ଆମ ଅଭିବୃଦ୍ଧି ସ୍ଥାୟୀ ବିକାଶ ଏଜେଣ୍ଡାରେ କାର୍ଯ୍ୟର ଡିକାର୍ବୋନାଇଜେସନ୍, ଶକ୍ତି ମିଶ୍ରଣରେ ନବୀକରଣଯୋଗ୍ୟ ପରିମାଣ ବୃଦ୍ଧି, ଜଳ ପରି ପ୍ରାକୃତିକ ସମ୍ପଦର ନ୍ୟାୟପୂର୍ଣ୍ଣ ବ୍ୟବହାର, ଆମର କର୍ମଚାରୀ ଏବଂ ସହଭାଗୀମାନଙ୍କ କଲ୍ୟାଣ, ବର୍ଜ୍ୟବସ୍ତୁରେ ବୃତ୍ତାକାର ଅର୍ଥନୀତି ଉପରେ ଆମର ଧ୍ୟାନ ଅନ୍ତର୍ଭୁକ୍ତ ରହିଛି। ଏପରିକି ଚାଷ ଜଳବାୟୁକୁ ସ୍ଥିର କରିବା ପାଇଁ ସ୍ଥାନୀୟ ସମ୍ପ୍ରଦାୟ ସହ ପରିଚାଳନା ଏବଂ ସହଭାଗିତା କରିବା ଏବଂ ବିଶ୍ୱସ୍ତରିୟ ଦ୍ୱିତୀୟ ସ୍ଥାୟୀ ଆଲୁମିନିୟମ୍ ଉତ୍ପାଦକ ହେବାର ସ୍ୱୀକୃତି ଜନସାଧାରଣ ତଥା ସମ୍ପ୍ରଦାୟର ଉନ୍ନତି ପାଇଁ ପରିବର୍ତ୍ତନ ଆମ ମିଶନକୁ ପ୍ରତିଫଳିତ କରେ ବୋଲି ସେ ମତପ୍ରକାଶ କରିଛନ୍ତି।

## ଟାଟା ଷ୍ଟିଲ୍‌କୁ ଡିଇଆଇ-ଲାଇଟ୍‌ହାଉସ୍ ମାନ୍ୟତା

ନୂଆଦିଲ୍ଲୀ,୨୭ା୧

ଟାଟା ଗ୍ରୁପ୍‌ର ସହଯୋଗୀ କମ୍ପାନୀ ଟାଟା ଷ୍ଟିଲ୍‌କୁ ନିକଟରେ ଆଉ ଏକ ଜାତୀୟସ୍ତରର ସମ୍ମାନ ପ୍ରଦାନ କରାଯାଇଛି। ବିଶେଷକରି ବିଶ୍ୱ ଅର୍ଥନୈତିକ ଫୋରମ (ଡବ୍ଲ୍ୟୁଇଏଫ୍) ପକ୍ଷରୁ ଟାଟା ଷ୍ଟିଲ୍‌କୁ ଗ୍ଲୋବାଲ ଡାଇଭର୍ସିଟି ଇକ୍ୱିଟି ଆଣ୍ଡ୍ ଇନ୍‌କ୍ଲୁଜନ (ଡିଇଆଇ) ଲାଇଟ୍‌ହାଉସ୍ ୨୦୨୩ ମାନ୍ୟତା ପ୍ରଦାନ କରାଯାଇଛି। ଏପରିକି ସୁଇଜରଲାଣ୍ଡର ଡାଭୋସ୍‌ଠାରେ ଆୟୋଜିତ ବିଶ୍ୱ ଅର୍ଥନୈତିକ ଫୋରମ୍-୨୦୨୩ ପରିପ୍ରେକ୍ଷୀରେ ପ୍ରକାଶ ପାଇଥିବା ଗ୍ଲୋବାଲ ପ୍ୟାରିଟି ଆଲାଏନ୍ସ ଡାଇଭର୍ସିଟି,ଇକ୍ୱିଟି ଆଣ୍ଡ ଇନ୍‌କ୍ଲୁଜନ୍ ଲାଇଟ୍‌ହାଉସ୍ ୨୦୨୩ ପାଇଁ ଚୟନ କରାଯାଇଥିବା ୮ଟି କେସ୍ ଷ୍ଟଡି ମଧ୍ୟରୁ କାର୍ଯ୍ୟ କ୍ଷେତ୍ରରେ ଲିଙ୍ଗଗତ ବିବିଧତାରେ ଉନ୍ନତି ଆଣିବା ଦିଗରେ କମ୍ପାନୀର ଉଦ୍ୟମ ଥିଲା ଅନ୍ୟତମ। ଏ ସମ୍ପର୍କରେ ଟାଟା ଷ୍ଟିଲ୍‌ର ଏମ୍‌ଡି ଓ ସିଇଓ ଟି.ଭି.ନରେନ୍ଦ୍ରନ କହିଛନ୍ତି,ମାନୁଫାକଚରିଂ କ୍ଷେତ୍ରରେ ବିଶେଷ ଖଣି ଧାତବ ଓ ଖଣି କ୍ଷେତ୍ରରେ ଏକ ବିବିଧ କର୍ମଶକ୍ତିର ବିକାଶ ଓ ତାହାକୁ ସମୃଦ୍ଧ କରିବାରେ ଆମେ ସାମ୍ନା କରୁଥିବା ସାଂସ୍କୃତିକ ଓ ସାମାଜିକ ପ୍ରତିବନ୍ଧକ ସମେତ ବିଭିନ୍ନ ପ୍ରକାର ଆହ୍ୱାନ ରହିଛି। ଏପରିକି କର୍ମଶକ୍ତିରେ ବିବିଧତା କ୍ଷେତ୍ରରେ ଆମେ ଯେଉଁ ସଫଳତା ହାସଲ କରିଛୁ, ତାହା ହେଉଛି ଅତ୍ୟନ୍ତ ପ୍ରଭାବଶାଳୀ କାର୍ଯ୍ୟକ୍ରମ ଓ ସମାଧାନ ଜରିଆରେ କାର୍ଯ୍ୟକାରୀ କରାଯାଇଥିବା ବିଭିନ୍ନ ବ୍ୟବସ୍ଥିତ ଅଭିଯାନର ଫଳ। ଆମ କର୍ମଚାରୀ ଏବଂ ବିଶେଷକରି ଶ୍ରମିକ ସଂଘ ଯେଉଁମାନେ ଉତ୍ସାହର ସହ ଅଂଶଗ୍ରହଣ କରିଛନ୍ତି ଏବଂ ଏହି ଯାତ୍ରାରେ ଉଲ୍ଲେଖନୀୟ ଯୋଗଦାନ ପ୍ରଦାନ କରିଛନ୍ତି।

## ଅନୁଗୋଳରେ ଜିନ୍ଦଲ ଆରୋଗ୍ୟମ ହସ୍ପିଟାଲର ଶିଳାନ୍ୟାସ

ଭୁବନେଶ୍ୱର,୨୭ା୧



ଦେଶର ପ୍ରମୁଖ ଘରୋଇ ବାଣିଜ୍ୟିକ ସଂସ୍ଥା 'ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର' (ଜେଏସ୍‌ପି)ର ସହଯୋଗୀ ତଥା କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) ଶାଖା ଜେଏସ୍‌ପି ଫାଉଣ୍ଡେଶନ ପକ୍ଷରୁ ୧୦୦ ଶଯ୍ୟା ବିଶିଷ୍ଟ ଏକ ମଲ୍ଟି ସ୍ପେଶାଲିଟି ହସ୍ପିଟାଲର ଭୂମିପୂଜନ ସମାରୋହ ଅନୁଗୋଳ ଜିନ୍ଦଲନଗରଠାରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଅନୁଗୋଳ ଜିଲାରେ ସ୍ୱାସ୍ଥ୍ୟସେବାର ନିରନ୍ତର ଉନ୍ନତି ନିମନ୍ତେ ଜେଏସ୍‌ପି ପକ୍ଷରୁ ଜିନ୍ଦଲନଗର ଦେବଭୂମିଠାରେ ହେବାକୁ ଥିବା ଏହି ଅତ୍ୟାଧୁନିକ ଜିନ୍ଦଲ ଆରୋଗ୍ୟମ ହସ୍ପିଟାଲର ଶିଳାନ୍ୟାସ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜେଏସ୍‌ପିର ଅଧ୍ୟକ୍ଷ ନବୀନ ଜିନ୍ଦଲ ଏବଂ ଜେଏସ୍‌ପି ଫାଉଣ୍ଡେଶନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ ଉକ୍ତ ହସ୍ପିଟାଲର ଭୂମିପୂଜା ଓ ଆଧାରଶିଳା ରଖିଥିଲେ। ଏହି ଅବସରରେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଏବଂ ଅନୁଗୋଳ ପୌରପାଳିକା ନଗରପାଳ ଅକ୍ଷୟ କୁମାର ସାମନ୍ତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅପରପକ୍ଷରେ ଜେଏସ୍‌ପିର ସିଇଓ ଦିନେଶ କୁମାର ସରୋଗୀ ସମସ୍ତ ଅତିଥିଙ୍କୁ ସେମାନଙ୍କ ଉପସ୍ଥିତି ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ସମାରୋହରେ ଜେଏସ୍‌ପିର ନିର୍ବାହୀ ନିର୍ଦ୍ଦେଶକ ହୃଦୟେଶ୍ୱର ଝା, ଦାମୋଦର ମିତ୍ତଲ, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଅଗସ୍ତି ବେହେରା, ପ୍ରତାପ ପ୍ରଧାନ, ଅନୁଗୋଳ ଓକିଲ ସଂଘର ପୂର୍ବତନ ସଭାପତି ଦିଲୀପ ଦାସ ପ୍ରମୁଖ ଭୂମିପୂଜାରେ ଯୋଗଦେଇଥିଲେ।

## ୟୁକୋ ବ୍ୟାଙ୍କର ୬୫୩ କୋଟିର ନେଟ୍ ଲାଭ

ନୂଆଦିଲ୍ଲୀ,୨୭ା୧

ୟୁକୋ ବ୍ୟାଙ୍କ ପକ୍ଷରୁ ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୨୦୨୨ ଡିସେମ୍ବର ଶେଷ ସୁଦ୍ଧା ବ୍ୟାଙ୍କ ୧୧୦% ଅଭିବୃଦ୍ଧି ହାର ହାସଲକରି ୬୫୩ କୋଟି ଟଙ୍କାର ନେଟ୍ ଲାଭ କରିଥିବା ଜଣାପଡ଼ିଛି। ସେହିଭଳି ୨୦୨୧-୨୨ ଆର୍ଥିକ ବର୍ଷର ଏହି ଅବଧି ମଧ୍ୟରେ ବ୍ୟାଙ୍କର ନେଟ୍ ଲାଭ ୩୧୦ କୋଟି ଟଙ୍କା ରହିଥିଲା ବେଳେ ୨୦୨୨ରେ ଏହା ଦ୍ୱିଗୁଣିତ ହୋଇ ୬୫୩ କୋଟିରେ ପହଞ୍ଚିଛି। ଏପରିକି ୨୦୨୨-୨୩ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସରେ ବ୍ୟାଙ୍କ ଆଶାନୁରୂପ ଭାବେ ଅଭିବୃଦ୍ଧି ବଜାୟ ରଖିପାରିବ ବୋଲି ଆଶା କରାଯାଉଛି। ସେହିପରି ୨୦୨୨ ଡିସେମ୍ବର ଶେଷ ସୁଦ୍ଧା ବ୍ୟାଙ୍କର ସମୁଦାୟ ଋଣରେ ୨୦.୫% ଅଭିବୃଦ୍ଧି ହୋଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୋମା ଶଙ୍କର ପ୍ରସାଦ କହିଛନ୍ତି, ସଂଶୋଧିତ ସୁଧ ହାର ଫଳରେ ଜମା କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ହୋଇପାରିବ। ଏପରିକି ନେଟ୍ ଇଣ୍ଟରେଷ୍ଟ ମାର୍ଜିନରେ ପ୍ରତ୍ୟେକ ତ୍ରୈମାସରେ କ୍ରମାଗତ ଭାବେ ଅଭିବୃଦ୍ଧି ଘଟୁଛି ବୋଲି ପ୍ରସାଦ ମତ ପ୍ରକାଶ କରିଛନ୍ତି। ସେହିପରି ନିମ ୩ % ରୁ ୩.୦୧% ରହିଛି, ହାରାହାରି ତ୍ରୈମାସିକ ସ୍ଲିପେଜ୍ ୧୫୦୦ କୋଟିରୁ ୫୦୦ କୋଟିକୁ ହ୍ରାସ ପାଇଛି। ୩ୟ ତ୍ରୈମାସରେ ବ୍ୟାଙ୍କର ରିଟିନ୍ ଅଫ୍ ଆକାଉଣ୍ଟରୁ ୪୫୮କୋଟି ଟଙ୍କା ଅସୁଲି ହୋଇପାରିଛି ବୋଲି ପ୍ରସାଦ କହିଥିଲେ।

ଫୁର୍‌ସତ୍

## ଧ୍ୱଂସର ନିକଟତର ହେଉଛି ପୃଥିବୀ

# ଡୁମ୍ସଡେ କ୍ଲକ୍‌ରେ କମିଲା ୧୦ ସେକେଣ୍ଡ




**ନ୍ୟୁୟର୍କ:** ଡୁମ୍‌ସଡେ କ୍ଲକ୍ ବିଷୟରେ ବୈଜ୍ଞାନିକମାନେ ଏକ ବଡ଼ ଘୋଷଣା କରିଛନ୍ତି। ସମଗ୍ର ବିଶ୍ୱରେ ଯୁଦ୍ଧ ପରିସ୍ଥିତିକୁ ଦୃଷ୍ଟିରେ ରଖି ଶୀର୍ଷ ଆଣବିକ ବୈଜ୍ଞାନିକମାନେ ତିନି ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଘଣ୍ଟାକୁ ୧୦ ସେକେଣ୍ଡ ହ୍ରାସ କରିଛନ୍ତି। ଏହି ଶୀର୍ଷ ଆଣବିକ ବୈଜ୍ଞାନିକଙ୍କ ଅନୁଯାୟୀ, ବିଶ୍ୱ ବର୍ତ୍ତମାନ ବିନାଶଠାରୁ ମାତ୍ର ୯୦ ସେକେଣ୍ଡ ଦୂରରେ ଅଛି। ଏହି ଘଣ୍ଟାରେ, ମଧ୍ୟରାତ୍ରି ସମୟ ପାଇଁ କମ୍ ସମୟ ବାକି ରହିଛି। ବିଶ୍ୱ ଆଣବିକ ଯୁଦ୍ଧ ବିପଦର ନିକଟତର ହେବାରେ ଲାଗିଛି। ବିଶ୍ୱ ବିନାଶରୁ କେତେ ଦୂର ଠିଆ ହୋଇଛି ୧୯୪୭ରୁ କାର୍ଯ୍ୟ କରୁଥିବା ଏହି ଘଣ୍ଟା ସୂଚିତ କରିଥାଏ । ଆମେରିକାର ୱାଶିଂଟନ ଡିସିରେ ବାର୍ଷିକ ଡୁମ୍ସଡେ କ୍ଲକ୍ ସମ୍ପର୍କରେ ଘୋଷଣା କରି ବୈଜ୍ଞାନିକମାନେ କହିଛନ୍ତି ଯେ, ସମଗ୍ର ବିଶ୍ୱ ବିନାଶର ପଥରେ ଠିଆ ହୋଇଛି। ଡୁମ୍ସଡେ କ୍ଲକ୍ ଘୋଷଣା କରି ଆଣବିକ ବୈଜ୍ଞାନିକ ବୁଲେଟିନ (ବିଏଏସ)ରେ କହିଛନ୍ତି ଯେ ରୁଷିଆର ୟୁକ୍ରେନ ଉପରେ ଆକ୍ରମଣ, କରୋନା ମହାମାରୀ, ଜଳବାୟୁ ସଙ୍କଟ ଏବଂ ଜୈବିକ ବିପଦ ସବୁଠୁ ବଡ ବିପଦ ହୋଇ ରହିଛି। ଶୀତଳ ଯୁଦ୍ଧ ସମୟରେ ମଧ୍ୟ ଡୁମ୍ସଡେ କ୍ଲକ କେବେ ବିପର୍ଯ୍ୟୟର ନିକଟତର ହୋଇ ନ ଥିଲା। ଗତ ତିନିବର୍ଷ ଧରି ମଧ୍ୟରାତ୍ରିରୁ ୧୦୦ ସେକେଣ୍ଡ ଦୂରରେ ଏହି ଘଣ୍ଟାର କଣ୍ଟା ବନ୍ଦ ହୋଇଯାଇଥିଲା। ତା'ପରେ କୁହାଯାଉଥିଲା ଯେ, ବିପଦ କେବଳ ୧୦୦ ସେକେଣ୍ଡରେ ବନ୍ଦ ହୋଇଯାଇଛି। ତେବେ, ସେହି ଦିନଠାରୁ ଯୁଦ୍ଧର ବିପଦ ଯୋଗୁ ୟୁକ୍ରେନ ବିପର୍ଯ୍ୟୟରେ ଏହା ଗୋଟିଏ ପାଦ ନିକଟତର ହୋଇଛି। ବିଏଏସର ସଭାପତି ତଥା ସିଇଓ ରାହେଲ ବ୍ରାନସନ କହିଛନ୍ତି ଯେ ଆମେ ଅଦୃଶ୍ୟ ବିପଦ ସମୟରେ ବାସ କରୁଛୁ। ଅନ୍ତିମ ଦିନର ଘଣ୍ଟାର ସମୟ ସେହି ବାସ୍ତବତାକୁ ପ୍ରତିଫଳିତ କରେ। ୯୦ସେକେଣ୍ଡର ଦୂରତା ହେଉଛି ମଧ୍ୟରାତ୍ରିର ନିକଟତମ। ଏହା ଏକ ନିଷ୍ପତ୍ତି ଯାହା ଆମର ବିଶେଷଜ୍ଞମାନେ ହାଲୁକା ଭାବେ ଗ୍ରହଣ କରନ୍ତି ନାହିଁ ବୋଲି ସେ କହିଛନ୍ତି। ଆମେରିକା ସରକାର, ଏହାର ନାଟୋ ସହଯୋଗୀ ଏବଂ ୟୁକ୍ରେନର ଯୋଗାଯୋଗର ଏକାଧିକ ଚ୍ୟାନେଲ ଅଛି । ଆମେ ନେତାମାନଙ୍କୁ ଅନୁରୋଧ କରୁଛୁ ଯେ ସମସ୍ତଙ୍କୁ ଘଣ୍ଟା ପଛକୁ ଫେରାଇବାର ପୂର୍ଣ୍ଣ ସମ୍ଭାବନାକୁ ଅନୁସନ୍ଧାନ କରନ୍ତୁ। ଡୁମ୍ସଡେ କ୍ଲକ୍ ପାଇଁ ବିପଦ ସ୍ତର ଅନେକ ମାପରେ ମାପ କରାଯାଇଥାଏ। ଏହାର ମୂଲ୍ୟାଙ୍କନ ବିଶ୍ୱର ଗତିବିଧି ଯେପରିକି ଯୁଦ୍ଧ, ଅସ୍ତ୍ରଶସ୍ତ୍ର, ଜଳବାୟୁ ପରିବର୍ତ୍ତନ, ବିନାଶକାରୀ ପ୍ରଯୁକ୍ତିବିଦ୍ୟା, ପ୍ରଚାର ଭିଡିଓ ଏବଂ ମହାକାଶରେ ଅସ୍ତ୍ରଶସ୍ତ୍ର ପ୍ରୟୋଗ କରିବାର ପ୍ରୟାସ ଦ୍ୱାରା ମାପ କରାଯାଇଥାଏ। ଶୀତଳ ଯୁଦ୍ଧର ଶେଷରେ ୧୯୯୧ରେ ଏହି ଘଣ୍ଟା ମଧ୍ୟରାତ୍ରି ଅର୍ଥାତ ବିନାଶ ଠାରୁ ପ୍ରାୟ ୧୭ ମିନିଟ ଦୂରରେ ଥିଲା। ଡୁମ୍ସଡେ କ୍ଲକ୍ ହେଉଛି ଏକ ସାଙ୍କେତିକ ଘଣ୍ଟା ଯାହା ମାନବ କାର୍ଯ୍ୟକଳାପ ଯୋଗୁ ବିଶ୍ୱ ବିପର୍ଯ୍ୟୟର ସମ୍ଭାବନା ବିଷୟରେ କହିଥାଏ। ଏହି ଘଣ୍ଟାରେ, ମଧ୍ୟରାତ୍ରି ୧୨ଟାକୁ ବିନାଶର ସଙ୍କେତ ଭାବରେ ବିବେଚନା କରାଯାଏ। ମନୁଷ୍ୟ ଦ୍ୱାରା ସୃଷ୍ଟି ହୋଇଥିବା ବିପଦ ବିଷୟରେ ଚେତାବନୀ ଦେବା ପାଇଁ ବୈଜ୍ଞାନିକମାନଙ୍କ ଦ୍ୱାରା ହିରୋସିମା ଏବଂ ନାଗାସାକି ଉପରେ ଆକ୍ରମଣ ପରେ ୧୯୪୫ ମସିହାରେ ଏହି ଘଣ୍ଟା ସୃଷ୍ଟି କରାଯାଇଥିଲା।

# ଜ୍ୟାକଲିନଙ୍କୁ ବିଦେଶ ଯିବାକୁ କୋର୍ଟଙ୍କ ଅନୁମତି



ନୂଆଦିଲ୍ଲୀ

୨୦୦ କୋଟି ଟଙ୍କା ଲଣ୍ଡରିଂ ମାମଲାରେ ଅଭିଯୁକ୍ତ ଅଭିନେତ୍ରୀ ଜ୍ୟାକଲିନ ଫର୍ନାଣ୍ଡିସଙ୍କୁ ଦୁବାଇ ଯିବାକୁ ଅନୁମତି ଦେଇଛନ୍ତି ଦିଲ୍ଲୀର ପଟିଆଲା ହାଉସ କୋର୍ଟ। ଜ୍ୟାକଲିନ ଜାନୁଆରୀ ୨୭ ରୁ ୩୦ ମଧ୍ୟରେ ଦୁବାଇ ଯିବାକୁ ଆବେଦନ କରିଥିଲେ, ଯାହା ଅନୁମୋଦନ ହୋଇଛି। ପେପ୍‌ସିକୋ ଇଣ୍ଡିଆ ସମ୍ମିଳନୀରେ ଯୋଗଦେବା ପାଇଁ ଅଭିନେତ୍ରୀଙ୍କୁ ଦୁବାଇ ଯିବାକୁ ପଡିବ। ଜ୍ୟାକଲିନ ଦିଲ୍ଲୀ କୋର୍ଟରେ ଦାଖଲ କରିଥିବା ଆବେଦନରେ କହିଥିଲେ ଯେ, ତାଙ୍କୁ ଦୁବାଇରେ ପେପ୍ସିକୋ ଇଣ୍ଡିଆ ସମ୍ମିଳନୀରେ ଯୋଗଦେବାକୁ ନିମନ୍ତ୍ରଣ କରାଯାଇଛି। ୨୯ ଜାନୁଆରୀ ରବିବାର ଦିନ ହେବାକୁ ଥିବା କନ୍ସର୍ଟରେ ତାଙ୍କୁ ଷ୍ଟାର ଅଭିନେତ୍ରୀ ଭାବରେ ଡକାଯାଇଛି। ସୂଚନାଯୋଗ୍ୟ, ସୁକେଶ ଚନ୍ଦ୍ରଶେଖର ୨୦୦ କୋଟି ଟଙ୍କା ମନି ଲଣ୍ଡରିଂ ମାମଲାରେ ଜ୍ୟାକ୍‌ଲିନ ଅନ୍ୟତମ ଅଭିଯୁକ୍ତ। ୧୫ ନଭେମ୍ବର ୨୦୨୨ରେ ତାଙ୍କୁ ଏହି ମାମଲାରେ ଆଗୁଆ ଜାମିନ ପ୍ରଦାନ କରାଯାଇଥିଲା। ଏହାସହ ତାଙ୍କୁ ବିଦେଶ ଯିବାକୁ ହେଲେ କୋର୍ଟର ଅନୁମତି ଆଣିବାକୁ ପଡିବ ବୋଲି କୁହାଯାଇଥିଲା।

## ଜୀବନ ବଦଳାଇ ଦେଲା କୁକୁର, ପାଲଟିଲେ କୋଟିପତି



ଲୋକମାନେ ବିଭିନ୍ନ ପ୍ରକାରର କାମ କରି ଟଙ୍କା ରୋଜଗାର କରନ୍ତି। ତଥାପି କିଛି ଲୋକଙ୍କ କାର୍ଯ୍ୟ ଏପରି ହୋଇଥାଏ ଯାହା ଶୁଣି ଅନ୍ୟମାନେ ଆଶ୍ଚର୍ଯ୍ୟ ହୋଇଯାଆନ୍ତି। ଏମିତି ଜଣେ ବ୍ୟକ୍ତି ଯିଏ କେବଳ କୁକୁରକୁ ଏଣେତେଣେ ବୁଲାଇ କୋଟିପତି ହୋଇପାରିଛନ୍ତି। ମାଇକେଲ ଜୋସେଫ ନାମକ ଏହି ବ୍ୟକ୍ତି ଶିକ୍ଷକ ଭାବରେ ବର୍ଷକୁ ୩୦ ଲକ୍ଷ ଟଙ୍କା ରୋଜଗାର କରୁଥିଲେ, କିନ୍ତୁ କୁକୁରକୁ ବୁଲାଇ ଏକ ବ୍ୟବସାୟରେ ପରିଣତ କରିଥିଲେ। ଫଳରେ ସେ ଗୋଟିଏ ବର୍ଷ ଭିତରେ କୋଟିପତି ହୋଇଗଲେ। ମାଇକେଲ ଆମେରିକାର ବ୍ରୁକଲିନରେ ରୁହନ୍ତି। ସେ ଶିକ୍ଷକ ଭାବରେ କାର୍ଯ୍ୟ କରିବା ସହ ପାର୍ଟ ଟାଇମ କୁକୁର ୱାକର ଭାବରେ କାମ ଆରମ୍ଭ କଲେ। ଏହି କାମ କରି ସେ ୧ କୋଟି ରୋଜଗାର କରିଥିଲେ। ପରେ ସେ ନିଜର ପୁରୁଣା ବୃତ୍ତି ଛାଡ଼ି କୁକୁରକୁ ପୂରା ସମୟ ବୁଲାଇବା ବ୍ୟବସାୟରେ ସମୟ ଦେଇଥିଲେ। ଏହି ବ୍ୟବସାୟରୁ ସେ ନ୍ୟୁ ଜର୍ସିରେ ନିଜ ପାଇଁ ଏକ ଘର ଓ କାର୍ କଣିଥିଲେ। କେବଳ ଏତିକି ନୁହେଁ, ସେ ନିଜ ପରିବାରକୁ ଡିଜ୍ନି ୱାର୍ଲ୍ଡକୁ ମଧ୍ୟ ନେଇଥିଲେ। ସେ ତାଙ୍କର ୧୮ ମାସର କୁକୁର ଛୁଆ ପାଇଁ ୮ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ସେ ତାଙ୍କ କୁକୁର ବ୍ୟବସାୟକୁ ନେଇ କୁହନ୍ତି, ଅଧ ଘଣ୍ଟା ବୁଲାଇବା ପାଇଁ ୧୫୦୦ ଟଙ୍କା ପାଉଥିଲେ। ବର୍ତ୍ତମାନ ସେ ଏହି ଆପ୍ ଲଞ୍ଚ କରିଛନ୍ତି ଏବଂ ଅନେକ କର୍ମଚାରୀଙ୍କୁ ମଧ୍ୟ ନିଯୁକ୍ତି ଦେଇଛନ୍ତି। ସେମାନଙ୍କ ଦର ଅନୁଯାୟୀ କୁକୁରକୁ ୧ ଘଣ୍ଟା ଚଲାଇବା ପାଇଁ ଦେୟ ୨୦୦-୨୫୦୦ଟଙ୍କା ପର୍ଯ୍ୟନ୍ତ ରହିଛି। ତାଲିମ ଦେବାକୁ ହେଲେ ୫୦୦୦ ଟଙ୍କା ଦେବାକୁ ପଡ଼ିବ ଏବଂ କୁକୁରକୁ ଗୋଟିଏ ରାତି ରଖିବାକୁ ହେଲେ ୫୨୦୦ ଟଙ୍କା ପୈଠ କରିବାକୁ ହୋଇଥାଏ।

## ୨୧୯ କୋଟି ଆୟ କଲା 'ପଠାନ'



**ନୂଆଦିଲ୍ଲୀ:** ସୁପରଷ୍ଟାର ଶାହାରୁଖ୍ ଖାନ୍ ଏବଂ ଦୀପିକା ପାଦୁକୋନ୍ ଅଭିନୀତ ଚଳଚ୍ଚିତ୍ର 'ପଠାନ' ଗ୍ଲୋବାଲ ବକ୍ସ ଅଫିସ୍‌ରେ ରେକର୍ଡ ସୃଷ୍ଟି କରିଛି। ଦୁଇ ଦିନରେ ଏହାର ଆୟ ୨୧୯.୬ କୋଟି ଟଙ୍କାରେ ପହଞ୍ଚିଥିବା ଚଳଚ୍ଚିତ୍ର ପ୍ରଯୋଜକ ଘୋଷଣା କରିଛନ୍ତି। ପ୍ରଡକ୍ଶନ ହାଉସ ୟାଶ ରାଜ ଫିଲ୍ମସ୍‌ର ସୂଚନା ଅନୁଯାୟୀ ଚଳଚ୍ଚିତ୍ର ରିଲିଜ୍ ହେବା ଦିନ ବିଶ୍ୱବ୍ୟାପୀ ୧୦୬ କୋଟି ଆୟ ହୋଇଥିବାବେଳେ ଦ୍ୱିତୀୟ ଦିନରେ ଆୟ ହୋଇଛି ୧୧୩.୬ କୋଟି। ଘରୋଇ ବଜାରରେ ଦ୍ୱିତୀୟ ଦିନର ମୋଟ ଆୟ ୭୦.୫ କୋଟି ରହିଛି। ହିନ୍ଦୀ ଭର୍ସନରୁ ୬୮ କୋଟି ମିଳିଥିବାବେଳେ ଡବ୍ ହୋଇଥିବା ଫର୍ମାଟରୁ ଅତିରିକ୍ତ ୨.୫ କୋଟି ଟଙ୍କା ଆୟ ହୋଇଛି। ବୁଧବାର ପଠାନ ହିନ୍ଦୁ ସମେତ ତାମିଲ ଏବଂ ତେଲୁଗୁ ଭାଷାରେ ମୁକ୍ତିଲାଭ କରିଥିଲା। ଗୋଟିଏ ଦିନରେ ଆୟ ୭୦ କୋଟି ଟପିବାରେ ଏହା ପ୍ରଥମ ହିନ୍ଦୀ ଚଳଚ୍ଚିତ୍ର। ଅନ୍ତର୍ଜାତୀୟ ବଜାରରେ ଚଳଚ୍ଚିତ୍ର ୩୦.୭୦ କୋଟି ଆୟ କରିଥିବା ଜଣାପଡ଼ିଛି।

**ବିଷପାନ କରି ମହିଳାଙ୍କ ଆତ୍ମହତ୍ୟା**

ଲକ୍ଷ୍ମୀପଡ଼ା,(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲ୍ଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ଜାମୁଡ଼ିହି ପଞ୍ଚାୟତ କୁଞ୍ଜପାଣି ଗ୍ରାମର ଜହନ ମୁଣ୍ଡାଙ୍କ ସ୍ତ୍ରୀ ଦମୟନ୍ତୀ (୨୭) କୌଣସି କାରଣ ଯୋଗୁ ଗୁରୁବାର ବିଷପାନ କରି ଆତ୍ମହତ୍ୟା କରିଛନ୍ତି। ଖବରପାଇ କେ. ବଲାଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲା। ଶୁକ୍ରବାର ଲକ୍ଷ୍ମୀପଡ଼ା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଉଛି।

# ୨ ଦିନିଆ ରିମାଣ୍ଡରେ ଅଭିଯୁକ୍ତ

## କଲେଜ ଛାତ୍ରଙ୍କୁ ଅପହରଣ ପରେ ହତ୍ୟା ମାମଲା

- **କ୍ରାଇମ୍ ସିନ୍ ରିକ୍ରିଏଟ କଲା ପୋଲିସ**
- **କୂଅରୁ ଆଶୁତୋଷଙ୍କ ମୋବାଇଲ ଜବତ**



ବାଲୁଗାଁ,୨୭।୧(ଡି.ଏନ୍.ଏ.)

ବାଣପୁର ଥାନା ଅନ୍ତର୍ଗତ ଗୋଦାବରୀଶ ମହାବିଦ୍ୟାଳୟର ଛାତ୍ର ଆଶୁତୋଷ ମହାପାତ୍ରଙ୍କ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ତଥା ସାଙ୍ଗ ଆଶୀର୍ବାଦ ପ୍ରଧାନଙ୍କୁ ପୋଲିସ ଗତ ବୁଧବାର ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ଏହି ଘଟଣାର ଅଧିକ ତଦନ୍ତ ପାଇଁ ଶୁକ୍ରବାର ଅଭିଯୁକ୍ତ ଆଶୀର୍ବାଦଙ୍କୁ ପୋଲିସ ଦୁଇଦିନିଆ ରିମାଣ୍ଡରେ ଆଣିଛି। ପୋଲିସ ଏହି ହତ୍ୟାକାଣ୍ଡର କ୍ରାଇମ ସିନ୍ ରିକ୍ରିଏଟ କରିଛି। ଏଥିସହ ଘଟଣାସ୍ଥଳ ପରିତ୍ୟକ୍ତ କୂଅରୁ ଆଶୁତୋଷଙ୍କ ମୋବାଇଲ ଫୋନ ଜବତ କରିଛି। ଏହି ମୋବାଇଲରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିବ ବୋଲି ପୋଲିସ ଆଶା ରଖିଛି।

ପ୍ରକାଶ ଯେ, ଆଶୁତୋଷ ଗୋଦାବରୀଶ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର ଥିଲେ। ଗତ ସୋମବାର ଆଶୁତୋଷଙ୍କୁ ଦୁର୍ବୃତ୍ତମାନେ ଅପହରଣ କରି ନେଇଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧାନ ପାଇ ନ ଥିଲେ। ମଙ୍ଗଳବାର ମା' ଅନୁପମା ମହାପାତ୍ର ପୁଅ ନିଖୋଜ ସମ୍ପର୍କରେ ବାଣପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଦୁର୍ବୃତ୍ତମାନେ ଆଶୁତୋଷଙ୍କ ଫୋନରୁ ତାଙ୍କ ବାପା ପ୍ରଶାନ୍ତ ମହାପାତ୍ରଙ୍କ ଫୋନକୁ ଏକାଧିକ ମେସେଜ୍ ପଠାଉଥିଲେ, ଯେଉଁଥିରେ ତାଙ୍କ ପୁଅ ସୁରକ୍ଷିତ ଅଛି ଏବଂ ୫ ଲକ୍ଷ ଟଙ୍କା ଦେଲେ ପୁଅକୁ ଛାଡ଼ି ଦିଆଯିବ, ନଚେତ ମୃତଦେହ ପାଇବ ବୋଲି ଲେଖିଥିଲେ। ଏଭଳି ଅଭିଯୋଗ ପାଇବା ପରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ସହ ବାଣପୁର ଥାନା ଦୀକ୍ଷିତପଡ଼ା ଗ୍ରାମର ଆଶୀର୍ବାଦଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ଟଙ୍କା ପାଇଁ ଆଶୁତୋଷଙ୍କୁ ହତ୍ୟା କରି କୂଅରେ ପକେଇ ଦେଇଥିବା ଆଶୀର୍ବାଦ ସ୍ୱୀକାର କରିଥିଲେ। ଦୀକ୍ଷିତପଡ଼ା ଓ ଖଣ୍ଡ ଗ୍ରାମ ମଧ୍ୟବର୍ତ୍ତୀ ଅଞ୍ଚଳରେ ଥିବା ଏକ ଅର୍ଦ୍ଧନିର୍ମିତ ଘରେ ଆଶୁତୋଷଙ୍କୁ ଅପହରଣ କରି ରଖିଥିଲେ। ଆଶୁତୋଷଙ୍କ ପରିବାର ଲୋକ ଟଙ୍କା ଦେବା ପରିବର୍ତ୍ତେ ଥାନାରେ ଅଭିଯୋଗ କରିବାରୁ ରାଗିଯାଇ ଏକ ଦଉଡ଼ିରେ ଆଶୁତୋଷଙ୍କ ତଣ୍ଟି ଚିପି ହତ୍ୟା କରି ଉକ୍ତ କୂଅ ମଧ୍ୟକୁ ଫୋପାଡ଼ି ଦେଇଥିବା ଆଶୀର୍ବାଦ ସ୍ୱୀକାର କରିଥିଲେ। ବୁଧବାର ଅପରାହ୍ନରେ ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକଙ୍କ ନେତୃତ୍ୱରେ ଏକ ଟିମ୍ ଅଭିଯୁକ୍ତଙ୍କୁ ଧରି ଘଟଣାସ୍ଥଳକୁ ଯିବା ସହ କୂଅରୁ ଆଶୁତୋଷଙ୍କ ମୃତ ଶରୀରକୁ ଜବତ କରିଥିଲା। ଏନେଇ ପୋଲିସ ଏକ ହତ୍ୟା ମାମଲା (ନଂ.୫୪/୨୩) ରୁଜୁ କରି ତଦନ୍ତ ଅବ୍ୟାହତ ରଖିଥିଲା। ଏହି ଘଟଣାର ଅଧିକ ତଦନ୍ତ ପାଇଁ ପୋଲିସ ବାଣପୁର କୋର୍ଟରେ ଅଭିଯୁକ୍ତ ଆଶୀର୍ବାଦଙ୍କୁ ୫ଦିନ ରିମାଣ୍ଡରେ ନେବା ପାଇଁ ନିବେଦନ କରିଥିଲା। ତେବେ କୋର୍ଟ ଆଶୀର୍ବାଦଙ୍କୁ ୨ ଦିନ ରିମାଣ୍ଡରେ ନେବା ପାଇଁ ଅନୁମତି ଦେଇଥିଲେ। ଶୁକ୍ରବାର ପୋଲିସ ବାଣପୁର ଉପକାରାଗାରରୁ ଅଭିଯୁକ୍ତ ଆଶୀର୍ବାଦଙ୍କୁ ନେଇ ଆସିବା ପରେ ପ୍ରଥମେ ତା'ର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲା। ଏହାପରେ ଏସ୍‌ଡିପିଓ ମାନସ ରଞ୍ଜନ ବାରିକଙ୍କ ନେତୃତ୍ୱ ଏବଂ ବାଣପୁର ଥାନା ଆଇଆଇସି ଜୟପ୍ରକାଶ ପରିଡ଼ାଙ୍କ ସହଯୋଗରେ ଅଭିଯୁକ୍ତ ଆଶୀର୍ବାଦଙ୍କୁ ଜେରା କରାଯାଇଥିଲା। କ୍ରାଇମ ସିନ୍ ରିକ୍ରିଏଟ ପାଇଁ ଅଭିଯୁକ୍ତଙ୍କୁ ନେଇ ଘଟଣାସ୍ଥଳରେ ପୋଲିସ ପହଞ୍ଚିଥିଲା। ଅଗ୍ନିଶମ କର୍ମଚାରୀଙ୍କ ଦ୍ୱାରା କୂଅରୁ ପାଣି ଶୁଖାଇବା ପରେ ମୋବାଇଲକୁ ଉଦ୍ଧାର କରାଯାଇଥିଲା। ତେବେ ଏହି ମୋବାଇଲରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଏବଂ ତଦନ୍ତରେ ଅଧିକ ସହାୟତା ହେବ ବୋଲି ଏସ୍‌ଡିପିଓ ବାରିକ କହିଛନ୍ତି। ଏହି ହତ୍ୟାକାଣ୍ଡର ପ୍ରକୃତ କାରଣ ଓ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି ତା'ର ଖୋଳତାଡ଼ କରୁଛି ପୋଲିସ।

# ନିଖୋଜ ବ୍ଲକ ଉପାଧ୍ୟକ୍ଷା ସୋନପୁରରୁ ଉଦ୍ଧାର

ବଣାଇ, ୨୭।୧(ସ୍ୱ.ପ୍ର)

ନିଖୋଜ ହୋଇଯାଇଥିବା ସୁନ୍ଦରଗଡ଼ ଜିଲ୍ଲା ବଣାଇ ବ୍ଲକ ଉପାଧ୍ୟକ୍ଷା ନିକିତି ବେହେରା ଶୁକ୍ରବାର ସୋନପୁରରୁ ଉଦ୍ଧାର ହୋଇଛନ୍ତି। ଗତ ଜାନୁଆରୀ ୪ରୁ ନିଖୋଜ ଥିବା ନେଇ ତାଙ୍କ ସ୍ୱାମୀ ପ୍ରସନ୍ନ ବେହେରା ଚିକାଟପାଲି ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ଖୋଜାଖୋଜି ଆରମ୍ଭ କରିଥିଲେ ହେଁ ଦୀର୍ଘଦିନ ଧରି ପତ୍ତା ମିଳୁ ନ ଥିଲା। ପୋଲିସ ଫୋନଟ୍ରାକିଂ ଜନିତ ସୂଚନା ପାଇ ଗୁରୁବାର ତେଲକୋଇ ଅଞ୍ଚଳରୁ ଯୁବକ ଜନ୍ମେଜୟ ସାହୁଙ୍କୁ ଧରିବା ପରେ ତାଙ୍କ ଘର ସୋନପୁର ଅଞ୍ଚଳରୁ ଉପାଧ୍ୟକ୍ଷାଙ୍କୁ ଉଦ୍ଧାର କରିଥିଲେ। ଏବେ ଚିକାଟପାଲି ଥାନାରେ ପୋଲିସ ପଚରାଉଚରା କରୁଛି। କୌଣସି ତଥ୍ୟ ପୋଲିସ ପ୍ରକାଶ କରୁ ନ ଥିଲେ ହେଁ ନିକିତି ନିଜେ ଜନ୍ମେଜୟ ସହିତ ଯାଇଥିବା ଓ ଆଗକୁ ମଧ୍ୟ ଜନ୍ମେଜୟ ସହ ରହିବେ ବୋଲି କହିବା ପରେ ସବୁ କଥା ସ୍ପଷ୍ଟ ହୋଇଯାଉଛି। ପ୍ରଥମ ପର୍ଯ୍ୟାୟରେ ଏକ ମିସିଂ ରିପୋର୍ଟ ବା ନିଖୋଜ ମାମଲା ଚିକାଟପାଲି ପୋଲିସ ରୁଜୁକରି ତଦନ୍ତ ଚଳାଇଥିଲା। ହେଲେ ସ୍ୱାମୀ ପ୍ରସନ୍ନ ଙ୍କ ଚାପ କ୍ରମେ ପରେ ଅପହରଣ ମାମଲା ରୁଜୁ କରି ତଦନ୍ତ ଚଳାଉଥିଲା। ଏବେ ପୋଲିସ ତଦନ୍ତ ଚାଲିଥିବାବେଳେ ଅପହରଣ କି ସେ ନିଜେ ଯାଇଥିଲେ ସେ ନେଇ ପୋଲିସ କୌଣସି ସ୍ପଷ୍ଟ ସୂଚନା ଦେଇନାହିଁ।

## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2023-T-154

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ ନବୀକରଣ ଯୋଗ୍ୟ (Renewable) ପ୍ଲାଣ୍ଟଗୁଡ଼ିକର ସଂସ୍ଥାପନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 2,64,58,232.70, EMD : ₹ 2,82,300/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ 06 (ଛଅ) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.13.02.2023ରିଖ 1630 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps. gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର
PR-940/N/22-23

## The Odisha Small Industries Corporation Ltd.

(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.436/RE/OSIC Dt.25.01.2023

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for "**Construction and Development of Agro-Ecology and Agro-Biodiversity institute along with furniture for office and hostel, installation of fencing across boundary, installation of irrigation facilities at Rajulkonda of Chitrakonda Block**". Tender details can be downloaded from the OSIC website **www.osicltd.in** . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website **www.osicltd.in** only.

Sd/-
GENERAL MANAGER(O)
OIPR-14073/11/0147/2223

# ହାତୀ ଆକ୍ରମଣରେ ସ୍ୱାମୀ ଗୁରୁତର, ସ୍ତ୍ରୀ ଆହତ

ବଡ଼ଗାଁ,୨୭।୧(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଜରଙ୍ଗଲୋଇ ପଞ୍ଚାୟତର ଝାରମୁଣ୍ଡା ଗ୍ରାମ ନିକଟ ଜଙ୍ଗଲକୁ ଝାରାମୁଣ୍ଡା ଗ୍ରାମର ଇଲିଆସ ଯୋଯୋ(୪୦) ଓ ତାଙ୍କ ସ୍ତ୍ରୀ ପ୍ୟାରୀ (୩୫) କାଠ ସଂଗ୍ରହ କରିବା ପାଇଁ ଶୁକ୍ରବାର ସକାଳ ୯ଟାରେ ଯାଇଥିଲେ। ଜଙ୍ଗଲରେ ଏକ ହାତୀ ହାବୁଡରେ ପଡିଯାଇଥିଲେ। ହାତୀ ଇଲିଆସଙ୍କୁ ଶୁଣ୍ଢରେ ଠେଲି ପକାଇ ଦେଲା ପରେ ତାଙ୍କ ଜଙ୍ଘରେ ମାଡ଼ି ଦେଇଥିଲା। ତାଙ୍କ ସ୍ତ୍ରୀ ପ୍ୟାରୀଙ୍କୁ ଶୁଣ୍ଢରେ ପିଟିବାରୁ ତାଙ୍କ ହାତରେ ଆଘାତ ହୋଇଛି। ଘଟଣା ପରେ ଉଭୟେ ବହୁ କଷ୍ଟରେ ୨ କି.ମି ଆସିଲା ପରେ ଫୋନରେ ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ଉଦ୍ଧାର କରି ଗ୍ରାମକୁ ଆଣିଥିଲେ ଓ ୧୦୮ ଆମ୍ବୁଲାନ୍ସରେ ସୁନ୍ଦରଗଡ଼ ମେଡିକାଲ ନେଇଛନ୍ତି।

## PARADIP PORT AUTHORITY

MARINE DEPARTMENT
No.MD/SHS/TECH-16/2022/93,Dated:23.01.2023

**Third Corrigendum to e-Tender Call Notice No: MD/SHS/TECH-16/2022/1252 Dt.18.11.2022**

Name of the Work : " Maintenance dredging of 9.5 Million $M^3$ quantity from Approach Channel Entrance Channel, Turning Circle, Docks, Sand Trap of Paradip Port Authority for one year i.e. for the year 2023-24 including Mobilization/De-mobilization extendable for one more year i.e. for the year 2024-25 with same rates, terms and conditions as required by PPA ". Estimated Cost : Rs.158.00 Crores Plus GST. With reference to the above tender, the date & time for submission and opening of tender through on-line bidding is hereby extended as follows:Last Date & Time of Submission of Bids :1500 hours on Dt.08.02.2023. Date & Time for Opening of Tech. Bids : 1500 hours on Dt.09.02.2023. For further details, please log on to the Website: https://eprocure.gov.in/eprocure/app .

Dy. Conservator, PPA
PPA/PR/221/2022-23, Dt.25.1.2023

## GOVERNMENT OF ODISHA, "e"-PROCUREMENT NOTICE
## WORKS DEPARTMENT

E-mail: ceworldbankprojects@gmail.com

**3rd Corrigendum to Bid Identification No. CE-W.B.P. (O)-09/2022-23**

**No. B-1186:-** The tender invited for the work:- Construction of ROB on Jagatsinghpur - Jaipur road in Lieu of L.C. No.CP-29 (Chhapada) at road Ch.10.848 km on Cuttack - Paradeep Railway Main line in the District of Jagatsinghpur under State Plan, Tender ID No. 2022_EICCL_78844_1 is hereby cancelled as per Government in Works Department, Odisha letter No. 844 dt.17.01.2023.

Sd./- Chief Engineer
World Bank Project, Odisha
OIPR-34003/11/0067/2223

## GOVERNMENT OF ODISHA
## OFFICE OF THE ENGINEER-IN-CHIEF RURAL WORKS : BHUBANESWAR

**CORRIGENDUM**

**Notice inviting Expression of Interest for engagement of individuals as "State Quality Monitor". ID No: EOI-18/SQC Dt.09.01.2023.**

**No.O-1719:**Reference to subject "Expression of Interest for engagement of individuals as SQM" vide ID No. EOI-18/SQC dt. 09.01.2023. Last date of submission of application extended from 25th January 2023 to 15th February 2023. All other terms and condition shall remain unchanged. Further enquiry, if any, can be made with State Quality Co-ordinator, Office of the EIC, Rural Works, Odisha, Bhubaneswar. Email ID: sqc.odisha@yahoo.in, **Mobile-9437255400**. Details of the EOI is also available in the website : **www.rd.odisha.gov.in**.

OIPR-25123/11/0025/2223 Sd/-Chief Engineer, PMGSY

## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION, DHARMAGARH

Tel:- 06672242823; Email:- rw_dharmagarh@yahoo.com

**BID IDENTIFICATION NO. DMGH/Online-15 OF 2022-23 Date: 24.01.2022**

**"e" PROCUREMENT NOTICE**

No. O-1706:- Bid documents consisting of Work, Estimate Cost, Cost of tender Paper, EMD, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. webstite i.e. **www.tendersorissa.gov.in**.

1. Name of the Work : Road & building works in the District of Kalahandi as mentioned in DTCN
2. Total No. of Works : 9 Nos.
3. Estimated Cost : Rs.2.52 to 34.93 Lakhs
4. Period of Completion : 1 Calendar Month
5. Other Details:

| Availability of Tender online for bidding | | Last date & time of seeking tender clarification | Date & time of Opening of tender |
|---|---|---|---|
| From | To | | |
| **01.02.2023 at 10.00 AM** | **10.02.2023 Up to 5.00 PM** | **08.02.2023 Up to 5.00 PM** | **13.02.2023 at 11.00 AM** |

Further details can be seen from the website **www.tendersorissa.gov.in**

**Sd./- Executive Engineer, Rural Works Division, Dharmagarh**
OIPR-25100/11/0017/2223

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SAMBALPUR

E-Mail-serwcirclesbp@yahoo.com
No.206/ RWCSBP/ Dated 27.01.2023

**1st Corrigendum to this office Bid ID No.Bridge Tender Online RWCSBP-25/2022-23**

**No.O-1718:**Following modification is hereby made to the e-procurement notice invited vide this office letter No.177 dt.21.01.2023 for Bid ID No.Bridge Tender Online RWCSBP-25/2022-23.

1. In the NIT, the Column No. 2, (Summary of key dates....) of table at Sl. No.08 may be read as Bridge Tender Online RWCSBP-25/2022-23 instead of Bridge Tender Online RWCSBP-24/2022-23.
2. In Annexure-I of NIT, Sl. No -4, Column No-7 may be read as Padampur instead of Bargarh.

Rest of the terms and conditions remain unchanged.

Sd./- Chief Construction Engineer
Rural Works Circle, Sambalpur
OIPR-25091/11/0035/2223

## GOVERNMENT OF ODISHA, OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNDARGARH

No. O-1713

AT/PO- SANKARA, SUNDARGARH-770020, E-mail address-serw_sundargarh@yahoo.com

**No. Tender Online - RWCCESNG-28 of 2022-23, Letter No.207/Dtd 24.01.2023**

**e-Procurement NOTICE**

**1. Type of the Work :-** Bridge (BSY). **2. Class of Contractor :-** As specified in the Column-6 of the Annexure. **3. Time of Completion:-** As specified in the Column-5 of the Annexure. **4. Detail Projects:-** As per Annexure attached. **5. Estimated Cost:-** As specified in the Column-4 of the Annexure. **6. Other details:-**

| Procurement Officer | Bid Identification No. | Availability of tender On-line for bidding | | Last Date & Time of Seeking Tender Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 28 of 2022-23 | 01.02.2023 11.00 A.M. | 21.02.2023 5.00 PM | 20.02.2023 5.00 PM | 22.02.2023 11.00 AM | Will be intimated separately |

**Further details can be seen from the website: www.tendersodisha.gov.in**

OIPR-25133/11/0036/2223 Sd./- Chief Construction Engineer, Rural Works Circle, Sundargarh

## Office of the Collector & District Magistrate, Balasore
### (Tourism Section)

No.48 Date: 27.01.23

**EXPRESSION OF INTEREST**

No.R-18:- Government of Odisha have launched a scheme, namely "**Baristha Nagarika Tirtha Yatra Yojana**" for senior Citizens of the State for realisation of their lifelong dream of having one Tirtha Darshan (Pilgrimage) in collaboration with IRCTC ( A Govt. of India undertaking).

Expression of Interest is invited from reputed Event Management Agencies/Firms/Hoteliers/Kalyani Mandaps with experience in event management for making arrangement of accommodation, fooding & other logistic arrangement for 1000 nos. of pilgrims each who shall be travelling by train on a pilgrim tour from Balasore. The Agency shall arrange all pre travel requirements for these pilgrims before boarding.

Last date of submission of EOI is **04.02.2023 up to 3 P.M.**

The Terms of References may be collected from the District Tourist Office, Government of Odisha, Police Line, Balasore or may be downloaded from the district website **www.baleswar.nic.in**.

**Sd./- Collector & D.M., Balasore**
OIPR-24242/11/0009/2223

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା ୧୦୩୫/IND-II-PH-1136 ତାରିଖ ୨୫.୦୧.୨୦୨୩
No. CAD-4639

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମେସର୍ସ ମିଶ୍ରୀଲାଲ ମାଇନ୍ସ ପ୍ରାଇଭେଟ ଲିମିଟେଡ ଓଡ଼ିଶାର ଯାଜପୁର ଜିଲ୍ଲା ସୁକିନ୍ଦା ତହସିଲ ଅନ୍ତର୍ଗତ ପଙ୍କପାଳ ଗ୍ରାମରେ ଘଣ୍ଟା ପ୍ରତି ୩୦ ଟନ୍ କ୍ଷମତା ବିଶିଷ୍ଟ କ୍ରୋମ ଓର ବେନେଫିସିଏସନ ପ୍ଲାଣ୍ଟ (ବାର୍ଷିକ ୧,୯୮,୦୦୦ ଟନ୍ ଥ୍ରୋପୁଟ ଏବଂ ବାର୍ଷିକ ୯୭,୦୦୦ ଟନ୍ କ୍ରୋମ କଂସେଣ୍ଟ୍ରେଟ ଉତ୍ପାଦନ) ପ୍ରତିଷ୍ଠା ନିମନ୍ତେ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority (SEIAA)) ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ । ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୨୮।୦୨।୨୦୨୩ରିଖ ଦିବା ୧୧.୦୦ ଘଟିକା ସମୟରେ **ଯାଜପୁର ଜିଲ୍ଲା, ସୁକିନ୍ଦା ତହସିଲ ଅନ୍ତର୍ଗତ କଳିଙ୍ଗନଗର ପଙ୍କପାଳସ୍ଥିତ ଜେ.ସି.ଡି.-ଏନ.ଆଇ.ଏମ.ଜେଡ୍ ନିକଟ ଜେ.ସି.ଡି.ଏଲ୍ କ୍ୟାମ୍ପସଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନା କରିପାରିବେ ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ଯାଜପୁର** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ଯାଜପୁର**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ଯାଜପୁର**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **କଳିଙ୍ଗ ନଗର, ଯାଜପୁର**।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **କଳିଙ୍ଗନଗର, ଯାଜପୁର**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./-ସଦସ୍ୟ ସଚିବ
OIPR-08012/11/0408/2223

## ODISHA PVTG EMPOWERMENT & LIVELIHOODS IMPROVEMENT PROGRAMME
## ST & SC DEVELOPMENT DEPARTMENT
## PROGRAMME MANAGEMENT UNIT

2ND FLOOR, TDCC BUILDING, RUPALI SQUARE, BHUBANESWAR -751022
Notice No. 325/Date: 25.01.2023

**ENGAGEMENT OF PROJECT MANAGER, SOCIAL MOBILISER AND JUNIOR AGRICULTURE OFFICER FOR MPAs UNDER OPELIP**

No.CAD-4633:- Programme Director, OPELIP invites applications from eligible candidates for the post of **Project Manager, Social Mobiliser** and **Junior Agriculture Officer** to be positioned at different MPAs under OPELIP purely on contractual basis. Application form along with the detail ToR can be downloaded from the Website i.e, **www.opelip.org**. Last date of receipt of applications by **Speed Post/Registered Post/Courier Service** only is **dt.13.02.2023 up to 5.00 PM.** Only short-listed candidates will be called for interview for engagement. Programme Director, OPELIP reserves the right to accept or reject the applications without assigning any reason thereof.

**Date: 25.01.2023**
**Place: Bhubaneswar**

**Sd./- Programme Director**
OIPR-26024/11/0012/2223

## Government of Odisha
## Office of the Superintending Engineer, Rural Works Division, Nabarangpur

No. O-1708

e-mail- eerwngp@rediffmail.com, Phone No.222023

Letter No. 374 **e-Procurement Notice** Date: 24.01.2023

**Name of the work:-** Building Works; **Total No. of works :-** 03 (Three) Nos.; **Approx. Estimated Cost :-** Rs.46.67 lakhs to Rs.48.08 Lakhs; **Class of Contractor :-** "B" Class of Contractor; **Period of Completion :-** 06 (Six) Calendar Months

| Procurement Officer | Bid Identification No. | No. of works | Availability of tender online for bidding | | Date & Time of Opening of Tender |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Rural Works Division-I, Nabarangpur | EERWNGP-Online-09/2022-23 | 3 (Three) Nos. | 04.02.2023 at 10.00 AM | 13.02.2023 upto 03.00 PM | 14.02.2023 at 11.00 AM |

For details can be seen from the Government website: **www.tendersorissa.gov.in**

OIPR-25092/11/0011/2223 **Sd./- Superintending Engineer, Rural Works Division, Nabarangpur**

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE CHIEF ENGINEER & BASIN MANAGER, SUBARNAREKHA AND BUDHABALANGA BASIN

No. A-1073

AT/PO:- LAXMIPOSI, DIST:- MAYURBHANJ
Mail Id: cebmsbb2019@gmail.com

**Government of Odisha "e" Procurement Notice**
**Bid Identification No. 23/22-23 of CEBM, SBB, Laxmiposi**

| | | |
|---|---|---|
| i | Name of Works | a) Bank protection work on left bank of river Budhabalanga near village Kanchanpal.<br>b) Bank Protection work to the right and left bank of river Sono near village Kukudagadi, Kusunpur (Sundhal), Sudsudia, Gadasahi, Mahuldiha (College Side), Mahuldiha (Bridge Side), Kaptipada (Dasara Padia) and Janakpur under Kaptipada Block. |
| ii | Estimated Cost (Lakh) | a) Rs.562.07 Lakh<br>b) Rs.686.46 Lakh |
| iii | Bid Security/EMD | For a) Rs.5,62,100/-<br>& For b) Rs.6,86,500/- |
| iv | Period of Completion | 11 (Eleven) Calendar Months |
| v | Date & Time of availability of bid document in the portal | 31.01.2023 at 10.00 AM |
| vi | Last date/time for receipt of bid in the portal | 15.02.2023 up to 5.00 PM |
| vii | Name & Address of the O.I.T. | Chief Engineer & Basin Manager, O/o the CE&BM, Subarnarekha & Budhabalanga Basin, Laxmiposi, Mayurbhanj |

Further details can be seen from the e-procurement portal "https://tendersodisha.gov.in"

**Sd./- Chief Engineer & Basin Manager**
**Subarnarekha & Budhabalanga Basin, Laxmiposi**
OIPR-32074/11/0012/2223

## DISTRICT PROJECT OFFICE
## SAMAGRA SHIKSHA, DEOGARH (ODISHA)

Notice No. 135/ Date 25.01.2023

**NOTICE INVITING TENDER (NIT)**

Sealed tenders are invited from the reputed & credible printers / firms/ agencies for printing & supply of "Question cum Answer Sheets, Answer Key & Oral Questions" for SA-II 2022-23 for Class-I to VIII Students in two bid systems (Technical & Commercial Bid) as detailed below.

| Name of the tender | Bid processing fees | Amount of EMD | Last date & time of receipt of bid | Date & time of opening of Technical Bid |
|---|---|---|---|---|
| Printing & Supply of Question cum Answer Sheet for SA-II 2022-23 | Rs.2000/- (Two thousand) only | Rs.15000/- | 15.02.2023 by 4.00 P.M. | 16.02.2023 at 04.00 P.M. |

The detailed BID document is available in the website **www.deogarh.nic.in**, **www.osepa.odisha.gov.in**. Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above website. Hence potential bidders are requested to be in continuous touch with the above website.

The Tender Inviting Authority (TIA) reserves the right to accept / reject any full or part / all BID / cancel the entire selection process at any stage without assigning any reason thereof.

By the order of Collector-cum-Chairman
**Sd./- District Project Co-ordinator**
**Samagara Shiksha, Deogarh**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଡୁଡୁଲୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଆର୍‌ଏସ୍‌ରେ ଗମାଙ୍ଗ, ପାଙ୍ଗୀ

■ ଚାର୍ଟର ଫ୍ଲାଇଟ୍, ବସ୍ ଯୋଗେ ଓଡ଼ିଶାରୁ ଗଲେ ବହୁ ନେତା, କର୍ମୀ

■ ଭୁବନେଶ୍ୱରରେ ବଡ଼ ସମାବେଶ କରିବାକୁ କେସିଆର୍‌ଙ୍କ ଲକ୍ଷ୍ୟ

ଭୁବନେଶ୍ୱର,୨୭ା୧(ବ୍ୟୁରୋ)

ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓ(କେସିଆର୍)ଙ୍କ ଭାରତ ରାଷ୍ଟ୍ର ସମିତି(ବିଆର୍‌ଏସ୍) ଶୁକ୍ରବାର ଆନୁଷ୍ଠାନିକ ଭାବେ ଓଡ଼ିଶାରେ ନିଜର ପାଦ ଥାପିଛି। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ପୂର୍ବତନ ମନ୍ତ୍ରୀ ଜୟରାମ ପାଙ୍ଗୀଙ୍କ ସମେତ ଏକାଧିକ ପୂର୍ବତନ ଏମ୍‌ପି, ବିଧାୟକଙ୍କ ସମେତ ଶତାଧିକ ନେତା ଓ କର୍ମୀ ହାଇଦ୍ରାବାଦର ବିଆର୍‌ଏସ୍ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ସେମାନେ କେସିଆର୍‌ଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବେ ବିଆର୍‌ଏସ୍‌ରେ ସାମିଲ ହୋଇଛନ୍ତି। ବିଆର୍‌ଏସ୍ ଗଠନର ସଂକଳ୍ପ ସମ୍ପର୍କରେ ଅବଗତ କରିବା ସହ କେସିଆର୍ ଆରମ୍ଭରୁ ଓଡ଼ିଶା ପ୍ରତି ନିଜର ଆଭିମୁଖ୍ୟ ପୋଷଣ କରିଛନ୍ତି।

ବିଆର୍‌ଏସ୍ କାର୍ଯ୍ୟାଳୟଠାରେ ଓଡ଼ିଶାରୁ ଯାଇଥିବା ବିଭିନ୍ନ ବର୍ଗର ବ୍ୟକ୍ତିଙ୍କୁ ଏହି ଦଳରେ ଆନୁଷ୍ଠାନିକ ଭାବେ ସାମିଲ କରାଯାଇଛି। ଏକ ସ୍ୱତନ୍ତ୍ର ଚାର୍ଟର ଫ୍ଲାଇଟ୍ ଓ ୧୦ଟି ବସ୍ ଯୋଗେ ଏହି ନେତାମାନେ ହାଇଦ୍ରାବାଦରେ ପହଞ୍ଚିଥିଲେ। ବିଆର୍‌ଏସ୍‌ରେ ସାମିଲ ହୋଇଥିବା ଓଡ଼ିଶାର ନେତାମାନେ ହେଉଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର, ତାଙ୍କ ସ୍ତ୍ରୀ ହେମା ଗମାଙ୍ଗ ଓ ପୁଅ ଶିଶିର ଗମାଙ୍ଗ, ପୂର୍ବତନ ମନ୍ତ୍ରୀ ଜୟରାମ, ମୟୂରଭଞ୍ଜ ପୂର୍ବତନ ଏମ୍‌ପି ରାମଚନ୍ଦ୍ର ହାଁସଦା, ପୂର୍ବତନ ବିଧାୟକ ନବୀନ ନନ୍ଦ, ରଥ ଦାସ, ଅର୍ଜୁନ ଦାସ, ରାଘବ ସେଠୀ, ଦେବରାଜ ସେଠୀ, ବୃନ୍ଦାବନ ମାଝିଙ୍କ ସମେତ ଚାଷୀନେତା ଅକ୍ଷୟ କୁମାର, ଶେଷଦେବ ନନ୍ଦ, ଆର୍‌ଟିଆଇ କର୍ମୀ ପ୍ରଦୀପ ପ୍ରଧାନ, କଂଗ୍ରେସ ନେତା କୈଳାସ ମୁଖୀ, ରାଜେଶ ପାତ୍ର, ରବୀନ୍ଦ୍ର ପ୍ରଧାନ ପ୍ରମୁଖ ବିଆର୍‌ଏସ୍‌ରେ ସାମିଲ ହୋଇଛନ୍ତି।

ଏହି ନେତାମାନଙ୍କୁ ଦଳକୁ ସ୍ୱାଗତକରି କେସିଆର୍ କହିଛନ୍ତି, ଓଡ଼ିଶାରେ ମହାନଦୀର ମାତ୍ର ୨୫-୩୦ ପ୍ରତିଶତ ଜଳ ଉପଯୋଗ ହେଉଥିବା ବେଳେ ପ୍ରାୟ ୫୫ ପ୍ରତିଶତ ଜଳ ସମୁଦ୍ରକୁ ଯାଉଛି। ଆବଶ୍ୟକତାରୁ ଅଧିକ ଜଳ ନଷ୍ଟ ହେଉଛି। ଏହି ଜଳକୁ ଲୋକଙ୍କ ପିଇବା, ଜଳସେଚନ ଓ ବିଦ୍ୟୁତ୍ ଉତ୍ପାଦନ କାର୍ଯ୍ୟରେ ଉପଯୋଗ କରାଯାଇପାରନ୍ତା। ବ୍ରାହ୍ମଣୀ, ବୈତରଣୀ ସହ ଆଉ ଛୋଟ ଛୋଟ ନଦୀ ମଧ୍ୟ ଅଛି। ନଦୀଜଳ ସମୁଦ୍ରରେ ନଷ୍ଟ ହେଉଛି, କିନ୍ତୁ କାହିଁକି ଲୋକଙ୍କ କାମରେ ଲାଗିପାରୁନାହିଁ। ଓଡ଼ିଶାର ଢେଙ୍କାନାଳ ଓ ତାଳଚେରରେ ଉଚ୍ଚମାନର କୋଇଲା ମିଳୁଛି। ଓଡ଼ିଶାର କୋଇଲା ଖଣି କାହା କାମରେ ଲାଗୁଛି। ଓଡ଼ିଶାରେ ଦୀର୍ଘଦିନ ଧରି ଚାଷୀ ଆନ୍ଦୋଳନ ଜାରି ରହିଛି। ନିର୍ବାଚନ ଜିତିବା ପାଇଁ ନୂଆ ନୂଆ ପ୍ରତିଶ୍ରୁତି ଦେଇ ଭୋଟ ପାଇଲା ପରେ ସେସବୁ ଭୁଲିଯାଉଛନ୍ତି। ଆସନ୍ତା ଏପ୍ରିଲରେ କେସିଆର୍‌ଙ୍କ ଉପସ୍ଥିତିରେ ଏକ ବିଶାଳ ସମାବେଶ ଭୁବନେଶ୍ୱରରେ କରିବା ଲାଗି ଲକ୍ଷ୍ୟ ରହିଥିବା ଜଣାପଡ଼ିଛି।


ହାଇଦ୍ରାବାଦସ୍ଥିତ ବିଆର୍‌ଏସ୍ କାର୍ଯ୍ୟାଳୟରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ପୂର୍ବତନ ମନ୍ତ୍ରୀ ଜୟରାମ ପାଙ୍ଗୀଙ୍କୁ ସ୍ୱାଗତ କରୁଛନ୍ତି।

## ପ୍ରଭାବ ପଡ଼ିବ ନାହିଁ: ସପ୍ତଗିରି

କୋରାପୁଟ, ୨୭ା୧(ସ୍ୱ.ପ୍ର.)

ଅବିଭକ୍ତ କୋରାପୁଟ ଜିଲାର ବହୁ ନେତା ଭାରତ ରାଷ୍ଟ୍ର ସମିତି(ବିଆର୍‌ଏସ୍)ରେ ସାମିଲ ହୋଇଥିବାରୁ ଏଠାରେ ୨୦୨୪ ସାଧାରଣ ନିର୍ବାଚନରେ ପ୍ରଭାବ ପଡ଼ିପାରେ ବୋଲି ରାଜନୈତିକ ବିଶେଷଜ୍ଞଙ୍କ ମହଲରେ ଆଲୋଚନା ହେଉଛି। ମାତ୍ର ଏହାର କିଛି ପ୍ରଭାବ ପଡିବ ନାହିଁ ବୋଲି କଂଗ୍ରେସର ବରିଷ୍ଠ ନେତା ତଥା କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା ଏବଂ କୋରାପୁଟ ବିଧାୟକ ରଘୁରାମ ପଡ଼ାଲ ପ୍ରମୁଖ ଶୁକ୍ରବାର କହିଛନ୍ତି।

# ୧୬୯ ସମ୍ପ୍ରଦାୟକୁ ଏସ୍‌ଟି ତାଲିକାରେ ଅନ୍ତର୍ଭୁକ୍ତ ନ କଲେ ଆନ୍ଦୋଳନ: ବିଜେଡି

ଭୁବନେଶ୍ୱର,୨୭ା୧(ବ୍ୟୁରୋ)

ରାଜ୍ୟ ସରକାର ଆଦିବାସୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରୁଥିବାବେଳେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ସର୍ବଦା ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟକୁ ଅବହେଳା କରିଆସୁଛି। ୧୬୯ଟି ଅନୁସୂଚିତ ଜନଜାତି ସମ୍ପ୍ରଦାୟକୁ ଏସ୍‌ଟି ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ କେନ୍ଦ୍ର ସରକାର ଏହା ଉପରେ ଦୃଷ୍ଟି ଦେଉନାହାନ୍ତି। ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ବିଜେଡି ଏବଂ ଆଦିବାସୀ ସମ୍ପ୍ରଦାୟ ସ୍ୱର ଉତ୍ତୋଳନ କରିବା ସହ ରାସ୍ତାକୁ ଓହ୍ଲାଇବେ ବୋଲି ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ମାଝି କହିଛନ୍ତି।

ବିଜୁ ଯୁବ ଜନତା ଦଳ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଦୀପ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୧୭ ବ୍ଲକ, ୨୦୨୨ ଗ୍ରାମପଞ୍ଚାୟତ, ୧୮୬୮୭ ଗାଁ ଏବଂ ୧୪.୦୫ ଲକ୍ଷ ଅନୁସୂଚିତ ଜନଜାତି ପରିବାରକୁ ଅନ୍ତର୍ଭୁକ୍ତ କରି ଓଡ଼ିଶାର ୯ଟି ଆଦିବାସୀ ବହୁଳ ଜିଲାରେ ୫ ଲକ୍ଷ ଆଦିବାସୀ ବାଳିକାଙ୍କ ପାଇଁ ହଷ୍ଟେଲ, ସ୍ୱତନ୍ତ୍ର ବିକାଶ ପରିଷଦ ଯୋଗାଇ ଦେଇଛନ୍ତି। ୧୬୯ ଅନୁସୂଚିତ ଜନଜାତି ସମ୍ପ୍ରଦାୟକୁ ଓଡ଼ିଶାର ଏସ୍‌ଟି ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ରାଜ୍ୟ ସରକାର ପ୍ରାୟ ୧୬୯ ପ୍ରସ୍ତାବ ଦେଇସାରିଲେଣି। ଓଡ଼ିଶା ସରକାରଙ୍କ ବାରମ୍ବାର ଚିଠି ସତ୍ତ୍ୱେ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ସେମାନଙ୍କୁ ଏସ୍‌ଟି ତାଲିକାରେ ଅନ୍ତର୍ଭୁକ୍ତ କରୁନାହାନ୍ତି ବୋଲି ପ୍ରଦୀପ ଅଭିଯୋଗ କରିଛନ୍ତି।


## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଏସଂଯୁକ୍ତା ମହାପାତ୍ର
ମାର୍କୋଣା, ସିମୁଳିଆ
ଆବିର୍ଭାବ: ୧୩ା୦୬ା୧୯୬୬
ତିରୋଧାନ: ୦୮ା୦୨ା୨୦୨୨
ଆମ ସମସ୍ତଙ୍କୁ ଶୋକସାଗରରେ ଭସାଇ ଆରପାରିକୁ ଚାଲିଯିବାର ଏକ ବର୍ଷ ବିତିଗଲା। ଆପଣଙ୍କ ତ୍ୟାଗ ଓ ପରୋପକାରିତା ଆମମାନଙ୍କର ପଥ ପ୍ରଦର୍ଶକ ହେବ। ଜଗତରନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ସ୍ୱାମୀ: କମଳାକାନ୍ତ, ଝିଅ: ମାନସୀ, ନଣନ୍ଦ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୨୫୯୭

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



ଏଜୟଶ୍ରୀ ମହାନ୍ତି
A-79, ସେକ୍ଟର-୬, ରାଉରକେଲା
ଆବିର୍ଭାବ-୦୫ା୦୩ା୧୯୬୮
ତିରୋଧାନ- ୧୮ା୦୨ା୨୦୨୧
(ଶୁକ୍ଳ ପକ୍ଷ ମାଘ ସପ୍ତମୀ)
ଜିଇଁଥିଲା ବେଳେ ସ୍ନେହ-ପ୍ରେମର ପଣତରେ ଆପଣାର ମଣିଷର ଦୁଃଖକୁ ପୋଛିଦେବା ପାଇଁ ଯଥେଷ୍ଟ ହେଲାନାହିଁ ଯେ ଅଧିକରୁ ଅଧିକ ଲୋକଙ୍କୁ ସ୍ନେହ ବାଣ୍ଟିବାକୁ ଦୁଇ ବରଷ ପୂର୍ବେ ଆରପାରିକୁ ଚାଲିଗଲ। ଏବେବି ତୁମର ହସହସ ମୁହଁ, ଭଲପାଇବା ଓ ଆପଣାର କରିବା, ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ଶିକ୍ଷାଦାନ ଓ ପରୋପକାର ଆମ୍ଭ ସମସ୍ତଙ୍କ ହୃଦୟରେ ସତେଜ ରହିଛି। ପ୍ରଭୁ ଶ୍ରୀଜଗନ୍ନାଥ ତୁମ ଅମର ଆତ୍ମାର ସଦ୍‌ଗତି କରାନ୍ତୁ ବୋଲି ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ବାବା, ବୋଉ, ସ୍ୱାମୀ, ଗୁଡ୍ଡୁ, ପୁତୁଲ, ମିତୁ, ଗୁନ୍‌ଗୁନ୍, ଭାଇ: ରାକେଶ, ପୁଅ: ଦୀପୁ, ସାଙ୍ଗସାଥୀ, ଛାତ୍ରଛାତ୍ରୀ, ବନ୍ଧୁ ଓ ପରିଜନବୃନ୍ଦ।
ଧ-୨୫୯୯


## ୭ ଦିନରେ ଠିକ୍ ତାଲିକା ପ୍ରସ୍ତୁତ କର ନଚେତ୍ ବ୍ଲକ ଆଗରେ ବିକ୍ଷୋଭ: କଂଗ୍ରେସ

ଭୁବନେଶ୍ୱର,୨୭ା୧(ବ୍ୟୁରୋ)

ଅବାସ ଯୋଜନାର ହିତାଧିକାରୀ ଚୟନରେ ରାଜ୍ୟ ସରକାର ଯେଉଁଭଳି ଭାବେ ନିଜ ଦଳୀୟ ଭିତରେ ହିତାଧିକାରୀ ଚୟନ କରୁଛନ୍ତି ସେଥିରୁ ନିବୃତ ରୁହନ୍ତୁ। ପ୍ରକୃତ ବାସହୀନଙ୍କୁ କିଭଳି ଘର ମିଳିବ ସେଥିପ୍ରତି ସରକାର ଧ୍ୟାନ ଦିଅନ୍ତୁ। ହିତାଧିକାରୀ ଚୟନ କ୍ଷେତ୍ରରେ ଜାଲ ହିତାଧିକାରୀଙ୍କୁ ତାଲିକାରେ ଅନ୍ତର୍ଭୁକ୍ତ କରିବା ସରକାର ଏବଂ ବିଜେଡି ପାଇଁ ବହୁ ମହଙ୍ଗା ପଡ଼ିବ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଏକ ପ୍ରେସ ବିବୃତି ଜରିଆରେ କହିଛନ୍ତି। ଯଦି ଆସନ୍ତା ୭ ଦିନ ଭିତରେ ଠିକ୍ ତାଲିକା ପ୍ରସ୍ତୁତ କରା ନ ଯାଏ ତେବେ କଂଗ୍ରେସ ରାଜ୍ୟରେ ପ୍ରତ୍ୟେକ ବ୍ଲକ କାର୍ଯ୍ୟାଳୟ ସାମ୍ନାରେ ବିକ୍ଷୋଭ କରିବ। ଗରିବ ହିତାଧିକାରୀଙ୍କ ସ୍ୱାର୍ଥ ପାଇଁ କଂଗ୍ରେସ ପ୍ରତ୍ୟେକ ସ୍ତରକୁ ଓହ୍ଲାଇବା ପାଇଁ ପ୍ରସ୍ତୁତ ଅଛି। ଦଳୀୟ ଭିତରେ ଘର ବାଣ୍ଟିବା ରାଜନୀତି ସମ୍ପୂର୍ଣ୍ଣରୂପେ ଜନସ୍ୱାର୍ଥବିରୋଧି ବୋଲି ସେ କହିଛନ୍ତି।

# ପଦଯାତ୍ରା ବାତିଲ କଲେ ରାହୁଲ

## ଭାରତ ଯୋଡ଼ୋ ଯାତ୍ରା ସୁରକ୍ଷାରେ ତ୍ରୁଟି

ନୂଆଦିଲ୍ଲୀ,୨୭ା୧

ହଠାତ୍ ସୁରକ୍ଷା ବ୍ୟବସ୍ଥା ପ୍ରତ୍ୟାହାର କରିନିଆଯିବାରୁ ଶୁକ୍ରବାର ଭାରତ ଯୋଡ଼ୋ ଯାତ୍ରାରେ ସୁରକ୍ଷାଜନିତ ତ୍ରୁଟି ଦେଖାଦେବା ସହ ଗହଳି ପରିଚାଳନା କରିବାରେ ଜମ୍ମୁ-କଶ୍ମୀର ପ୍ରଶାସନ ବିଫଳ ହୋଇଥିବା ଅଭିଯୋଗ ହୋଇଛି। ଫଳରେ କାଜିଗୁଣ୍ଡଠାରେ ପଦଯାତ୍ରାକୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ବନ୍ଦ ରଖିଛନ୍ତି। ପୋଲିସ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିଲା ବୋଲି ରାହୁଲ ଅଭିଯୋଗ କରିଛନ୍ତି। ଗହଳି ପରିଚାଳନା ପାଇଁ ନିୟୋଜିତ ଥିବା ପୋଲିସଙ୍କୁ କେଉଁଠି ଦେଖିବାକୁ ମିଳି ନ ଥିଲା। କଂଗ୍ରେସ ନେତାଙ୍କ ସହ ଆଗକୁ ପଦଯାତ୍ରାରେ ଯିବାରେ ତାଙ୍କ ସୁରକ୍ଷା କର୍ମଚାରୀମାନେ ଅସୁବିଧା ଅନୁଭବ କରିଥିଲେ। ଫଳରେ ଯାତ୍ରାକୁ ବାତିଲ କରିବାକୁ ପଡ଼ିଲା ବୋଲି ରାହୁଲ ଅନନ୍ତନାଗଠାରେ କହିଛନ୍ତି।

ରାହୁଲ ଶୁକ୍ରବାର କାଜିଗୁଣ୍ଡଠାରେ ପହଞ୍ଚିବା ପରେ ଦକ୍ଷିଣ କଶ୍ମୀରର ଭେସୁ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ତେବେ ଯାତ୍ରାର ବାହାର ପରିସର ସୁରକ୍ଷା ଦାୟିତ୍ୱରେ ଥିବା ଜମ୍ମୁ-କଶ୍ମୀର ପୋଲିସ ହଠାତ୍ ଉଭାନ ହୋଇଯାଇଥିଲେ ବୋଲି ଅଭିଯୋଗ ହୋଇଛି। ଶୁକ୍ରବାର ୧୧ କିଲୋମିଟର ଚାଲିବା ଯୋଜନା ଥିବାବେଳେ ଅଳ୍ପ କିଛିବାଟ ପରେ ଯାତ୍ରାକୁ ବନ୍ଦ କରିବାକୁ ପଡ଼ିଥିଲା। ପଦଯାତ୍ରାରେ ରାହୁଲଙ୍କ ସହ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାଶନାଲ କନ୍‌ଫରେନ୍ସ ଉପାଧ୍ୟକ୍ଷ ଓମାର ଅବଦୁଲ୍ଲା ସାମିଲ ଥିଲେ। ଖାନାବଲଠାରୁ ଯାତ୍ରା ପୁଣିଥରେ ଆରମ୍ଭ ହେବ ବୋଲି ରାହୁଲ କହିଛନ୍ତି।

ଅନ୍ୟପକ୍ଷରେ ଭାରତ ଯୋଡ଼ୋ ଯାତ୍ରାରେ ସୁରକ୍ଷାରେ ତ୍ରୁଟି ହୋଇ ନ ଥିବା ଜମ୍ମୁ-କଶ୍ମୀର ପୋଲିସ ପକ୍ଷରୁ କୁହାଯାଇଛି। ବନିହାଲରୁ ଯାତ୍ରାରେ ବହୁ ଅଧିକ ଲୋକ ସାମିଲ ହେବା ନେଇ ଆୟୋଜକମାନେ ପୋଲିସକୁ ଜଣାଇ ନ ଥିଲେ ବୋଲି ଅତିରିକ୍ତ ଡିଜି ବିଜୟ କୁମାର କହିଛନ୍ତି। ସେହିପରି ଯାତ୍ରା ବନ୍ଦ ସମ୍ପର୍କରେ ମଧ୍ୟ ପୋଲିସ ସହ ପରାମର୍ଶ କରାଯାଇ ନାହିଁ ବୋଲି କଶ୍ମୀର ଉପତ୍ୟକାର ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ଏଡିଜି କହିଛନ୍ତି।


ଭାରତ ଯୋଡ଼ୋ ଯାତ୍ରା ଅବସରରେ ଜମ୍ମୁ-କଶ୍ମୀର ବନିହାଲଠାରେ ଜଣେ ସମର୍ଥକଙ୍କ ସହ କଂଗ୍ରେସ ନେତା ରାହୁଲ ଗାନ୍ଧୀ।


# Classified Everyday 0674-2580101, 2549949




SALE

Tata Hywa (Model-3118) 2018-5nos, Tata Hywa (Model-2518) 2016-4nos. Contact. 9827516256, 7504690838. D-74200




SALE

ଭୁବନେଶ୍ୱର ବାଲିଅନ୍ତା ଭିଙ୍ଗାରପୁରରେ 30ft ରେଭିନ୍ୟୁ ରୋଡ୍‌କୁ ଲାଗି boundary ସହ ଘରବାରି ପ୍ଲଟ୍ ବିକ୍ରିହେବ। 9984716649, 8249451709, 9437246321. D-2550

ଭୁବନେଶ୍ୱର ନଖରା **2nd Sum Hospital** ନିକଟବର୍ତ୍ତୀ ଘରବାରି ପ୍ଲଟ୍ ଓ ହଂସପାଳ ପାଖରେ **3BHK Duplex** ମିଳୁଛି। **8327785834, 9658122456.** D-74197

Duplex project at Retang Medical Station near CV Raman University, Tamando, Bhubaneswar. 7008459987. D-74185

**କଳାରାହାଙ୍ଗ (New Railway Station) ପାଖରେ SC, General plot ମିଳୁଛି। 7008492511.** D-2509

ଗଙ୍ଗପଡ଼ା NHରୁ 700mtr. distance (per sqft-500/-), 200mtr. ଦୂରତାରେ (per sqft-1000/-) ଘର କଲାଭଳି boundary ସହ ପ୍ଲଟ୍ ମିଳୁଅଛି। 6372555493. D-2502

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74801

BDA plot Tata Motor frontରେ Pitapalli Chhakaରେ ମିଳୁଅଛି। Contact: 9800700664, 9437285016. D-2572

Duplex sale at Bhubaneswar @ 45 Lakhs only- Contact: 9777433701. D-74199

Schedulecaste ପ୍ଲଟ୍ ଝାଁଳା 1200sqft., 9,60,000/-, ଅରଗୁଳ ଷ୍ଟେସନ 4000sqft. 14,00,000/-, ନଖରା ବ୍ରାହ୍ମଣଝରିଲୋ 2400sqft. 24,00,000/-. 8260032051. D-74194

Khurdha Collector Office ରୁ 2K.M. distanceରେ ଘରବାରି boundary ଥାଇ plot Rs.-9,00,000/-ରେ ମିଳୁଅଛି। (Owner). 7750068828, 9439101373. D-2571

**30'road, boundary ଥାଇ yellowzone proposed 100ft. ପିଚୁ ରାସ୍ତାକୁ ଲାଗି ତୁରନ୍ତ ଘର କଲା ଭଳି ପ୍ଲଟ୍ ପ୍ରତାପନଗରୀ ଧାକୁଲେଇ ମନ୍ଦିର ନିକଟ ବେଲଗଛିଆରେ 12,00,000/-ରେ ମିଳୁଛି। 9937391249, 6371915941.** D-74195

ଭୁବନେଶ୍ୱର ପିତାପଲ୍ଲୀ ଛକରୁ **200mtr** ଦୂରରେ **BDA yellowzone** ପ୍ଲଟ୍ **boundary** ସହ ମିଳୁଛି। **8338932027, 7978676652.** D-74192

**Highly developed gated society gharabari plot sale near Toshali Square, Puri opposite Medical College. 9937373013.** D-74802




**Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-74186

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-2583




3BHK Duplex beautiful corner Villa in gated community, Patia for Family. 9439920321. D-2595

Tolet at GGP Colony, 2 bed room, 1 bed room. Call- 9238321015, 7008124203. D-2587




ଶିରିଡ଼ିସାଇ, ଶନିସିଗ୍ନାପୁର, ଭୀମାଶଙ୍କର, ପଣ୍ଢରପୁର ଓ ସ୍ୱାମୀସମର୍ଥ ଦର୍ଶନ 07 ଏପ୍ରିଲରୁ 6N/7D ଯୋଗାଯୋଗ, ଶ୍ରୀସାଇ ସେବାଟ୍ରଷ୍ଟ, ଭୁବନେଶ୍ୱର। 9437090931, 7978044197. D-70299




Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74632

**Relax, Refresh your body, Mind at Saikrupa Spa with best therapies. 8984068077.** D-2586

Newly open full body massage ladies and gents. 8327740003, 8093860513. D-74631

Newly open SPA positively health benefits with expert therapist. 7849011931. D-73677

Full body massage in homely Atmospher all therapy. Mob: 8114881641. D-73421

Newly open health benefits SPA special offer@999 Nayapalli. 7846814019. D-73676




ନୂଆ କିମ୍ବା ପୁରୁଣାଘରେ ଉଇ, ଅସରପା, ଝିଟିପିଟିମାନଙ୍କଠାରୁ ସୁରକ୍ଷିତ ରହିବା ପାଇଁ ଯୋଗାଯୋଗ। PPC Pvt. Ltd. 7008004207, 9337237147. D-74196

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ଡୁଡୁଲୁର ଜନ୍ମଦିନ ଶୁଭେଚ୍ଛା


(ଡୁଡୁଲୁ)
ସାଇଶ୍ରୀ ସାହୁ
ଗୋପାଳପୁର ପାଟଣା, ସାକ୍ଷୀଗୋପାଳ
ତୋର ଅଷ୍ଟମ ବାର୍ଷିକ ଜନ୍ମଦିନରେ ଶ୍ରୀଜଗନ୍ନାଥ, ଶ୍ରୀସାକ୍ଷୀଗୋପାଳ ଓ ଶ୍ରୀରାଧାରାଣୀଙ୍କ ନିକଟରେ ପ୍ରାର୍ଥନା। ତୋର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ: ଜେଜେବାପା, ଜେଜେମା, ଗୁଗୁଲୁ, ବୁବୁଲୁ ଓ ପରିବାରବର୍ଗ।
ଧ-୬୬୬୫୪

AFFIDAVIT

By the virtue of affidavit dt 27.01.2023 before the Court of Executive Magistrate, Bhubaneswar. My India Passport No.-P1784065, surname has changed as Priyanka Mahakud to Priyanka Padhee. Henceforth, I shall be known as Priyanka Padhee in my Passport. D-2600

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସରସ୍ୱତୀ ପୂଜା ଭୋଜି ଖାଇ ୧୪୦ ଛାତ୍ରୀଛାତ୍ର, ଶିକ୍ଷକ ଅସୁସ୍ଥ

କଳିଙ୍ଗନଗର, ୨୭।୧ (ଡି.ଏନ୍.ଏ.): ଯାଜପୁର ଜିଲା ଦାନଗଦି ବ୍ଲକ ଅନ୍ତର୍ଗତ ଖପୁରିଆପଦା ପଞ୍ଚାୟତସ୍ଥିତ ଶରତ ରାଉତ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷକ, କର୍ମଚାରୀଙ୍କୁ ମିଶାଇ ୧୪୦ ଜଣ ସରସ୍ୱତୀ ପୂଜା ଭୋଜି ଖାଇ ଅସୁସ୍ଥ ହୋଇଛନ୍ତି। ସେମାନଙ୍କୁ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗୁରୁବାର ପୂଜା ଉପଲକ୍ଷେ ଭାତ, ଡାଲି, ଖିରି, ଖଟା ଓ ପାମ୍ପଡ଼ ରୋଷେଇ ହୋଇଥିଲା। ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ର, ଶିକ୍ଷକ କର୍ମଚାରୀ ମିଶି ୧୪୮ଜଣ ଭୋଜି ଖାଇଥିଲେ। ଗୁରୁବାର ସନ୍ଧ୍ୟାରେ ୧୦ ଜଣ ପିଲାଙ୍କୁ ଝାଡ଼ାବାନ୍ତି ଓ ଜ୍ୱର ହୋଇଥିଲା। ଶୁକ୍ରବାର ଶତାଧିକ ଛାତ୍ରୀଛାତ୍ର ଓ ଶିକ୍ଷକ ଅସୁସ୍ଥ ହୋଇଥିବା ଜଣାପଡ଼ିଛି। ରାତି ୯ଟା ସୁଦ୍ଧା ୧୪୦ ଅସୁସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ରହିଛନ୍ତି। ସେମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ନରୋତ୍ତମ ଜେନା, କ୍ରୀଡ଼ା ଶିକ୍ଷକ କେଶବ ସାହୁ, ରାତ୍ରି ଜଗୁଆଳି ଅନାଦି ସାହୁ ଓ ଅବସରପ୍ରାପ୍ତ ପିଅନ କୈଳାସ ବାରିକ ପ୍ରମୁଖ ରହିଛନ୍ତି। ଛାତ୍ର ଓମ୍ ପ୍ରକାଶ ରାଉତ, ସୌମ୍ୟ ରଞ୍ଜନ ସାହୁ, ଓମ୍ ପ୍ରକାଶ ବାରିକ, ରଞ୍ଜିତ ରଞ୍ଜନ ରାଉତ, ଛାତ୍ରୀ ଭାଗ୍ୟଶ୍ରୀ ସେଠୀ, ଶୁଭଶ୍ରୀ ରାଉତ, ରଶ୍ମିତା ଧଳ, ପ୍ରୀତି ପ୍ରିୟଦର୍ଶିନୀ ରାଉତ, ଅନ୍ନପୂର୍ଣ୍ଣା ସେଠୀ, ଲିପ୍ସା ରାଉତ ଅଧିକ ଅସୁସ୍ଥ ଥିବା ଜଣାପଡ଼ିଛି।

## ଅନାମ ଏକ ଗୋଷ୍ଠୀ ନୁହେଁ, ଏକ ଯୁଗ

ଅନାମ କାବ୍ୟ ଆନ୍ଦୋଳନର ସ୍ୱନକ୍ଷତ୍ର ଦିବସ

### ‘ଅନାମ କବିତା ଅନାମ ଆନ୍ଦୋଳନ’ ପୁସ୍ତକ ଉନ୍ମୋଚିତ



ଅନାମ କାବ୍ୟ ଆନ୍ଦୋଳନର ସ୍ୱନକ୍ଷତ୍ର ଦିବସକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର, ୨୭।୧ (ବ୍ୟୁରୋ)

ଅନାମ କାବ୍ୟ ଆନ୍ଦୋଳନର ୫୫ତମ ସ୍ୱନକ୍ଷତ୍ର ଦିବସ ଗୁରୁବାର ଲୋହିଆ ଏକାଡେମୀଠାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ କବି ଓ ଜ୍ଞାନପୀଠ ପୁରସ୍କାର ବିଜେତା ଡ. ସୀତାକାନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଓଡ଼ିଆ କବିତାରେ ଅନାମ ଏକ ଗୋଷ୍ଠୀ ନୁହେଁ, ଏକ ଯୁଗ। ସାହିତ୍ୟ ଏକ ରୁଦ୍ଧ ଜଳାଶୟ ନୁହେଁ, ଏକ ପ୍ରବାହ। ଅନାମ କବିତାରେ ଏହି ପ୍ରବାହ ଗତିମୁଖର ବୋଲି ସେ କହିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ଡ. ହୃଷୀକେଶ ମଲ୍ଲିକ ଯୋଗଦେଇ ଅନାମ ସମ୍ପର୍କରେ ଲିଖିତ ପ୍ରଥମ ପୁସ୍ତକ ‘ଅନାମ କବିତା ଅନାମ ଆନ୍ଦୋଳନ’କୁ ଉନ୍ମୋଚନ କରିଥିଲେ। ଏଥିସହ ସେ ଅନାମ କବି କୁମାର ମହାନ୍ତି ଓ ତାଙ୍କଦ୍ୱାରା ପ୍ରବର୍ତ୍ତିତ ଅନାମ କାବ୍ୟ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ସମାଜରେ ମୈତ୍ରୀ ପ୍ରତିଷ୍ଠା କରିବା ଅନାମର ଚୂଡ଼ାନ୍ତ ଲକ୍ଷ୍ୟ ବୋଲି ଡ. ମଲ୍ଲିକ କହିଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଓଡ଼ିଆ ସାହିତ୍ୟ ବିଭାଗ ମୁଖ୍ୟ ଡ. ଜ୍ଞାନୀ ଦେବାଶିଷ ମୁଖ୍ୟବକ୍ତା ଭାବେ ଉପସ୍ଥିତ ରହି କହିଲେ, ଅନାମ କାବ୍ୟ ଆନ୍ଦୋଳନ ହେଉଛି ଏକ ନୂଆ ବାଟ ଚାଲିବା। ସାହିତ୍ୟରେ ସବୁବେଳେ ବାଟ ଚାଲୁ ଚାଲୁ ନୂଆ ବାଟଟିଏ ଫିଟିଯାଏ। ଅନାମ କେବଳ ପ୍ରତିବାଦ ନୁହେଁ, ଏହାଏକ ଅନ୍ୱେଷା ବୋଲି ସେ ମତ ରଖିଥିଲେ। ଅଧ୍ୟାପକ କ୍ଷୀରୋଦ ରାୟ ମହାପାତ୍ର ଅନାମ କାବ୍ୟ ଆନ୍ଦୋଳନ ସମ୍ପର୍କରେ ମତ ରଖିଥିଲେ। ଏହି ଅବସରରେ କବି ନେତ୍ରାନନ୍ଦ ସାମନ୍ତରାୟ, ମନୁଆ ଦାସ, ନିଖିଳେଶ ମିଶ୍ର, ମୌସୁମୀ ଦାସ ଏବଂ ମନୁ ଦାଶ ଅନାମ କବିତା ଆବୃତ୍ତି କରିଥିଲେ। ଧଉଳି ରିଭ୍ୟୁ ଟ୍ରଷ୍ଟ ଓ ଅନାମ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଗାଳ୍ପିକ ପରେଶ କୁମାର ପଟ୍ଟନାୟକ ପରିଚାଳନା କରିଥିବାବେଳେ ଡ. ପ୍ରଦୀପ୍ତ କୁମାର ବାରିକ, ଗାଳ୍ପିକ ଭୀମ ପୃଷ୍ଟି, ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, ବିଭୂତି ପଣ୍ଡାଙ୍କ ସମେତ ବହୁ ସାହିତ୍ୟିକ ଯୋଗ ଦେଇଥିଲେ।

## ୩ ହାର୍ଡକୋର୍ ମାଓବାଦୀଙ୍କ ଆତ୍ମସମର୍ପଣ



ଆତ୍ମସମର୍ପଣ କରିଥିବା ୩ ମାଓବାଦୀ।

ମାଲକାନଗିରି, ୨୭।୧ (ଡି.ଏନ୍.ଏ.)

ମାଲକାନଗିରି ମୁଖ୍ୟ ପୋଲିସ କାର୍ଯ୍ୟାଳୟ ପରିସରରେ ଗୁରୁବାର ଗୋଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ଅତିରିକ୍ତ ନିର୍ଦ୍ଦେଶକ (ଅପରେଶନ) ଅମିତାଭ ଠାକୁର, ଡିଆଇଜି ସ୍ୱତନ୍ତ୍ର ଗୋଇନ୍ଦା ସଂସ୍ଥା ଅନିରୁଦ୍ଧ ସିଂ, କୋରାପୁଟ ଡିଆଇଜି ରାଜେଶ ପଣ୍ଡିତ, ମାଲକାନଗିରି ଏସ୍‌ପି ନିତୀଶ ୱାଧୱାନିଙ୍କ ଉପସ୍ଥିତିରେ ୩ ଜଣ ହାର୍ଡକୋର୍ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ କର୍ତ୍ତନପାଲି ପଞ୍ଚାୟତ ଦଲଦଲି ଗ୍ରାମର ମନୋଜ ଓରଫ ମୋତି ମାଢ଼ି, ପାଣ୍ଡୁ କବାସୀ, ଆଇତେ କାର୍ତାମୀ। ଏହି ୩ଜଣଙ୍କ ମଧ୍ୟରୁ ମନୋଜ ଓ ପାଣ୍ଡୁ ୨୦୧୭ରେ ସିପିଆଇ ମାଓବାଦୀ ସଙ୍ଗଠନରେ ଯୋଗଦେଇଥିଲେ। ଆଇତେ ୨୦୨୨ରେ ମାଓବାଦୀ ସଙ୍ଗଠନରେ ସାମିଲ ହୋଇଥିଲେ। ଏହି ୩ଜଣଙ୍କ ନାମରେ ୧ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ଏମାନେ ବହୁ ହିଂସାକାଣ୍ଡରେ ଜଡିତ ଥିଲେ ବୋଲି ଏକ ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଇଛି। ମାଓବାଦୀମାନେ ଆମ ଅଞ୍ଚଳର ଅନେକ ନିରୀହ ଲୋକଙ୍କୁ ହତ୍ୟା କରିବା, ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଏବଂ ଓଡ଼ିଶାର କ୍ୟାଡର ମାଓବାଦୀଙ୍କ ଉପରେ ଅତ୍ୟାଚାର କରୁଥିବାରୁ ସମାଜର ମୁଖ୍ୟସ୍ରୋତରେ ସାମିଲହେବାକୁ ସେମାନେ ମାଓବାଦୀ ସଙ୍ଗଠନ ଛାଡ଼ିଥିବା କହିଛନ୍ତି।


No.E-855:

**OFFICE OF THE SUPERINTENDENT**
**SAHEED LAXMAN NAYAK MEDICAL COLLEGE AND HOSPITAL,KORAPUT**

**Tender For Refilling of Medical Gases IP**

**Name of the Health Institution: SLN MC&H-KORAPUT, (HEALTH & F.W. DEPTT., GOVT. OF ODISHA) E-mail:slnmchkpt@gmail.com, slnmchms@gmail.com, Website: www.koraput.nic.in.**

**Bid Reference No.-627/25.01.2023**

Date of Publication of the Bid document : Dt.27.01.2023 from 11 A.M.
Last date & time of receipt of Bid documents : Dt.10.02.2023 upto 11.30 A.M.
Date & Time of Opening of Tender : Dt.13.02.2023 at 12.30 P.M.
Place of Opening of Bid documents : SLN MC & H- KORAPUT
Receipt of Bid documents and Address for communication : O/o. the Superintendent SLNMC&H, Koraput

Sd./- Medical Superintendent
SLNMCH, Koraput
OIPR-10121/11/0029/2223


## ଡୁଙ୍ଗ୍‌ଡୁଙ୍ଗା ବଜାଇ ଜାତୀୟ ସଙ୍ଗୀତ ଗାଇ ଚର୍ଚ୍ଚାରେ ଆନନ୍ଦ

### ପାରମ୍ପରିକ ବାଦ୍ୟଯନ୍ତ୍ରର ପ୍ରଚାରପ୍ରସାର ପ୍ରୟାସ ଲକ୍ଷ୍ୟ



ଆନନ୍ଦ କୁମାର ଦାଶ

ନବରଙ୍ଗପୁର, ୨୭।୧ (ବି.ପ୍ର.)

ଅବିଭକ୍ତ କୋରାପୁଟ ଜିଲାର ଆଦିବାସୀଙ୍କ ସର୍ବପୁରାତନ ପାରମ୍ପରିକ ବାଦ୍ୟଯନ୍ତ୍ର ଡୁଙ୍ଗ୍‌ଡୁଙ୍ଗା ବଜାଇ ଜାତୀୟ ସଙ୍ଗୀତ ଗାନକରି ଏବେ ଚର୍ଚ୍ଚାରେ ନବରଙ୍ଗପୁର ସହରର ଆନନ୍ଦ କୁମାର ଦାଶ। ଆନନ୍ଦଙ୍କ ଏକ ଭିଡିଓ ଏବେ ଭାଇରାଲ ହେଉଛି। ଯେଉଁଥିରେ ସେ ଆଦିବାସୀ ବେଶ ପୋଷାକ ପିନ୍ଧି ଡୁଙ୍ଗ୍‌ଡୁଙ୍ଗା ସହିତ ଝୁମୁକା ବଜାଇ ଜାତୀୟ ସଙ୍ଗୀତ ଗାନ କରୁଛନ୍ତି। ଆନନ୍ଦଙ୍କୁ ଲୋକେ ପ୍ରଶଂସା କରିବା ସହ ଶୁଭକାମନା ଜଣାଉଛନ୍ତି। କୋରାପୁଟ ଜିଲାର ପାରମ୍ପରିକ ବାଦ୍ୟଯନ୍ତ୍ରର ପ୍ରଚାର ପ୍ରସାର ପାଇଁ ଏହା ପ୍ରୟାସ ବୋଲି ସେ କହିଛନ୍ତି।

ନବରଙ୍ଗପୁର ସହରର ୧୭ ନମ୍ବର ୱାର୍ଡରେ ଆନନ୍ଦ କୁମାର ଦାଶଙ୍କ ଘର। ବାପା ଭାବଗ୍ରାହୀ ଓ ସ୍ୱର୍ଗତା ମା ପଦ୍ମାବତୀଙ୍କ ସାନପୁଅ ଆନନ୍ଦଙ୍କର ପିଲାଟିବେଳୁ ଆଦିବାସୀ ପାରମ୍ପରିକ ବାଦ୍ୟଯନ୍ତ୍ର ପ୍ରତି ଶ୍ରଦ୍ଧା ରହିଛି। ନବରଙ୍ଗପୁର କଲେଜରୁ ପାଠପଢ଼ା ସାରି ସେ ବର୍ତ୍ତମାନ ଏକ ତେଲ କମ୍ପାନୀରେ ମାର୍କେଟିଂ ଏକ୍‌ଜିକ୍ୟୁଟିଭଭାବେ କାର୍ଯ୍ୟ କରୁଛନ୍ତି। ପେସା ଅଲଗା ଥିଲେ ମଧ୍ୟ ନିଶା ତାଙ୍କର ଆଦିବାସୀ ପାରମ୍ପରିକ ବାଦ୍ୟଯନ୍ତ୍ର ବଜାଇବା। ସେ ଘୁଡ଼କି, ଗୋଟିବାଜା, ଟାମକ, ଡାମ୍ପ, ଗୁଡୁଗୁଡ଼ି, ଖଞ୍ଜଣି, ବଂଶୀ, ତବଲା, ଢୋଲକ, ଝୁମୁକା ମଧ୍ୟ ବଜାଇ ଜାଣନ୍ତି। ଲୁପ୍ତ ହୋଇଯାଉଥିବା ବାଦ୍ୟଯନ୍ତ୍ରଗୁଡିକୁ ପୁଣିଥରେ ଜନମାନସରେ ଉଜ୍ଜୀବିତ କରିବା ଲକ୍ଷ୍ୟରେ ଓଡ଼ିଶାର ବିଭିନ୍ନ ଜିଲାରେ ହେଉଥିବା ବହୁ କାର୍ଯ୍ୟକ୍ରମରେ ସେ ଭାଗ ନେଉଛନ୍ତି। ୨୦ ରୁ ୨୨ ଜଣ ସ୍ଥାନୀୟ କଳାକାରଙ୍କୁ ଲୋକସଂସ୍କୃତି ଓ ଲୋକବାଦ୍ୟ ଶିକ୍ଷା ଦେଇ ରୋଜଗାର ମଧ୍ୟ ଦେଇଛନ୍ତି।

## ବିନା ପୁରୁଷ ବନ୍ଧୁରେ କଲେଜ ମନା

ଉମରକୋଟ, ୨୭।୧ (ସ୍ୱ.ପ୍ର.)

- ଭାଇରାଲ ହେଉଛି ନକଲି ନୋଟିସ
- ଥାନାରେ ଅଭିଯୋଗ କରାଯିବା ନେଇ କହିଲେ କଲେଜ କର୍ତ୍ତୃପକ୍ଷ

ବିନା ପୁରୁଷ ବନ୍ଧୁରେ କଲେଜ ମନା । ଉମରକୋଟର ଏକ କଲେଜ ନାମରେ ଏଭଳି ଏକ ନୋଟିସ ଘୂରି ବୁଲୁଛି ସୋସିଆଲ ମିଡିଆରେ। ସମ୍ପୃକ୍ତ କଲେଜ ଅଧ୍ୟକ୍ଷା ଘଟଣାକୁ ନିନ୍ଦା କରିବା ସହ ଏହା ବିରୋଧରେ ଥାନାରେ ଏତଲା ଦିଆଯିବ ବୋଲି କହିଛନ୍ତି।

ସୂଚନାନୁଯାୟୀ, କଲେଜରେ ସାଧାରଣତନ୍ତ୍ର ଦିବସ ଓ ସରସ୍ୱତୀ ପୂଜା ପାଳନକୁ ନେଇ ଜାନୁୟାରୀ ୨୫ରେ ପିଲାଙ୍କ ଉଦ୍ଦେଶ୍ୟରେ ଏକ ନୋଟିସ ଜାରି କରାଯାଇଥିଲା। ଉକ୍ତ ଚିଠିର ଅସଲି ଦସ୍ତଖତକୁ ନେଇ ଏକ ନକଲି ଚିଠି ପ୍ରସ୍ତୁତ କରି ତାହାକୁ ସୋସିଆଲ ମିଡିଆରେ ଭାଇରାଲ କରାଯାଉଛି। ଭାଇରାଲ ଚିଠିରେ ଆଗାମୀ ଭାଲେଣ୍ଟାଇନ୍ସ ଡେ ଅର୍ଥାତ୍ ଫେବୃୟାରୀ ୧୪ ପୂର୍ବରୁ ପ୍ରତ୍ୟେକ ଛାତ୍ରୀ ଜଣେ ପୁରୁଷ ବନ୍ଧୁଙ୍କୁ ବାଛିବା ପାଇଁ କୁହାଯାଇଛି। ଏପରିକି ପୁରୁଷ ବନ୍ଧୁ ନ ଥିବା ଛାତ୍ରୀଙ୍କୁ କଲେଜରେ ପ୍ରବେଶ ଅନୁମତି ମିଳିବ ନାହିଁ ବୋଲି ସେଥିରେ ଉଲ୍ଲେଖ ରହିଛି। ପୁରୁଷ ବନ୍ଧୁଙ୍କ ସହ ଫଟୋ ଉଠାଇ ଛାତ୍ରୀମାନେ ପରିଚୟପତ୍ର ଭଳି ଧରି କଲେଜ ଗେଟ୍‌ରେ ଦେଖାଇ ଭିତରକୁ ପ୍ରବେଶ କରିବେ ବୋଲି ଏଥିରେ ଲେଖାଯାଇଛି। ଏ ନେଇ କଲେଜ ଅଧ୍ୟକ୍ଷାଙ୍କୁ ପଚାରିବାରୁ ଭାଇରାଲ ନୋଟିସରେ ଯେଉଁ ନମ୍ବର ରହିଛି ତାହା ଗତ ଜାନୁୟାରୀ ୨୬ ଓ ସରସ୍ୱତୀ ପୂଜା ପାଇଁ ବାହାରିଥିବା ନୋଟିସର ନମ୍ବର। ଏହାକୁ କପିକରି କେହି ଦୁର୍ବୃତ୍ତ ଭାଇରାଲ କରିଛନ୍ତି ବୋଲି ଅଧ୍ୟକ୍ଷା କହିଛନ୍ତି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି କଲେଜ ଛାତ୍ରୀଛାତ୍ର। ପ୍ରକାଶ ଯେ, ଜଗତ୍‌ସିଂହପୁରର ଏକ କଲେଜ ନାମରେ ପୂର୍ବରୁ ଏଭଳି ମିଥ୍ୟା ନୋଟିସ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା।


No.E-858:

**NOTICE**

**Office of the Director, Veer Surendra Sai Institute of Medical Sciences & Research, Burla**

**Email: director@vimsar.ac.in Website: www.vimsar.ac.in**

**Ref:-1. Departmental Proceeding (in short DP) No.01/Director, VIMSAR Dated 31.10.2022**

**2.Registered letter sent to permanent and present address on 31.10.2022 & 04.11.2022 respectively and E-mail to choubarga@gmail.com dated 04.11.2022**

**To,**
**Dr. Choubarga Naik, Assistant professor,**
**Department of Dentistry, VIMSAR, Burla**

**WHEREAS** the Executive Board of VIMSAR, Burla in exercise of the powers conferred under subsection 2(f) of section 21 of VIMSAR Act 2014 read with subsection 2 of section 21 of VIMSAR 1st statute 2016 initiated DP against you under O.C.S. (CCA) Rule 1962, Rule-3 and 4, 7, 20(A), 22,26, 28 &30 (A)(2) of the Orissa Govt. Servants Conduct Rules 1959, Rule 13(4) of Orissa Leave Rule 1966 and Rule 72(2) of Orissa Service Code,section 2(2) and Section 3(1)(C) of Officials Secrets Act 1923 and framed Seven numbers of Article of charges. In all charges, major penalty was proposed against you under section 15 of O.C.S. (CCA) Rule 1962. **AND WHEREAS** the said charges along with relevant Annexure were sent to you via registered post to your permanent and present address andthrough the E-mail choubarga@gmail.com and you were instructed to send your written statements of defence on or before 30.11.2022. **AND WHEREAS** the letter addressed to your permanent address was returned by you on 04.11.2022 after receiving the letter on 03.11.2022 and the letter addressed to your present address could not be delivered to you.But till today, no written statements of defence have been received by the undersigned.**NOW THEREFORE,** again, another notice is hereby served on you, under subsection (ii) of Rule 18 of O.C.S. (CCA) Rule 1962 and you are hereby called upon to show cause within 15 days of this notice published in news papers, as to why you will not be penalized as per Rule 15 of O.C.S. (CCA) 1962. Take note that, if no reply is received within said time frame, the penalty shall be imposed on you ex-parte, by the Executive Board of VIMSAR, Burla in their next meeting.

OIPR-11056/11/0034/2223 **Sd./- Director, VIMSAR, Burla**


## ଭିଜିଲାନ୍ସ ଜାଲରେ ଚମ୍ପୁଆ ପ୍ରାଣୀ ଚିକିତ୍ସାଳୟ ବରିଷ୍ଠ କିରାଣି

### ଛୁଟି ମଞ୍ଜୁର ନିମନ୍ତେ ୧୦ ହଜାର ନେଉଥିଲେ



ମହେନ୍ଦ୍ର ସେଠୀ

ଚମ୍ପୁଆ/ଯୋଡ଼ା/କେନ୍ଦୁଝର, ୨୭।୧ (ଡି.ଏନ୍.ଏ/ସ୍ୱ.ପ୍ର)

୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ କେନ୍ଦୁଝର ଜିଲା ଚମ୍ପୁଆ ସଦର ମହକୁମାର ଉପଖଣ୍ଡ ପ୍ରାଣୀ ଚିକିତ୍ସାଳୟର ବରିଷ୍ଠ କିରାଣି ମହେନ୍ଦ୍ର ସେଠୀ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ତାଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିଲା। ତେବେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେ ନିଜ ବିଭାଗର ଜଣେ ଡାକ୍ତରଙ୍କ ଛୁଟି ମଞ୍ଜୁର ନିମନ୍ତେ ଲାଞ୍ଚ ନେଉଥିଲେ।

ସୂଚନାଯୋଗ୍ୟ, ଯୋଡ଼ା ପ୍ରାଣୀ ଚିକିତ୍ସାଳୟର ଡା. ସୁବାଶିଷ ମହାପାତ୍ର ୨୦୨୨ ଜାନୁୟାରୀ ୧୭ରୁ ମାର୍ଚ୍ଚ ୩୦ ପର୍ଯ୍ୟନ୍ତ ବ୍ୟକ୍ତିଗତ ସମସ୍ୟା ପାଇଁ ଛୁଟିରେ ରହିଥିଲେ। ପରେ ସେ ୭୩ ଦିନର ଛୁଟି ଦରମା କରାଇଦେବାକୁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟର ବରିଷ୍ଠ କିରାଣି ସେଠୀଙ୍କୁ କହିଥିଲେ। ମାତ୍ର ଦରମା ହୋଇପାରି ନ ଥିଲା। ବାରମ୍ବାର କହିବା ପରେ କିରାଣି ଜଣକ ୧୦ ହଜାର ଟଙ୍କା ଦାବି କରିଥିଲେ। ଏ ନେଇ ସୁବାଶିଷ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ଅନୁଯାୟୀ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଚମ୍ପୁଆ ଏସ୍‌ଡିଭିଓ କାର୍ଯ୍ୟାଳୟରେ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ବିଭାଗ ତାଙ୍କୁ ମାଡ଼ି ବସିଥିଲା। ସେ ରହୁଥିବା ଚମ୍ପୁଆସ୍ଥିତ କାର୍ଯ୍ୟାଳୟ ପରିସରରେ ଥିବା ରେଷ୍ଟ ଶେଡ୍, ଯାଜପୁର ଟାଉନ ମଟରାଙ୍ଗପାଳସ୍ଥିତ ନିଜସ୍ୱ ବାସଭବନ, ଘର୍ ପାଟ ନଈ ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରିରହିଥିବା ଭିଜିଲାନ୍ସଇନ୍ସପେକ୍ଟର ହେମାମାଳିନୀ ନାୟକ ସୂଚନା ଦେଇଛନ୍ତି। କେସ୍ ନଂ.୨/୨୩ରେ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଥିବା ବାଲେଶ୍ୱର ଭିଜିଲାନ୍ସ ଡିଏସ୍‌ପି ହରେକୃଷ୍ଣ ମାଝି କହିଛନ୍ତି।


**GOVERNMENT OF ODISHA** No.A-1072:
**DEPARTMENT OF WATER RESOURCES**
**Office of the Additional Chief Engineer Rushikulya Bahuda Basin, Berhampur-760004**
**e-mail id:se_sicbam@yahoo.com**
**e-Procurement Notice No.ACE, RBB-38/2022-23**

1. Type of Work : Flood Protection Work.
2. Total No. of Works : 02 (Two) Nos.
3. Amount put to tender : Rs.169.06 Lakh to 282.71 Lakh
4. Period of Completion: 11 (Eleven) Calendar Months.

| Procurement Officer | Bid Identification No. | Bid Amount (Rs. in Lakh) | Availability & Submission of Bid Online |
|---|---|---|---|
| Additional Chief Engineer, Rushikulya Bahuda Basin, Berhampur | ACE, RBB, (BEID)-96/2022-23 | 282.71 | From 02.02.2023, 10.00 A.M. to 16.02.2023 5.00 P.M. |
| | ACE, RBB (BEID)-97/2022-23 | 169.06 | |

Date of Opening of the Technical Bid : 17.02.2023 at 11.30 A.M.
Further details can be seen from the Govt. website www.tendersodisha.gov.in.

**Sd./- Additional Chief Engineer, Rushikulya Bahuda Basin, Berhampur**
**OIPR-32411/11/0052/2223**



**OFFICE OF THE SUPERINTENDING ENGINEER MINOR IRRIGATION DIVISION, BOUDH**
**GOVERNMENT OF ODISHA e-Procurement Notice**
**Bid Identification No. 10/BMID/2022-2023**
**No.A-1066:** **E-mail ID: bmidbdh@gmail.com**
**Letter No. 68 / Date. 20.01.2023**

| | | |
|---|---|---|
| 01 | Name of work | Repair, Renovation & Restoration of M.I.Ps in different Block of Boudh District under “ (R.R&R)” Scheme for 2022-23 |
| 02 | Numbers of Work | 02 (Two) |
| 03 | Tender Amount | Varies from Rs. 56.35 Lakhs to Rs. 58.79 Lakhs. |
| 04 | Class of Contractor | “B” |
| 05 | Tender paper Cost (Online) | Rs. 10,000/- |
| 06 | Period of Completion | 06 (Six) Calendar Months |
| 07 | Availability of Bid Document | From 27.01.2023 at 10.00 AM to 10.02.2023 at 05.00 PM in website (www.tendersorissa.gov.in) |
| 08 | Last date & Time of receipt of Bid | 10.02.2023 at 05.00 PM through online |
| 09 | Date of opening of Technical Bid | 13.02.2023 at 11.00 A.M in the office of the SE, M.I. Division, Boudh |
| 10 | Date of opening of Financial Bid | 16.02.2023 at 11.00 A.M in the office of the SE, M.I. Division, Boudh |
| 11 | Date of Lottery if required | 20.02.2023 |
| 12 | Digital Signature Certificate of Bidder | The bidder must process compatible digital signature certificate (DSC) |
| 13 | Name and address of the OIT | Superintending Engineer, M.I.Division Boudh, At/Po-Malisahi, District-Boudh PIN-762014 |

Further details can be seen from the Government of Odisha website www.tendersorissa.gov.in.

OIPR-32279/11/0010/2223 **Sd./- Superintending Engineer M.I.Division, Boudh**



**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER HEAD WORKS DIVISION, SAMAL**
**INVITATION FOR BIDS (IFB)**
**Email ID- ee.hwd.samal@gmail.com**
**‘e’-Procurement Notice No SE-HWD-11/2022-23**

**No.A-1069:**The Superintending Engineer, Head Works Division, Samal on behalf of Governor of Odisha invites Percentage Rate bid & Item Rate Bid in single cover system to be received in ONLINE MODE from eligible contractors registered with the State Government, contractors of equivalent Grade/ Class Registered with Central Government/ MES/ Railways/CPWD for execution of civil works & Manufacture/Authorized Dealer/ Registered firms/ SSI Unit/ Government Order Suppliers for supply and installation of mentioned as detailed below:

| | | |
|---|---|---|
| 1 | No. of works | 02 (Two) Nos |
| 2 | Estimated Cost | 12.63 lakhs & 16.70 lakhs |
| 3 | Cost of tender paper | Rs.6000.00 (Non-refundable) |
| 4 | EMD to be deposited along with bid | Rs. 12,630.00 & Rs. 16,700.00 (Refundable) |
| 5 | Class of contractor | ‘C’ & ‘D’ Class |
| 6 | Period of Completion of work | 35 days |
| 7 | Date and time of availability of bid Document in the website | From 10.00 A.M of Dt27.01.2023 to 5.00 P.M. of Dt 06.02.2023 (www.tendersodisha.gov.in) |
| 8 | Date, time and place of opening of online tender | Dt.07.02.2023 at 11.30 hours in O/o the Superintending Engineer, Head Works Division, Samal |
| 9 | Date, time and place for finalization of tender through Transparent Lottery System (if required) | Dt.09.02.2023 at 12.00 Noon onwards in O/o the Superintending Engineer, Head Works Division, Samal |
| 10 | Digital Signature Certificate (DSC) | The bidders must possess compatible Digital Signature Certificate (DSC) of Class II or Class III |
| 11 | Name and Address of Officer inviting Tender | Superintending Engineer, Head Works Division, Samal, AT/P.O. Samal Barrage Township Dist: Angul, Odisha, PIN-759037 Email ID-ee.hwd.samal@gmail.com |

The bidders have to participate in ONLINE biding only further details can be seen from the e-Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

**Sd./- Superintending Engineer**
**Head Works Division, Samal**
**OIPR-32020/11/0007/2223**



**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ତରଭା, ଜିଲ୍ଲା: ସୁବର୍ଣ୍ଣପୁର**
**NOTIFIED AREA COUNCIL, TARBHA**
**Dist.: Subarnapur, Odisha - 767016, nactarbha@gmail.com**
**No. 130** **Date: 24.01.2023**

**QUOTATION CALL NOTICE**

No. C-2346: Sealed quotations from the intending Reputed Suppliers/Interior Designers/ Contractors are invited by the Executive Officer, N.A.C., Tarbha for Furnishing of Chairperson Chamber of NAC, Tarbha as particulars given in the bid documents. The quotation must be accompanied with GSTIN, PAN Card and reached to the Office by Dt.06.02.2023 within 12.00 Noon which will be opened on the same day at 12.30 P.M. in presence of the quotationers or their authorized representative. The rate should be inclusive of all taxes, transporting charges. The quotation received beyond the stipulated period shall not be entertained. The undersigned reserves the right to accept/cancel any or all the quotation without assigning any reason thereof.

**SCHEDULE**

| Sl. | Particulars | Unit | Rate to be Quoted | |
|---|---|---|---|---|
| | | | In Figure | In Ward |
| 1 | Furnishing Works of Chairperson Chamber of NAC Tarbha by ISI marked reputed brand Waterproof ply Wood and Laminate of appropriate brand including fixing of Door/Window Screen an painting with Plastic Emulsion etc. Complete. | | | |
| i. | Wall Paneling by 18mm reputed brand Waterproof Play with Outer laminate of appropriate brand 21’.00” × 9’.00” | Sqft. | | |
| ii. | Side Table by 18mm reputed brand Waterproof Play with Inner and Outer Laminate appropriate brand 4’.0” × 2’.6” × 1’.6” | Per No. | | |
| iii. | Bathroom Door by 32mm reputed brand Waterproof Ply with Outer Laminate appropriate brand with all fittings 6’.6” × 2’.6” | Per No. | | |
| iv. | Vertical Blind Window Curtain with all fittings having size 4’.00” × 5’.00” | Per No. | | |
| v. | Vertical Blind Window Curtain with all fittings having size 6’.00” × 5’.00” | Per No. | | |

**Sd./- Executive Officer, N.A.C., Tarbha**
**OIPR-13199/11/0018/2223**



**OFFICE OF THE DIVISIONAL FOREST OFFICER PHULBANI FOREST DIVISION**
**Phone - 06842-253617(Off), 06842-253707(Res), 06842-255266(FAX), Cell-9437065299 Email:dfo_phulbani@yahoo.co.in**

**Short Tender Notice**

**Bid Identification No.451 /DFO/PLB/MQR-2022-23 , Date 25.01.2023**

**No.MM-440:**The Divisional Forest Officer, Phulbani Forest Division, Phulbani in the District of Kandhamal on behalf of Governor of Odisha invites Percentage Rate Bids to be received in online mode for following works from eligible & experienced Contractors in similar nature of work registered with State Govt & Contractor of equivalent Grant /Class registered with Central Govt./ Railways.

| | | | |
|---|---|---|---|
| 1 | Nature of Work | :- | Construction of Ministerial Staff Quarter at Phulbani |
| 2 | No.of Work | :- | 01 (One) |
| 3 | Period of Completion | :- | 50 days for each work |
| 4 | Cost of Tender Paper | :- | Rs.6000/-( Six thousands)only for each work. |
| 5 | Estimated Cost ( in Rs.) | :- | Rs. 10,19,688/- |
| 6 | Class of Contractor | :- | D & C only |
| 7 | Date & time of availability of bid document in Portal | :- | 10.30 AM of 30.01.2023 to 17.30 PM of 07.02.2023 |
| 8 | Receipt of bid, bid cost, bid Security documents etc. | :- | Online only |
| 9 | Date & Time of Opening of Technical Bid | :- | 08.02.2023 at 11. 00 AM |
| 10 | Other Details | :- | As mentioned in DTCN |
| 11 | Online /website details | :- | www.tendersodisha.gov.in, www.odishaforest.in, www.kandhamal.nic.in |
| 12 | Any Addendum /Corrigendum /Cancellation | :- | Shall be mentioned in above websites |
| 13 | Concession if any | :- | 10% concession to SC/ST contractors over General Category contractors only on submission of Affidavit |
| 14 | Authority to accept/reject any tender | :- | Divisional Forest Officer,Phulbani Forest Division |

OIPR-08098/11/0006/2223 **Sd./-Divisional Forest Officer Phulbani Forest Division**

# ନୂଆବର୍ଷର ଉପହାର

## ଅନୁବାଦ ଗଳ୍ପ

**ମୂଳ ଇଂଲିଶ୍: ମୋପାଁସା**
**ଅନୁସୃଜନ: ଡ. ସୂଚନା ପାଢ଼ୀ**

ବନ୍ଧୁତାର ବନ୍ଧୁତ୍ୱକୁ ଅଧିକ ଦୃଢ଼ ଓ ହୃଦୟଗ୍ରାହୀ କରିବାକୁ ଜାକସ୍ ଭଲ ପାଉଥିଲେ। ତେଣୁ ପ୍ରତିବର୍ଷ ନୂଆବର୍ଷ ପୂର୍ବଦିନ ରାତିରେ ବନ୍ଧୁଙ୍କ ଚିଠି, ସେମାନେ ପଠାଇଥିବା ଶୁଭେଚ୍ଛାବାର୍ତ୍ତା ଇତ୍ୟାଦି ଲିଷ୍ଟ କରି ଲେଖିରଖନ୍ତି। ତା'ଛଡ଼ା ଆତ୍ମସନ୍ତୁଷ୍ଟି ପାଇଁ ଯେଉଁ ବନ୍ଧୁମାନଙ୍କ ଜୀବନରେ କିଛି ଉନ୍ନତି ହୋଇଛି, ସେମାନଙ୍କୁ ନବବର୍ଷ ଦିନ ହିଁ ସ୍ୱତନ୍ତ୍ର ଶୁଭେଚ୍ଛା ଜଣାଇବାକୁ ଭୁଲନ୍ତି ନାହିଁ।

ସେ ବର୍ଷର ଘଟଣାଟି ନବବର୍ଷର ପୂର୍ବଦିନ ଘଟିଥିଲା। ଚାକର ଖାଇବାକୁ ଦେଇସାରି ନିର୍ଦ୍ଦେଶ ଅନୁସାରେ ଚିଠିପତ୍ର ସଜାଡ଼ି ରଖିଲା। ଜାକସ୍ ଖାଇବା ସାରି ଟେବୁଲ୍ ପାଖ ଚୌକିରେ ବସି କାମ ଆରମ୍ଭ କଲେ। ଟେବୁଲକୁ ଖୋଲିବାମାତ୍ରେ ପୁରୁଣା ବାନ୍ଧବୀର ହସହସ ମୁହଁଥିବା ଫଟୋ ଆଖିରେ ପଡ଼ିଲା। ଗତବର୍ଷ ନୂଆବର୍ଷ ଉପଲକ୍ଷେ ସେ ତା' ପାଖକୁ ନେକ୍‌ଲେସ୍ ଉପହାର ପଠାଇଥିଲେ। କିନ୍ତୁ, ଏ ବର୍ଷ! ସମ୍ପର୍କ ବଦଳିଯାଇଛି। ଟିକେ ବିଚଳିତ ମନରେ ଚୌକିରୁ ଉଠି ରୁମ୍ ଭିତରେ ଏପାଖ ସେପାଖ ହେବାକୁ ଲାଗିଲେ। ପୁରୁଣା ସ୍ମୃତି ରୋମନ୍ଥିତ ହୋଇଥିଲା। ଛ' ମାସ ପୂର୍ବେ ଜଣେ ମିଷ୍ଟ୍ରେସ୍ ସହିତ ଗୋପନ ସମ୍ପର୍କ ରଖିଥିଲେ, ଯେ କି ନାମଜାଦା ଧନୀଙ୍କ ରକ୍ଷିତା ଥିଲା। ମହିଳା ଅର୍ଥାଭାବ ହେତୁ ଥିଏଟରରେ କାମ ବି କରୁଥିଲେ। ଜୀବନର ବାସ୍ତବତା ବୁଝିଥିଲା। ଏ କଥା ଜାକସ୍ ଡାଏରୀରେ ଲେଖିଥିଲେ। ମିଷ୍ଟ୍ରେସ୍ ସହିତ ସମ୍ପର୍କ ରଖିବା ପୂର୍ବରୁ ଅନ୍ୟ ଜଣେ ପ୍ରେମିକା ଥିଲା। ସେ ଏବେ ବିବାହିତା। ଭାବିଲେ– ଅତୀତର ପ୍ରେମ କିମ୍ବା ପ୍ରେମିକାଙ୍କୁ ମନେପକାଇ କି ଲାଭ! ପ୍ରକୃତ ପ୍ରେମର ସ୍ମୃତି ମନରେ ଅଲିଭା ଦାଗ ରଖିଯାଏ। ଭୁଲିପାରୁ ନ ଥିଲେ ଅତୀତ... ପ୍ରେମ... ପ୍ରେମିକା...।

କଲିଂବେଲ୍ ଚିପିବା ଶବ୍ଦ ଶୁଣାଗଲା। ଏତେ ରାତିରେ କିଏ ଡାକୁଛି! ନୂଆବର୍ଷ ପୂର୍ବ ରାତି। କବାଟ ଖୋଲି ଦେଖିଲେ ଭୟଭୀତ ଅବସ୍ଥାରେ ସର୍ବାଙ୍ଗ ଆବୃତ କରି ସ୍ତ୍ରୀ ଲୋକଟିଏ ଠିଆ ହୋଇଛି। ପଚାରିଲେ–

– ତୁମେ ଏକୁଟିଆ ଅଛ! ଆଉ କେହିନାହାନ୍ତି?

– ନା।

– ତୁମେ ବାହାରକୁ ଯିବନି କି?

– ନା।

ଅଚିହ୍ନା ମନେହେଉଥିବା ସ୍ତ୍ରୀଲୋକଟି ନିଃସଙ୍କୋଚରେ ଘର ଭିତରକୁ ପଶି ଆସି ସୋଫା ଉପରେ ବସିଗଲା। ବିକଳ ହୋଇ ଧକେଇ ଧକେଇ କାନ୍ଦିବାକୁ ଲାଗିଲା। କାବା ହୋଇ ଦେଖୁଥିଲେ ଜାକସ୍। ତା' ପରେ ଜାକସ୍‌ଙ୍କ ହାତ ଧରିଲା। ମୁହଁର ଓଢ଼ଣି ସାମାନ୍ୟ ଉପରକୁ ଉଠିଯିବାରୁ ଜାକସ୍ ଦେଖିଲେ, ଚିହ୍ନିପାରିଲେ– ରିନ୍ନି। ରିନ୍ନି ଆଖିରେ ଲୁହଭର୍ତ୍ତି। ରିନ୍ନି–ପୂର୍ବ ପ୍ରେମିକା।

– କାନ୍ଦୁଛ କାହିଁକି, କ'ଣ ହେଲା?

– ମୁଁ ଆଉ ବେଶିଦିନ ବଞ୍ଚି ପାରିବିନି।

– ତୁମେ କ'ଣ କହିବାକୁ ଚାହୁଁଛ?

– ବହୁତ ସହିଲିଣି। ସେ ଆଜି ମୋତେ ଧକ୍କାମାରି ଘରୁ ବାହାର କରି ଦେଇଛନ୍ତି।

– କିଏ? ତୁମ ସ୍ୱାମୀ?

– ହଁ, ମୋ' ସ୍ୱାମୀ।

ରିନ୍ନିର ବୁକୁଫଟା କାନ୍ଦ ଦେଖି ବ୍ୟସ୍ତ ହୋଇଗଲେ ଜାକସ୍। ସେ ଆଶା କରି ନ ଥିଲେ ରିନ୍ନିର ସ୍ୱାମୀ ରାଣ୍ଡାଲ ଏତେ ନୃଶଂସ ହୋଇପାରେ! ରାଣ୍ଡାଲ ତାଙ୍କ ଆଖିରେ ଭଲ ମଣିଷ ଥିଲା। ସଂସାରୀ ମଣିଷ, ଧନୀ। ଘୋଡ଼ା ଚଢ଼ିବାକୁ ଭଲପାଏ, ମଉଜ ମଜଲିସ୍‌ରେ ସମୟ କଟାଏ, ଖଣ୍ଡାଯୁଦ୍ଧ କରିପାରେ। ତା' ବ୍ୟବହାର, କଥାବାର୍ତ୍ତା ବହୁତ ଭଲ। ସମସ୍ତେ ତାକୁ ଭଲପାଆନ୍ତି। କିନ୍ତୁ, କଥା ହେଲା ସେ ବେଶି ପାଠ ପଢ଼ିନି। ତେଣୁ ତା' ପାଖରେ ଶାଳୀନ ବ୍ୟବହାର କିମ୍ବା ଉଚ୍ଚ ଚିନ୍ତା ଦେଖିବାକୁ ମିଳେନାହିଁ। ସ୍ୱାଧୀନ ଭାବେ ବଞ୍ଚିବା ସୁଯୋଗ ଦେଇଥିଲା। ତାଙ୍କୁ ରିନ୍ନିର ପ୍ରେମିକ ବୋଲି ଜାଣି ମଧ୍ୟ କେବେ ବନ୍ଧୁତାରେ ଆଞ୍ଚ ଆଣିନି, ସନ୍ଦେହ କରିନି କିମ୍ବା ଖରାପ ବ୍ୟବହାର ବି କରି ନ ଥିଲା। ଅଥଚ, ଆଜି ଏତେ ରାତିରେ! କାହିଁକି ଏପରି ମନାନ୍ତର? ଖୋଲା ମିଜାଜ୍‌ର ଯୁବକ ରାଣ୍ଡାଲ... ଆମ ଭିତରେ ନିଃସଂଶୟ ବନ୍ଧୁତା... ତଥାପି ଏପରି ଘଟଣା! କାରଣ କ'ଣ ହୋଇପାରେ!

ରିନ୍ନି କହିବାକୁ ଆରମ୍ଭ କଲା। ଜାକସ୍! ବିବାହ ପରେ ଜାଣିବାକୁ ପାଇଲି ପ୍ରକୃତରେ ରାଣ୍ଡାଲ ଯେମିତି ଭଲ ଓ ଭଦ୍ର ଦେଖାଯାଉଛନ୍ତି ସେପରି ନୁହନ୍ତି। ଭାରି ସନ୍ଦେହୀ, ରାଗି, ହିଂସ୍ର ପ୍ରକୃତିର। ତୁମ ପ୍ରତି ଦିନକୁଦିନ ତାଙ୍କର ସନ୍ଦେହ ବଢ଼ିବାରୁ ଈର୍ଷାନ୍ୱିତ ହୋଇ ମୋତେ ମାରପିଟ୍ ଆରମ୍ଭ କରିଦେଲେ। ମୁଁ ଆଉ ସେ ଘରକୁ ଯିବିନି, ତୁମେ ଯାହା କରିବ କର। ମୁଁ ଏଇଠି ବସି ରହିବି।

ଉଭୟେ ସୋଫାରେ ବସିଥିଲେ। ପରସ୍ପର ପରସ୍ପରର ଶାରୀରିକ ସ୍ପର୍ଶ ଅଜାଣତରେ ଅନୁଭବ କରୁଥା'ନ୍ତି।



ଜାକସ୍ କହିଲେ– ରିନ୍ନି! ମୁଁ ତୁମକୁ ବହୁତ ଭଲପାଏ। କିନ୍ତୁ ଆଜି ତୁମ କଥାରୁ ଜାଣୁଛି, ତୁମେ ଏକ ବିରାଟ ଭୁଲ ପଦକ୍ଷେପ ନେଉଛ। ତୁମ ସ୍ୱାମୀଙ୍କ ପାଖରେ ଅନେକ ଖରାପ ଗୁଣ ଅଛି। ତୁମେ ରହିପାରିବନି, ଠିକ୍ ଅଛି। ଜାକସ୍ ମୁହଁକୁ ଚାହିଁ ରିନ୍ନି ପ୍ରଶ୍ନ କଲା– ମୋତେ କ'ଣ କରିବାକୁ କହୁଛ?

– କହିବାକୁ ଚାହୁଁଛି, ସମ୍ମାନର ସହିତ ତାଙ୍କଠାରୁ ଅଲଗା ହୁଅ କିମ୍ବା ଛାଡ଼ପତ୍ର ଦେଇଦିଅ। ଥରେ ଗଭୀର ଭାବେ ଚିନ୍ତାକର। ତୁମେ କୁଳୀନ ପରିବାରର କନ୍ୟା, ତୁମର ଉଚ୍ଚ ମର୍ଯ୍ୟାଦାସମ୍ପନ୍ନ ବନ୍ଧୁ ପରିଜନ ଅଛନ୍ତି, ସମସ୍ତଙ୍କ ସହିତ ସୁସମ୍ପର୍କ ରହିଛି। ହଠାତ୍ ରାତିରେ ସ୍ୱାମୀ ସହିତ ଗଣ୍ଡଗୋଳ କରି ମୋ' ପାଖକୁ ଆସି ମାନସମ୍ମାନ ହରାଇବା ଉଚିତ ନୁହେଁ।

– ଦରକାର ନାହିଁ, ମୁଁ ବଞ୍ଚିବାକୁ ଚାହୁଁନି। ମୋର କେହି ନାହାନ୍ତି, ମୁଁ ମରିଯିବି। ଆଜି ହିଁ ଆତ୍ମହତ୍ୟା କରିଦେବି। ଜାକସ୍! ସତ କୁହ, ତୁମେ ମୋତେ ଭଲପାଅ କି ନାହିଁ?

– ହଁ, ହଁ ମୁଁ ଖୁବ୍ ଭଲପାଏ।

– ସତ କହୁଛ? ସତ କହୁଛ? ମୋତେ ପାଖରେ ରଖ।

– କ'ଣ କହିଲ, ମୋ' ପାଖରେ? ମୋ' ଘରେ ତୁମକୁ ରଖିବି? ଏମିତି ନିଷ୍ପତ୍ତି ନେଲେ ତୁମକୁ ସବୁଦିନ ପାଇଁ ହରାଇବାକୁ ପଡ଼ିବ।

– ରାଣ୍ଡାଲ ତୁମ ସହିତ ଦେଖା କରିବାକୁ ବାରଣ କରୁଛନ୍ତି। ମୁଁ ଲୁଚିଲୁଚି ଆସିପାରିବି ନାହିଁ। ମୋତେ ବୁଝିବାକୁ ଚେଷ୍ଟାକର ଜାକସ୍। ପାଖରେ ରଖ, ନଚେତ୍ ସବୁଦିନ ପାଇଁ ଦୂରେଇ ଦିଅ।

– ରିନ୍ନି। ତାକୁ ଡିଭର୍ସ କରିଦିଅ। ଆମେ ବିବାହ କରିବା। ଯଦି ତୁମେ ଏଠି ସ୍ୱଇଚ୍ଛାରେ ରହିବ, ସକାଳୁ ରାଣ୍ଡାଲ ଆସି ତୁମକୁ ନେଇଯାଇପାରେ। ତା'ର ସେ ଅଧିକାର ଅଛି।

– ଜାକସ୍! କୁଆଡ଼େ ପଳେଇବା ଚାଲ। ମୁଁ ଭାବୁଥିଲି ତୁମ ପାଖରେ ରହିବି, ତୁମେ ମୋତେ ଖୁବ୍ ଭଲପାଅ। ଏବେ ଜାଣୁଛି ମୋ' ଧାରଣା ଭୁଲ। ହଉ... ହଉ ବିଦାୟ...।

ଏତିକି କହିବା ପରେ ରିନ୍ନି ଯଥାଶୀଘ୍ର ଘର ବାହାରକୁ ଯିବାକୁ ଉଦ୍ୟତ ହେଲା। ପଛକୁ ଟାଣିଧରି ଜାକସ୍ କହିଲେ– ଶୁଣ ରିନ୍ନି! ଶୁଣ। କାନ୍ଦ କାନ୍ଦ ସ୍ୱର, ଲୁହଭର୍ତ୍ତି ଆଖି, ଥର ଥର ଓଠରେ ରିନ୍ନି କହିଲା– ମୋତେ ଛାଡ଼ିଦିଅ, ପ୍ଲିଜ୍। ମୁଁ ବଞ୍ଚିବାକୁ ଚାହୁଁନି। ପ୍ଲିଜ୍ ଛାଡ଼ିଦିଅ... ପ୍ଲିଜ୍... ପ୍ଲିଜ୍...।

ବୁଝାଇବା ପାଇଁ ପୁଣି ଜବରଦସ୍ତ ରିନ୍ନିକୁ ସୋଫାରେ ବସାଇଲେ ଜାକସ୍। ଏପରି ନିଷ୍ପତ୍ତିର ଫଳାଫଳ ନ ଜାଣିଲେ କି କି ଆଇନଗତ ସମସ୍ୟା, ସାମାଜିକ ଅସୁବିଧା ହୋଇପାରେ ଧୈର୍ଯ୍ୟର ସହିତ ବୁଝାଇଲେ। କଥାରେ ଥିଲା ବିନମ୍ର, ଶାଳୀନ ଅନୁରୋଧ।

ଜାକସ୍‌ଙ୍କଠାରୁ ଥରକୁ ଥର ଏକା କଥା ଶୁଣି ରିନ୍ନି କହିଲେ– ମୋତେ ସେଠିକି ଫେରିବାକୁ ବାଧ୍ୟକରୁଛ ତ ହେଉ ମୁଁ ଯାଉଛି, ମୋ' ହାତ ଛାଡ଼।

– ରିନ୍ନି!

– ମୋତେ କାହିଁକି ଅଟକେଇ ରଖୁଛ? ଯିବାକୁ ଦିଅ।

– ଏଇଟା କ'ଣ ତୁମର ଶେଷ ନିଷ୍ପତ୍ତି?

– ମୋତେ ଯିବାକୁ ଦିଅ।

– ମନେରଖ ରିନ୍ନି, ଏପରି ଚିନ୍ତାଶୂନ୍ୟ ନିଷ୍ପତ୍ତି ପାଇଁ ସବୁବେଳେ ଅନୁତାପ କରିବ।

– ଆଉ ଭାଷଣ ଶୁଣାଅନି।

– ଠିକ୍ ଅଛି, ଆଜି ରାତିକ ଏଇଠି ରୁହ, ସକାଳ ହେଲେ ଆମେ ଯିବା। ଆଉ ରାଗନି।

– ଦରକାର ନାଇଁ, ମୋ' ପାଇଁ କିଏ ତ୍ୟାଗ କରିବା ମୁଁ ଚାହେଁନା।

– ଠିକ୍ ଅଛି, ତୁମେ ଯାହା ଚାହିଁବ ମୁଁ ସେୟା କରିବି।

– ଜାକସ୍! କାହାକୁ ବଦଳାଇବା ଏତେ ସହଜ ନୁହେଁ। ଯେଉଁ ପ୍ରେମିକା ପ୍ରେମିକ ପରସ୍ପରକୁ ପ୍ରକୃତ ପ୍ରେମ କରନ୍ତି, ସେମାନେ ନିଶ୍ଚୟ ପ୍ରେମର ଗଭୀରତା ବୁଝନ୍ତି, ଠିକ୍ କଥା ନା? ଦିନେ ମୁଁ ଭାବିଲି, ତୁମକୁ ମୁଁ ଖୁବ୍ ଭଲପାଏ, କିନ୍ତୁ ତୁମେ? ବାଧ୍ୟ କରି କାହାକୁ ପ୍ରେମ କରାଯାଇପାରେ କି? ବଶ୍ୟତା ସ୍ୱୀକାର କଲେ ହିଁ ପ୍ରକୃତ ପ୍ରେମ ଅନୁଭବ କରିହୁଏ। ସତ ନା ମିଛ କୁହ!

– ରିନ୍ନି, ମୋ' ମତରେ ବିବାହ ବନ୍ଧନର ଗୁରୁତ୍ୱ ରହିଛି। ସେଥିରେ ନୈତିକତା ଅଛି, ସାମାଜିକ ମୂଲ୍ୟବୋଧ ରହିଛି, ପରସ୍ପର ସହଭାଗିତା ବି ଅଛି। ମୋର ଧାରଣା, ଯେତେବେଳେ ଜଣେ ବିବାହିତ ପୁରୁଷ ବା ନାରୀର ମନରେ ପ୍ରେମିକ ପ୍ରତି ଆକର୍ଷଣ ରହେ, ସେମାନେ କେବଳ ଦୁଃଖ ହିଁ ଭୋଗନ୍ତି, ପ୍ରକୃତ ଦାମ୍ପତ୍ୟ ପ୍ରେମ ଅନୁଭବ କରିପାରନ୍ତି ନାହିଁ। ତେଣୁ ପରସ୍ପର ପ୍ରତି ଉତ୍ସର୍ଗୀକୃତ ହେବା ନିହାତି ଦରକାର।

– ଜାକସ୍! ମୁଁ ଭାବିଥିଲି, ମୋ' ଅତୀତ ତାଙ୍କୁ କହିଛି, ମୋ' ଜୀବନର ଭଲମନ୍ଦ ସବୁ ଜାଣନ୍ତି। ମୋ' ଉପରେ ବିଶ୍ୱାସ ରହିବା କଥା, କିନ୍ତୁ...।

– ଦୁଃଖ ଲାଗୁଛି, ମୋ' ବିଷୟରେ ସବୁ ଜାଣି ମଧ୍ୟ ସେ ତୁମକୁ ସନ୍ଦେହ କରି ଖରାପ ବ୍ୟବହାର କରୁଛନ୍ତି। ଏପରି ସ୍ଥଳେ ପରାମର୍ଶ ଦେବା ଉଚିତ ହେବନି। ତୁମେ ଯାହା ପାଖରେ ରହିବା ଠିକ୍ ଭାବୁଛ ରୁହ। ବର୍ତ୍ତମାନ କୁହ, ମୁଁ କ'ଣ କରିବି?

କିଛି ସମୟ ଉଭୟେ ନୀରବ ରହିଲେ। କିଛି ସମୟ ପରେ ରିନ୍ନିର ଆଖି ଚକ୍‌ଚକ୍ ଦେଖାଗଲା। ମନ ଭିତରୁ ଉଦ୍‌ଗତ ଆନନ୍ଦ ଚାପି ରଖି କହିଲା– ତୁମେ କିଛି କରିବା ଦରକାର ନାହିଁ। ଯାହା କହିଲି ସବୁ ମିଛ, ଅଭିନୟ କରିଥିଲି। ମୋ' ସ୍ୱାମୀ ମୋତେ ଖୁବ୍ ଭଲପାଆନ୍ତି। ଏ ବର୍ଷ ତୁମ ନୂଆବର୍ଷ ଉପହାର ପାଇଛି, ଆଜି ତୁମ ହୃଦୟର ଉପହାର ନେବାକୁ ଆସିଥିଲି। ଯାହା ଆଶା କରିଥିଲି ତାହା ମିଳିଗଲା... ଧନ୍ୟବାଦ ଜାକସ୍... ବହୁତ ଧନ୍ୟବାଦ। ନୂଆବର୍ଷର ଅଭିନନ୍ଦନ।

ମୋ: ୯୪୩୮୬୦୪୮୬୫

## କବିତା

### ବାଘ

**ଅକ୍ଷୟ ପାତ୍ର**

ଆଖି ବୋଲି ହଳେ ରଡ଼ନିଆଁର
ନାଁ ତ ବାଘ।

ଲୁଚିଛପି ବୁଦା ଉହାଡୁ
କି କୋଉ ପରିତ୍ୟକ୍ତ ଘରର
କାନ୍ଥ କଡ଼ରୁ ଆକସ୍ମିକ ଲମ୍ଫ ମାରି
ଶିକାରକୁ କବ୍‌ଜା କରିବାର ମସୁଧାମତ୍ତ
ଉଦ୍ଦାମ ଭୋକର ନାଁ ତ ବାଘ।

ଅଣାୟତ୍ତ ହିଂସ୍ରତାକୁ
ଭୋକର ଇଜଲାସରେ ଥାପି
ପଚାଶଢ଼ା ଅପକୀର୍ତ୍ତିର
ମାଂସଳ ଅବଶେଷକୁ
ଏଠିସେଠି ଫିଙ୍ଗି
ନିଜ ଦେହର ଦୁର୍ଗନ୍ଧକୁ
ପାସୋରି ଯାଉଥିବା
ଉଦ୍‌ଭ୍ରାନ୍ତ ହେଷ୍ଟାଳର ନାଁ ତ ବାଘ।

ଜିଭର ଲୋଲୁପତା
ଦାନ୍ତର ବିଦ୍ରୁପାତ୍ମକ ଶାଣିତତା
ଓ ପଞ୍ଝାର ଅନିରୋଧ
ନିର୍ମମତାକୁ ଆୟୁଧ କରି
ଲୁଚିଛପି ନୃଶଂସତା ଜାହିର କରୁଥିବା
ଭୀରୁ ଆତଙ୍କୀର ନାଁ ତ ବାଘ।

ପଟାପଟା ଦାଗଭରା
ମୋଟା ଚମଡ଼ା ଓ ଦାମ୍ଭିକ ନିଶର
ବେପରୁଆ ଠାଣି ସହ
ରାମ୍ପି ବିଦାରି ହେଉଥିବା
ରୋମାଞ୍ଚକର ଭୀତି ଓ
ଆଶ୍ଚର୍ଯ୍ୟ ଭାତିର
ଯୁଗଳ ଥିତିର ନାଁ ତ ବାଘ।

ମୋ: ୮୮୯୫୮୮୪୯୬୦

### ଜୀବନଟା ପ୍ରଶ୍ନବାଚୀ

**ବ୍ରହ୍ମମୟୀ ମିଶ୍ର**

ସବୁବେଳେ ସେଇ ପ୍ରଶ୍ନ
ଏମିତି କ'ଣ ବଞ୍ଚିହୁଏ ଜୀବନ?
କାହିଁକି ନୁହେଁ!

କ'ଣ ଏଠି ଅଭାବ ଯେ...
ରାତି ଆସିଲେ ଖୋଲିଯାଏ
ସ୍ୱପ୍ନର ମହଲ
ତାରାମାନେ ଦପ୍‌ଦପ୍ ହୋଇ
ଜଳିଉଠନ୍ତି
ମହଲ କାନ୍ଥରେ ଧାଡ଼ିଧାଡ଼ି
ତୈଳଚିତ୍ର ଭିତରେ
ସ୍ମୃତିସବୁ ଗୋଡ଼ ଲମ୍ବାଇ ବସିପଡ଼ି
ଖୋଲିବସନ୍ତି ଗପ ପେଡ଼ି
ଅଛିଣ୍ଡା ଗଣିତ ପରି
କଷି ଚାଲନ୍ତି ଠିକ୍ ଭୁଲ୍‌ର ହିସାବ
ସବୁ ଶୂନ୍ୟ
ଭାଗଶେଷ ମିଳେ କି ନା କେଜାଣି?

ଦିନବେଳା ସୂର୍ଯ୍ୟଙ୍କୁ ପିଠି କରି
ଅତୀତର ଆଇନାରେ ଦିଶିଯାଏ
ସେଇ ଚିହ୍ନା ଜହ୍ନ
ଦୁବାଇରେ ଓହ୍ଲାଉଥିବା ଜହ୍ନ ପରି
ନଥାଏ ସେଥିରେ କଳଙ୍କର ଚିହ୍ନ
ତୁମେ ବି ତ ଦେଖୁଥାଅ
ସେହି ଆକାଶକୁ
ପୁଣି ଲେଖି ହୋଇଯାଏ ନୂଆ କାହାଣୀ
ଶୁଣିଥିଲି କବିତାରୁ ଚୋରି ହୁଏ ଶବ୍ଦ
କେବେ ଶୁଣିଛ କି
ଚୋରି ହେବା କେନ୍ଦ୍ର?

ନୁହେଁ ନା!
ତା'ହେଲେ କାହିଁକି ଏତେ ଘୃଣା
ହସକୁ ହଜାରେ ଖୋସାମତ
ଓଠଧାରେ ଖେଳିଯିବାକୁ
ଧାରେ ହୋଇ
ଆଉ କାହିଁକି ପ୍ରଶ୍ନ ଜାଲରେ
ଛନ୍ଦି ହେବାକୁ
ମାନେନା ମନ କି ବୟସ
ଖୋଜୁଥାଏ ମୁକ୍ତିର ଟିକିଏ ଆଶ୍ଳେଷ
ସେଇଥିପାଇଁ ବୋଧହୁଏ ଏତେ ଦିନ
ନୀରବତା ସହିତ ଚାଲିଥାଏ
ମନର ସାଲିସ୍।

ମୋ: ୯୪୩୭୮୫୩୬୩୭

### ଦୁଇଟି କବିତା

**ଶିବ ମିଶ୍ର**

**॥ ମୋ ଆଡ଼କୁ ଚାହଁ ॥**

ହସକୁରା ଲୋକଟିର ଛାତି ତଳେ
ଥାଏ ଏକ ଉଜୁଡ଼ା ହୃଦୟ।
ସେ ହୃଦୟକୁ ବାରମ୍ବାର
ନଖରେ ବିଦାରୁଥାଏ,
ତା' ଆଖି ପଛର ଜମାଟବନ୍ଧା ଲୁହ।
ତମେ, ସତ ମଣୁନ ଯେବେ
ଏ କଥାକୁ ମୋର,
ତେବେ ଥରେ ଭଲକରି
ମୋ' ଆଡ଼କୁ ଚାହଁ।

**॥ କେଜାଣି କେମିତି କିମିଆଁ ॥**

ଜାଣେନା ମୁଁ କାହା ଲୋଭରେ ଏଠି
ଅଣ୍ଟିରେ ପୂରାଉଛି
ପାଦ ତଳେ ଧାଉଁଥିବା ମାଟି।
ସାଉଁଟୁଛି, ମୁଠାମୁଠା ଉଷୁମ ପାଉଁଶ
ଶୀତଳାଇ ଆପଣା ଜୁଇର ନିଆଁ,
କିଏ ମୋତେ କରିଛି ସତେ
କେଜାଣି କେମିତି କିମିଆଁ।

ମୋ: ୯୮୫୩୦୭୦୦୧୮

## ପୁସ୍ତକ ପରିଚୟ

### ଆଉ ଏକ ସକାଳ (ଭାଗ-୩)




**ସଂଯୋଜନା:** ରମାକାନ୍ତ ସ୍ୱାଇଁ ଓ ଅନ୍ୟମାନେ
**ପ୍ରକାଶକ:** ପ୍ରଗତି ଉତ୍କଳ ସଂଘ, ରାଉରକେଲା-୩
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୮୦/-

ଆଲୋଚ୍ୟ ସଂକଳନଟି ବିଶିଷ୍ଟ ଲେଖକ, ବାଗ୍ମୀ ଚିତ୍ତରଞ୍ଜନ ଦାସଙ୍କ ଜନ୍ମ ଶତବାର୍ଷିକୀ ଅବକାଶରେ ଲେଖକଙ୍କ ନାନା କୃତିର ଆଲୋଚନା। ଏଥିରେ ଚିତ୍ତରଞ୍ଜନଙ୍କ ସ୍ମୃତିଚାରଣ ସହିତ ରହିଛି ତାଙ୍କ ବୌଦ୍ଧିକ ସାହିତ୍ୟ କୃତିର ଆକଳନ। ଏଥିରେ ସ୍ଥାନିତ ନଟବର ଶତପଥୀଙ୍କ ପ୍ରବନ୍ଧସମୂହର ବିଶ୍ଳେଷଣ ଓ ନିରଞ୍ଜନ ସ୍ୱାଇଁଙ୍କର ଶିକ୍ଷା ସମ୍ପର୍କରେ ଚିତ୍ତରଞ୍ଜନଙ୍କ ଅବଧାରଣାର ତର୍ଜମା ସାଙ୍ଗକୁ ଦେବେନ୍ଦ୍ର କୁମାର ଦାଶ, ଭାରତଭୂଷଣ ମହାନ୍ତି, ଗୌରାଙ୍ଗ ଚରଣ ଦାଶ, ରବୀନ୍ଦ୍ର ନାଥ ପାଢ଼ୀ ଓ ଅସିତ ମହାନ୍ତିଙ୍କ ଆଲୋଚନାଗୁଡ଼ିକ ଚିତ୍ତରଞ୍ଜନଙ୍କ କୃତିର ଅସାଧାରଣତାକୁ ଉନ୍ମୋଚିତ କରିବାରେ ସହାୟକ ହୋଇଛି। ଶିକ୍ଷା ସମ୍ପର୍କରେ ଚିତ୍ତରଞ୍ଜନଙ୍କ ବିଚାର ଥିଲା ଯେ, ପ୍ରକୃତ ଶିକ୍ଷା ହେଉଛି ତାହା, ଯାହା ନାନା ବନ୍ଧନରୁ ଶିକ୍ଷାର୍ଥୀଙ୍କୁ ମୁକ୍ତିଦିଏ। ''ମୁଁ ଏକା ନୁହେଁ, ମୁଁ ସମସ୍ତଙ୍କ ସହ ଅଛି ଓ ସମସ୍ତେ ମୋ' ସହ ଅଛନ୍ତି''– ଏହି ଭାବ ଜନ୍ମାଇବାରେ ଅସଲ ଶିକ୍ଷା ସହାୟକ ହୋଇଥାଏ। ଚିତ୍ତରଞ୍ଜନଙ୍କ ନିରହଂକାରୀ ବ୍ୟକ୍ତିତ୍ୱ, ବହୁପାଠିତା, ନିରଳସ ଜୀବନଯାପନ ଶୈଳୀ, ଆଜୀବନ ଶିକ୍ଷକ ଭାବେ ଆପଣାକୁ ଗୌରବାନ୍ୱିତ ମନେକରିବାର ଉଦାର ମାନସିକତା ଆଦି ସମ୍ପର୍କରେ ଗ୍ରନ୍ଥଟିରେ ଅନ୍ତରଙ୍ଗ ଆଲୋଚନା ହୋଇଛି, ଯାହା ପାଠକଙ୍କ ସାମ୍ନାରେ ଚିତ୍ତରଞ୍ଜନଙ୍କୁ ଏକ ଖୋଲାବହି ଭାବେ ତୋଳି ଧରିବାରେ ସମର୍ଥ।

### ମାଟିର ବାସ୍ନା




**ଲେଖକ:** ଗଦାଧର ବଳ
**ପ୍ରକାଶକ:** ଲିପିକା, ଜଟଣୀ, ପୁରୀ
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୨୫୦/-

ମୋଟ ୩୪ଟି ଗଳ୍ପକୁ ନେଇ ଆଲୋଚ୍ୟ ଗଳ୍ପ ସଂକଳନଟି ଋଦ୍ଧିମନ୍ତ ହୋଇଛି। ଲେଖକ ବୃତ୍ତିରେ ଆଇନଜୀବୀ। 'ସମ୍ୟକ୍ ନିଜ କଥା'ରେ ଲେଖକ ଲେଖିଛନ୍ତି ଯେ, ଦୀର୍ଘ ସମୟର ଓକିଲାତି ପେସାରୁ ତାଙ୍କର ହୃଦ୍‌ବୋଧ ହୋଇଛି ଯେ, ଆଇନ ପେସାଟି ସୃଜନଶୀଳତାରେ ଭରପୂର। ମହକିଲମାନଙ୍କ ସହ ପ୍ରାତ୍ୟହିକ ଅଭିଜ୍ଞତା ହେଉଛି ଲେଖକଙ୍କ ଏହି ଉପଲବ୍ଧିର ଆଧାର। 'ମାଟିର ବାସ୍ନା', 'ଭୋକର ଭୂଗୋଳ', 'ଶିମିଳିଫୁଲର ହସ', 'କଳା ଅବିର', 'ବଅଁଶବୁଢ଼ା', 'ବୋଉ ଆଉ ତା' ନାଲି ଶଙ୍ଖା', 'ବାସିଫୁଲ', 'ଏସିଡ୍ ଆଟାକ୍', 'କାଳିଝିଅ', 'ମିଡିଲ୍ କ୍ଲାସ୍ ମଣିଷ', 'ଥୁଣ୍ଟା ବରଗଛ' ଓ 'ଅଶରୀରୀ କନ୍ୟା' ଆଦି ଗଳ୍ପରେ ଲେଖକ ନିଜ ସହ ସମାଜ ଓ ଜନଜୀବନର ଯେଉଁ ସମ୍ପୃକ୍ତିକୁ ଉଜାଗର କରିଛନ୍ତି, ତାହା ତାଙ୍କ ପାଠକ ସଚେତନତାକୁ ସୂଚାଇଥାଏ। ଗଳ୍ପଗୁଡ଼ିକର ପ୍ରସଙ୍ଗ ଯେପରି ଚିହ୍ନାଚିହ୍ନା, ଅଥଚ ନୂଆନୂଆ ବିସ୍ମୟରେ ଭରା; ଗଳ୍ପଗୁଡ଼ିକର ଭାଷା ବି ସେହିପରି ଲୋକମୁଖରୁ ଖସିଆସିଥିବା ନିତିଦିନିଆ ଉଚ୍ଚାରଣ। ଶୀର୍ଷକ ଗଳ୍ପ 'ମାଟିର ବାସ୍ନା'ରେ ଉତ୍ତୀର୍ଣ୍ଣ ବୟସରେ ସୁବାସ ଓ ଲକ୍ଷ୍ମୀ ଯେପରି ତାଙ୍କ ମହାର୍ଘ ଅତୀତର ସ୍ମୃତିଚାରଣ କରୁଛନ୍ତି, ତାହା କେବଳ ଜୀବନର ନିଚ୍ଛକତାକୁ ଚିହ୍ନାଏ ନାହିଁ; ବରଂ ପ୍ରତି ପାଠକ ଭିତରେ ଅଧା ନିଦରେ ଶୋଇଥିବା ନିଜ ନିଜର ସୁଖଦ ଅତୀତକୁ ଉସୁକାଇଦିଏ। ବହିଟି ପାଠକୀୟ ଆଦୃତି ପାଇବ ବୋଲି ଆଶା।

## ପରିବର୍ତ୍ତନ

**ରାଧାରାଣୀ ତ୍ରିପାଠୀ**

ମିନି ଗଳ୍ପ

ଆସନ୍ନ ବିବାହୀ ନଣନ୍ଦ ମୁହଁରୁ ଏପରି କଥା ଶୁଣି ଆଶ୍ଚର୍ଯ୍ୟ ହୋଇଯାଇଥିଲା ସୁଲଗ୍ନା। ସେ ବୁଝି ପାରୁ ନ ଥିଲା, ଏହା ସ୍ୱପ୍ନ ନା ସତ୍ୟ? ପରୀକ୍ଷା କରିବାକୁ ଯାଇ ନିଜେ ନିଜକୁ ପୁଳେ ଚିମୁଟି ପକାଇଲା ସୁଲଗ୍ନା। ଗତକାଲି ତା' ବାସନ ବାକ୍ସ ଆଉ ଲୁଗା ବାକ୍ସର ଚାବି ମାଗି ନେଇଥିଲେ ଶାଶୁ। ଉଦ୍ଦେଶ୍ୟ ସୁଲଗ୍ନାର ବାପଘରେ ତାକୁ ଦେଇଥିବା ଜିନିଷରୁ ନଣନ୍ଦର ଯାହା ପସନ୍ଦ ହେବ, ତାହା କଢ଼ାଯିବ। ଅବଶ୍ୟ ଏସବୁ ଦେହସୁହା ହୋଇଗଲାଣି ସୁଲଗ୍ନାର।

ବିବାହର ତିନିବର୍ଷ ଭିତରେ ଏମିତି ଅନେକ ନଜିର ଅଛି। ନିଜକୁ ପ୍ରବଳ ପସନ୍ଦ ଲାଗୁଥିବା ଜିନିଷକୁ ମଧ୍ୟ ସେ ହାତଛଡ଼ା କରିବାକୁ ବାଧ୍ୟହୁଏ। ସେତେବେଳେ ତା' ସ୍ୱାମୀ ସରୋଜ ମଧ୍ୟ କହନ୍ତି 'ନେଉଛି ତ ନେଉ। ସାନ ଭଉଣୀଟା।' କିନ୍ତୁ ଆଶ୍ଚର୍ଯ୍ୟ। ଆଜି କ'ଣ ହେଲା? ପେଡ଼ି ଖୋଲି ଶାଶୁ ଜିନିଷସବୁ ନଣନ୍ଦକୁ ଦେଖାଉ ଥାଆନ୍ତି। ଆଉ କହୁଥାନ୍ତି କୋଉଟା ନେବୁ ମା'? ଦେଖେ। ତୋର ଯେଉଁ ଜିନିଷ ପସନ୍ଦ ହେବ, ପୂରାଇ ଦେବା ତୋ' ପେଡ଼ିରେ। ପାଖ ଘରେ ଥାଇ ସୁଲଗ୍ନା ସବୁ ଶୁଣୁଛି। ଏହା ନୁହେଁ ଯେ ମନ ଊଣା ହେଉନି ତା'ର। ତଥାପି କର୍ତ୍ତବ୍ୟ ଭାବି ଚୁପ୍ ପଡ଼ିଛି।

ନଣନ୍ଦ ବାକ୍ସ ଦୁଇଟି ବନ୍ଦ କରିଦେଇ କହିଲା– ''କାହିଁକି ମା'? ଏଇଠୁ କାହିଁକି ନେବି? ଏସବୁ ଭାଉଜଙ୍କର। ତାଙ୍କ ବାପଘର ଲୋକେ ତାଙ୍କୁ ଦେଇଛନ୍ତି। ମୁଁ ଚାହିଁଲେ ବାପା, ଭାଇ କ'ଣ ଏସବୁ ଜିନିଷ ମୋ' ପାଇଁ କିଣିଦେବେନି? ଆମର ପଇସା ପତ୍ରର ଅଭାବ ଅଛି ନା ଦୋକାନରେ ମନପସନ୍ଦ ଜିନିଷର ଅଭାବ ଅଛି କହିଲୁ?'' ଶୁଣି ଆଶ୍ଚର୍ଯ୍ୟ ହେଲା ସୁଲଗ୍ନା। ତା' ଓଠରେ ସରୁହସଟିଏ ରହି ରହି ଲହଡ଼ି ଭାଙ୍ଗୁଥିଲା।

ମୋ: ୮୨୪୯୮୦୭୨୬୭

## କାଳକାଳକୁ



**''ଜୀବନର ବର୍ଣ୍ଣନା ଦେବା ସହଜ, କିନ୍ତୁ ଜିଇବା ସହଜ ନୁହେଁ।''**
**–ଇ.ଏମ୍. ଫୋର୍ଷ୍ଟର**

**ଇ.ଏମ୍. ଫୋର୍ଷ୍ଟରଙ୍କ** ଜନ୍ମ ୧ ଜାନୁୟାରୀ ୧୮୭୯ରେ ଓ ପରଲୋକ ୭ ଜୁନ୍ ୧୯୭୦ରେ, ଇଂଲଣ୍ଡରେ। ସେ ଗଳ୍ପ, ପ୍ରବନ୍ଧ ଓ ନାଟକ ଆଦି ଲେଖିଥିଲେ ହେଁ ମୁଖ୍ୟତଃ ଉପନ୍ୟାସ ରଚନା ପାଇଁ ପ୍ରସିଦ୍ଧ। ତାଙ୍କର କେତୋଟି ସ୍ମରଣୀୟ ଉପନ୍ୟାସ ହେଲା– 'ଏ ରୁମ୍ ୱିଥ୍ ଏ ଭ୍ୟୁ' (୧୯୦୮), 'ହାଓର୍ଡସ୍' (୧୯୧୦) ଓ 'ଏ ପ୍ୟାସେଜ ଟୁ ଇଣ୍ଡିଆ' (୧୯୨୪)। ଜଣେ ବାଗ୍ମୀ ଭାବେ ମଧ୍ୟ ତାଙ୍କର ଖ୍ୟାତି ସୁଦୂରପ୍ରସାରୀ।

## ସ୍ୱର୍ଗଦ୍ୱାର

**ଡ. ଭବାନୀ ଶଙ୍କର ଦାଶ**

ଲଘୁ ଗଳ୍ପ

କେବେ ମରଣ ଆସିବ ଓ ସ୍ୱର୍ଗକୁ ସିଧା ଏଇଠୁ ଯିବ ସେକଥା ସିଏ ଜାଣେନି। କିନ୍ତୁ ସ୍ୱର୍ଗକୁ ଆଶା ଅଛି। ଶରୀରର ଅବସ୍ଥା ଯାହା, ଲାଗୁଛି ଆଉ ବେଶିଦିନ ନୁହେଁ। ତଥାପି ନ ମରିବାଯାଏଁ ତ ବଞ୍ଚିବାକୁ ହବ। ଜୀବନର ଶେଷ ଲଗ୍ନ ଉପଗତ ପ୍ରାୟ। ନାକରୁ ଦି'ଧାର ବୁଢ଼ା ଶିଙ୍ଘାଣି ବୋହିପଡୁଥିଲା ତଳକୁ। ଅଥଚ ତଳେ ନ ପଡ଼ି ଓହଳି ରହିଥିଲା ନାକ ଅଗରେ। ନିଃଶ୍ୱାସପ୍ରଶ୍ୱାସ ନେଲାବେଳେ ଖୁବ୍ ପେଲିହେଉଥିଲା। ପେଲିହେଲାବେଳେ ନିଃଶ୍ୱାସପ୍ରଶ୍ୱାସର ଗତି ସହିତ ତାଳଦେଇ ଶିଙ୍ଘାଣି ଦି' ଧାର ବି ଭିତର ବାହାର ହଉଥିଲା। ବୟସ୍କ ଶିଙ୍ଗ ଦି'ଟି ବଙ୍କା ହୋଇ ରହିଥିଲା ଠିକ୍ ଆଖିଡୋଳା ସିଧାରେ। ହୁଏତ ତା' ସାମ୍ନାଟା ତାକୁ ସ୍ପଷ୍ଟ ଦେଖାଯାଉ ନ ଥିବ। ପାଦ ପକାଇବାକୁ ବି ତା'ଦେହରେ ବଳ ନ ଥିଲା। ବାତ୍ୟାରେ ଉଡ଼ିଯାଇଥିବା ଚାଳ ଉପରେ ଧଳା ଜରିଟେ ପରି ହାଡ଼ର ପଞ୍ଜରା ଉପରେ ଧଳା ଚମଡ଼ାଟେ ଢାଙ୍କି ହୋଇ ରହିଥିଲା କେବଳ। ଗଣି ହୋଇଯାଉଥିଲା ତା' ଦେହର ହାଡ଼ସବୁ। ତା' ଚାରିପାଖେ କେତେଟା ଜୁଇ ଜଳୁଥିଲା। ବେଶ୍ ଉଷୁମ ଲାଗୁଥିଲା ତାକୁ। ଏ ଶୀତକାକର ଆଉ ସମୁଦ୍ରର ହେମାଳ ପବନ ସହି ହଉ ନ ଥିଲା। ଦିହକଯାକ ଏଇ ମଶାଣିପଦାରେ କଟିଗଲା। ପୋଡ଼ାହେବା ପାଇଁ ଆସିଥିବା ମୃତକଙ୍କ ପଥଶ୍ରାଦ୍ଧ ଭାତ, ଚାଉଳ ଓ କଞ୍ଚା ଦରସିଝା ପରିବା ଥିଲା ତା' ଭଳି ଅନେକଙ୍କ ପାଇଁ ଖାଦ୍ୟ। ଶବ ସହିତ ଆସିଥିବା ନିଆଁଅଟାର ଲିଭିଲା ଅଂଶ କୁଟାପାଳ ଖାଇବା ପାଇଁ ବି ବେଳେବେଳେ ରକ୍ତାକ୍ତ ସଂଘର୍ଷ କରିବାକୁ ପଡ଼େ।

ଏବେ ଆଉ ବଳ ନାହିଁ ଦେହରେ। ହଜାର ହଜାର ଶବଦାହ ସେ ଦେଖିସାରିଲାଣି। ପିଲାଠାରୁ ବୁଢ଼ାଯାଏ କେତେକେତେ ମଣିଷ ଏଇଠି ଦାହ ହୁଅନ୍ତି। ସମୁଦ୍ରର କାନଫଟା ଗର୍ଜନରେ ମିଳେଇଯାଏ ସେମାନଙ୍କ ଛାତିଫଟା କ୍ରନ୍ଦନ। ଏଇଟା ସ୍ୱର୍ଗଦ୍ୱାର। ମଣିଷମାନଙ୍କର ବିଶ୍ୱାସ ଯେ ଏଇଠି ପୋଡ଼ାହେଲେ ସ୍ୱର୍ଗପ୍ରାପ୍ତି ହୁଏ।

ବୟସ ଥିଲାବେଳୁଁ ସିଏ ବଡ଼ଦାଣ୍ଡରୁ ଏଇଠିକି ଚାଲି ଆସିଥିଲା। ଆଉ ଫେରିପାରିନି କି ଫେରି ହବ ନାହିଁ। କାରଣ ବୟସ ବାଧକ ସାଜିଲାଣି। ସେଦିନ ବଡ଼ଦାଣ୍ଡରେ ଗାଡ଼ିଧକ୍କାରେ ତା' ଛୁଆ ମରିଗଲା। ମ୍ୟୁନିସିପାଲିଟି ଗାଡ଼ିରେ ତାକୁ ବୋହିନେଲେ। ଗାଡ଼ି ପଛେପଛେ ଧାଇଁଥିଲା ସିଏ। ତା' କ୍ଷୀରଖିଆ ଛୁଆକୁ ମ୍ୟୁନିସିପାଲିଟି ଗାଡ଼ି କୁଆଡ଼େ ନେଇ ଉଭାନ୍ ହୋଇଗଲା। ତା'ପରେ ଚାଲିଚାଲି ପହଞ୍ଚିଥିଲା ଏଇଠି। ନିଜ ମନକୁ ବୁଝାଇ ଦେଇ ରହିଗଲା ଏଇଠି। ତା'ଠାରୁ ଅଧିକ ଦୁଃଖ ଓ ଛାତିଫଟା କାନ୍ଦ ସେ ଏଠି ଦେଖିଛି। ଦୁଃଖର ମହୋଦଧିରେ ଲୁହର ଉତ୍ତାଳ ତରଙ୍ଗ ସବୁ ଦେଖିଦେଖି ବୁଢ଼ୀ ହେଲାଣି। ଏବେ ଶେଷ ଅବସ୍ଥା ଆଗତପ୍ରାୟ। ତେବେ ଏଇଠି ମରିଗଲେ ତାକୁ ପୋଡ଼ି ଦିଆଯିବ ନା ବାହାରକୁ ନେଇ ଫୋପାଡ଼ି ଦିଆଯିବ। ଆଉ କିଛି ଭାବିବା ଆଗରୁ ବଡ଼ ଶିଙ୍ଗବାଲାଟେ ଆସି ତାକୁ ଠେଲି ଦେଲା ଶିଙ୍ଗରେ। ବିଚରା ବୁଢ଼ୀ ଗାଈଟା ପାଖ ଜୁଇଗାତରେ ପଡ଼ିଗଲା। ଏତେ ବଡ଼ ଜିଭ କାଢ଼ି ଗଁଗଁ ହୋଇ ଛଟପଟ ହେଉଥିଲା। ଲୋକମାନେ ଧାଇଁ ଆସି ନିଆଁ ଭିତରୁ ତାକୁ ବାହାରକୁ ଟେକି ଆଣିଲେ। ସେତେବେଳକୁ ସବୁ ସରିଯାଇଥିଲା। ମେଲା ହୋଇ ରହିଥିବା ତା' ଡିମାଡିମା ଆଖିରେ ଥିଲା ସୀମାହୀନ ଦରିଆଏ ପ୍ରଶ୍ନ। ତା' ଆଶା ଆଶାରେ ରହିଗଲା। ତାକୁ ଏଠି ଦାହ ହେବାର ସୁଯୋଗ ନ ଥିଲା। କାରଣ ସିଏ ମଣିଷ ନୁହେଁ, ପଶୁ। ପଶୁମାନଙ୍କର ବୋଧେ ସ୍ୱର୍ଗକୁ ଯିବାର ଅଧିକାର ନାହିଁ। ତେଣୁ ଏଠାରେ ପଶୁଦାହର ଚାନ୍ସ ନାହିଁ। ଏଇଟା ସ୍ୱର୍ଗଦ୍ୱାର। କେବଳ ମଣିଷଙ୍କ ପାଇଁ।

ମୋ: ୮୯୧୭୬୨୪୩୮୬




ବିଦେଶୀ ଦର୍ଶକ


ଅଷ୍ଟ୍ରେଲିଆ ସମର୍ଥକ


ବେଲ୍‌ଜିୟମ୍-ନେଦରଲାଣ୍ଡ୍ସ ମ୍ୟାଚ୍‌ର ଅତିଥି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଅନ୍ୟମାନେ।

# ଅଷ୍ଟ୍ରେଲିଆର ଟାଇଟଲ ଅଭିଯାନ ଶେଷ

ଭୁବନେଶ୍ୱର, ୨୭।୧
(କ୍ରୀଡ଼ା ପ୍ରତିନିଧି)

ବିଶ୍ୱର ନମ୍ବରୱାନ ଦଳ ଅଷ୍ଟ୍ରେଲିଆର ବିଶ୍ୱକପ୍ ଟାଇଟଲ ଅଭିଯାନ ସେମିଫାଇନାଲରୁ ଶେଷ ହୋଇଛି। ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଜର୍ମାନୀ ୪-୩ ଗୋଲରେ ବିଜୟୀ ହୋଇ ଅଷ୍ଟ୍ରେଲିଆକୁ ବିଦାୟ ପଥ ଦେଖାଇଛି। ଫଳରେ ୧୯୮୬, ୨୦୧୦ ଓ ୨୦୧୪ରେ ଚାମ୍ପିୟନ ଅଷ୍ଟ୍ରେଲିଆର ଟାଇଟଲ ବିଜୟ ସ୍ୱପ୍ନ ଧୂଳିସାତ ହୋଇଛି। ୨୦୧୮ରେ ଅନୁଷ୍ଠିତ ସଂସ୍କରଣର ବ୍ରୋଞ୍ଜ ପଦକ ବିଜେତା ଅଷ୍ଟ୍ରେଲିଆ ଏଥର ମଧ୍ୟ ବ୍ରୋଞ୍ଜ ପଦକ ପାଇଁ ଲଢ଼ିବ। ଅନ୍ୟପକ୍ଷରେ ୨୦୦୨ ଓ ୨୦୦୬ରେ ଚାମ୍ପିୟନ ଏବଂ ୧୯୮୨ ଓ ୨୦୧୦ରେ ରନରଅପ୍ ଜର୍ମାନୀ ଦୀର୍ଘ ୧୩ ବର୍ଷ ବ୍ୟବଧାନରେ ଫାଇନାଲରେ ପ୍ରବେଶ କରିଛି।


ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲ ମ୍ୟାଚ୍ ଜିତିବା ପରେ ଖୁସିରେ ଆତ୍ମହରା ଜର୍ମାନୀ ଖେଳାଳି।

## ଜର୍ମାନୀର ସଫଳ ପ୍ରତ୍ୟାବର୍ତ୍ତନ

ଚଳିତ ଟୁର୍ନାମେଣ୍ଟର ନକ୍‌ଆଉଟ ପର୍ଯ୍ୟାୟରେ କ୍ରମାଗତ ଦ୍ୱିତୀୟ ଥର ପାଇଁ ଜର୍ମାନୀ ସଫଳ ପ୍ରତ୍ୟାବର୍ତ୍ତନ କରି ବିଜୟୀ ହୋଇଛି। ଗତ ୨୫ ତାରିଖରେ ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ କ୍ୱାର୍ଟର ଫାଇନାଲରେ ଏହି ଦଳ ୫୭ ମିନିଟ ପର୍ଯ୍ୟନ୍ତ ୦-୨ ଗୋଲରେ ପଛୁଆ ଥିଲା। ମାତ୍ର ଶେଷ ୩ ମିନିଟରେ ୨ଟି ଗୋଲ ପରିଶୋଧ କରି ମ୍ୟାଚକୁ ୨-୨ରେ ବରାବର କରିବା ପରେ ଶୁଟ୍ ଆଉଟରେ ବିଜୟୀ ହୋଇଥିଲା। ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ମଧ୍ୟ ପ୍ରାରମ୍ଭିକ ପର୍ଯ୍ୟାୟରେ ଦଳର ପ୍ରଦର୍ଶନ ଭଲ ନ ଥିଲା। ଜର୍ମାନୀ ଲଢ଼େଇ କରିଥିଲେ ହେଁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଅଷ୍ଟ୍ରେଲିଆ ୨-୦ରେ ଅଗ୍ରଣୀ ରହିଥିଲା। ତୃତୀୟ କ୍ୱାର୍ଟରରେ ଗୋଟିଏ ଗୋଲ ପରିଶୋଧ କରିଥିବା ଜର୍ମାନୀ ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଚମକାଇଲା ଭଳି ଖେଳ ଦେଖାଇଥିଲା। ଏହି ପର୍ଯ୍ୟାୟରେ ଅଷ୍ଟ୍ରେଲିଆ ଗୋଟିଏ ଗୋଲ ଦେବାକୁ ସକ୍ଷମ ହୋଇଥିବାବେଳେ ଜର୍ମାନୀ ୩ଟି ଗୋଲ ସ୍କୋର କରି ମ୍ୟାଚ ଛଡ଼ାଇ ଆଣିଥିଲା।

## ଗୋଞ୍ଜାଲୋ ପିଲାଟ ହିରୋ

ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ଜର୍ମାନୀର ହିରୋ ବିବେଚିତ ହୋଇଥିଲେ ତାରକା ଡ୍ରାଗ୍‌ଫ୍ଲିକର ଗୋଞ୍ଜାଲୋ ପିଲାଟ। ଅଷ୍ଟ୍ରେଲିଆ ଏକଦା ବିଜୟୀ ସ୍ଥିତିରେ ପହଞ୍ଚି ଯାଇଥିଲେ ହେଁ ପିଲାଟଙ୍କ ହ୍ୟାଟ୍ରିକ ଗୋଲ ମ୍ୟାଚର ମୋଡ଼ ବଦଳାଇ ଦେଇଥିଲା। ସେ ୪୩, ୫୨ ଓ ୫୯ତମ ମିନିଟରେ ଡ୍ରାଗ୍‌ଫ୍ଲିକ୍ ଜରିଆରେ ଗୋଲ ତିନୋଟି ଦେଇଥିଲେ। ଫଳରେ ଅଷ୍ଟ୍ରେଲିଆର ଜେରେମି ହେୱାର୍ଡ (୧୨ତମ ମିନିଟ/ପେନାଲ୍ଟି କର୍ନର), ନାଥନ ଇଫରାଉମ୍ସ (୨୭ତମ ମିନିଟ/ଫିଲ୍ଡ) ଏବଂ ବ୍ଲେକ୍ ଗୋଭର୍ସ (୫୮ତମ ମିନିଟ/ପେନାଲ୍ଟି କର୍ନର)ଙ୍କ ଗୋଲ ଫିକା ପଡ଼ିଯାଇଥିଲା। ୫୮ତମ ମିନିଟ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ୩-୨ ଗୋଲରେ ଅଗ୍ରଣୀ ରହିଥିଲା। ମାତ୍ର ୫୯ତମ ମିନିଟରେ ଜର୍ମାନୀକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ପିଲାଟ ହ୍ୟାଟ୍ରିକ ପୂରଣ କରିଥିବାବେଳେ ୬୦ତମ ମିନିଟରେ ନିକ୍ଲାସ ୱେଲେନ ଏକ ଫିଲ୍ଡ ଗୋଲ ଦେଇ ଜର୍ମାନୀ ବିଜୟକୁ ନିଶ୍ଚିତ କରି ଦେଇଥିଲେ। ଶେଷ ୪୦ ସେକେଣ୍ଡ ଜର୍ମାନୀ ଖେଳାଳି ନିଜ ହାଫ୍‌ରେ ପରସ୍ପରକୁ ପାସ୍ ଦେଇ ସମୟ ଅତିବାହିତ କରିଥିଲେ। ମ୍ୟାଚରେ ଅଷ୍ଟ୍ରେଲିଆ ମୋଟ ୫ଟି ପେନାଲ୍ଟି କର୍ନର ପାଇଥିଲା। ଏଥିରୁ ୨ଟିକୁ ଗୋଲରେ ପରିଣତ କରିଥିଲା। ଅନ୍ୟପକ୍ଷରେ ଜର୍ମାନୀ ପାଇଥିବା ୧୩ଟି ପେନାଲ୍ଟି କର୍ନରରୁ ୩ଟି ଗୋଲ ଦେଇଥିଲା। ପ୍ରକାଶଯୋଗ୍ୟ ଯେ, ୧୨ ଅଗଷ୍ଟ ୧୯୯୨ରେ ବୁଏନ୍ସ ଏୟାର୍ସରେ ଜନ୍ମିତ ପିଲାଟ ୨୦୧୮ ପର୍ଯ୍ୟନ୍ତ ଆର୍ଜେଣ୍ଟିନା ପକ୍ଷରୁ ଖେଳିଥିଲେ। ୨୦୧୯ରେ ଆର୍ଜେଣ୍ଟିନା କୋଚ୍ ଜର୍ମନ ଓରୋଜ୍‌କୋଙ୍କ ସହ ମନୋମାଳିନ୍ୟ ଯୋଗୁ ସେ ଆର୍ଜେଣ୍ଟିନା ଦଳ ତ୍ୟାଗ କରିଥିଲେ। ୨୦୨୨ରେ ସେ ଜର୍ମାନୀ ନାଗରିକତ୍ୱ ଗ୍ରହଣ କରି ସେ ଦେଶ ପକ୍ଷରୁ ଖେଳି ଆସୁଛନ୍ତି। ଏଥର ଜର୍ମାନୀକୁ ଫାଇନାଲକୁ ନେବାରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାବେଳେ ଆର୍ଜେଣ୍ଟିନା କ୍ରସ୍ ଓଭର ପର୍ଯ୍ୟାୟରୁ ବିଦାୟ ନେଇଛି।

# ଗୋଞ୍ଜେଲୋ ପିଲାଟ୍‌ଙ୍କ ବିରଳ ରେକର୍ଡ

ଭୁବନେଶ୍ୱର,୨୭।୧
(ସ୍ପୋର୍ଟ୍ସ ବ୍ୟୁରୋ)

ଜର୍ମାନୀ ଦଳର ପେନାଲ୍ଟି କର୍ନର ସ୍ପେଶାଲିଷ୍ଟ ଗୋଞ୍ଜେଲୋ ପିଲାଟ୍ ଏକ ନିଆରା ରେକର୍ଡ ନିଜ ନାମରେ କରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ପିଲାଟ୍‌ଙ୍କ ହାଟ୍ରିକ ବଳରେ ଜର୍ମାନୀ ଫାଇନାଲରେ ପ୍ରବେଶ କରିଛି। ଦୁଇଟି ଭିନ୍ନ ଦେଶ ପକ୍ଷରୁ ବିଶ୍ୱକପ୍ ସେମିଫାଇନାଲ ଖେଳିବାର ରେକର୍ଡ ନିଜ ନାମରେ କରିଛନ୍ତି ପିଲାଟ୍। ୨୦୧୪ରେ ଆର୍ଜେଣ୍ଟିନା ପାଇଁ ସେମିଫାଇନାଲ ଖେଳିଥିବା ପିଲାଟ୍ ଉକ୍ତ ସଂସ୍କରଣରେ ୧୦ ଗୋଲ ସ୍କୋର କରିବା ସହ ଟୁର୍ନାମେଣ୍ଟର ହାଇଏଷ୍ଟ ସ୍କୋରର ରହିଥିଲେ। ପିଲାଟ୍‌ଙ୍କ ଗୋଲ ବଳରେ ଆର୍ଜେଣ୍ଟିନା ଏହି ସଂସ୍କରଣରେ ବ୍ରୋଞ୍ଜ୍ ପଦକ ବିଜୟୀ ହୋଇଥିଲା। ଏହାପରେ ୨୦୧୬ ରିଓ ଅଲିମ୍ପିକ୍ସରେ ମଧ୍ୟ ପିଲାଟ୍‌ଙ୍କ ଦବ୍‌ଦବା ଜାରି ରହିଥିଲା। ଏହି ଡ୍ରାଗ୍ ଫ୍ଲିକର ଜଣଙ୍କ ରିଓରେ ସର୍ବାଧିକ ୧୧ ଗୋଲ୍ ସ୍କୋର କରିବା ସହିତ ଆର୍ଜେଣ୍ଟିନାକୁ ଚାମ୍ପିୟନ୍ କରିଥିଲେ। ତେବେ ୨୦୧୮ ବିଶ୍ୱକପ୍ ପରେ ଟିମ୍ ମ୍ୟାନେଜମେଣ୍ଟ ସହ ବିବାଦ ପରେ ଜାତୀୟ ଦଳ ଛାଡ଼ିବାକୁ ସେ ନିଷ୍ପତ୍ତି ନେଇଥିଲେ। ୨୦୧୯ରେ ସେ ଆର୍ଜେଣ୍ଟିନା ଦଳ ଛାଡ଼ିଥିବା ବେଳେ ୨୦୨୧ରେ ଗ୍ରହଣ କରିଥିଲେ ଜର୍ମାନୀ ନାଗରିକତ୍ୱ। ୨୦୨୨ରେ ପ୍ରଥମଥର ପାଇଁ ଜର୍ମାନୀ ଜାତୀୟ ଦଳ ପକ୍ଷରୁ ଖେଳିଥିଲେ ପିଲାଟ୍। ଚଳିତ ବିଶ୍ୱକପ୍‌ରେ ପିଲାଟ୍ ଜର୍ମାନୀ ପାଇଁ ୬ ମ୍ୟାଚ୍ ଖେଳି ୫ ଗୋଲ ସ୍କୋର କରିଛନ୍ତି। ଫ୍ରାନ୍ସ ବିପକ୍ଷ କ୍ରସ୍‌ଓଭର ମ୍ୟାଚ୍‌ରେ ପେନାଲ୍ଟି କର୍ନରରୁ ଗୋଟିଏ ଗୋଲ ଦେଇଥିଲେ। ୨୦୧୧ରୁ ୨୦୧୯ ଯାଏ ଆର୍ଜେଣ୍ଟିନା ପାଇଁ ଖେଳିଥିବା ପିଲାଟ୍ ୧୫୩ ଅନ୍ତର୍ଜାତୀୟ ମ୍ୟାଚ୍‌ରୁ ୧୭୬ ଗୋଲ ସ୍କୋର କରିଥିଲେ।


ଗୋଞ୍ଜେଲୋ ପିଲାଟ୍


ଟିକେଟ ପ୍ରଦର୍ଶନ କରୁଛନ୍ତି ହକିପ୍ରେମୀ।

# ଶତକ ମ୍ୟାଚରେ ଭାରତର ବୃହତ୍ ବିଜୟ

■ ଜାପାନକୁ ୮-୦ ଗୋଲରେ ହରାଇଲା
■ ୯ରୁ ୧୨ ସ୍ଥାନ ପାଇଁ ଆଜି ଦକ୍ଷିଣ ଆଫ୍ରିକାକୁ ଭେଟିବ

ରାଉରକେଲା ଅଫିସ/ଭୁବନେଶ୍ୱର,
(କ୍ରୀଡ଼ା ପ୍ରତିନିଧି), ୨୭।୧

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ହକି ବିଶ୍ୱକପ୍‌ର ଏକ କ୍ଲାସିଫିକେଶନ ମ୍ୟାଚରେ ଭାରତ ୮-୦ ଗୋଲରେ ଜାପାନକୁ ପରାସ୍ତ କରିଛି। ଭାରତର ଏହାଥିଲା ୧୦୦ତମ ବିଶ୍ୱକପ୍ ମ୍ୟାଚ। ବିଶ୍ୱକପ୍‌ରେ ଭାରତର ଏହା ସର୍ବବୃହତ୍ ବିଜୟ ଥିଲା। ୧୯୭୫ରେ ଘାନା ବିପକ୍ଷରେ ଭାରତ ୭-୦ ଗୋଲରେ ବିଜୟୀ ହୋଇଥିଲା। ମାତ୍ର ୧୦୦ତମ ମ୍ୟାଚ ଏବଂ ବିଶ୍ୱକପ୍‌ରେ ଭାରତର ସର୍ବବୃହତ୍ ବିଜୟ ସହ ବିର୍ସା ମୁଣ୍ଡା ଷ୍ଟାଡିୟମ ନାମ ଯୋଡ଼ି ହୋଇଯାଇଛି। ବିର୍ସା ମୁଣ୍ଡା ଷ୍ଟାଡିୟମରେ ୨୦,୦୦୦ରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ସମ୍ମୁଖରେ ଭାରତ ଉତ୍ସାହୀ ପ୍ରଦର୍ଶନ କରିଥିଲା। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲେ ହେଁ ଏସିଆନ ଗେମ୍ସ ଚାମ୍ପିୟନ ଜାପାନ ବିପକ୍ଷରେ ଦ୍ୱିତୀୟାର୍ଦ୍ଧରେ ଭାରି ପଡ଼ିଥିଲା ଘରୋଇ ଦଳ। ଭାରତ ପକ୍ଷରୁ ଅଭିଷେକ ୩୬ ଓ ୪୪ତମ ମିନିଟରେ ୨ଟି ଫିଲ୍ଡ ଗୋଲ ଏବଂ ହରମନପ୍ରୀତ ସିଂ ୪୬ ଓ ୫୯ତମ ମିନିଟରେ ପେନାଲ୍ଟି କର୍ନରରୁ ୨ଟି ଗୋଲ ଦେଇଥିଲେ। ଏହା ବ୍ୟତୀତ ମନଦୀପ ସିଂ ୩୩, ବିବେକ ସାଗର ପ୍ରସାଦ ୪୦, ମନପ୍ରୀତ ସିଂ ୫୯ ଓ ସୁଖଜିତ ସିଂ ୬୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପ୍ରତିଯୋଗିତାର ୯ରୁ ୧୨ତମ ସ୍ଥାନ ପାଇଁ କ୍ଲାସିଫିକେଶନ ମ୍ୟାଚରେ ଭାରତ ଶନିବାର ଦକ୍ଷିଣ ଆଫ୍ରିକାକୁ ଭେଟିବ। ଗୁରୁବାର ଅନୁଷ୍ଠିତ ଅନ୍ୟ ଏକ କ୍ଲାସିଫିକେଶନ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୬-୩ ଗୋଲରେ ମାଲେସିଆକୁ ହରାଇ ଦେଇଥିଲା।


ଭାରତ-ଜାପାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ଦକ୍ଷିଣ ଆଫ୍ରିକା, ୱେଲ୍ସ, ଆର୍ଜେଣ୍ଟିନା ବିଜୟୀ

ରାଉରକେଲା ଅଫିସ/ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି), ୨୭।୧

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ହକି ବିଶ୍ୱକପ୍ କ୍ଲାସିଫିକେଶନ ମ୍ୟାଚରେ ଦକ୍ଷିଣ ଆଫ୍ରିକା, ୱେଲ୍ସ ଓ ଆର୍ଜେଣ୍ଟିନା ବିଜୟ ହାସଲ କରିଛି। ଦକ୍ଷିଣ ଆଫ୍ରିକା ୬-୩ ଗୋଲରେ ମାଲେସିଆକୁ ହରାଇଥିଲା। ବିଜୟୀ ଦଳ ପକ୍ଷରୁ ବ୍ରାଡ୍‌ଲି ଶେରଉଡ୍ ୯ ଓ ୫୭ତମ ମିନିଟରେ ୨ଟି ଏବଂ ଗୟ ମୋର୍ଗାନ ୧୭, ଏନ୍‌କୋବିଲ ଏନ୍‌ଟୁଲି୨୬, କିନାନ ଗ୍ରେଗ୍ ହର୍ନ ୪୩ ଓ ମୁସ୍ତାଫା କାସିମ ୪୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ମାଲେସିଆ ପକ୍ଷରୁ ମହମ୍ମଦ ରାଜି ରହିମ ୩୫ ଓ ୪୫ତମ ମିନିଟରେ ୨ଟି ଏବଂ ମହମ୍ମଦ ଫିରହାନ ଅନସାରି ୫୭ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ୱେଲ୍ସ ଓ ଫ୍ରାନ୍ସ ମଧ୍ୟରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ ନିର୍ଦ୍ଧାରିତ ସମୟରେ ୨-୨ ଗୋଲରେ ବରାବର ରହିଥିଲା। ଫଳାଫଳ ନିର୍ଣ୍ଣୟ ପାଇଁ ପେନାଲ୍ଟି ଶୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏହି ପର୍ଯ୍ୟାୟରେ ୱେଲ୍ସ ୨-୧ ଗୋଲରେ ଫ୍ରାନ୍ସକୁ ପରାସ୍ତ କରିଥିଲା। ପ୍ରଥମଥର ପାଇଁ ବିଶ୍ୱକପ ଖେଳିବା ସୁଯୋଗ ପାଇଥିବା ୱେଲ୍ସର ଚଳିତ ଟୁର୍ନାମେଣ୍ଟରେ ଏହାଥିଲା ପ୍ରଥମ ବିଜୟ। ଅନ୍ୟ ଏକ କ୍ଲାସିଫିକେଶନ ମ୍ୟାଚରେ ଆର୍ଜେଣ୍ଟିନା ୮-୦ ଗୋଲରେ ଚିଲିକୁ ହରାଇ ଦେଇଥିଲା। ବିଜୟୀ ଦଳ ପକ୍ଷରୁ ମାଇକୋ କାସେଲା ୧୭ ଓ ୩୪ତମ ମିନିଟରେ ୨ଟି, ନିକୋଲାସ ଡେଲା ଟୋରେ ୯ମ, ଲୁକାସ ଟୋସକାନି ୧୯, ବୌଟିଷ୍ଟା କାପୁରୋ ୨୩, ନିକୋଲାସ ସାଣ୍ଟିଆଗୋ କିନାନ ୨୫, ମାର୍ଟିନ ଇଗ୍ନାସିଓ ଫେରେରୋ ୫୧ ଓ ଟୋମାସ ମାଇକେଲ ଡୋମେନେ ୫୬ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୯ରୁ ୧୨ତମ ସ୍ଥାନ ପାଇଁ କ୍ଲାସିଫିକେଶନ ମ୍ୟାଚରେ ୱେଲ୍ସକୁ ଆର୍ଜେଣ୍ଟିନା ଭେଟିବ।

## ହକି ବିଶ୍ୱକପ୍

(ଆଜିର ମ୍ୟାଚ୍)

**ମାଲେସିଆ ବନାମ ଜାପାନ**
ସ୍ଥାନ: ବିର୍ସା ମୁଣ୍ଡା ଷ୍ଟାଡିୟମ, ସମୟ: ୧୧.୩୦

**ଚିଲି ବନାମ ଫ୍ରାନ୍ସ**
ସ୍ଥାନ: ବିର୍ସା ମୁଣ୍ଡା ଷ୍ଟାଡିୟମ, ସମୟ: ୨.୦୦

**ୱେଲ୍ସ ବନାମ ଆର୍ଜେଣ୍ଟିନା**
ସ୍ଥାନ: ବିର୍ସା ମୁଣ୍ଡା ଷ୍ଟାଡିୟମ, ସମୟ: ୪.୩୦

**ଭାରତ ବନାମ ଦକ୍ଷିଣ ଆଫ୍ରିକା**
ସ୍ଥାନ: ବିର୍ସା ମୁଣ୍ଡା ଷ୍ଟାଡିୟମ, ସମୟ: ୭.୦୦

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଜାନୁୟାରୀ ୨୮/୨୦୨୩ Bhubaneswar, Saturday, January 28/ 2023

# ୨୧ ରନରେ ହାରିଲା ଭାରତ

**ରାଞ୍ଚି,୨୭।୧**

ଭାରତ ବିପକ୍ଷ ପ୍ରଥମ ଟି୨୦ ମ୍ୟାଚକୁ ୨୧ ରନ୍‌ରେ ଜିତି ନେଇଛି ନ୍ୟୁଜିଲାଣ୍ଡ। ଡାରିଲ ମିଚେଲ ଓ ଡେଭନ କନୱେଙ୍କ ଅର୍ଦ୍ଧଶତକ ବଳରେ ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ଉଇକେଟରେ ୧୭୬ ରନ କରିଥିଲା। ଜବାବରେ ଭାରତ ୨୦ ଓଭରରେ ୯ ଉଇକେଟ ହରାଇ ୧୫୫ ରନ୍ କରିଥିଲା। ରାଞ୍ଚିର ଜେଏସ୍‌ସିଏ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ଭାରତ ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ଡେଭନ୍ କନୱେ(୫୨) ଓ ଫିନ୍ ଆଲେନ୍(୩୫) ପ୍ରଥମ ଉଇକେଟରେ ୪୩ ରନ ଯୋଡିଥିଲେ। ୱାଶିଂଟନ୍ ସୁନ୍ଦର ମାତ୍ର ୪ ବଲ୍ ବ୍ୟବଧାନରେ ଫିନ୍ ଆଲେନ୍ ଓ ମାର୍କ ଚାପମ୍ୟାନ(୦)ଙ୍କୁ ଆଉଟ କରିଥିଲେ। ଗ୍ଲେନ୍ ଫିଲିପ୍ସ(୧୭) ଧୀମା ବ୍ୟାଟିଂ କରିବାରୁ ଭାରତ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ଡାରିଲ ମିଚେଲ୍ ୩୦ ବଲରୁ ୫୯ ରନ୍ କରିବାରୁ ଦଳ ୧୭୬ ରନ ସ୍କୋର କରିଥିଲା। ମିଚେଲଙ୍କ ଇନିଂସରେ ୩ ଚୌକା ଓ ୫ ଛକା ସାମିଲ ଥିଲା। ୧୯ ଓଭର ସୁଦ୍ଧା

## ପ୍ରଥମ ଟି୨୦

ନ୍ୟୁଜିଲାଣ୍ଡ ୧୪୯ ରନ୍ କରିଥବା ବେଳେ ୨୦ ତମ ଓଭରରେ ୨୭ ରନ୍ ଦେଇଥିଲେ ଅର୍ଶଦୀପ ସିଂ। ଭାରତ ପକ୍ଷରୁ ୱାଶିଂଟନ୍ ସୁନ୍ଦର ୨ ଓ କୁଲଦୀପ ଯାଦବ, ଶିବମ ମାଭି ଓ ଅର୍ଶଦୀପ ସିଂ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୧୭୭ ରନ୍‌ର ପିଛା କରୁଥିବା ଭାରତର ଆରମ୍ଭ ଅତ୍ୟନ୍ତ ଖରାପ ରହିଥିଲା। ୩ ଟପ୍ ଅର୍ଡର ବ୍ୟାଟର ଶୁବମାନ ଗିଲ(୭), ଲୋକାଲ ବୟ ଇଶାନ କିଶନ(୪) ଓ ରାହୁଲ ତ୍ରିପାଠୀ(୦) ଦଳୀୟ ସ୍କୋର ୧୫ ମଧ୍ୟରେ ପ୍ୟାଭିଲିୟନ ଫେରିଥିଲେ। ସୂର୍ଯ୍ୟକୁମାର ଯାଦବ(୪୭) ଓ ହାର୍ଦ୍ଦିକ ପାଣ୍ଡ୍ୟା(୨୧)ଙ୍କ ମଧ୍ୟରେ ୬୮ ରନ୍‌ର ଭାଗୀଦାରି ହୋଇଥିଲା। ମାତ୍ର ୬ ରନ୍ ମଧ୍ୟରେ ଉଭୟ ପ୍ୟାଭିଲିୟନ ଫେରିବା ପରେ ନ୍ୟୁଜିଲାଣ୍ଡ ଡ୍ରାଇଭର ସିଟରେ ରହିଥିଲା।ଶେଷ ଆଡକୁ ୱାଶିଂଟନ୍ ସୁନ୍ଦର(୫୦) କିଛି ଆକର୍ଷଣୀୟ ଶଟ୍ ଖେଳିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ମାଇକେଲ ବ୍ରେସୱେଲ ଓ ମିଚେଲ ସାଣ୍ଟନର ଦୁଇଟି ଲେଖାଏ ଉଇକେଟ ନେଇଥିଲେ।


ଉଇକେଟ ନେବାପରେ ଉଲ୍ଲସିତ ମାଇକେଲ ବ୍ରେସ୍‌ୱେଲ୍।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ: ୨୦ ଓଭରରେ ୧୭୬/୬ (ଡାରିଲ ମିଚେଲ-୫୯*, ଡେଭନ୍ କନୱେ-୫୨, ଫିନ୍ ଆଲେନ୍-୩୫, ୱାଶିଂଟନ୍ ସୁନ୍ଦର-୨/୨୨, ଶିବମ ମାଭି-୧/୧୯, କୁଲଦୀପ ଯାଦବ-୧/୨୦)। ଭାରତ: ୨୦ ଓଭରରେ ୧୫୫/୯ (ୱାଶିଂଟନ୍ ସୁନ୍ଦର-୫୦, ସୂର୍ଯ୍ୟକୁମାର ଯାଦବ-୪୭, ହାର୍ଦ୍ଦିକ ପାଣ୍ଡ୍ୟା-୨୧, ମିଚେଲ ସାଣ୍ଟନର-୨/୧୧, ମାଇକେଲ ବ୍ରେସୱେଲ-୨/୩୧, ଲୋକି ଫର୍ଗୁସନ୍-୨/୩୩)।

# ବେଙ୍ଗଲକୁ ୭ ଉଇକେଟରେ ହରାଇଲା ଓଡ଼ିଶା

**ଭୁବନେଶ୍ୱର,୨୭।୧ (ସ୍ପୋର୍ଟ୍ସ ବ୍ୟୁରୋ)**

କୋଲକାତାର ଇଡେନ ଗାର୍ଡେନରେ ଅନୁଷ୍ଠିତ ବେଙ୍ଗଲ ବିପକ୍ଷ ରଣଜୀ ଟ୍ରଫି ମୁକାବିଲାରେ ବିଜୟୀ ହୋଇଛି ଓଡ଼ିଶା। ୧୧୨ ରନ୍ ବିଜୟ ଲକ୍ଷ୍ୟର ପିଛା କରୁଥିବା ଓଡ଼ିଶା ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଏହା ସହିତ ଚଳିତ ସିଜନର ଅନ୍ତିମ ମ୍ୟାଚରେ ଓଡ଼ିଶା ନିଜର ପ୍ରଥମ ବିଜୟ ହାସଲ କରିଛି। ବେଙ୍ଗଲ ପ୍ରଥମ ଇନିଂସରେ ଫଲୋଅନ ଡାକରା ପାଇ ୨୭୬ ରନରେ ଅଲଆଉଟ ହୋଇଥିଲା। ଭାରତୀୟ ଦଳରେ ସାମିଲ ହୋଇଥିବା ଓପନର ଅଭିମନ୍ୟୁ ଇଶ୍ୱରନ୍‌ଙ୍କ ୧୦୧ ରନ୍ ବଳରେ ବେଙ୍ଗଲ ୨୭୬ ରନରେ ଅଲଆଉଟ ହୋଇଥିଲା। ଓଡ଼ିଶା ପକ୍ଷରୁ ସୁନୀଲ ରାଉଳ ୬ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଓପନର ଅନୁରାଗ ଷଡଙ୍ଗୀଙ୍କ ୩୭, ସନ୍ଦୀପ ପଟ୍ଟନାୟକଙ୍କ ୨୮*, ଶୁଭ୍ରାଂଶୁ ସେନାପତିଙ୍କ ୩୦ ଓ ରାକେଶ ପଟ୍ଟନାୟକଙ୍କ ୨୦* ରନ୍ ବଳରେ ଓଡ଼ିଶା ୩


ବିଜୟ ପରେ ବସନ୍ତ ମହାନ୍ତିଙ୍କୁ କାନ୍ଧରେ ବସାଇଛନ୍ତି ଓଡ଼ିଶା ଖେଳାଳି।

## ରଣଜୀ ଟ୍ରଫି

ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲେ।

ଶୁଭ୍ରାଂଶୁ ସେନାପତିଙ୍କ ୬୭ ରନ୍ ବଳରେ ଓଡ଼ିଶା ପ୍ରଥମ ଇନିଂସରେ ୨୬୫ ରନରେ ଅଲଆଉଟ ହୋଇଥିଲା। ଜବାବରେ ସୁନୀଲ ରାଉଳ ଓ ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ୩ ଉଇକେଟ ସଫଳତା ବଳରେ ବେଙ୍ଗଲ ମାତ୍ର ୧୦୦ ରନରେ ଅଲଆଉଟ ହୋଇଥିଲା। ଇଶ୍ୱରନଙ୍କ ଶତକ ଓ ଅଧିନାୟକ ମନୋଜ ତିୱାରୀଙ୍କ ୫୨ ରନ୍ ବଳରେ ବେଙ୍ଗଲ ଦ୍ୱିତୀୟ ଇନିଂସରେ ୨୭୬ ରନ୍ କରି ଓଡ଼ିଶା ଆଗରେ ୧୧୨ ରନର ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ୯ ଉଇକେଟ ନେଇଥିବା ଓଡ଼ିଶାର ସୁନୀଲ ରାଉଳଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ବେଙ୍ଗଲ ୭ ମ୍ୟାଚରୁ ୩୨ ପଏଣ୍ଟ ସହିତ ଗ୍ରୁପ୍ ଡିରେ ପ୍ରଥମ ସ୍ଥାନରେ ଥିବା ବେଳେ ଓଡ଼ିଶା ସମାନ ସଂଖ୍ୟକ ମ୍ୟାଚରୁ ଗୋଟିଏ ବିଜୟ ସହ ୫ମ ସ୍ଥାନରେ ରହିଛି।

# କଥା ରଖିଲେ ବସନ୍ତ

**ଭୁବନେଶ୍ୱର,୨୭।୧(ସ୍ପୋର୍ଟ୍ସ ବ୍ୟୁରୋ):** ପ୍ରଥମ ଶ୍ରେଣୀ କ୍ରିକେଟରୁ ବିଦାୟ ନେଇଥିବା ଓଡ଼ିଶାର ଭେଟେରାନ ପେସ ବୋଲର ବସନ୍ତ ମହାନ୍ତି ବିପକ୍ଷ ଦଳର ଅଧିନାୟକଙ୍କୁ ଦେଇଥିବା କଥା ରଖିଛନ୍ତି। ୨୦୦୭ରେ ପ୍ରଥମ ଶ୍ରେଣୀ କ୍ରିକେଟରେ ପଦାର୍ପଣ କରିଥିଲେ ବସନ୍ତ ମହାନ୍ତି। ବେଙ୍ଗଲ ବିପକ୍ଷରେ ପଦାର୍ପଣ କରିଥିବା ବେଳେ ସମାନ ଦଳ ବିପକ୍ଷରେ ଖେଳିଛନ୍ତି ନିଜର ଅନ୍ତିମ ମାଚ୍। ତେବେ ଏହା ସହିତ ବସନ୍ତ ଆଉ ଏକ ରେକର୍ଡ ହାସଲ କରିଛନ୍ତି। ନିଜର ପ୍ରଥମ ଉଇକେଟ ଭାବରେ ସେ ମନୋଜ ତିୱାରୀଙ୍କୁ ଆଉଟ କରିଥିବା ବେଳେ ଅନ୍ତିମ ଖେଳାଳି ଭାବରେ ମଧ୍ୟ ସେ ମନୋଜ ତିୱାରୀଙ୍କ ଉଇକେଟ ନେଇଥିଲେ। ଇଡେନ ଗାର୍ଡେନ୍ସରେ ଖେଳା ଯାଇଥିବା ରଣଜୀ ଟ୍ରଫି ମ୍ୟାଚର ପ୍ରଥମ ଦିନରେ ବେଙ୍ଗଲ ଅଧିନାୟକ ମନୋଜ ତିୱାରୀ ଏକ ଟୁଇଟ୍ କରିଥିଲେ। ବସନ୍ତଙ୍କ ପ୍ରଶଂସା କରିବା ସହିତ ବସନ୍ତ ନିଜର ଅନ୍ତିମ ଉଇକେଟ ଭାବରେ ତାଙ୍କୁ ଆଉଟ କରିବାକୁ ଚାହାନ୍ତି ବୋଲି ମଧ୍ୟ ଲେଖିଥିଲେ। ବେଙ୍ଗଲର ଦ୍ୱିତୀୟ ଇନିଂସରେ ମନୋଜ ୫୨ ରନ୍ କରିଥିବା ବେଳେ ତାଙ୍କୁ ଆଉଟ କରିଥିଲେ ବସନ୍ତ। ଆଉ ଏହା ସହିତ ଦେଇଥିବା ପ୍ରତିଶ୍ରୁତି ମଧ୍ୟ ପୂରଣ କରିଥିଲେ। ବସନ୍ତ ୧୦୫ ପ୍ରଥମ ଶ୍ରେଣୀ ମ୍ୟାଚରୁ ୪୦୩ ଉଇକେଟ ନେଇଥିଲେ। ୭/୨୭ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ରହିଥିଲା। ଦେବାଶିଷ ମହାନ୍ତିଙ୍କ ପରେ ଦ୍ୱିତୀୟ ଓଡ଼ିଆ ଖେଳାଳି ଭାବରେ ସେ ନିଜ କ୍ୟାରିୟରରେ ୪୦୦ରୁ ଅଧିକ ପ୍ରଥମ ଶ୍ରେଣୀ ଉଇକେଟ ନେଇଛନ୍ତି।

**୧୯ ବର୍ଷରୁ କମ୍ ମହିଳା ଟି୨୦ ବିଶ୍ୱକପ୍**

# ନ୍ୟୁଜିଲାଣ୍ଡକୁ ହରାଇ ଫାଇନାଲରେ ଭାରତ

**ପୋଚେଫଷ୍ଟ୍ରୁମ୍ (ଦକ୍ଷିଣ ଆଫ୍ରିକା), ୨୭।୧(ପି.ଟି.)**

ଓପନର ଶ୍ୱେତା ଶେରାୱତଙ୍କ ଅପରାଜିତ ଅର୍ଦ୍ଧଶତକ ଏବଂ ପାର୍ଶଭି ଚୋପ୍ରାଙ୍କ ୩ ଉଇକେଟ ସଫଳତାକୁ ପାଥେୟ କରି ଭାରତ ୮ ଉଇକେଟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ୧୯ ବର୍ଷରୁ କମ୍ ମହିଳା ଟି୨୦ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଅଧିନାୟକା ଶେଫାଳୀ ବର୍ମା ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲେ। ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ବିନିମୟରେ ୧୦୭ ରନ କରିଥିଲା। ପାର୍ଶଭି ଚମତ୍କାର ବୋଲିଂ କରି ୨୦ ରନ ଦେଇ ୩ ଉଇକେଟ ଅକ୍ତିଆର କରିଥିଲେ। ଏହି ୧୬ ବର୍ଷୀୟ ଲେଗ୍ ସ୍ପିନର ନ୍ୟୁଜିଲାଣ୍ଡ ବ୍ୟାଟିଂ ଲାଇନ୍‌ଅପ୍‌ର ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ଫଳରେ ନ୍ୟୁଜିଲାଣ୍ଡ ୧୩ତମ ଓଭର ବେଳକୁ ୭୪ ରନରେ ୫ ଉଇକେଟ ହରାଇଥିଲା। ଟିଟାସ ସାଧୁ, ମନତ କାଶ୍ୟପ, ଶେଫାଳି ଓ ଅର୍ଚ୍ଚନା ଦେବୀ ପ୍ରତ୍ୟେକ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ସେନୱେସ୍ ପାର୍କଠାରେ ଖେଳାଯାଇଥିବା ଏହି ମ୍ୟାଚରେ ରନ ସଂଗ୍ରହ ପାଇଁ ସଂଘର୍ଷ କରିଥିବା ନ୍ୟୁଜିଲାଣ୍ଡ ତରଫରୁ ଜର୍ଜିଆ ପ୍ଲିମର (୩୫), ଇସାବେଲା ଗେଜ୍ (୨୬), ଇଜି ଶାର୍ପ (୧୩) ଓ କେଲେ ନାଇଟ୍ (୧୨) କେବଳ ଦୁଇ ଅଙ୍କ ସ୍କୋର କରିବାରେ ସମର୍ଥ ହୋଇଥିଲେ। ଶେରାୱତଙ୍କ ଅପରାଜିତ ୬୧ ରନ (୪୫ ବଲ୍, ୧୦ ଚୌକା) ସହାୟତାରେ ଭାରତ ୧୦୮ ରନର ବିଜୟ ଲକ୍ଷ୍ୟକୁ ସହଜରେ ହାସଲ କରିନେଇଥିଲା। ଶେଫାଳି ମାତ୍ର ୧୦ ରନ କରି ଆଉଟ ହୋଇଯିବା ପରେ ଶେରାୱତ ଓ ସୌମ୍ୟା ତିୱାରୀ (୨୨) ୬୨ ରନ ଯୋଗ କରି ଦଳ ପାଇଁ ବିଜୟ ପଥ ପରିଷ୍କାର କରିଥିଲେ। ଶେରାୱତ ଓ ଗୋଙ୍ଗାଡି ତ୍ରିଶା (୫) ମ୍ୟାଚର ପରିସମାପ୍ତି ଘଟାଇଥିଲେ। ଭାରତ ୧୪.୨ ଓଭରରେ ୨ ଉଇକେଟ ବିନିମୟରେ ୧୧୦ ରନ କରିଥିଲା। ତିନୋଟି ଗୁରୁତ୍ୱପୂର୍ଣ୍ଣ ଉଇକେଟ ନେଇଥିବା ପାର୍ଶଭି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଭାରତ ଫାଇନାଲରେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବାକୁଥିବା ଅନ୍ୟ ସେମିଫାଇନାଲ ବିଜେତାକୁ ଭେଟିବ।




^^ Ex-showroom price of XL100 Comfort Kick Start variant. ^ Ex-showroom price of TVS Scooty Pep+ Gloss variant. * Applicable only on XL100 variants. Finance at the sole discretion of the financier. T&C apply.

TVS 3 YEAR WARRANTY TVS CREDIT L&T Financial Services IDFC FIRST Bank ALWAYS YOU FIRST SHRIRAM City

FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: SAMBALPUR: Kishore TVS, Ph.: 9778371171. BOLANGIR: Rajlaxmi TVS, Ph.: 918260437538. BARGARH: Subhamm TVS, Ph.: 8860625628; ROURKELA: Unique TVS, Ph : 8114372182, 8114372181, Guru Gobind TVS, Ph: 9776280601, 9437203299 ; JHARSUGUDA: Gunnu TVS, Ph: 8586977624; SONEPUR: Minerva TVS, Ph : 6370700730, 6370700732; BHAWANIPATNA : Raj Rajeswari TVS, Ph : 7682809880. Authorised Dealers: Brajrajnagar: Ph: 9937077883, Rengali: Ph: 9437052831, Deogarh: Ph: 9437392892 Modipara: Ph: 9337016000, Bamra: Ph: 9668005302, Kuchinda: Ph: 9777189689, Redakhol: Ph: 9938020777 Kantapali: Ph: 9437096134, Dhama: Ph: 7735079641, Boudh: Ph: 9437223008, Dungripally: Ph: 9937926986 Kantamal: Ph:7008225996, Birmaharajpur:Ph:8018860710, Patnagarh:Ph:9938621078, Raj Khariar:Ph:9439144433, Kantabanji:Ph:8596980487, Gaisilat:Ph:7683848645, Saintala:Ph:9861471371 Bangamunda: Ph: 9937526500, Tusura: Ph: 9437890955, Udanbandh: Ph: 9437626855, Lathor: Ph:7008086417 Titlagarh: Ph: 9776516666, Belpahar: Ph: 8249880971, Bandhbahal: Ph: 9439810542, Barpali: Ph: 9437158843 Nuapara:Ph:9938098888, Baragarh:Ph:9938739550, Bhatli:Ph:7326806471, Attabira:Ph:8658966777, Paikmal:Ph:9938119999, Bheden: Ph:7008822177, Godbagha: Ph:9438043220, Diptipur:Ph:9937119913 Padampur: Ph: 8018570957, Jharbandh: Ph: 9937120964, Laikera: Ph: 9938465363, Bagdehi: Ph: 9438736989 Sundargarh:Ph:9437139011, Rajgangpur:Ph:9437172724, San Balichuan:Ph:8249601308, Kutra: Ph:6370578102, Muniguda: Ph:9583860028.

dentsu/dha sam/01/23

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ